# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୨୬/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, April 26/2023 | Page 16 | ₹ 7.00

୪୯ଶ ଭାଗ ୧୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 151 | ମୂଲ୍ୟ ₹୭/-




## ଟେଷ୍ଟ ଦଳକୁ ଫେରିଲେ ରାହାନେ

ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପାଇଁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବ୍ୟାଟର ଅଜିଙ୍କ୍ୟ ରାହାନେ।


୧୬



୦୪


## ୨୦୨୪ ପାଇଁ ବାଇଡେନ୍‌ଙ୍କ ପ୍ରସ୍ତୁତି

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୪ରେ ପୁନଃ ନିର୍ବାଚିତ ହେବା ପାଇଁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି।





ମହିଳା ଆଥ୍‌ଲେଟ୍‌ଙ୍କୁ ଯୌନ ନିର୍ଯାତନାର କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଯନ୍ତରମନ୍ତରଠାରେ ରବିବାରଠାରୁ ଧାରଣା ଦେଇଥିବା ରେସ୍‌ଲରମାନଙ୍କୁ ସମର୍ଥନ ଜଣାଉଛନ୍ତି ସିପିଆଇଏମ୍ ନେତ୍ରୀ ବ୍ରିନ୍ଦା କରାଟ୍ ଓ ଚାଷୀ ନେତାମାନେ। **(ଫଟୋ: ଚମନ ଗୌତମ)।**

# ବ୍ରିଜ୍‌ଭୂଷଣଙ୍କ ନାଁରେ ଏଫ୍‌ଆଇଆର୍ ହେଉନି କାହିଁକି

- **ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ, ସରକାରଙ୍କୁ ନୋଟିସ**
- **ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ**

**ନୂଆଦିଲ୍ଲୀ,୨୫।୪**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ଆଣିଥିବା ଯୌନ ଉତ୍ପୀଡ଼ନ ମାମଲାରେ ଦିଲ୍ଲୀ ପୋଲିସର ଭୂମିକା ସନ୍ଦେହ ଘେରରେ। ଏହି ପ୍ରସଙ୍ଗରେ କନଟପ୍ଲେସ୍ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ମାମଲା ରୁଜୁ କରୁ ନ ଥିବା ଦର୍ଶାଇ ୭ ମହିଳା ରେସ୍‌ଲର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ଦିଲ୍ଲୀ ସରକାରଙ୍କୁ ନୋଟିସ କରିଛନ୍ତି। ଭିନେଶ ଫୋଗଟ, ସାକ୍ଷୀ ମଲିକଙ୍କ ସମେତ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍‌ମାନେ ଗତ ଜାନୁୟାରୀରେ ବ୍ରିଜ୍‌ଭୂଷଣ ☞ପୃଷ୍ଠା-୪



ବ୍ରିଜ୍‌ଭୂଷଣ ଶରଣ ସିଂ

# ରାଜ୍ୟ ସରକାରଙ୍କୁ ରିପୋର୍ଟ ତଲବ

**ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା**

**କମିଶନ ରିପୋର୍ଟ ସାର୍ବଜନୀନ କରାଯାଉ: ଆବେଦନକାରୀ**

**ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବାକୁ ନେଇ ସୃଷ୍ଟ ବିବାଦ ଏବେ ଆଉ ଥରେ ମୁଣ୍ଡ ଟେକିଛି। ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଗଠିତ କମିଶନ ରିପୋର୍ଟ ଦାଖଲକୁ ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ଏହାକୁ ସାର୍ବଜନୀନ କରାଯାଉ ନାହିଁ। ତେଣୁ କମିଶନ ରିପୋର୍ଟକୁ ସାର୍ବଜନୀନ କରିବାକୁ ହାଇକୋର୍ଟରେ ହୋଇଥିବା ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଏବଂ ଆଇନ ସଚିବଙ୍କୁ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।**



**କଟକ ଅଫିସ/ପୁରୀ ଅଫିସ,୨୫।୪**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ମଙ୍ଗଳବାର ନୋଟିସ ଜାରି କରିଛନ୍ତି। ଜଷ୍ଟିସ ରଘୁବୀର ଦାସ କମିଶନଙ୍କ ତଦନ୍ତ ରିପୋର୍ଟକୁ ସତ୍ୟପାଠ ଆକାରରେ ଦାଖଲ କରିବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତେଣୁ ଜୁଲାଇ ୧ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।

ଆବେଦନକାରୀ ଦିଲୀପ କୁମାର ବରାଳଙ୍କ ପକ୍ଷରୁ ଦାଏର କରାଯାଇଥିବା ମାମଲାର ବିବରଣୀ ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଏକ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ୨୦୧୮ ଏପ୍ରିଲ୍ ୪ ତାରିଖରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଓ ରାଜ୍ୟ ସରକାରଙ୍କ ଅନୁମତି ପରେ ୧୭ ଜଣିଆ ପ୍ରାଧିକୃତ ସଦସ୍ୟ ରତ୍ନଭଣ୍ଡାର ଖୋଲିବା ପାଇଁ ମନ୍ଦିର ଭିତରକୁ ଯାଇଥିବାବେଳେ ଚାବି ହଜିବା ନାଟକ ରଚନା କରାଯାଇଥିଲା। ପରେ ଏହାକୁ ନେଇ ବିଭିନ୍ନ ବର୍ଗରୁ ଆନ୍ଦୋଳନ ତେଜିବା ପରେ ସରକାର ସେହିବର୍ଷ ଜୁନ୍ ୬ ତାରିଖରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିଶନ ବସାଇଥିଲେ। ୬ମାସ ଏହାର ସମୟ ଅବଧି ରହିଥିଲା। ରଘୁବୀର ଦାସ କମିଶନ ୨୦୧୮ ନଭେମ୍ବର ୨୯ରେ ୩୨୪ ପୃଷ୍ଠାର ଏକ ରିପୋର୍ଟ ପ୍ରସ୍ତୁତ କରି ରାଜ୍ୟ ଗୃହ ବିଭାଗକୁ ପ୍ରଦାନ କରିଥିଲେ। ତଦନ୍ତ ବାବଦକୁ ରାଜକୋଷରୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। କମିଶନ୍ ଅଫ୍ ଇନକ୍ୱାରି ଆକ୍ଟ ୧୯୫୨ ଅନୁଯାୟୀ ସରକାର ଉକ୍ତ ରିପୋର୍ଟକୁ ପରଖିବା ପରେ ବିଧାନସଭାରେ ଉପସ୍ଥାପନ କରିବା କଥା। ହେଲେ ରିପୋର୍ଟ ଦାଖଲକୁ ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ରିପୋର୍ଟ କିମ୍ବା ମେମୋରାଣ୍ଡମ୍ ଉପସ୍ଥାପନ ହୋଇପାରି ନାହିଁ। ତେଣୁ କମିଶନ ରିପୋର୍ଟରେ କ'ଣ ଅଛି ତାହା ଲୋକଲୋଚନକୁ ଆସି ପାରିଲା ନାହିଁ। ଏପରି କି ବିରୋଧୀ ଦଳ ମଧ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ନିମନ୍ତେ କିଛି ଦିନ ତଳେ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ। ହେଲେ ଉକ୍ତ ରିପୋର୍ଟକୁ ସରକାର ଚପାଇ ରଖିଛନ୍ତି। ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ ପୂର୍ବକ ସାର୍ବଜନୀନ କରିବାକୁ ଆବେଦନକାରୀ ପିଟିଶନ୍‌ରେ ଦର୍ଶାଇଛନ୍ତି। ଏଥିସହ ସେ ଆହୁରି ମଧ୍ୟ ପ୍ରାର୍ଥନା କରିଛନ୍ତି ଯେ, ରତ୍ନଭଣ୍ଡାରରେ କ'ଣସବୁ ଅଳଙ୍କାର ରହିଛି, ତା'ର ତାଲିକା ୧୯୭୮ ମସିହା ପରଠାରୁ ଏଯାବତ୍ ପ୍ରସ୍ତୁତ ହୋଇନାହିଁ। ଏହି ତାଲିକା ପ୍ରସ୍ତୁତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ମଧ୍ୟ ଆବେଦନ କରାଯାଇଛି। ଏଥିସହ ରତ୍ନଭଣ୍ଡାର ଦୁର୍ବଳ ହୋଇପଡ଼ିବା କାରଣରୁ ତାହାର ମରାମତି ନିମନ୍ତେ ଏଏସ୍‌ଆଇକୁ ଦାୟିତ୍ୱ ଦିଆଯାଉ ବୋଲି ଆବେଦନ କରାଯାଇଛି। ☞ପୃଷ୍ଠା-୪

## ପ୍ରକାଶ ସିଂ ବାଦଲଙ୍କ ପରଲୋକ



**ଚଣ୍ଡିଗଡ଼,୨୫।୪:** ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ମୁଖ୍ୟ ପ୍ରକାଶ ସିଂ ବାଦଲଙ୍କର ମଙ୍ଗଳବାର ରାତି ୮ଟାରେ ମୋହାଲିର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ଶ୍ୱାସକ୍ରିୟାରେ ସମସ୍ୟା ଅନୁଭବ କରିବାରୁ ବାଦଲଙ୍କୁ କିଛିଦିନ ପୂର୍ବରୁ ମୋହାଲିର ଫୋର୍ଟିସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ସହ ପୁଅ ତଥା ଏସ୍‌ଏଡି ଅଧ୍ୟକ୍ଷ ସୁଖବୀର ସିଂ ବାଦଲ ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଇ-ଯାନ ସମସ୍ୟା**

# ଛାତ୍ରୀଛାତ୍ରଙ୍କ ସଫଳତା ଓଡ଼ିଶାର ସଫଳତା: ନବୀନ

## ୪ ଜିଲାର ୩୫୭ ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୪(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ୩ୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଦିନରେ ୪ ଜିଲାର ୩୫୭ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିରେ ଗଞ୍ଜାମ ଜିଲାର ୧୦୬ଟି ହାଇସ୍କୁଲ, ଅନୁଗୋଳର ୮୭, କେନ୍ଦୁଝରର ୫୭ ଓ ଜଗତ୍‌ସିଂହପୁରର ୧୦୭ ହାଇସ୍କୁଲ ଅନ୍ତର୍ଭୁକ୍ତ ଅଛି। ୩ୟ ପର୍ଯ୍ୟାୟରେ ସମୁଦାୟ ୨,୧୫୧ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ସୂଚନାଯୋଗ୍ୟ, ଗତ ୨ଟି ପର୍ଯ୍ୟାୟରେ ରାଜ୍ୟରେ ୩,୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ୩ଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬,୧୩୨ ସ୍କୁଲ ରୂପାନ୍ତରିତ ହେବ। ଏହି ଅବସରରେ ଭିଡିଓ କନ୍‌ଫରେନ୍ସରେ ଯୋଡ଼ିହୋଇଥିବା ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ୫-ଟି ସ୍କୁଲଗୁଡ଼ିକରେ ପିଲାଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ପାଇବ। ଏହା ସହ ଓଡ଼ିଶାର ଗୌରବ ବଢ଼ିବ। ପିଲାମାନେ ଯଦି ନିଜ ଜୀବନରେ ୫-ଟିର ଉପଯୋଗ କରିବେ, ତେବେ ସେମାନେ ଜୀବନର ସବୁ କ୍ଷେତ୍ରରେ ସଫଳ ହେବେ। ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। କ୍ରୀଡ଼ା କ୍ଷେତ୍ରରେ ଟିମ୍‌ୱାର୍କ ଅତି ଜରୁରୀ। ଜୀବନରେ ସାଧୁତା ନିତାନ୍ତ ଆବଶ୍ୟକ। ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଇଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଗଣ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୪



# ଶିଶୁଙ୍କ ବୋଧଶକ୍ତି କମାଇପାରେ ବାୟୁ ପ୍ରଦୂଷଣ

**ନୂଆଦିଲ୍ଲୀ,୨୫।୪**

ଭାରତରେ ଦୁଇ ବର୍ଷରୁ କମ୍ ବୟସର ଶିଶୁମାନଙ୍କଠାରେ ଦେଖାଦେଉଥିବା ବୋଧଶକ୍ତି ସମସ୍ୟା ସହ ନିମ୍ନମାନର ବାୟୁର ସମ୍ପର୍କ ରହିଥାଇପାରେ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ୨ ବର୍ଷ ବୟସ ମଧ୍ୟରେ ଶିଶୁମାନଙ୍କର ମସ୍ତିଷ୍କର ସର୍ବାଧିକ ଅଭିବୃଦ୍ଧି ହୋଇଥାଏ। ଏହି ସମୟରେ ଚିନ୍ତା କରିବା, ଅଭିଜ୍ଞତା ଏବଂ ଇନ୍ଦ୍ରୀୟାନୁଭୂତି ମାଧ୍ୟମରେ ଜ୍ଞାନ ଓ ବୁଦ୍ଧି ଆହରଣ କରିବା ପ୍ରକ୍ରିୟାକୁ ବୋଧଶକ୍ତି କୁହାଯାଏ। ନିଷ୍କ୍ରିୟତା ପିଲାମାନଙ୍କ ଦୀର୍ଘମିଆଦୀ ମସ୍ତିଷ୍କ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ଯାହାର ପରିଣାମ ଜୀବନରେ ଅନୁଭୂତ ହୋଇପାରେ ବୋଲି ଗବେଷକମାନେ କହିଛନ୍ତି। ପିଲାଙ୍କଠାରେ ବୋଧଶକ୍ତି ଅଭାବ ସହ ନିମ୍ନମାନର ବାୟୁର ସମ୍ପର୍କ ରହିଥିବା ପ୍ରାରମ୍ଭିକ ଅଧ୍ୟୟନରୁ ଜଣାପଡ଼ିଛି। ଏହା ଭାବପ୍ରବଣତା ଏବଂ ଆଚରଣଗତ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ, ଯାହା ପରିବାର ଉପରେ ଗମ୍ଭୀର ପ୍ରଭାବ ପକାଇପାରେ ବୋଲି ମୁଖ୍ୟ ଗବେଷକ ବ୍ରିଟେନ ୟୁନିଭର୍ସିଟି ଅଫ୍ ଇଷ୍ଟ ଆଙ୍ଗ୍ଲିଆର ପ୍ରଫେସର ଜନ୍ ସ୍ପେନ୍‌ସର କହିଛନ୍ତି। ତାଙ୍କ କହିବା ଅନୁଯାୟୀ ବାୟୁରେ ଥିବା ଅତି କ୍ଷୁଦ୍ର କଣିକା ଅତ୍ୟନ୍ତ ଚିନ୍ତାଜନକ। କାରଣ ସେଗୁଡ଼ିକ ଶ୍ୱାସନଳୀରେ ଯାଇ ମସ୍ତିଷ୍କରେ ଅଟକି ଯାଇଥାଏ। ତେବେ ନିମ୍ନମାନର ବାୟୁ ସହ ଶିଶୁଙ୍କ ବୋଧଶକ୍ତି ସମସ୍ୟା ମଧ୍ୟରେ ସମ୍ପର୍କ ଏବଂ ବିଷାକ୍ତ କଣିକା ସହ ମସ୍ତିଷ୍କ ନିର୍ଦ୍ଦିଷ୍ଟ ଭାବେ ସମ୍ବେଦନଶୀଳ କି ନୁହେଁ, ବର୍ତ୍ତମାନ ପର୍ଯ୍ୟନ୍ତ ଅଧ୍ୟୟନରୁ ସ୍ପଷ୍ଟ ଜଣାପଡ଼ିନାହିଁ। ଏହାକୁ ନେଇ ଭାରତର ଗ୍ରାମାଞ୍ଚଳରେ ରହୁଥିବା ପରିବାର ଉପରେ ଅଧିକ ଅଧ୍ୟୟନ ଜାରି ରହିଥିବା ସ୍ପେନ୍‌ସର କହିଛନ୍ତି। ଉକ୍ତ ଗବେଷକ ଟିମ୍ ସହ ଲକ୍ଷ୍ନୌର କମ୍ୟୁନିଟି ଏମ୍ପାୱାରମେଣ୍ଟ ଲାବ୍ କାର୍ଯ୍ୟ କରୁଛି। ଉତ୍ତରପ୍ରଦେଶର ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶିବଗଡ଼ ଅଞ୍ଚଳର ପରିବାର ଉପରେ ଅଧ୍ୟୟନ ଚାଲିଛି, ଯେଉଁଠାରେ ବାୟୁ ମାନ ଅତ୍ୟନ୍ତ ନିମ୍ନ ମାନର।






**ଅଫିସ୍ ଭିତରେ ଭିଏଓଙ୍କୁ ହାଣିଲେ ବାଲି ମାଫିଆ**

ତାମିଲନାଡୁର ମୁରରାପ୍ପାନାଡୁରେ ବାଲି ମାଫିଆମାନେ ମଙ୍ଗଳବାର ୫୩ ବର୍ଷୀୟ ଗ୍ରାମ ପ୍ରଶାସନିକ ଅଧିକାରୀ (ଭିଏଓ) ଓ୍ୱାଇ. ଲୁର୍ଥୁ ଫାନ୍ସିସ୍‌ଙ୍କୁ ତାଙ୍କ କାର୍ଯ୍ୟାଳୟରେ ହାଣି ହତ୍ୟା କରିଛନ୍ତି। ପୂର୍ବରୁ ଭିଏଓଙ୍କ ଅଭିଯୋଗ ଆଧାରରେ ପୋଲିସ ବାଲି ମାଫିଆ ଗ୍ୟାଙ୍ଗଷ୍ଟର ରାମାସୁବ୍ବୁଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏହି ଘଟଣା ପରେ ଭିଏଓଙ୍କୁ ହତ୍ୟା କରାଯାଇଛି। ପୋଲିସ ରାମସୁବ୍ବୁଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି।

## ସଂକ୍ଷେପରେ

### ୨୭ରେ ଭାରତ-ଚାଇନା ପ୍ରତିରକ୍ଷା ମନ୍ତ୍ରୀ ବୈଠକ


ଜେନେରାଲ ଲି ଶାଙ୍ଗ୍‌ଫୁ

**ନୂଆଦିଲ୍ଲୀ,୨୫।୪:** ନୂଆଦିଲ୍ଲୀ ଗସ୍ତରେ ଆସୁଥିବା ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଲି ଶାଙ୍ଗ୍‌ଫୁ ଗୁରୁବାର ତାଙ୍କ ଭାରତ ପ୍ରତିପକ୍ଷ ରାଜନାଥ ସିଂଙ୍କୁ ଭେଟିବେ। ୨୦୨୦ ମେ’ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଏହା ପ୍ରଥମ ବୈଠକ ହେବାକୁ ଯାଉଛି। ପୂର୍ବ ଲଦାଖ ଅଞ୍ଚଳରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତିର ସମାଧାନ ପାଇଁ ପୂର୍ବରୁ ୧୯ ଥର ସାମରିକ କମାଣ୍ଡର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସୀମା ପ୍ରସଙ୍ଗ ସମେତ ଦୁଇ ପ୍ରତିରକ୍ଷା ମନ୍ତ୍ରୀ ଆଞ୍ଚଳିକ ଶାନ୍ତି ଓ ନିରାପତ୍ତା, ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ମଧ୍ୟରେ ଆତଙ୍କବାଦ ନିରୋଧୀ ଉଦ୍ୟମ ଏବଂ ବହୁପାକ୍ଷିକ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଏକ ବିବୃତିରେ କୁହାଯାଇଛି। ଏସ୍‌ସିଓ ବୈଠକରେ ଯୋଗଦେବା ଲାଗି ଜେନେରାଲ ଲି ଭାରତ ଗସ୍ତରେ ଆସୁଛନ୍ତି।

### ନାବାଳିକା ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗରେ ଥାନା ଜାଳିଦେଲେ

**ନୂଆଦିଲ୍ଲୀ,୨୫।୪:** ପଶ୍ଚିମବଙ୍ଗର କାଳିୟାଗଞ୍ଜରେ ଜଣେ ନାବାଳିକାଙ୍କ ମୃତ୍ୟୁକୁ କେନ୍ଦ୍ରକରି ମଙ୍ଗଳବାର ଉତ୍ତ୍ୟକ୍ତ ଲୋକେ ଥାନା ଜାଳିଦେଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ଭାଜପା ପକ୍ଷରୁ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ତର ଦିନାଜପୁର ଜିଲାର ରାଇଗଞ୍ଜରେ ବିକ୍ଷୋଭକାରୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ପରେ ପୁନର୍ବାର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିବାରୁ ଆଇନ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଭାଜପା ଉତ୍ତେଜନା ବଢ଼ାଇ ହିଂସା ସୃଷ୍ଟି କରାଉଥିବା ଶାସକ ଟିଏମ୍‌ସି ଅଭିଯୋଗ କରିଛି। ବିଷାକ୍ତ ଖାଦ୍ୟ ଖାଇ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି ବୋଲି ପୋଲିସ କହୁଥିବାବେଳେ ଏହା ଏକ ବଳାତ୍କାର ହତ୍ୟା ବୋଲି ଭାଜପା ଦାବି କରିଛି। ଦଶମ ଶ୍ରେଣୀ ଛାତ୍ରୀଙ୍କ ମୃତଦେହ କାଳିୟାଗଞ୍ଜରୁ ସନ୍ଦେହଜନକ ଅବସ୍ଥାରେ ମିଳିଥିଲା।

**ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା**

### ସିସୋଡିଆଙ୍କ ନାଁରେ ସିବିଆଇ ଚାର୍ଜସିଟ୍


ମନୀଷ ସିସୋଡିଆ

**ନୂଆଦିଲ୍ଲୀ,୨୫।୪:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍‌ରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ମଙ୍ଗଳବାର ଦାଖଲ ହୋଇଥିବା ସପ୍ଲିମେଣ୍ଟାରି ଚାର୍ଜସିଟ୍‌ରେ ଅନ୍ୟମାନଙ୍କ ମଧ୍ୟରେ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ପୂର୍ବତନ ଅଡିଟର ବୁଚି ବାବୁ, ଅର୍ଜୁନ ପାଣ୍ଡେ ଏବଂ ଅମନଦୀପ୍ ଧଲଙ୍କ ନାଁ ରହିଛି। ଅନ୍ୟ ଅଭିଯୁକ୍ତମାନଙ୍କ ଭୂମିକା ସମ୍ପର୍କରେ ତଥ୍ୟ ପ୍ରମାଣ ଯୋଗାଡ଼ ଲାଗି ସିବିଆଇ ଅଧିକ ତଦନ୍ତ ଜାରି ରଖିଛି। ଗତ ସପ୍ତାହରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଏହା ପୂର୍ବରୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ଜେରାର ସମ୍ମୁଖୀନ ହୋଇଥିଲେ। ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆ ଫେବୃୟାରୀ ୨୬ରୁ ଗିରଫ ହୋଇ ଜେଲରେ ଅଛନ୍ତି।

# ମୁସ୍‌ଲିମ ସଂରକ୍ଷଣ ଉଚ୍ଛେଦ ମେ’ ୯ ପର୍ଯ୍ୟନ୍ତ ସ୍ଥଗିତ

**ନୂଆଦିଲ୍ଲୀ,୨୫।୪**

ମେ’ ୧୦ରେ କର୍ନାଟକ ବିଧାନସଭା ନିର୍ବାଚନ ହେବ। ରାଜ୍ୟରେ କ୍ଷମତାସୀନ ଭାଜପା ସରକାର ଏହାକୁ ଦୃଷ୍ଟିରେ ରଖି ଏପ୍ରିଲ ୧୩ରେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଶ୍ରେଣୀରେ ଦିଆଯାଉଥିବା ପୂର୍ବର ୪% ସଂରକ୍ଷଣକୁ ଉଚ୍ଛେଦ କରିଥିଲେ। ଏଥିସହ ଏହି ୪% ସଂରକ୍ଷଣକୁ ଲିଙ୍ଗାୟତ ଓ ଭୋକାଲିଙ୍ଗା ସମ୍ପ୍ରଦାୟ ମଧ୍ୟରେ ସମାନ ଦୁଇଭାଗ କରି ବାଣ୍ଟିଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଉକ୍ତ ନିଷ୍ପତ୍ତି ଅନୁସାରେ ଲିଙ୍ଗାୟତମାନେ ପୂର୍ବରୁ ୫% ସଂରକ୍ଷଣ ପାଉଥିବାବେଳେ ବର୍ତ୍ତମାନ ୭% ପାଇବେ। ସେହିପରି ଭୋକାଲିଙ୍ଗା ସମୁଦାୟକୁ ମିଳୁଥିବା ୪% ସଂରକ୍ଷଣ ସୁବିଧାକୁ ୬% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଉକ୍ତ ନିଷ୍ପତ୍ତି ନିର୍ବାଚନ ବେଳେ ଜନମତକୁ ପ୍ରଭାବିତ କରିବା ଆଶଙ୍କା ଥିବା ଦର୍ଶାଇ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହା ଉପରେ ଜବାବ ଦାଖଲ ପାଇଁ କର୍ନାଟକ ସରକାର ଶୀର୍ଷ ଅଦାଲତଙ୍କୁ ଅଧିକ ସମୟ ମାଗିଛନ୍ତି। ତେଣୁ ମୁସଲମାନ ସଂରକ୍ଷଣ ଉଚ୍ଛେଦ ସମ୍ପର୍କିତ ନିଷ୍ପତ୍ତି ମେ’ ୯ ପର୍ଯ୍ୟନ୍ତ ଲାଗୁ ହେବ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। କର୍ନାଟକ ସରକାରଙ୍କ ନିଷ୍ପତ୍ତି ମିଥ୍ୟା ଧାରଣା ଉପରେ ଆଧାରିତ ବୋଲି ଶୀର୍ଷ ଅଦାଲତ କହିଛନ୍ତି।

ନୂଆ ନୀତି ଅନୁସାରେ କୌଣସି ନିଯୁକ୍ତି ଦିଆଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଦାଭେ ମେହେଟ୍ଟାଙ୍କ ସ୍ଥଗିତ ନିବେଦନକୁ ବିରୋଧ କରିବାରୁ ତୁଷାର କହିଥିଲେ, ଅଦାଲତଙ୍କ ଅନ୍ତରୀଣ ନିର୍ଦ୍ଦେଶ ଆବେଦନକାରୀଙ୍କ ସପକ୍ଷରେ ହିଁ ରହିଛି। ତେଣୁ ଜବାବ ଦାଖଲ ଲାଗି ଅଧିକ ସମୟ ମିଳୁ। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ପୂର୍ବ ସରକାର ଅମଳରେ ମୁସଲମାନ ସମ୍ପ୍ରଦାୟ ପାଇଁ ସ୍ଥିର କରାଯାଇଥିବା ୪% ସଂରକ୍ଷଣ ଉଚ୍ଛେଦ ନୀତି ମେ’ ୯ରେ ପରବର୍ତ୍ତୀ ଶୁଣାଣି ହେବା ଯାଏ କାର୍ଯ୍ୟକାରୀ ହେବ ନାହିଁ। ପ୍ରକାଶ ଯେ, ଗତ ୧୮ ତାରିଖରେ ଏ ସମ୍ପର୍କିତ ଏକାଧିକ ଆବେଦନର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୫ରେ କରିବାକୁ ଧାର୍ଯ୍ୟ କରିଥିଲେ। ଭୋକାଲିଙ୍ଗା ଓ ଲିଙ୍ଗାୟତ ସମ୍ପ୍ରଦାୟକୁ ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ସରକାରୀ ନିଯୁକ୍ତି କ୍ଷେତ୍ରରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଖଣ୍ଡପୀଠ ରେକର୍ଡ କରିଥିଲେ।

**କର୍ନାଟକ ସରକାରଙ୍କୁ ସୁପ୍ରିମକୋର୍ଟ ଝଟ୍‌କା**



**ସରକାରଙ୍କ ନିଷ୍ପତ୍ତି ମିଥ୍ୟା ଧାରଣା ଆଧାରିତ: ଖଣ୍ଡପୀଠ**

### କର୍ନାଟକରେ ଭୋଟ ଧ୍ରୁବୀକରଣ ପ୍ରୟୋଗ



- ➡କର୍ନାଟକ ବିଧାନସଭାର ୨୨୪ ଆସନ ପାଇଁ ମେ’ ୧୦ରେ ନିର୍ବାଚନ ଅନୁଷ୍ଠିତ ହେବ।
- ➡ଏପ୍ରିଲ ୧୩ରେ ରାଜ୍ୟର ଭାଜପା ସରକାର ମୁସଲମାନ ସମ୍ପ୍ରଦାୟକୁ ପୂର୍ବରୁ ଦିଆଯାଉଥିବା ୪% ସରଂକ୍ଷଣକୁ ଉଚ୍ଛେଦ କରିଛନ୍ତି।
- ➡ରାଜ୍ୟର ମୋଟ ଜନସଂଖ୍ୟାର ୧୭% ଲିଙ୍ଗାୟତ ଏବଂ ୧୫% ହେଉଛନ୍ତି ଭୋକାଲିଙ୍ଗା।
- ➡ଲିଙ୍ଗାୟତ ସମ୍ପ୍ରଦାୟକୁ ପୂର୍ବରୁ ୫% ସଂରକ୍ଷଣ ମିଳୁଥିବାବେଳେ ବୋମାଇ ସରକାର ଏହାକୁ ୭%କୁ ବୃଦ୍ଧି କରିଛନ୍ତି।
- ➡ଭୋକାଲିଙ୍ଗା ସମ୍ପ୍ରଦାୟର ଲୋକେ ପୂର୍ବରୁ ୪% ସଂରକ୍ଷଣ ପାଉଥିବାବେଳେ ବର୍ତ୍ତମାନ ୬%କୁ ବଢ଼ାଯାଇଛି।

**ଦକ୍ଷିଣ ଭାରତର ଜନସଂଖ୍ୟା ତତ୍ତ୍ୱ**

| ରାଜ୍ୟ | ମୋଟ ଜନସଂଖ୍ୟା | ମୁସଲମାନ |
|---|---|---|
| ତାମିଲନାଡୁ | ୭ କୋଟି୨୦ ଲକ୍ଷ | ୪୨ ଲକ୍ଷ |
| କର୍ନାଟକ | ୬ କୋଟି | ୮୦ ଲକ୍ଷ |
| ଆନ୍ଧ୍ର ପ୍ରଦେଶ | ୪ କୋଟି ୯୦ ଲକ୍ଷ | ୩୬ ଲକ୍ଷ |
| ତେଲଙ୍ଗାନା | ୩ କୋଟି ୫୦ ଲକ୍ଷ | ୪୫ ଲକ୍ଷ |
| କେରଳ | ୩ କୋଟି ୩୦ ଲକ୍ଷ | ୯୦ ଲକ୍ଷ |

**ଦକ୍ଷିଣ ଭାରତରେ ତୁଷ୍ଟୀକରଣ ରାଜନୀତି**

## ଶାହା-ଓୱାଇସି ମୁହାଁମୁହିଁ

**ନୂଆଦିଲ୍ଲୀ,୨୫।୪**


ଅମିତ ଶାହା


ଅସାଦୁଦ୍ଦିନ ଓୱାଇସି

ଦକ୍ଷିଣ ଭାରତର ତାମିଲନାଡୁ, କର୍ନାଟକ, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା ଓ କେରଳରେ ପୂର୍ବ କିମ୍ବା ବର୍ତ୍ତମାନର ରାଜ୍ୟ ସରକାରମାନେ ଭୋଟ ହାତେଇବା ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅଧିକ ସୁବିଧା ଦେଉଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଆସୁଛି। ଏଭଳି ସ୍ଥିତିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କର୍ନାଟକର ବଗଲକୋଟରେ ଭାଜପାର ଏକ ସଭାକୁ ସମ୍ବୋଧିତ କରି ମୁସଲମାନ ସମ୍ପ୍ରଦାୟ ପାଇଁ ଉଦ୍ଦିଷ୍ଟ ୪% ସଂରକ୍ଷଣ ଉଚ୍ଛେଦ ନିଷ୍ପତ୍ତିକୁ ଯଥାର୍ଥ ଦର୍ଶାଇଛନ୍ତି। ଶାହା କହିଛନ୍ତି, ଧର୍ମ ଆଧାରିତ ସଂରକ୍ଷଣକୁ ଭାଜପା ବିଶ୍ୱାସ କରେନାହିଁ। ବିଧାନସଭା ନିର୍ବାଚନ ପରେ କ୍ଷମତାକୁ ଆସିଲେ କଂଗ୍ରେସ ଏହି ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବା ନେଇ ଦେଇଥିବା ପ୍ରତିଶ୍ରୁତିକୁ ମଧ୍ୟ ଶାହା ସମାଲୋଚନା କରିଛନ୍ତି। ଭାଜପା ଧର୍ମ ଆଧାରିତ ଭୋଟ ବ୍ୟାଙ୍କ ରାଜନୀତିରେ ବିଶ୍ୱାସ କରେନାହିଁ। ତେଣୁ ମୁସଲମାନ ସଂରକ୍ଷଣକୁ ହଟାଇ ଲିଙ୍ଗାୟତ ଓ ଭୋକାଲିଙ୍ଗାଙ୍କ କୋଟା ହାରକୁ ବୃଦ୍ଧି କରିଛି। ଏହାର ଦିନକ ପୂର୍ବରୁ ଶାହା ତେଲଙ୍ଗାନାର ଚେଭେଲ୍ଲା ରାଲିରେ କହିଥିଲେ, ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଧର୍ମ ଆଧାରିତ ସଂରକ୍ଷଣ ଅସାମ୍ବିଧାନିକ। ଭାଜପା ତେଲଙ୍ଗାନାରେ କ୍ଷମତାକୁ ଆସିଲେ ମୁସଲମାନ ସମ୍ପ୍ରଦାୟକୁ ଦିଆଯାଉଥିବା ୪% ସଂରକ୍ଷଣକୁ ଉଚ୍ଛେଦ କରାଯିବ। କେସିଆର୍ ରାଜ୍ୟରେ ଏମ୍ଆଇଏମ୍ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କ ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛନ୍ତି। ଏହା ଉପରେ ଓୱାଇସି କହିଛନ୍ତି, ମୋ ନାମ ଧରି ଆଉ କେତେଦିନ କାନ୍ଦିବ। ରେକର୍ଡ ଭାଙ୍ଗୁଥିବା ମୁଦ୍ରାସ୍ଫୀତି ଓ ବେକାରି ପ୍ରସଙ୍ଗ ଉପରେ କିଛି କୁହନ୍ତୁ ବୋଲି ଶାହାଙ୍କ ଉଦ୍ଦେଶ୍ୟରେ ସେ ଟୁଇଟ୍ କରିଛନ୍ତି।

## ମହାମାରୀର ନୂଆ ରୂପ ‘ଆର୍କଟୁରସ୍’

**ନୂଆଦିଲ୍ଲୀ/ଲଣ୍ଡନ,୨୫।୪**



**ବ୍ରିଟେନ୍‌ରେ ୫ ସଂକ୍ରମିତ ମୃତ**

ସମ୍ପ୍ରତି ଭାରତ ସମେତ ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ମହାମାରୀର ଏକ ନୂଆ ରୂପକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ଆର୍କଟୁରସ୍ ନାମକ ଏହି ଭୂତାଣୁ ହେଉଛି ଓମିକ୍ରନ୍ ସବ୍-ଭାରିଆଣ୍ଟର ଏକ ଷ୍ଟ୍ରେନ୍। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାକୁ ଏକ୍ସବିବି.୧.୧୬ ଆଖ୍ୟା ଦେଇ ‘ଭାରିଆଣ୍ଟ ଅଫ୍ ଇଣ୍ଟ୍ରେଷ୍ଟ’ ଭାବେ ଅଭିହିତ କରିଛି। ବର୍ତ୍ତମାନ ସୁଦ୍ଧା ଆର୍କଟୁରସ୍ ସିଙ୍ଗାପୁର, ଅଷ୍ଟ୍ରେଲିଆ, ବ୍ରିଟେନ୍ ଓ ଆମେରିକା ସମେତ ୩୪ ରାଷ୍ଟ୍ରରେ ଚିହ୍ନଟ ହେଲାଣି। ଏଥିରେ ସଂକ୍ରମିତ ହୋଇଥିବା ବ୍ରିଟେନ୍‌ର ୫ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି। ଏହା ଉପରେ ଡବ୍ଲ୍ୟୁଏଚ୍‌ଓ ମାର୍ଚ୍ଚ ୨୨ରୁ ସତର୍କ ଦୃଷ୍ଟି ରଖିଛି। ସ୍ପାଇକ୍ ପ୍ରୋଟିନ୍‌ରେ ଏହାର ଦ୍ୱିତୀୟ ମ୍ୟୁଟେଶନ୍ ରହିଥିବା ଲାବରେଟୋରି ପ୍ରୟୋଗ ବେଳେ ଜଣାପଡ଼ିଛି। ଏକ୍ସବିବି.୧.୧୬ ଷ୍ଟ୍ରେନ୍ ପୂର୍ବ ଭୂତାଣୁଗୁଡ଼ିକ ତୁଳନାରେ ଦ୍ରୁତ ସଂକ୍ରମଣକାରୀ ହୋଇଥିବା ସତ୍ତ୍ୱେ ଏହା ଅଧିକ ଲୋକଙ୍କୁ ଅସୁସ୍ଥ କରୁ ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଡବ୍ଲ୍ୟୁଏଚ୍‌ଓ ମତରେ ଏହି ଭାରିଆଣ୍ଟ ଅଧିକ ବିପଜ୍ଜନକ ନୁହେଁ। କୋଭିଡ୍-୧୯ ଭୂତାଣୁର ଅନ୍ୟ ଷ୍ଟ୍ରେନ୍‌ଗୁଡ଼ିକ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟଗତ ପରାମର୍ଶ ଆର୍କଟୁରସ୍ ଲାଗି ମଧ୍ୟ ପ୍ରଯୁଜ୍ୟ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ପୁଟିନ୍‌ଙ୍କ ଗିରଫ ପରୱାନାକୁ ନେଇ ଚିନ୍ତାରେ ରୁଷିଆ

**ମସ୍କୋ,୨୫।୪**



ଯୁଦ୍ଧ ଅପରାଧ ଅଭିଯୋଗରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କ ବିରୋଧରେ ଅନ୍ତର୍ଜାତୀୟ ଫୌଜଦାରି କୋର୍ଟ (ଆଇସିସି) ଗତ ମାସରେ ଗିରଫ ପରୱାନା ଜାରି କରିଥିବାରୁ ଦେଶର ବରିଷ୍ଠ ଅଧିକାରୀମାନେ ଭୟଭୀତ ଥିବା ଜଣାପଡ଼ିଛି। ଆଇସିସି ଆରେଷ୍ଟ ୱାରେଣ୍ଟ ଜବାବରେ ରୁଷିଆ କ’ଣ ପଦକ୍ଷେପ ନେବ, ତାହା ଉପରେ ଆଲୋଚନା ଲାଗି କ୍ରେମ୍‌ଲିନ ଏକ ସ୍ୱତନ୍ତ୍ର ବୈଠକ ଆୟୋଜନ କରିଥିଲା ବୋଲି କେତେଜଣ ସରକାରୀ ଅଧିକାରୀ ତଥା ପୂର୍ବତନ ଅଧିକାରୀ ଗଣମାଧ୍ୟମକୁ କହିଛନ୍ତି। ଗତବର୍ଷ ଫେବୃୟାରୀରେ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ କରିଥିଲା। ୧୪ ମାସ ହେଲା ସଂଘର୍ଷ ଲାଗିରହିଥିବାବେଳେ ପୁଟିନ୍ ବେଆଇନ ଭାବେ ୟୁକ୍ରେନ୍‌ରୁ ପିଲାମାନଙ୍କୁ ଅନ୍ୟ ଦେଶକୁ ନେଇଯାଇଥିବା ଅଭିଯୋଗ ହୋଇଛି। ଆଇସିସିର ଗିରଫ ପରୱାନାକୁ ମସ୍କୋ ନିନ୍ଦା କରିଥିବାବେଳେ ଏହାର ସମ୍ଭାବ୍ୟ ରାଜନୈତିକ ପ୍ରଭାବକୁ ନେଇ ଚିନ୍ତାପ୍ରକଟ କରିଛି। ରୁଷିଆ ସରକାରଙ୍କୁ ଗାଦିଚ୍ୟୁତ କରିବା ଲାଗି ଏହା ଏକ ଆହ୍ୱାନ ବୋଲି ଶାସକ ୟୁନାଇଟେଡ୍ ରୁଷିଆ ପାର୍ଟିର ପାର୍ଲାମେଣ୍ଟାରି ଡେପୁଟି ଗଣମାଧ୍ୟମକୁ କହିଛନ୍ତି।

### ମାନହାନି ମାମଲା: ଗୁଜରାଟ ହାଇକୋର୍ଟ ଗଲେ ରାହୁଲ



**ନୂଆଦିଲ୍ଲୀ,୨୫।୪**

‘ସବୁ ଚୋରଙ୍କ ସାଙ୍ଗିଆ ମୋଦି କାହିଁକି’ ମନ୍ତବ୍ୟ ପାଇଁ ମାନହାନି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉକ୍ତ ରାୟ ଉପରେ ସ୍ଥଗିତାଦେଶ ପାଇଁ ମଙ୍ଗଳବାର ଗୁଜରାଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନ ସମୟରେ କର୍ନାଟକର କୋଲାରରେ ଏକ ସଭାକୁ ଉଦ୍‌ବୋଧନ ଦେବା ବେଳେ ରାହୁଲ ଉପରୋକ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସୁରଟର ମାଜିଷ୍ଟ୍ରେଟ କୋର୍ଟ ରାହୁଲଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ଦେବାରୁ ତାଙ୍କର ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଛି। ଉକ୍ତ ରାୟ ବିରୋଧରେ ସେ ସୁରଟ ସେସନ୍ସ କୋର୍ଟରେ ଆବେଦନ କରିଥିଲେ ହେଁ ସେଠାରେ ତାହା ଅଗ୍ରାହ୍ୟ ହୋଇଯାଇଥିଲା। ସେସନ୍ସ କୋର୍ଟଙ୍କ ଏପ୍ରିଲ ୨୦ ନିର୍ଦ୍ଦେଶନାମାକୁ ରାହୁଲ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ଏହାର ଶୁଣାଣି କରିବେ ବୋଲି ଜଣାପଡ଼ିଛି।

## ସିଜେଆଇଙ୍କୁ ଚିଠି ଲେଖିଲେ ୪୦୦ ମାତାପିତା

**ନୂଆଦିଲ୍ଲୀ,୨୫।୪**

**ବିବାହରେ ସମାନତା ଦାବି**

ସମଲିଙ୍ଗୀ ବିବାହକୁ ଆଇନଗତ ମଞ୍ଜୁରୀ ପ୍ରଦାନ ନିମନ୍ତେ ପିଟିଶନଗୁଡ଼ିକର ଶୁଣାଣି କରୁଥିବା ସୁପ୍ରିମକୋର୍ଟର ସାମ୍ବିଧାନିକ ପୀଠର ମୁଖ୍ୟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ୪୦୦ରୁ ଊର୍ଦ୍ଧ୍ୱ ମାତାପିତାଙ୍କ ଏକ ଗ୍ରୁପ୍ ପତ୍ର ଲେଖି ସେମାନଙ୍କର ଏଲ୍‌ଜିବିଟିକ୍ୟୁଆଇଏ++ ପିଲାମାନଙ୍କୁ ବିବାହ ସମାନତା ଅଧିକାର ପ୍ରଦାନ ଲାଗି ନିବେଦନ କରିଛନ୍ତି। ସମଲିଙ୍ଗୀ ବିବାହକୁ ଆଇନଗତ ବୈଧତା ଆବେଦନର ଶୁଣାଣି ମଙ୍ଗଳବାର ଚତୁର୍ଥ ଦିନ ପାଇଁ ଜାରି ରହିଥିବାବେଳେ ‘ସ୍ୱୀକାର-ଦି ରେନ୍‌ବୋ ପ୍ୟାରେଣ୍ଟସ’ ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଦିଆଯାଇଥିବା ପତ୍ର ଉଲ୍ଲେଖନୀୟ। ଦେଶର ସ୍ୱତନ୍ତ୍ର ବିବାହ ଆଇନରେ ଆମ ପିଲା ଓ ସେମାନଙ୍କ ପାର୍ଟନରମାନଙ୍କ ସମ୍ପର୍କକୁ ଆଇନଗତ ସ୍ୱୀକୃତି ମିଳିବା ଆମେ ଦେଖିବାକୁ ଚାହୁଁ ବୋଲି ମାତାପିତାମାନେ ସେମାନଙ୍କ ପତ୍ରରେ ଦର୍ଶାଇଛନ୍ତି। ଭାରତୀୟ ଏଲ୍‌ଜିବିଟିକ୍ୟୁଆଇଏ++ମାନଙ୍କ ମାତାପିତାଙ୍କୁ ନେଇ ‘ସ୍ୱୀକାର-ଦି ରେନ୍‌ବୋ ପ୍ୟାରେଣ୍ଟସ୍’ ସଂଗଠନ ଗଢ଼ାଯାଇଛି।

## ଭାରତୀୟ ବଂଶୋଦ୍ଭବଙ୍କୁ ଆଜି ଫାଶୀ ଦେବ ସିଙ୍ଗାପୁର

**ସିଙ୍ଗାପୁର,୨୫।୪**

**ନିଶା ଚୋରା କାରବାର ମାମଲାରେ ଦୋଷୀ**


ଟାଙ୍ଗାରାଜୁ ସୁପିଆ

ନିଶା ଚୋରା କାରବାର ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ଭାରତୀୟ ବଂଶୋଦ୍ଭବ ଟାଙ୍ଗାରାଜୁ ସୁପିଆଙ୍କୁ ସିଙ୍ଗାପୁର ସରକାର ବୁଧବାର ଫାଶୀ ଦେବାକୁ ଯାଉଛି। ମୃତ୍ୟୁଦଣ୍ଡକୁ ବିରୋଧ କରୁଥିବା ପ୍ରମୁଖ ବ୍ୟକ୍ତିମାନେ ଫାଶୀ ରୋକିବା ଲାଗି କରିଥିବା ଅନୁରୋଧକୁ ସିଙ୍ଗାପୁର ସରକାର ଅଗ୍ରାହ୍ୟ କରିଦେଇଛନ୍ତି। ୨୦୧୪ରେ ସିଙ୍ଗାପୁରକୁ ୧ କିଲୋଗ୍ରାମ ଗଞ୍ଜେଇ ଚାଲାଣ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗରେ ଟାଙ୍ଗାରାଜୁଙ୍କୁ ଗିରଫ କରାଯାଇଥିଲା। ୨୦୧୮ ଅକ୍ଟୋବର ୯ରେ ତାଙ୍କୁ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ବ୍ରିଟେନ୍‌ର ବିଲିଅନେୟାର ରିଚାର୍ଡ ବ୍ରାନ୍‌ସନ, ୟୁରୋପୀୟ ସଂଘର ପ୍ରତିନିଧି ଏବଂ ଅଷ୍ଟ୍ରେଲିଆ ଏମ୍‌ପି ଗ୍ରାହାମ ପେରେଟ୍ଟ ଅଭିଯୁକ୍ତ ଟାଙ୍ଗାରାଜୁଙ୍କ ଫାଶୀଦଣ୍ଡକୁ ବିରୋଧ କରିଥିଲେ।

## ଲିଙ୍ଗ ନିରୂପଣ ଆଧାରିତ ଗର୍ଭପାତ ଅସମାନତା ବଢ଼ାଇବ: ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ଲିଙ୍ଗ ନିରୂପଣ ଆଧାରିତ ଗର୍ଭପାତ ଦେଶରେ ଲିଙ୍ଗଗତ ଅସମାନତା ବଢ଼ାଇବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିବା ପର୍ଯ୍ୟନ୍ତ ଏଭଳି ସ୍ଥିତିକୁ ରୋକିବା ଲାଗି କଠୋର ଆଇନ ଆଣିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଭ୍ରୁଣର ଲିଙ୍ଗ ନିରୂପଣ ଉପରେ ରହିଥିବା କଟକଣା ସିଧାସଳଖ ଭାବେ ନାରୀ ଦ୍ୱେଷ ସମସ୍ୟା ସହ ଜଡ଼ିତ, ଯାହା ବିଶ୍ୱରେ ସବୁ ସାମାଜିକ, ଅର୍ଥନୈତିକ ବର୍ଗର ମହିଳାଙ୍କୁ ପ୍ରଭାବିତ କରିଛି। ଗର୍ଭଧାରଣ ପୂର୍ବ ଏବଂ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି ଅଧିନିୟମ, ୧୯୯୪ (ପିସିପିଏନ୍‌ଡିଟି ଆକ୍ଟ)କୁ କଡ଼ାକଡ଼ି ଅନୁପାଳନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଅବସରରେ ଜଷ୍ଟିସ ସ୍ୱରନ କାନ୍ତ ଶର୍ମା ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ବେଆଇନ ଲିଙ୍ଗ ନିରୂପଣ ଘଟଣାରେ ଏକ ହସ୍ପିଟାଲରେ ଚଢ଼ାଉ କରାଯାଇ ଜଣେ ଡାକ୍ତରଙ୍କ ବିରୋଧରେ ପିସିପିଏନ୍‌ଡିଟି ଆଇନରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ରଦ୍ଦ କରିବା ଲାଗି ସେ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

**ଅପରେଶନ କାବେରୀ**

## ସୁଦାନ ଛାଡ଼ିଲେ ୨୭୮ ଭାରତୀୟ

**ନୂଆଦିଲ୍ଲୀ,୨୫।୪**



ସୁଦାନରେ ୧୦ ଦିନ ହେଲା ସୈନ୍ୟବାହିନୀ ଓ ଅର୍ଦ୍ଧସାମରିକ ବାହିନୀ ମଧ୍ୟରେ ସଂଘର୍ଷ ଲାଗିରହିଥିବାବେଳେ ସେଠାରେ ଫସିଥିବା ୩,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ମଧ୍ୟରୁ ପ୍ରଥମ ବ୍ୟାଚ୍‌ରେ ୨୭୮ ଜଣ ପୋର୍ଟ ସୁଦାନ ଛାଡ଼ିଛନ୍ତି। ଭାରତୀୟମାନଙ୍କୁ ଫେରାଇ ଆଣିବା ପାଇଁ ଅପରେଶନ କାବେରୀ ଆରମ୍ଭ ହୋଇଥିବାବେଳେ ନୌସେନା ଜାହାଜ ଆଇଏନ୍‌ଏସ୍ ସୁମେଧରେ ୨୭୮ ଜଣ ପୋର୍ଟ ସୁଦାନରୁ ଜେଦ୍ଦା ଅଭିମୁଖେ ଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଟୁଇଟ୍ କରିଛନ୍ତି। ଅପରେଶନ କାବେରୀରେ ଭାରତ ଦୁଇଟି ପରିବହନ ବିମାନ ଜେଦ୍ଦାକୁ ପଠାଇଥିବାବେଳେ ଆଇଏନ୍‌ଏସ୍ ସୁମେଧକୁ ପୋର୍ଟ ସୁଦାନ ପଠାଇଥିଲା। ଭାରତୀୟମାନେ ଜେଦ୍ଦାରେ ପହଞ୍ଚିବା ପରେ ସେଠାରୁ ବିମାନ ଯୋଗେ ଭାରତ ଫେରିବେ। ପୂର୍ବରୁ ସାଉଦି ଆରବ ଏବଂ ଫ୍ରାନ୍ସ କେତେଜଣ ଭାରତୀୟଙ୍କ ସମେତ ଅନ୍ୟ ଦେଶର ନାଗରିକଙ୍କୁ ସୁଦାନରୁ ଉଦ୍ଧାର କରିଥିଲେ। ସୁଦାନ ରାଜଧାନୀ ଖାର୍ଟୁମ୍ ଏବଂ ଅନ୍ୟ ଅଞ୍ଚଳରେ ଏପ୍ରିଲ ୧୫ରୁ ସଂଘର୍ଷ ଲାଗି ରହିଛି। ସେନାମୁଖ୍ୟ ଆବଡେଲ୍ ଫତାହ ଅଲ୍-ବୁର୍‌ହାନ ଏବଂ ତାଙ୍କ ଡେପୁଟି ତଥା ବିଦ୍ରୋହୀ ମହମ୍ମଦ ହମଦାନ୍ ଡାଗ୍‌ଲୋଙ୍କ ସମର୍ଥକଙ୍କ ମଧ୍ୟରେ ଜୋର୍‌ଦାର ସଂଘର୍ଷରେ ୪୦୦ରୁ ଊର୍ଦ୍ଧ୍ୱ ନିହତ ହେଲେଣି।



ଭାରତର ଜନସଂଖ୍ୟା ସର୍ବାଧିକ ହେବା ସହିତ ଚାଇନାକୁ ଟପିଯାଇଛି। ଏହାକୁ ଆଧାର କରି ଜର୍ମାନୀର ଏକ ଖବରକାଗଜରେ ପ୍ରକାଶିତ କାର୍ଟୁନ।

# ମେ' ୧ରୁ ବଢ଼ିବ ଛେନା, ପନିର, ଖୁଆ ଦର

**କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ନିଷ୍ପତ୍ତି**

କଟକ ଅଫିସ, ୨୫।୪

ଆସନ୍ତା ମେ' ୧ରୁ ଛେନା, ପନିର ଓ ଖୁଆ ଦର ବଢ଼ିବ। ଲିଙ୍କ୍‌ରୋଡ୍‌ସ୍ଥିତ ଛେନା ମଣ୍ଡିଠାରେ ମଙ୍ଗଳବାର ଅନୁଷ୍ଠିତ କଟକ ଜିଲା ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର କାର୍ଯ୍ୟକାରୀ କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସଂଘର ଜିଲା ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବେହେରା କହିଛନ୍ତି, ଗତ ୧ ତାରିଖରେ ଓମ୍‌ଫେଡ୍ କ୍ଷୀର ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ପାଇଛି। ଏଥିସହିତ ଗୋଖାଦ୍ୟ ଓ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ମଧ୍ୟ ବୃଦ୍ଧି ଘଟିଛି। ଏହାକୁ ଦୃଷ୍ଟିରେ ରଖି ମେ' ୧ ତାରିଖରୁ ସଂଘ ପକ୍ଷରୁ ଛେନା ଦର କିଲୋ ପ୍ରତି ୨୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୧୯୫ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ପନିର୍ କିଲୋ ପ୍ରତି ୩୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୨୫୫ ଟଙ୍କା ଓ କଞ୍ଚା ଖୁଆ କିଲୋ ପ୍ରତି ୬୦ ଟଙ୍କା ବୃଦ୍ଧି କରାଯାଇ ନୂତନ ଦର ୩୨୦ ଟଙ୍କା ଧାର୍ଯ୍ୟ ହୋଇଛି। ଏତଦ୍‌ବ୍ୟତୀତ କଟକରୁ ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ଓ ରାଜ୍ୟର ଅନ୍ୟ ଅଞ୍ଚଳକୁ ବିକ୍ରି ପାଇଁ ପଠାଯାଉଥିବା ଦୁଗ୍ଧଜାତ ଦ୍ରବ୍ୟ ମୂଲ୍ୟ ଏହି ଅନୁପାତରେ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ଏହି ବୈଠକରେ ସଂଘର କର୍ମକର୍ତ୍ତା ଜ୍ୟୋତିରଞ୍ଜନ ଦାସ, ବିନୋଦ ବେହେରା, ପ୍ରେମାନନ୍ଦ ବେହେରା ଓ ବୁଲେଇ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




# ୩ ବ୍ରାଞ୍ଚ ପୋଷ୍ଟମାଷ୍ଟର ଚାକିରିରୁ ବହିଷ୍କୃତ

**କେନ୍ଦ୍ରାପଡ଼ା ଡାକ ବିଭାଗରେ ଜାଲ ସାର୍ଟିଫିକେଟ ଲିଙ୍କ୍**

କେନ୍ଦ୍ରାପଡ଼ା ଅଫିସ, ୨୫।୪

କେନ୍ଦ୍ରାପଡ଼ା ଡାକ ବିଭାଗରେ ଜାଲ ସାର୍ଟିଫିକେଟ ମାଧ୍ୟମରେ ଚାକିରି ଲିଙ୍କ୍ ଧରାପଡ଼ିଛି। ଡାକ ଅଧୀକ୍ଷକ ୨୦୧୮ରୁ ଅଦ୍ୟାବଧି ଚାକିରି କରିଥିବା କର୍ମଚାରୀଙ୍କ ସାର୍ଟିଫିକେଟ ଯାଞ୍ଚ କରି ୩ଜଣ ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କୁ ମଙ୍ଗଳବାର ଚାକିରିରୁ ବହିଷ୍କୃତ କରିଛନ୍ତି। ଏଥିସହ ଜଣେ କର୍ମଚାରୀଙ୍କ ସାର୍ଟିଫିକେଟ ଅଦ୍ୟାବଧି ସନ୍ଦେହ ଘେରରେ ରହିଛି। ବହିଷ୍କୃତ କର୍ମଚାରୀଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଡାକ ଅଧୀକ୍ଷକ ଦେବରାଜ ସେଠୀ କହିଛନ୍ତିଯେ, ଜିଲାର ଧରିବିଲ ବ୍ରାଞ୍ଚର ମାମାଶ୍ରୀ ଭାରତୀ, ନରସିଂହପୁର ଡିହପଡ଼ା ବ୍ରାଞ୍ଚର ସୌମ୍ୟରଞ୍ଜନ ସେଠୀ ଓ କଦଳୀବଣ ବ୍ରାଞ୍ଚର ପ୍ରଶାନ୍ତ କୁମାର ସେଠୀଙ୍କୁ ନକଲି ଶିକ୍ଷା ସାର୍ଟିଫିକେଟ ପ୍ରଦାନ ପାଇଁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ଭଦ୍ରକ ଜିଲା ସୋରା କୁଲଣା ଗ୍ରାମର ମାମାଶ୍ରୀ ୨୦୨୧ ଜାନୁୟାରୀ ୨୯ରୁ ଏଠାରେ ଚାକିରି କରିଥିଲେ। ସେହିପରି ଭଦ୍ରକ ଜିଲା ରାଣିପଡ଼ା ଗ୍ରାମର ସୌମ୍ୟରଞ୍ଜନ ୨୦୨୨ ସେପ୍ଟେମ୍ବର ୫ ଓ ବନ୍ତ ଗ୍ରାମର ପ୍ରସନ୍ନ ୨୦୨୨ ସେପ୍ଟେମ୍ବର ୧୨ ତାରିଖଠାରୁ କେନ୍ଦ୍ରାପଡ଼ା ଜିଲାରେ ନିଯୁକ୍ତି ପାଇଥିଲେ। ସେମାନଙ୍କ ସାର୍ଟିଫିକେଟ ଉତ୍ତରପ୍ରଦେଶର ଥିବାବେଳେ ଓଡ଼ିଆ ବିଷୟରେ ୯୦ରୁ ୯୫ ପ୍ରତିଶତ ମାର୍କ ରହିଥିବା ଦେଖିବାକୁ ମିଳିଥିଲା। ଯାଞ୍ଚ ସମୟରେ ଏହାର ତଥ୍ୟ ଠିକ୍ ନ ଥିବା ଜାଣି ଚାକିରିରୁ ବହିଷ୍କୃତ ସହ ଥାନାରେ ଏ ନେଇ ଏଫ୍‌ଆଇଆର୍ ଦିଆଯାଇଛି। ଟାଉନ ଥାନା ଆଇଆଇସି ତପନ କୁମାର ନାୟକ କହିଛନ୍ତି, ଡାକ ଅଧୀକ୍ଷକ ସେଠୀଙ୍କ ଅଭିଯୋଗକୁ ଭିତ୍ତିକରି ମାମାଶ୍ରୀଙ୍କ ନାମରେ ନଂ.୧୩୧/୨୩, ସୌମ୍ୟରଞ୍ଜନ ଓ ପ୍ରସନ୍ନଙ୍କ ନାମରେ ନଂ. ୧୨୫/୨୩ରେ ମାମଲା ରୁଜୁ ହୋଇଛି। ଏ ନେଇ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିବା ଆଇଆଇସି ନାୟକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ତାରିଖରେ କେନ୍ଦ୍ରାପଡ଼ା ଡାକ ମଣ୍ଡଳ ଅଧୀନରେ ଗ୍ରାମୀଣ ଡାକସେବକ ଚାକିରି ପାଇଁ ଭଦ୍ରକ ଜିଲା ଲୁଣିଆ ଗ୍ରାମର ଅନୀତା ଜେନା ନିଜର ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ଉତ୍ତରପ୍ରଦେଶ ଆଦର୍ଶ ଆରିଆ ଏସ୍‌ଏସ୍ ଏଚ୍‌ଏସ୍‌ଏସ୍ ତରୁଲୀ ହାର୍ଦୋଇ ହାଇସ୍କୁଲରୁ ୨୦୦୯ ମସିହାରେ ମାଟ୍ରିକ ପାସ୍ ପ୍ରମାଣପତ୍ରରେ ମୋଟ ୬୦୦ ନମ୍ବରରୁ ୫୭୭ ନଂ. ରଖିଥିବା ମାର୍କଲିଷ୍ଟରେ ଦେଖିବାକୁ ମିଳିଥିଲା; ଯାହା ଡାକ ବିଭାଗର ସନ୍ଦେହକୁ ଆସିଥିଲା। ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ଅନୀତାଙ୍କ ବିରୋଧରେ ନଂ. ୧୦୧/୨୩ରେ ମାମଲା ରୁଜୁ କରିଥିଲା।

# ୫ ପୋଷ୍ଟମାଷ୍ଟରଙ୍କ ଇସ୍ତଫା

ଭବାନୀପାଟଣା,୨୫।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଡ଼ାକମଣ୍ଡଳ ଅଧୀନରେ ଥିବା ବିଭିନ୍ନ ପୋଷ୍ଟ ଅଫିସ୍‌ର ୫ଜଣ ପୋଷ୍ଟ ମାଷ୍ଟର କିଛିଦିନ ମଧ୍ୟରେ ଚାକିରିରୁ ଇସ୍ତଫା ଘଟଣା ସାମ୍ନାକୁ ଆସିଛି। ସେମାନେ ହେଲେ ଗୋଲାମୁଣ୍ଡା ବ୍ଲକ ବୋରଗୁଡ଼ାରେ କାର୍ଯ୍ୟରତ ଥିବା ଗ୍ରାମୀଣ ଡାକ ସେବକ (ପୋଷ୍ଟମାଷ୍ଟର) ସୁନୀତା ସାହୁ, ଜୁନାଗଡ଼ ବ୍ଲକ ଚକୁଲିରେ କାର୍ଯ୍ୟରତ କୋଟିଲିଙ୍ଗ ଭେଙ୍କଟେଶ, ଦେଦରରେ ଥିବା ନାରାୟଣ ମାଝି, କଲେଇ ଗାଁରେ ଥିବା ଚିନ୍ମୟ ରଞ୍ଜନ ଭୋଇ ଏବଂ ଛୋରିଆଗଡ଼ରେ ସହକାରୀ ଡାକ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ନୀଳାଞ୍ଚଳ ନାୟକ। ତେବେ ୯ ମାସ ଧରି କାର୍ଯ୍ୟରତ ଏହି ୫ ପୋଷ୍ଟମାଷ୍ଟର ହଠାତ୍ କାହିଁକି ଚାକିରିରୁ ଇସ୍ତଫା ଦେଲେ ତାକୁ ନେଇ ଏବେ ନାନା ସନ୍ଦେହ ପ୍ରକାଶ ପାଇଛି। ଗତ କିଛିଦିନ ତଳେ କଳାହାଣ୍ଡି ଜିଲା କୁଣ୍ଡାବନ୍ଧ ଗ୍ରାମର ରୁଦ୍ରମଣି ମିଶ୍ର ଜାଲ୍ ସାର୍ଟିଫିକେଟ ଦେଇ ପୋଷ୍ଟମାଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ସାର୍ଟିଫିକେଟ ଯାଞ୍ଚ ସମୟରେ ଜାଲିଆତି ଜଣାପଡ଼ିବା ପରେ ସେ ଫେରାର ହୋଇଯାଇଥିଲେ। ବଲାଙ୍ଗୀର ଡାକ ମଣ୍ଡଳରେ ଜାଲ୍ ସାର୍ଟିଫିକେଟ ଫର୍ଦ୍ଦାଫାଶ ପରେ ରାଜ୍ୟ ସାରା ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହାର ଚେର କଳାହାଣ୍ଡିକୁ ଲମ୍ବିଥିବା ଜଣାପଡ଼ିଥିଲା। ଜିଲାରେ ଡାକ ବିଭାଗରେ ୧୦୫ ପଦବୀ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ଜଣ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟାରେ ସାମିଲ ହୋଇଥିବାବେଳେ ୨୭ ଜଣ ଅନୁପସ୍ଥିତ ରହିଥିଲେ। ସମ୍ପୃକ୍ତ ୨୭ ଜଣ ଜାଲ ସାର୍ଟିଫିକେଟ ଦେଇ ଆବେଦନ କରିଥିବାରୁ ଧରାପଡ଼ିଯିବା ଭୟରେ ସେମାନେ ଆସି ନ ଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ବର୍ତ୍ତମାନ ପୋଷ୍ଟମାଷ୍ଟର ଇସ୍ତଫା ଦେବା ପଛରେ ଜାଲ୍ ସାର୍ଟିଫେକଟ ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି। ତେବେ ସାର୍ଟିଫିକେଟ୍ ଯାଞ୍ଚ କରାଗଲେ ଏହାର ସତ୍ୟତା ଜଣାପଡ଼ନ୍ତା ବୋଲି ଆଲୋଚନା ହେଉଛି। ଏ ନେଇ ଧର୍ମଗଡ଼ ଡାକ ନିରୀକ୍ଷକ ଅନନ୍ତ ଚରଣ ସାହୁଙ୍କୁ ପଚାରିବାରୁ ୫ ଜଣ ପୋଷ୍ଟ ମାଷ୍ଟର ଇସ୍ତଫା ଦେବା କଥାକୁ ସେ ସ୍ୱୀକାର କରିଛନ୍ତି ଏବଂ ଇସ୍ତଫାର କାରଣ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି।



**ଆଜିର ମନ୍ତବ୍ୟ**

“ପୂର୍ବ ସରକାରମାନେ ପ୍ରକଳ୍ପଗୁଡ଼ିକୁ ବିଳମ୍ବ କରାଇ ଭୋଟ ବ୍ୟାଙ୍କ ରାଜନୀତି କରୁଥିଲେ। ଏବର ସରକାର କାର୍ଯ୍ୟ ସଂସ୍କୃତି ଉପରେ ବିଶ୍ୱାସ କରି ଆଗକୁ ବଢ଼ୁଛନ୍ତି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଦେଖେ, ବର ଦେଖେ**
**କାନ୍ଥ ଖୋଲି କୁଜ ଦେଖେ ।**

ଝିଅଟିଏ ବିଭାଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଖୁଣ, ଗୁଣ, ସ୍ୱଭାବ, ରୂପ, ରୋଗ ବୈରୋଗ ସବୁ ଜାଣି ଧୀରସ୍ଥିର ଭାବରେ ସ୍ଥିର କରିବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମା କରି ବୁଝିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ମୁଣ୍ଡ ଟାକୁ ଟାକୁ**
**କାହୁଁ ଆଣିଥିଲି ଥାକୁଲିଟାକୁ**
**ଚୁଡ଼ା କୁଟି ଖାଇବାକୁ ।**

ଆବଶ୍ୟକତାଠୁ ଅଧିକ ମୋଟା ହେଲେ ବ୍ୟକ୍ତି ସ୍ୱାଚ୍ଛନ୍ଦ୍ୟରେ କାମଦାମ କରିପାରି ନ ଥାଏ। ଥାକୁଲି ସ୍ତ୍ରୀ ମୋଟୀ ହୋଇଥିବା ଦୃଷ୍ଟିରୁ ଆଦୌ କାର୍ଯ୍ୟଦକ୍ଷ ହୋଇପାରୁ ନ ଥିବାବେଳେ ତା'ପ୍ରତି ଏଭଳି ବ୍ୟଙ୍ଗୋକ୍ତି ଭାବ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ୨୦୨୪ ପାଇଁ ବାଇଡେନ୍‌ଙ୍କ ପ୍ରସ୍ତୁତି

**ୱାଶିଂଟନ,୨୫।୪:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୨୦୨୪ରେ ପୁନଃ ନିର୍ବାଚିତ ହେବା ପାଇଁ ମଙ୍ଗଳବାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବାଇଡେନ୍‌ଙ୍କ ସହ ତାଙ୍କ ରନିଂ ମେଟ୍ ତଥା ଉପରାଷ୍ଟ୍ରପତି କମଲା ହାରିସ୍ ମଧ୍ୟ ନୂଆ ଇନିଂସ୍ ଲାଗି ଅଭିଯାନ ଆରମ୍ଭ କରିଛନ୍ତି। ୮୦ ବର୍ଷୀୟ ଡେମୋକ୍ରାଟ୍ ବାଇଡେନ୍ ୩ ମିନିଟ୍ ବିଶିଷ୍ଟ ଏକ ପ୍ରମୋଶନାଲ ଭିଡିଓରେ ‘ଫ୍ରିଡମ୍’ (ସ୍ୱାଧୀନତା) ଶବ୍ଦ ଉଚ୍ଚାରଣ କରି ସମ୍ବୋଧନ ଆରମ୍ଭ କରିଛନ୍ତି। ଦେଶବାସୀଙ୍କୁ ନିଜ ସମ୍ବୋଧନରେ ସେ କହିଛନ୍ତି, ଗର୍ଭପାତ ଅଧିକାର, ଗଣତନ୍ତ୍ରର ପ୍ରତିରକ୍ଷା, ମତଦାନ ଅଧିକାର ଓ ସାମାଜିକ ସୁରକ୍ଷା ୨୦୨୪ ସାଧାରଣ ନିର୍ବାଚନରେ ସବୁଠ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେବାକୁ ଯାଉଛି। ପ୍ରତ୍ୟେକ ପିଢ଼ିର ଏକ ମୁହୂର୍ତ୍ତ ଥାଏ, ଯେଉଁ ସମୟରେ ସେମାନଙ୍କୁ ଗଣତନ୍ତ୍ର ପାଇଁ ଛିଡ଼ା ହେବାକୁ ପଡ଼ିଥାଏ। ବର୍ତ୍ତମାନ ଆମେରିକା ପାଇଁ ସେହି ସମୟ ଉପନୀତ। ତେଣୁ ସେ ପୁନର୍ବାର ଆମେରିକା ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମ ସହ ସାମିଲ ହୁଅନ୍ତୁ। ଆସନ୍ତୁ, ଏହି କାର୍ଯ୍ୟକୁ ଶେଷ କରିବା ବୋଲି ଆମେରିକୀୟମାନଙ୍କୁ ବାଇଡେନ୍ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଆନୁଷ୍ଠାନିକ ନିର୍ବାଚନ ପ୍ରଚାର ଆରମ୍ଭ ବେଳେ ହାରିସ୍ କହିଛନ୍ତି, ବାଇଡେନ୍ ଓ ମୁଁ ପୁନଃ ନିର୍ବାଚିତ ହେବା ପାଇଁ ବାହାରିଛୁ। ଆପଣମାନଙ୍କ ସହଯୋଗ ଅପରିହାର୍ଯ୍ୟ।

# ‘ବି’ ସେଟ୍ ପରୀକ୍ଷାର୍ଥୀଙ୍କୁ ୧୭ ମାର୍କ ମିଳିବା ଖବର ମିଥ୍ୟା: ରାମାଶିଷ

## ମାଟ୍ରିକ୍ ସାମାଜିକ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି ପ୍ରସଙ୍ଗ

**କଟକ ଅଫିସ,୨୫।୪:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ମୁଦ୍ରଣଜନିତ ତ୍ରୁଟି ପାଇଁ ସାମାଜିକ ବିଜ୍ଞାନ ‘ବି’ ସେଟ୍ ଛାତ୍ରୀଛାତ୍ରଙ୍କୁ ୧୭ ମାର୍କ ମିଳିବା ନେଇ ସୋସିଆଲ୍ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ହେଲେ ବୋର୍ଡ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ମୁଦ୍ରଣଜନିତ ତ୍ରୁଟି ପାଇଁ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ନମ୍ବର ପ୍ରଦାନ କରାଯାଇଛି। ପ୍ରାୟ ୫,୫୦୦ ପରୀକ୍ଷାର୍ଥୀ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ତ୍ରୁଟି ଟେକ୍ନିକାଲଜନିତ। ଏହା ଯେପରି ପୁନର୍ବାର ନ ହେବ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏହାକୁ ବୋର୍ଡ ସଭାପତି ରାମାଶିଷ ହାଜରା ଖଣ୍ଡନ କରି କହିଛନ୍ତି, ଏଭଳି କୌଣସି ନିଷ୍ପତ୍ତି ବୋର୍ଡ ପକ୍ଷରୁ ନିଆଯାଇନାହିଁ। ପିଲାଙ୍କ ହିତକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନିଆଯିବ। ହେଲେ ୧୭ ମାର୍କ ଦିଆଯିବା ନେଇ ଆମ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏଭଳି ମିଥ୍ୟା ଖବର ପ୍ରଚାର କରାଯାଇ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ହୋଇଥିବା ଅଭିଯୋଗକୁ ବୋର୍ଡ କର୍ତ୍ତୃପକ୍ଷ ପୂର୍ବରୁ ସ୍ୱୀକାର କରିଥିଲେ। ଏହି ତ୍ରୁଟି ପରୀକ୍ଷାର୍ଥୀମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ ସ୍ପଷ୍ଟ କରିଥିଲେ। ଆଉଥରେ ପରୀକ୍ଷା ହେବାର ସମ୍ଭାବନା ନ ଥିବା ସ୍ପଷ୍ଟ କରିଥିବାବେଳେ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ‘ଏ’ ସେଟ୍‌ର ପ୍ରଶ୍ନପତ୍ରର କିଛି ଅଂଶ ‘ବି’ ସେଟ୍‌ରେ ରହି ଯାଇଥିଲା। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କରାଯିବ, ଯେପରି କୌଣସି ଛାତ୍ରୀଛାତ୍ର କମ୍ ମାର୍କ ପାଇବେ ନାହିଁ।

# ଆଜିଠାରୁ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ

## ଯୋଗଦେବେ ୨୭ ଦେଶର ପ୍ରତିନିଧି

- କୋଣାର୍କ ମନ୍ଦିର ପରିଦର୍ଶନର ବ୍ୟବସ୍ଥା
- ଷଷ୍ଠ ଶ୍ରେଣୀରୁ ପାଠ୍ୟକ୍ରମରେ ସାମିଲ ହେବ ଦକ୍ଷତା ବିକାଶ

**ଭୁବନେଶ୍ୱର, ୨୫।୪ (ବ୍ୟୁରୋ)**

ଭୁବନେଶ୍ୱରଠାରେ ବୁଧବାରଠାରୁ ଆରମ୍ଭ ହେବ ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀର ତୃତୀୟ ବୈଠକ। ଏହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଆୟୋଜନ କରିବ। ୨୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ହେବାକୁ ଥିବା ଏହି ବୈଠକରେ ଜି-୨୦ ସଦସ୍ୟ ରାଷ୍ଟ୍ର, ନିମନ୍ତ୍ରିତ ରାଷ୍ଟ୍ର ଏବଂ ଓଇସିଡି, ୟୁନେସ୍କୋ ଓ ୟୁନିସେଫ ଭଳି ସଂଗଠନର ପ୍ରତିନିଧିମାନେ ଯୋଗଦେବେ। ସିଏସ୍ଆଇଆର୍-ଖଣିଜ ଓ ବସ୍ତୁବିଦ୍ୟା ପ୍ରତିଷ୍ଠାନଠାରେ ହେବାକୁ ଥିବା କାର୍ଯ୍ୟଗୋଷ୍ଠୀ ବୈଠକରେ ସେମିନାର ସହ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଇଛି। ବୈଠକର ପ୍ରଥମ ଦିନକୁ ଭାରତ ସରକାରଙ୍କ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁଭାଷ ସରକାର ସମ୍ବୋଧିତ କରିବେ। ବିଭିନ୍ନ ଦେଶ ଓ ଅନ୍ତର୍ଜାତୀୟ ସଂଗଠନରୁ ମିଳିଥିବା ଇନ୍‌ପୁଟ୍ ଆଧାରରେ ଜି-୨୦ ଶିକ୍ଷା ମନ୍ତ୍ରୀମାନଙ୍କ ଘୋଷଣାନାମାର ଜିରୋ ଡ୍ରାଫ୍ଟ ଉପରେ ବିଚାରବିମର୍ଶ କରିବା ଲାଗି ଏହି ମଞ୍ଚ ସହାୟକ ହୋଇପାରିବ। ଏହି ବିଚାରବିମର୍ଶରୁ ମିଳିଥିବା ପରିଣାମ ଓ ସୁପାରିସ ପୁଣେଠାରେ ଜୁନ୍ ୨୨ରେ ହେବାକୁ ଥିବା ବୈଠକରେ ଉପସ୍ଥାପିତ କରାଯିବ ବୋଲି ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ ସଞ୍ଜୟ କେ. ମୂର୍ତ୍ତି ସୂଚନା ଦେଇଛନ୍ତି। ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ବିଦ୍ୟାଳୟ ପାଠ୍ୟକ୍ରମରେ ଦକ୍ଷତା ବିକାଶ ବିଷୟକୁ ସାମିଲ କରିବା ଉପରେ ଆଲୋଚନା କରିଥିଲେ। ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଏହା ସାମିଲ ଥିବାବେଳେ ଖୁବ୍‌ଶୀଘ୍ର ଷଷ୍ଠ ଶ୍ରେଣୀରୁ ଦକ୍ଷତା ବିକାଶ ପାଠ୍ୟକ୍ରମରେ ସାମିଲ ହେବ ବୋଲି କହିଥିଲେ।

ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ଓ ସେମିନାରରେ ୨୭ରୁ ଅଧିକ ଦେଶ ଏବଂ ଅନ୍ତର୍ଜାତୀୟ ସଂଗଠନର ୬୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ। ଏଥିରେ ୟୁନେସ୍କୋ, ନିଯୁକ୍ତି କାର୍ଯ୍ୟ ଗୋଷ୍ଠୀ ବୈଠକ ଏବଂ ଡିଜିଟାଲ ଅର୍ଥବ୍ୟବସ୍ଥା କାର୍ଯ୍ୟଗୋଷ୍ଠୀର ବିଭିନ୍ନ ଉପସ୍ଥାପନା ଉପରେ ଆଲୋଚନା କରାଯିବ। ଏଥିସହ ମଲ୍ଟିମିଡିଆ ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିରେ ଶିଳ୍ପ ଜଗତ, ଶିକ୍ଷାବିତ୍, ଷ୍ଟାର୍ଟଅପ ସଂସ୍ଥାମାନେ ଅଂଶଗ୍ରହଣ କରିବେ। ପ୍ରଦର୍ଶନୀକୁ ସ୍ଥାନୀୟ ପ୍ରତିଷ୍ଠାନ, ଛାତ୍ରୀଛାତ୍ର, ଶିକ୍ଷାବିତ୍ ଓ ଗବେଷକଙ୍କ ପାଇଁ ୨୩ରୁ ୨୫ ଏବଂ ୨୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଖୋଲାଯାଇଛି। ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକର ଭ୍ରମଣ ଉପାଦାନ ଅଧୀନରେ ବିଦେଶୀ ପ୍ରତିନିଧିମାନେ କୋଣାର୍କ ମନ୍ଦିର ପରିଦର୍ଶନ କରିବାର ସୁଯୋଗ ପାଇବେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ବିଦେଶୀ ପ୍ରତିନିଧିଙ୍କ ସମ୍ମୁଖରେ ପାରମ୍ପରିକ କଳା ଓ ହସ୍ତଶିଳ୍ପ ପ୍ରଦର୍ଶିତ କରାଯିବ। ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସଚିବ ଅତୁଲ ତିୱାରୀ ପ୍ରାକ୍ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ପିଆଇବିର ମହାନିର୍ଦ୍ଦେଶକ ଭୂପେନ୍ଦ୍ର କେଂଥୋଲା ସମ୍ମିଳନୀକୁ ପରିଚାଳନା କରିଥିଲେ।

# ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କଲା ଶ୍ରୀମନ୍ଦିର କମିଟି

**ନୂଆଦିଲ୍ଲୀ,୨୫।୪**

ପୁରୀ ଶ୍ରୀମନ୍ଦିର ମାମଲାରେ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ମଙ୍ଗଳବାର ସୁପ୍ରିମକୋର୍ଟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିଛି। ୨୦୧୯ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ଅନୁପାଳନରେ କ'ଣ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ କମିଟି ୩୪ ପୃଷ୍ଠାର ରିପୋର୍ଟରେ ଅଦାଲତଙ୍କୁ ଅବଗତ କରାଇଛି। ଶ୍ରୀମନ୍ଦିରରେ ଭକ୍ତମାନଙ୍କ ଅବାଧ ଦର୍ଶନ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଓ ଉନ୍ନତ ପରିଚାଳନା ପାଇଁ ୨୦୧୯ ନଭେମ୍ବରରେ ସର୍ବୋଚ୍ଚ ଅଦାଲତ ୨୩ଟି ନିର୍ଦ୍ଦେଶ ଦେଇଥିଲେ।

କମିଟି ରିପୋର୍ଟ ଅନୁଯାୟୀ ଶ୍ରୀଜଗନ୍ନାଥ ମନ୍ଦିରର ୬୦,୦୦୦ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି ଓ ଏହା ୩୮,୦୬୧ ଏକର ଜମିର ଅଧିକାର ପତ୍ର ହାସଲ କରିଛି। ରୋଷଘରର ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ଏବଂ ପାରମ୍ପରିକ ପଦ୍ଧତିରେ ରୀତିନୀତି ପାଳନ ଲାଗି ପଦକ୍ଷେପ ନିଆଯାଇଛି। ଏନେଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମେତ ଅନ୍ୟ ପଣ୍ଡିତମାନଙ୍କ ପରାମର୍ଶ ନିଆଯାଉଛି। ମନ୍ଦିର କମ୍ପ୍ଲେକ୍ସରେ ପୁରୁଷ ଓ ମହିଳା ଭକ୍ତମାନଙ୍କ ପାଇଁ ଅଲଗା ପାଇଖାନା ନିର୍ମାଣ ହେଉଛି। ଶ୍ରଦ୍ଧାଳୁମାନଙ୍କ ରହିବା ପାଇଁ ଘର ଓ ଅନ୍ୟାନ୍ୟ ସୁବିଧା କରାଯାଉଛି। ସେବାୟତଙ୍କ ପିଲାମାନଙ୍କ ଶିକ୍ଷା ଲାଗି ୩୨ ଏକର ଜମିରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସ୍ଥାପନ ଲାଗି ନିଷ୍ପତ୍ତି ହୋଇଛି। ଗୁରୁକୁଳ ଚଳାଇବା ପାଇଁ ମୁମ୍ବାଇର ଜିଡି ବିର୍ଲା ମେଡିକାଲ ରିସର୍ଚ୍ଚ ଆଣ୍ଡ୍ ଏଜୁକେଶନ ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷର ସାଙ୍ଗକୁ ଏକ ବୋର୍ଡ ଗଠନ କରାଯାଇଛି।

୨୦୧୮ ଡିସେମ୍ବରରେ ମନ୍ଦିର ଦ୍ୱାର ଖୋଲିବାରେ ବିଳମ୍ବ ପାଇଁ ପ୍ରାରମ୍ଭିକ ତଦନ୍ତ ଆଧାରରେ ୫ ସେବାୟତଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଥିବା କମିଟି ସୁପ୍ରିମକୋର୍ଟଙ୍କୁ ଜଣାଇଛି। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସେବାୟତମାନଙ୍କୁ ପରିଚୟପତ୍ର (ଆଇ-କାର୍ଡ) ଯୋଗାଇଦିଆଯାଇଛି। ୪ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ଲାଗି ପୂର୍ବରୁ ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ସି.ଟି. ରବିକୁମାରଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ଏହାର ନକଲ ଆମିକସ୍ କ୍ୟୁରି ରଞ୍ଜିତ୍ କୁମାରଙ୍କ ନିକଟରେ ମେ' ୧ ପରବର୍ତ୍ତୀ ଶୁଣାଣିର ସପ୍ତାହେ ପୂର୍ବରୁ ଦାଖଲ କରିବାକୁ କହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ଆଦର, ସେହ୍ନ, ସଦିଚ୍ଛା ଦୁଃଖ ଦୂର କରିଦେବ। ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ସତ, ମାତ୍ର ଶନିଙ୍କ କ୍ରୁର ଦୃଷ୍ଟିରୁ ଅର୍ଥ ପ୍ରାପ୍ତି ହେବ ନାହିଁ। ଅଧ୍ୟାପନା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ତଥା ପ୍ରତିଯୋଗିତା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ଶାରୀରିକ ସୁସ୍ଥତା ରହିଲେ ମଧ୍ୟ କର୍ମଜଞ୍ଜାଳ ଦିନଟିକୁ ବ୍ୟସ୍ତତା ମଧ୍ୟରେ ଅତିବାହିତ କରାଇବ। ଆଜି ଦିନଟିରେ ବହୁତଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି। ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟର ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। ସଭାସମିତି, କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ଓ ଆନନ୍ଦ ମିଳିବ।

**ମିଥୁନ** ଆଜି ଆର୍ଥିକ, ସାମାଜିକ ଓ କର୍ମକ୍ଷେତ୍ର ସକାଶେ ଦିନଟି ଶୁଭଙ୍କରୀ ହେବ। ମଧୁର ବ୍ୟବହାର, ସୌଜନ୍ୟ ଓ ସୌହାର୍ଦ୍ଦ୍ୟତା ଦ୍ୱାରା ବ୍ୟକ୍ତିତ୍ୱର ପରିପ୍ରକାଶ ଘଟିବ। ସକାଳୁ ବଳକା କାମକୁ ଶୀଘ୍ର ଶେଷ କରିବା ସକାଶେ ବ୍ୟସ୍ତ ହୋଇପଡ଼ିବେ। ପାରିବାରିକ ସ୍ତରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କର୍କଟ** ଆଜି ଉନ୍ନତ ଚିନ୍ତା, ସୁପରିକଳ୍ପିତ ଯୋଜନା ଏବଂ ପ୍ରତିବନ୍ଧକ ବିହୀନ କାର୍ଯ୍ୟରୁ ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଅଟକି ରହିଥିବା କାମ ସୁରୁଖୁରୁରେ ସମ୍ପନ୍ନ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ହାସଲ କରିବେ। ଆକର୍ଷଣୀୟ ଭାବମୂର୍ତ୍ତି ପଦସ୍ଥ ବ୍ୟକ୍ତି ବିଶେଷ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଦୃତି ଲାଭ କରିବ।

**ସିଂହ** କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନ ନେଇ ପଛେଇ ରହିବେ। ଅତୀତର କେତେକ ଅଶାନ୍ତ ଭାବନା ମନକୁ ଅସ୍ଥିର କରି ରଖିପାରେ। ଅବଶ୍ୟ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଚିହ୍ନା ପଡ଼ିବାକୁ ପସନ୍ଦ କରିବେ ନାହିଁ। କର୍ମକ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିଲେ ମଧ୍ୟ ସାଧାରଣ ଝଟକାରୁ ବାଦ୍ ପଡ଼ିବ ନାହିଁ।

**କନ୍ୟା** କର୍ମକ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ି ପାରନ୍ତି। ମିତବ୍ୟୟିତା ଗୁଣ ଅବଲମ୍ବନ କରି ଅନାବଶ୍ୟକ ଜିନିଷଠାରୁ ଦୂରେଇ ରହିବାକୁ ପସନ୍ଦ କରିବେ। ପାରିବାରିକ ସ୍ଥିତି ଭଲ ନ ରହିଲେ ମଧ୍ୟ ଗୁରୁତର ଆକାର ଧାରଣ କରିବ ନାହିଁ। ସମ୍ପର୍କୀୟମାନେ ପଛରେ ଶ୍ରୁତିକଟୁ କଥା କହିପାରନ୍ତି।

**ତୁଳା** ଦୀର୍ଘ ଦିନରୁ ରହିଥିବା ରୋଗର ପ୍ରାଦୁର୍ଭାବ ଆଜି ଦେଖିବାକୁ ମିଳିପାରେ। କିଛି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁଟି ଠିକଣା ସମୟରେ ବିଭିନ୍ନ ଆଳ ଦେଖାଇ ଦୂରେଇ ରହିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଉପରିସ୍ଥ ଅଫିସର ଭୁଲ୍ ବୁଝିପାରନ୍ତି। ବାଣିଜ୍ୟ, ପରିବହନରେ ବିଭିନ୍ନ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ପରିବାରର ବ୍ୟତିକ୍ରମକୁ ସୁଧାରି ନେବାରେ ସଫଳ ହେବା ଦୁରୂହ ହୋଇପଡ଼ିବ। ମନର ଦୁଃଖକୁ ମନ ଭିତରେ ଲୁଚାଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ମାନସିକ ସନ୍ତୁଳନ ହରାଇବା କାରଣରୁ ଦିନଟି ବିଶେଷ ଉପଭୋଗ୍ୟ ନ ହୋଇପାରେ। କିଣାବିକା କ୍ଷେତ୍ରରେ ସତର୍କ ନ ରହିଲେ ଠକାମିରେ ପଡ଼ିପାରନ୍ତି।

**ଧନୁ** ପ୍ରତିକୂଳ ସମୟ ହେତୁ ନିଜର ବିଶୃଙ୍ଖଳିତ ବିଚାରଧାରା ବିଷମ ପରିସ୍ଥିତି ସୃଷ୍ଟି କରିପାରେ। ସନ୍ଦେହ, ଅବିଶ୍ୱାସ ଓ ଭୁଲ୍ ବୁଝାମଣା ହେତୁକ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ନ ରହିପାରେ। କିନ୍ତୁ ଆଧ୍ୟାତ୍ମିକତା, ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଆର୍ଥିକ, ସାମାଜିକ, ସୃଜନାତ୍ମକ କାମରେ ଉନ୍ନତମାନର ଫଳ ମିଳିବ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ କ୍ଷେତ୍ର ଭଲ ରହିବ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଏବଂ ଆନୁଷଙ୍ଗିକ ସୁବିଧା ଓ ସୁଯୋଗ ପାଇପାରିବେ। ସହକର୍ମୀଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କରଣ ହୋଇପାରେ। ବକେୟା ଅର୍ଥକୁ ଯୁକ୍ତିତର୍କ ମାଧ୍ୟମରେ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ପ୍ରତ୍ୟେକ କାମ ମନ୍ଥର ଗତିରେ ହେଉଥିବାରୁ ସାମାନ୍ୟ ବିରକ୍ତ ହେବେ। ପାରିବାରିକ ଓ କର୍ମକ୍ଷେତ୍ର ସୁନ୍ଦର ଓ ସାବଲୀଳ ରହି ପ୍ରୀତିପ୍ରଦ ହେବ। ଦୀର୍ଘ ଦିନରୁ ଚିନ୍ତା କରୁଥିବା ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଧାତୁ ଅଳଙ୍କାରାଦି କ୍ରୟ କରିବାର ସୁଯୋଗ ଜୁଟିବ। ଶିଳ୍ପ, ବ୍ୟବସାୟରେ ସମସ୍ୟା ସମାଧାନ ପୂର୍ବକ ଉନ୍ନତି ପରିଲକ୍ଷିତ ହେବ।

**ମୀନ** ଆପଣଙ୍କ ବାସ୍ତବବାଦୀ ଚିନ୍ତାଧାରା ଓ ରୋକ୍‌ଠୋକ୍ କଥାକୁ ବିଜ୍ଞ ବ୍ୟକ୍ତିଙ୍କ ଗ୍ରହଣୀୟ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ମିଥ୍ୟାବାଦିନୀ ଦୋଷାରୋପ ଲଗାଇପାରନ୍ତି। ସଭାସମିତିରେ ସହମତି ମାଧ୍ୟମରେ କାମ କରିପାରିବାରେ ଅସୁବିଧା ରହିବ ନାହିଁ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିପାରନ୍ତି।

ଆଜି ବୈଶାଖ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର, ଏପ୍ରିଲ ୨୬ ତାରିଖ, ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୪ମି. ଗତେ ଘ.୦୭.୦୬ମି. ମଧ୍ୟେ, ଘ.୧୦.୦୯ମି. ଗତେ ଘ.୧୧.୧୯ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୪ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

## ରାଜ୍ୟ ସରକାରଙ୍କୁ...

ପ୍ରଥମ ପୃଷ୍ଠାରୁ...

ସୂଚନା ଅଧିକାରୀ କର୍ମୀ ଦିଲୀପ ବରାଳ ଗତ ୧୯ ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ନଂ.୧୨୪୩୨/୨୩) ରୁଜୁ କରିଥିଲେ। ଏଥିରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି। ୨୦୧୮ ଏପ୍ରିଲ୍ ୪ ତାରିଖରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଯାଞ୍ଚ ସମୟରେ ଏହାର ସ୍ଥିତି ଦୁର୍ବଳ ଥିବାନେଇ ଜଣାପଡ଼ିଥିଲା। ରତ୍ନଭଣ୍ଡାର ତୁରନ୍ତ ମରାମତି ଓ ସଂରକ୍ଷଣ କରାଯିବା ନେଇ ଯାଞ୍ଚ ରିପୋର୍ଟରେ ଉଲେଖ କରାଯାଇଥିଲା। ଚାବି ହଜିବା ନେଇ ତଦନ୍ତ କମିଶନ ବସିବା ପରଠାରୁ ରତ୍ନଭଣ୍ଡାର ପ୍ରସଙ୍ଗକୁ ସରକାର ଅଣ ଦେଖା କରୁଛନ୍ତି। ରତ୍ନ ଭଣ୍ଡାର ମରାମତି କରୁନାହାନ୍ତି। ରତ୍ନ ଅଳଙ୍କାର ଗଣତି ଓ ମଣତି କରୁନାହାନ୍ତି, ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହେଉଛି। ଏପରିକି ଦିନକୁ ଦିନ ରତ୍ନଭଣ୍ଡାର ସ୍ଥିତି ଦୁର୍ବଳ ହେଉଛି। ତଦନ୍ତ ରିପୋର୍ଟ ସାର୍ବଜନୀନ, ରତ୍ନାଭଣ୍ଡାର ମରାମତି ଓ ଗଣତି କରିବା ପାଇଁ ବରାଳ ୨୦୨୧ ଅକ୍ଟୋବର ୨୨ ଏବଂ ଡିସେମ୍ବର ୪ ତାରିଖରେ ସରକାରଙ୍କୁ ଚିଠି ଲେଖିଥିଲେ। ମାତ୍ର ସରକାର କୌଣସି ପଦକ୍ଷପ ନ ନେବାରୁ ବରାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ପୂର୍ବରୁ ସରକାର ବାରମ୍ବାର ହାଇକୋର୍ଟଙ୍କୁ ଭ୍ରମାତ୍ମକ ତଥ୍ୟ ଦେଇ ସମୟ ନେଉଥିବା ବେଳେ ଏଥର ଏଭଳି ନ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ନିୟମ ଅନୁଯାୟୀ ପ୍ରତ୍ୟେକ ୩ ବର୍ଷରେ ଥରେ ରତ୍ନଭଣ୍ଡାର ଯାଞ୍ଚ ହେବାର ନିୟମ ରହିଛି। ମାତ୍ର ଗତ ୩୭ ବର୍ଷ ହେବ ଭିତର ରତ୍ନଭଣ୍ଡାର ଖୋଲା ଯାଇନାହିଁ। ତେଣୁ ରତ୍ନଭଣ୍ଡାର ଖୋଲାଯାଇ ରତ୍ନଭଣ୍ଡାର ଯାଞ୍ଚ, ମରାମତି କରିବା ନେଇ ସାଧାରଣରେ ଦାବି ହେଉଛି।

## ଛାତ୍ରୀଛାତ୍ରଙ୍କ ସଫଳତା...

କହିଛନ୍ତି, ଟେକ୍ନୋଲୋଜି ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ୍ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରିର ବିକାଶ କରାଯାଇଛି। ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ। ଏସବୁ କାମରେ ପ୍ରତି ସ୍ତରରେ ସ୍ୱଚ୍ଛତା ବା ଟ୍ରାନ୍ସପରେନ୍ସି ରକ୍ଷା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ଆଲୋଚନା କରାଯାଇ କାମ ହେଉଛି। ସ୍ୱଚ୍ଛତା ୫-ଟିର ସବୁଠାରୁ ବଡ଼ ଶକ୍ତି। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ୫-ଟି ରୂପାନ୍ତର ସମ୍ପର୍କରେ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ସହ ମତ ବିନିମୟକରି ସେମାନେ ଭବିଷ୍ୟତରେ କ'ଣ ହେବାକୁ ଚାହାନ୍ତି ବୋଲି ପଚାରିବାରୁ, ସେମାନେ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ଇଞ୍ଜିନିୟର ହେବେ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ଉପବାଚସ୍ପତି ରଜନୀକାନ୍ତ ସିଂ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ପାଟଣା ବିଧାୟକ ଜଗନ୍ନାଥ ନାୟକ ପ୍ରମୁଖ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚ ପ୍ରଶଂସା କରିଥିଲେ। ପିଲାଙ୍କ ସହିତ ଆଲୋଚନାରେ ଭାଗ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ, ମୁଖ୍ୟମନ୍ତ୍ରୀ ସରକାରୀ ସ୍କୁଲର ପିଲାଙ୍କ ପାଇଁ କେବଳ ଉନ୍ନତ ଶିକ୍ଷା ବ୍ୟବସ୍ଥା କରିନାହାନ୍ତି, ଏହାସହ ସେମାନଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆସନ୍ତା ୬ ମାସରେ ରାଜ୍ୟର ସବୁ ସ୍କୁଲକୁ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ କହିଥିଲେ। ୩ଟି ପର୍ଯ୍ୟାୟରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ସଫଳତା ପାଇଁ ସେ ଜିଲାସ୍ତରରେ କାମ କରୁଥିବା ଟିମ୍‌ଗୁଡ଼ିକୁ ଧନ୍ୟବାଦ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଛନ୍ତି। ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବ୍ରିଜ୍‌ଭୂଷଣଙ୍କ ନାଁରେ...

ଶରଣ ସିଂଙ୍କ ବିରୋଧରେ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ କରିଥିବା ଅଭିଯୋଗ ଆଣିଥିଲେ। ଏପରି କି ୨୦୨୧ରେ ଆୟୋଜିତ ଏକ ରେସ୍‌ଲିଂ ଟୁର୍ନାମେଣ୍ଟ ବେଳେ ସେ ଜଣେ କୁସ୍ତିଯୋଦ୍ଧାଙ୍କୁ ମଞ୍ଚ ଉପରେ ଚାପୁଡ଼ା ମାରିଥିବା ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଥିଲା। ବ୍ରିଜ୍‌ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ତାଙ୍କୁ ଡବ୍ଲ୍ୟୁଏଫ୍ଆଇ ଅଧ୍ୟକ୍ଷ ପଦରୁ ହଟାଇବା ଦାବିରେ ପ୍ରାୟ ୨୦୦ କୁସ୍ତିଯୋଦ୍ଧା ଚଳିତ ବର୍ଷ ଆରମ୍ଭରେ ଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିବାଦ ଘନେଇବାରୁ ଏହି ପ୍ରସଙ୍ଗରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ହସ୍ତକ୍ଷେପ କରିଥିଲା। ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ଗତ ଜାନୁୟାରୀ ୧୯ରେ କୁସ୍ତିଯୋଦ୍ଧାମାନଙ୍କ ସହ ଆଲୋଚନା କରି ତଦନ୍ତ କମିଟି ଗଠନ କରିଥିଲେ। କିନ୍ତୁ ୩ ମାସର ଅପେକ୍ଷା ପରେ ମଧ୍ୟ କିଛି ସୁଫଳ ନ ମିଳିବାରୁ କୁସ୍ତିଯୋଦ୍ଧାମାନେ ଯନ୍ତରମନ୍ତରଠାରେ ରବିବାରଠାରୁ ପୁଣି ଧାରଣା ଦେଇଛନ୍ତି। ସେମାନଙ୍କ କହିବା ହେଲା, ଏପ୍ରିଲ ୨୧ରେ ମହିଳା କୁସ୍ତିଯୋଦ୍ଧାମାନେ କେନ୍ଦ୍ରୀୟ ଦିଲ୍ଲୀର କନଟ ଥାନାକୁ ଏତଲା ଦେବା ପାଇଁ ଯାଇଥିଲେ। ପୋଲିସ ସେମାନଙ୍କ ଏତଲା ଗ୍ରହଣ କରିଥିଲା, କିନ୍ତୁ ଏଫ୍ଆଇଆର୍ କପି ୩ ଘଣ୍ଟା ପର୍ଯ୍ୟନ୍ତ ଦେଇ ନ ଥିଲା। ଅଭିଯୋଗକାରିଣୀମାନଙ୍କ ପ୍ରତି ପୋଲିସର ବ୍ୟବହାର ଚକିତ କରିଦେବା ଭଳି ଥିଲା। ଏଭଳି ଆଭିମୁଖ୍ୟ ଘୋର ଅନ୍ୟାୟ ଓ ସେମାନଙ୍କ ମୌଳିକ ମାନବାଧିକାରଗୁଡ଼ିକର ଖୋଲା ଉଲ୍ଲଂଘନ। ଏନେଇ ୭ ମହିଳା କୁସ୍ତିଯୋଦ୍ଧା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଦିଲ୍ଲୀ ପୋଲିସର ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ଆଇନାନୁସାରେ ଏଫ୍ଆଇଆର୍ ହେବା କଥା। କିନ୍ତୁ ମାମଲା ରୁଜୁ କରିବା ପରିବର୍ତ୍ତେ ପୋଲିସ କର୍ମଚାରୀମାନେ ଅଭିଯୋଗପତ୍ରର ଫଟୋ ଉଠାଇ ଲୋକଙ୍କ ନିକଟକୁ ପଠାଉଥିଲେ। ୩ ଦିନ ହେଲା ପୋଲିସ କିଛି କରୁନାହିଁ। ଯଦି ତଦନ୍ତ କମିଟି ବ୍ରିଜ୍‌ଭୂଷଣଙ୍କୁ କ୍ଲିନ୍‌ଚିଟ୍ ଦେଇଛି, ତେବେ ତାକୁ ସାର୍ବଜନୀନ କରାଯିବା ଉଚିତ। କିନ୍ତୁ ଅନୁରୋଧ ସତ୍ତ୍ୱେ କ୍ରୀଡ଼ା ମନ୍ତ୍ରଣାଳୟ ଓଭରସାଇଟ୍ କମିଟିର ଉକ୍ତ ରିପୋର୍ଟକୁ ସାର୍ବଜନୀନ କରୁନାହିଁ। ତେଣୁ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଆବେଦନକାରିଣୀମାନେ ନିବେଦନ କରିଛନ୍ତି।

ମେଡାଲ ବିଜେତା ଓ ବିକ୍ଷୋଭରତ କୁସ୍ତିଯୋଦ୍ଧାମାନଙ୍କ ଅଭିଯୋଗକୁ ମଙ୍ଗଳବାର ସୁପ୍ରିମକୋର୍ଟ ଗମ୍ଭୀରତା ସହ ନେଇଛନ୍ତି। ଡବ୍ଲ୍ୟୁଏଫ୍ଆଇ ମୁଖ୍ୟ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅଦ୍ୟାବଧି କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ବୋଲି ଦିଲ୍ଲୀ ପୋଲିସକୁ ପ୍ରଶ୍ନ କରିଛନ୍ତି। ୭ ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏଫ୍ଆଇଆର୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ପ୍ରଥମେ ଏହାର ଶୁଣାଣି ଆସନ୍ତା ଶୁକ୍ରବାର କରିବାକୁ ସ୍ଥିର କରିଥିଲେ। ତେବେ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କ ଯୁକ୍ତି ଶୁଣିବା ପରେ ମାମଲାର ତତ୍କାଳ ବିଚାର ପାଇଁ ନିଷ୍ପତ୍ତି ନେଲେ। ସିବଲ କହିଥିଲେ, ଜଣେ ନାବାଳିକାଙ୍କ ସମେତ ୭ ଅଭିଯୋଗକାରିଣୀ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିବା ସତ୍ତ୍ୱେ ପୋଲିସ ଏଫ୍ଆଇଆର୍ ରୁଜୁ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି କି କମିଟି ରିପୋର୍ଟ ମଧ୍ୟ ସାର୍ବଜନୀନ କରାଯାଇ ନାହିଁ। ଏଭଳି ଗମ୍ଭୀର ଅଭିଯୋଗକୁ ନେଇ ଏଫ୍ଆଇଆର୍ ପଞ୍ଜୀକରଣ ନ କରିବା ଅଭିଯୋଗରେ ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ଚାଲିପାରିବ। ଏହା ଉପରେ ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ନୋଟିସ କରିବା ସହ ଶୁକ୍ରବାର ପରବର୍ତ୍ତୀ ଶୁଣାଣି ପାଇଁ ରାଜି ହୋଇଛନ୍ତି। ଅନ୍ୟପକ୍ଷେ ପୂର୍ବରୁ ଅଭିଯୋଗକୁ ଖଣ୍ଡନ କରିଆସିଥିବା ବ୍ରିଜ୍‌ଭୂଷଣ ଏବେ ମାମଲା ସୁପ୍ରିମକୋର୍ଟକୁ ଯାଇଥିବାରୁ ଏନେଇ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

## ପ୍ରକାଶ ସିଂ...

ଝିଅ ପରନୀତ କୌର ରହୁଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ୨୦୨୨ ପର୍ଯ୍ୟନ୍ତ ନିର୍ବାଚନୀ ରାଜନୀତିରେ ସକ୍ରିୟ ରହିଥିବା ବାଦଲ ହେଉଛନ୍ତି ଦେଶର ସର୍ବବରିଷ୍ଠ ପ୍ରାର୍ଥୀ। ସେ ତ୍ରୟୋଦଶ ଥର ପାଇଁ ବିଧାନସଭା ନିର୍ବାଚନ ଲଢ଼ି ଏଏପି ପ୍ରାର୍ଥୀ ଗୁରମିତ୍ ସିଂ ଖୁଡିଆନଙ୍କଠାରୁ ହାରିଯାଇଥିଲେ। ଏହା ପରେ ସେ କ୍ୱଚିତ୍ ରାଜନୀତିରେ ସକ୍ରିୟ ରହିଥିଲେ। ବାଦଲ ରାଜନୀତି କ୍ୟାରିୟରରେ ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି। ୧୯୫୨ରେ ସେ ସର୍ବକନିଷ୍ଠ ସରପଞ୍ଚ ନିର୍ବାଚିତ ହୋଇଥିଲେ। ସେହିପରି ୧୯୭୦ରେ ସେ ପଞ୍ଜାବର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୨ରେ ସେ ଥିଲେ ସର୍ବବରିଷ୍ଠ ମୁଖ୍ୟମନ୍ତ୍ରୀ। ସେ ୫ ଥର ମୁଖ୍ୟମନ୍ତ୍ରୀ ରହିଥିଲେ। ଗୋଟିଏ ଥର ଲୋକ ସଭାକୁ ନିର୍ବାଚିତ ହୋଇ ସେ ସ୍ୱଳ୍ପ ସମୟ ପାଇଁ କେନ୍ଦ୍ରରେ କୃଷିମନ୍ତ୍ରୀ ହୋଇଥିଲେ।

# ନିୟମିତ ଉଲ୍ଲଂଘନକାରୀ ଗଣିବେ ଅଧିକ ବୀମା ରାଶି

### ପରିବହନ ମନ୍ତ୍ରଣାଳୟ ସଚିବଙ୍କୁ ରାଜ୍ୟ ପରିବହନ ସଚିବଙ୍କ ଚିଠି

ଭୁବନେଶ୍ୱର, ୨୫।୪(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଉ ନାହିଁ। ଏହାକୁ କମାଇବା ଲାଗି ରାଜ୍ୟ ସରକାର ଯେତେ ପ୍ରକାର ଉଦ୍ୟମ କରୁଛନ୍ତି ସେସବୁ ବାରମ୍ବାର ବିଫଳ ହେଉଛି। ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ଗତ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ପାଳନ କରାଯାଇଥିଲା। ଏଥିଲାଗି ସବୁ ଆର୍‌ଟିଓ ଏବଂ ପୋଲିସ ଅଧିକାରୀମାନେ ରାସ୍ତାରେ ଟ୍ରାଫିକ୍ ନିୟମ ଖିଲାପକାରୀଙ୍କ ବିରୋଧରେ ଯାଞ୍ଚ କଡ଼ାକଡ଼ି କରିଥିଲେ। ଏହା ଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଯଦିଓ ହ୍ରାସ ପାଇଥିଲା, ହେଲେ ପରିବହନ ବିଭାଗର ଏହି ମିଶନ ସଫଳ ହୋଇପାରିଲା ନ ଥିଲା। ତେଣୁ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଆଉ ଏକ ନୂଆ ପଦକ୍ଷେପ ଗ୍ରହଣ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ନିୟମିତ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ଅଧିକ ବୀମା ଅର୍ଥ ଆଦାୟ କରିବାକୁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ଏନେଇ ଏକ ପ୍ରସ୍ତାବ ରାଜ୍ୟ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ କେନ୍ଦ୍ର ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ସଚିବ ଅନୁ ଜେନ୍‌ଙ୍କୁ ମଙ୍ଗଳବାର ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି।

ସଚିବ ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ସଡ଼କ ଦୁର୍ଘଟଣା ଯୋଗୁ ଦେଶରେ ପ୍ରତିବର୍ଷ ଦେଢ଼ ଲକ୍ଷ ଲୋକଙ୍କ ଜୀବନହାନି ଘଟୁଛି। ବହୁ ଲୋକ ଦୁର୍ଘଟଣାରେ ଅକର୍ମଣ୍ୟ ହୋଇଯାଉଛନ୍ତି। ଏପରି କି ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କ ପରିବାର ଆର୍ଥିକ ସମସ୍ୟା ଏବଂ ମାନସିକ ଚାପ ମଧ୍ୟକୁ ଠେଲି ହୋଇଯାଉଛନ୍ତି। ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସବୁବେଳେ ଅଗ୍ରାଧିକାର ଦେଇଆସିଛନ୍ତି। ସୁପ୍ରିମକୋର୍ଟ କମିଟି ପକ୍ଷରୁ ଗଠନ କରାଯାଇଥିବା ଅଡିଟ୍ ଟିମ୍‌ର ରିପୋର୍ଟ ମୁତାବକ ଓଡ଼ିଶା ସଡ଼କ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ଭଲ ପ୍ରଦର୍ଶନ କରିଥିବା ରାଜ୍ୟ। ଏହି ଅଡିଟ୍ ଅନୁଯାୟୀ ଓଡ଼ିଶାକୁ ସଡ଼କ ସୁରକ୍ଷା ନେଇ ୬୭% ମାର୍କ ମିଳିଛି। ଏହାଛଡ଼ା ଓଡ଼ିଶା ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ନେଇ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉଚ୍ଚକୋଟିର ଏବଂ ଏହାକୁ ଅନ୍ୟ ରାଜ୍ୟଗୁଡ଼ିକ ଅନୁକରଣ କରିବା ପାଇଁ ଉକ୍ତ ଅଡିଟ୍ ଟିମ୍ ପକ୍ଷରୁ କୁହାଯାଇଛି। ନିୟମିତ ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ଅଧିକ ସଚେତନ କରିବା ଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା କାଉନ୍‌ସିଲ୍ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଯେଉଁମାନେ ନିୟମିତ ଭାବେ ଟ୍ରାଫିକ୍ ନିୟମର ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ଅଧିକ ବୀମା ରାଶି ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି।

ଗତ ମାର୍ଚ୍ଚ ୩୦ରେ ପରିବହନ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏନେଇ ଜେନେରାଲ ବୀମା କମ୍ପାନୀଗୁଡ଼ିକ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୀମା କମ୍ପାନୀଗୁଡ଼ିକ ମଧ୍ୟ ସଡ଼କ ସୁରକ୍ଷା ଲାଗି ଯାହାସବୁ ସହଯୋଗ ଦରକାର ତାହା ଲାଗୁ କରିବେ ବୋଲି ସହମତି ପ୍ରକାଶ କରିଛନ୍ତି। ଦେଶର ଅନେକ ରାଜ୍ୟ ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିଛନ୍ତି। ବାହନ ଏବଂ ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ୍ ଡେଭଲପ୍‌ମେଣ୍ଟ ଅଥରିଟି (ଆଇଆର୍‌ଡିଏ)ର ତଥ୍ୟ ଅନୁଯାୟୀ ଯେଉଁମାନେ ଟ୍ରାଫିକ ନିୟମ ନିୟମିତ ଭାବେ ଉଲ୍ଲଂଘନ କରୁଛନ୍ତି ସେମାନଙ୍କୁ ଚିହ୍ନଟ କରାଯିବ। ସେମାନଙ୍କଠାରୁ ବୀମା ନବୀକରଣ ସମୟରେ ଅଧିକ ରାଶି ଆଦାୟ କରାଯିବ। ସେହି ଅଧିକ ବୀମା ଅର୍ଥ ରାଜ୍ୟ ସରକାର ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚ କରାଯିବ। ଏ ସମ୍ପର୍କୀୟ ଅଧିକ ନିଷ୍ପତ୍ତି ରାଜ୍ୟ ସରକାର ପରବର୍ତ୍ତୀ ସମୟରେ ନେବେ ବୋଲି ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ନିଜ ବନ୍ଧୁକରୁ ଗୁଳିଫୁଟି ସିଆର୍‌ପିଏଫ୍ ଅଧିକାରୀଙ୍କ ମୃତ୍ୟୁ

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୨୫।୪



ସୁନୀଲ କୁମାର

ରାୟଗଡ଼ା ଇନ୍ଦିରା ନଗରସ୍ଥିତ ସିଆର୍‌ପିଏଫ୍ ଚତୁର୍ଥ ବାଟାଲିୟନ ହେଡ୍ କ୍ୱାର୍ଟର୍ସରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ନିଜ ସର୍ଭିସ ରିଭଲଭର (ଏକେ-୪୭)ରୁ ଗୁଳି ଫୁଟି ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ସୁନୀଲ କୁମାର(୫୪)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଛାତିରେ ଗୁଳି ବାଜିଛି। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ସୁନୀଲ ଆତ୍ମହତ୍ୟା କରିଛନ୍ତି କି ଅସାବଧାନତାରୁ ଗୁଳି ଫୁଟି ମୃତ୍ୟୁ ହୋଇଛି ସେ ନେଇ ସିଆର୍‌ପିଏଫ୍ କିମ୍ବା ଜିଲା ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

ବିହାରର ସୀତାମାଢ଼ି ଜିଲା ବାଲ୍‌ହା ଗ୍ରାମର ସୁନୀଲ ୬ ମାସ ତଳେ ଝାଡ଼ଖଣ୍ଡରୁ ବଦଳି ହୋଇ ରାୟଗଡ଼ା ସିଆର୍‌ପିଏଫ ହେଡ୍‌କ୍ୱାର୍ଟର୍ସରେ ସେକେଣ୍ଡ-ଇନ୍-କମାଣ୍ଡାଣ୍ଟ ଭାବେ ନିଯୁକ୍ତ ହୋଇଥିଲେ। ରାୟଗଡ଼ାରେ ରହିବା ମଧ୍ୟରେ ୩ ମାସ ବିଭିନ୍ନ ରାଜ୍ୟକୁ ନିର୍ବାଚନ ଡ୍ୟୁଟିରେ ଯାଇ କିଛିଦିନ ହେଲା ହେଡ୍‌କ୍ୱାର୍ଟର୍ସକୁ ଫେରିଥିଲେ। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ସୁନୀଲ ନିଜ କାର୍ଯ୍ୟାଳୟରେ ଥିବା ସମୟରେ ଗୁଳି ଫୁଟିବା ଶବ୍ଦ ହୋଇଥିଲା। ଏହାଶୁଣି କେତେଜଣ ଅଧିକାରୀ ସେଠାକୁ ଦୌଡ଼ି ଯାଇଥିଲେ। ଛାତିରେ ଗୁଳିବାଜି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁନୀଲ ଟଳି ପଡ଼ିଥିବା ଓ ପାଖରେ ଏକେ-୪୭ ଥିବା ଦେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସିଆର୍‌ପିଏଫ୍ ଅଧିକାରୀମାନେ ତୁରନ୍ତ ଏ ସମ୍ପର୍କରେ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା, ଏସ୍‌ଡିପିଓ ଦେବଜ୍ୟୋତି ଦାସ, ସିଆର୍‌ପିଏଫ କମାଣ୍ଡାଣ୍ଟ ମନୋଜ କୁମାର ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଚତୁର୍ଥ ବାଟାଲିୟନ କ୍ୟାମ୍ପରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଶରୀରର ଆଉ କୌଣସି ସ୍ଥାନରେ ଗୁଳି ବାଜିଛି କି ନାହିଁ ଜାଣିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଏକ୍ସ-ରେ କରାଯିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସୂଚନାଯୋଗ୍ୟ, ସୁନୀଲ ପରିବାର ସହିତ ରାୟଗଡ଼ାଠାରେ ରହୁଥିଲେ। ସ୍ତ୍ରୀ ପାଖରେ ଥିବାବେଳେ ପୁଅ ବାହାରେ ରହି ପାଠ ପଢୁଛନ୍ତି। ମୃତଦେହକୁ ସୁନୀଲଙ୍କ ନିଜ ଗ୍ରାମକୁ ପଠାଇବା ପାଇଁ ସିଆର୍‌ପିଏଫ୍ ବ୍ୟବସ୍ଥା କରିଛି।

## ସ୍ତ୍ରୀ ପ୍ରେମିକଙ୍କ ତଣ୍ଟି କାଟି ସ୍ୱାମୀ ଗିରଫ

ପାଟଣା,୨୫।୪(ସ୍ୱ.ପ୍ର.): ପରକୀୟା ପ୍ରୀତି ସନ୍ଦେହ କରି କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ନୂଆସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କ ପ୍ରେମିକଙ୍କ ତଣ୍ଟି କାଟି ଦେବା ଅଭିଯୋଗରେ ସ୍ୱାମୀଙ୍କୁ ତୁରୁମୁଙ୍ଗା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବାରିଆ ଥାନା ଅଧୀନ ଜଜପଶି ଅଞ୍ଚଳର ଚିନ୍ମୟ ମୁଣ୍ଡା(୩୨)। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୫୭/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ନୂଆସାହିର ଭାଗୀରଥି ମୁଣ୍ଡା ନାମକ ଯୁବକ ସୋମବାର ଅପରାହ୍ନରେ ଘର ବାରଣ୍ଡାରେ ଖଟରେ ଶୋଇଥିଲେ। ଚିନ୍ମୟ ଏକ ବାଇକ୍‌ରେ ଆସି ଧାରୁଆ ବ୍ଲେଡ୍‌ରେ ଭାଗୀରଥିଙ୍କ ତଣ୍ଟି କାଟି ଦେଇ ଫେରାର ହୋଇଯାଇଥିଲେ। ପୋଲିସ ସୋମବାର ରାତିରେ ତୁରୁମୁଙ୍ଗା ବଜାରରୁ ତାଙ୍କୁ ଗିରଫ କରିଥିଲା। ଭାଗୀରଥି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଭାଗୀରଥି ୨ ମାସ ତଳେ ଚିନ୍ମୟଙ୍କ ସ୍ତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ନେଇ ପଳାଇ ଯାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ଏଭଳି କାଣ୍ଡ ଘଟାଇଥିବା ନେଇ ଚିନ୍ମୟ ପୋଲିସ ଆଗରେ ସ୍ୱୀକାର କରିଥିବା ଏସ୍‌ଆଇ ଯମୁନା ମାରାଣ୍ଡି କହିଛନ୍ତି।

# ପିଲାଙ୍କ ବହି ବିକିବା ଘଟଣା: ସିଆର୍‌ସିସି ନିଲମ୍ବିତ

### ଭୀମପଡ଼ା ସିଆର୍‌ସିସିଙ୍କୁ ଅତିରିକ୍ତ ଦାୟିତ୍ୱ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୫।୪(ଡି.ଏନ୍.ଏ.)

କବାଡ଼ିଆଙ୍କୁ ପିଲାଙ୍କ ବହି ବିକ୍ରି କରିବା ଘଟଣାରେ ମଙ୍ଗଳବାର ଖୋର୍ଦ୍ଧା ଜିଲା ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧୀନ ଦେଉଳି କ୍ଲଷ୍ଟରର ସିଆର୍‌ସିସି ମନମୋହନ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ଏଥିସହ ତାଙ୍କୁ ପୂର୍ବ କାର୍ଯ୍ୟସ୍ଥଳୀ ତାଳତୁମ୍ବସ୍ଥିତ ପଶ୍ଚିମଦେବ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପଠାଇ ଦିଆଯାଇଛି। ଭୀମପଡ଼ା ସିଆରସିସି ରବୀନ୍ଦ୍ର ନାଥ ବେହେରାଙ୍କୁ ଦେଉଳି କ୍ଲଷ୍ଟର ପରିଚାଳନା ନିମନ୍ତେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ଘଟଣାର ବିଭାଗୀୟ ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଡ.ନିରଞ୍ଜନ ମହାନ୍ତି କହିଛନ୍ତି।



ସିଆର୍‌ସିସି ମନମୋହନ ମିଶ୍ର

ପ୍ରକାଶ ଯେ, ଦେଉଳି ସତ୍‌ମାର୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରସ୍ଥ କ୍ଲଷ୍ଟର କାର୍ଯ୍ୟାଳୟକୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ବହିକୁ ସୋମବାର ସିଆର୍‌ସିସି ମନମୋହନ କବାଡ଼ିଆଙ୍କୁ ବିକ୍ରି କରୁଥିଲେ। ଏହି ସମୟରେ କେତେଜଣ ଗ୍ରାମବାସୀ ପହଞ୍ଚି ବହି ବିକ୍ରିକୁ ବିରୋଧ କରିବା ସହ ସିଆର୍‌ସିସି ଓ କବାଡିଆଙ୍କୁ ଅଟକ ରଖିଥିଲେ। ଖବରପାଇ ପଞ୍ଚାୟତ ସମିତିସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ପହଞ୍ଚି ଘଟଣା ସମ୍ପର୍କରେ ବିଇଓଙ୍କୁ ଟେଲିଫୋନ ମାଧ୍ୟମରେ ଜଣାଇଥିଲେ। ବିଇଓ ଅନ୍ୟ କାମରେ ବାହାରେ ଥିବାରୁ ଏବିଇଓ ସିଦ୍ଧେଶ୍ୱର ସାହୁ ଏବଂ କୈଳାସ ନାଥ ସ୍ୱାଇଁଙ୍କୁ ଘଟଣାର ତଦନ୍ତ ପାଇଁ ପଠାଇଥିଲେ। ଉଭୟେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବହି ବିକ୍ରି ପାଇଁ ଉଦ୍ୟମ ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଦୁଇ ଏବିଇଓ ବହିଗୁଡ଼ିକ ଜବତ କରିବା ସହ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇ ଗ୍ରାମବାସୀଙ୍କଠାରୁ ସିଆର୍‌ସିସି ମନମୋହନ ଓ କବାଡିଆଙ୍କୁ ମୁକୁଳାଇଥିଲେ। ମଙ୍ଗଳବାର ବିଇଓ ମହାନ୍ତି ଦୁଇ ଏବିଇଓଙ୍କ ପ୍ରାଥମିକ ରିପୋର୍ଟ ଓ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ସିଆର୍‌ସିସି ମନମୋହନଙ୍କୁ ନିଲମ୍ବିତ କରିଥିଲେ। ତେବେ ଏ ସମ୍ପର୍କରେ ବିଇଓ ମହାନ୍ତି କୁହନ୍ତି, ଜବତ ହୋଇଥିବା ବହି ଚଳିତ ଶିକ୍ଷାବର୍ଷର କିମ୍ବା ପୁରୁଣା ବହି ତଦନ୍ତ କରାଯିବ। ସେ ପୁରୁଣା ବହି ବିକ୍ରି ଲାଗି ମସୁଧା କରିଥିବା ସନ୍ଦେହ କରାଯାଉଛି। ତଦନ୍ତ ରିପୋର୍ଟ ଯାହା ଆସିବ, ତଦନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।

## ବଜ୍ରପାତରେ ବୃଦ୍ଧ ମୃତ, ୨ ଗୁରୁତର

ଛେଣ୍ଡିପଦା,୨୫।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଶିମିଳିପାଳ ପଞ୍ଚାୟତର ଘଡ଼ ଗ୍ରାମରେ ମଙ୍ଗଳବାର ବଜ୍ରପାତ ଘଟି ମଳିଆ ପେଣ୍ଡୋଇଙ୍କ ମୃତ୍ୟୁ ହୋଇଛି। ମଧ୍ୟାହ୍ନରେ ମଳିଆ ଗାଧୋଇ ଘରକୁ ଫେରୁଥିବାବେଳେ ବଜ୍ରପାତ ହେବାରୁ ଅଚେତ ହୋଇପଡିଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାର ପକ୍ଷରୁ ଛେଣ୍ଡିପଦା ଥାନାରେ ଅଭିଯୋଗ କରାଯିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସେହିପରି ସାପୋଇନାଳୀ ଗ୍ରାମରେ ବଜ୍ରପାତ ଘଟି ବୃଦ୍ଧା ଦ୍ରୌପଦୀ ପୋଢ଼ ଓ ତାଙ୍କ ନାତୁଣୀ ପ୍ରୀତି ପୋଢ଼ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତୁରନ୍ତ ମୃତ ଓ ଗୁରୁତରଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଯୁବକଙ୍କୁ ରାତିସାରା ପିଟି ମାରିଦେଲେ ବାପପୁଅ

### ପରକୀୟା ପ୍ରୀତି ସନ୍ଦେହ

ମୋରଡ଼ା/ବେତନଟୀ,୨୫।୪(ଡି.ଏନ୍.ଏ.)

ପରକୀୟା ପ୍ରୀତି ସନ୍ଦେହରେ ଜଣେ ଯୁବକଙ୍କୁ ଗଛରେ ବାନ୍ଧି ରାତିସାରା ପିଟି ହତ୍ୟା କରାଯାଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ବେତନଟୀ ଥାନା ଅଧୀନ ଭାଲିଆଡିହା ପଞ୍ଚାୟତ କେନ୍ଦୁଛାଟିଆ ଗ୍ରାମରେ। ମୃତକ ହେଲେ ସୁନାରାମ ଟୁଡୁ(୨୫)। ତାଙ୍କ ଘର ସୁରେଇଡିହି ପଞ୍ଚାୟତ ଗଣ୍ଡିଗୋଧା ଗ୍ରାମରେ। ଅଭିଯୁକ୍ତ ହେଲେ ଗ୍ରାମର ଜାସାୟ ଟୁଡୁ ଏବଂ ତାଙ୍କ ୧୭ବର୍ଷୀୟ ପୁଅ। ସକାଳୁ ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣିବା ପରେ ବାପ ଓ ପୁଅଙ୍କୁ ଗଛରେ ବାନ୍ଧି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବାପ ଓ ପୁଅଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସହ ମାମଲା(ନଂ. ୧୫୭/୨୩) ରୁଜୁ କରିଛି।

ସୁନାରାମଙ୍କ ସହ ତାଙ୍କ ସ୍ତ୍ରୀଙ୍କ ଅନୈତିକ ସମ୍ପର୍କ ଥିବା ଜାସାୟ ସନ୍ଦେହ କରି ଆସୁଥିଲେ। ସୋମବାର ଗ୍ରାମରେ ଜାହିରା ପୂଜା ବେଳେ ପାରମ୍ପରିକ ନୃତ୍ୟ ଚାଲିଥିଲା। ଏହି ସମୟରେ ସୁନାରାମଙ୍କ ସହ ଜାସାୟଙ୍କ ସ୍ତ୍ରୀ ନୃତ୍ୟ କରିଥିଲେ। ଏହାପରେ ସେମାନେ କୁଆଡ଼େ ଚାଲିଯିବାରୁ ଜାସାୟଙ୍କ ସନ୍ଦେହ ହୋଇଥିଲା। ଜାସାୟ ତାଙ୍କ ପୁଅକୁ ଡାକି ଖୋଜାଖୋଜି କରିଥିଲେ। ନିଛାଟିଆ ସ୍ଥାନରେ ଥିବା ଏକ ଘରେ ଉଭୟଙ୍କୁ ଦେଖି ଜାସାୟ ଏବଂ ତାଙ୍କ ପୁଅ ସୁନାରାମଙ୍କୁ ଧରି ଆଣି ଏକ ଗଛରେ ବାନ୍ଧି ରଖି ରାତିତମାମ କାଠଫାଳିଆରେ ନିସ୍ଥୁକ ପିଟି ପିଟି ମାରିଦେଇଥିଲେ। ସକାଳେ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଶୁଣ୍ଢରେ ଟେକି ମହିଳାଙ୍କୁ କଚାଡ଼ିଦେଲା

- ଅନୁଗୋଳ ବନଖଣ୍ଡରେ ପୁଣି ହାତୀ ଆକ୍ରମଣ
- ଗୁରୁତର ମହିଳା କଟକରେ ଚିକିତ୍ସାଧୀନ

ଅନୁଗୋଳ ଅଫିସ, ୨୫।୪: ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜରେ ଆତଙ୍କ ଖେଳାଉଛି ହାତୀ। ସୋମବାର ବଡ଼କନ୍ତକୁଳ ଗ୍ରାମ ଆମ୍ବତୋଟାରେ ହାତୀ ୨ ମହିଳାଙ୍କ ଜୀବନ ନେଇଥିବା ବେଳେ ମଙ୍ଗଳବାର ତଳଗଡ଼ ପଞ୍ଚାୟତ ପୋଡାସାହିର ମହିଳା ନନ୍ଦିନୀ ଝାଙ୍କର(୩୮) ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ନନ୍ଦିନୀଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସକାଳ ୬ଟା ୪୫ରେ ନନ୍ଦିନୀ ଗାଁ ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେ କେନ୍ଦୁପତ୍ର ତୋଳୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବା ଅନ୍ୟ ଲୋକମାନେ ପାଟି କରିବାରୁ ହାତୀଟି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ତୁରନ୍ତ ସ୍ଥାନୀୟ ଲୋକମାନେ ମହିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବରପାଇ ବନ୍ତଳା ରେଞ୍ଜର ନିଳାଦ୍ରୀନାଥ ସାହୁ ଓ ଅନ୍ୟ କର୍ମଚାରୀ ମେଡିକାଲରେ ପହଞ୍ଚି ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କୁ କଟକ ପଠାଇବା ବ୍ୟବସ୍ଥା କରିଥିଲେ। ପରେ ବନ ବିଭାଗ ପକ୍ଷରୁ ଆକ୍ରମଣକାରୀ ହାତୀକୁ ବାରଗୌଣିଆର ଭୁବନପୁର ଠାରେ ଠାବ କରାଯାଇଥିଲା। ଏ ସମ୍ପର୍କରେ ରେଞ୍ଜର ସାହୁ କହିଛନ୍ତି, ସେଠାରେ ୪ଟି ହାତୀ ରହିଥିବାରୁ ଲୋକଙ୍କୁ କେନ୍ଦୁପତ୍ର ତୋଳିବା ପାଇଁ ଯିବାକୁ ମନା କରାଯାଇଥିଲା। କିନ୍ତୁ ଲୋକମାନେ ଅବୁଝା ହୋଇ ଜଙ୍ଗଲ ଭିତରକୁ ଯାଉଥିବାରୁ ଏପରି ଅଘଟଣ ଘଟୁଛି। ଗୁରୁତର ମହିଳାଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ।

### ସମ୍ବଲପୁର ଦଙ୍ଗା

# ଆହତଙ୍କୁ ଭେଟିଲେ ଜାତୀୟ ଏସ୍‌ଟି କମିଶନ ସଦସ୍ୟ



ଆହତ କାଳିଆଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରୁଛନ୍ତି ଏସ୍‌ଟି କମିଶନ ସଦସ୍ୟ।

■ ମୃତକଙ୍କ ପରିବାରକୁ ଭେଟିପାରିଲେ ନାହିଁ

ସମ୍ବଲପୁର,୨୫।୪(ବ୍ୟୁରୋ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ହୋଇଥିବା ଦଙ୍ଗା ଘଟଣାରେ ଯୁଯୁମୁରା ଥାନା ଭବାନୀପାଲି ଗ୍ରାମର ଆହତ ବିଶ୍ୱନାଥ ଶିଖା ଓରଫ କାଳିଆଙ୍କୁ ମଙ୍ଗଳବାର ଜାତୀୟ ଏସ୍‌ଟି କମିଶନ ସଦସ୍ୟ ଅନନ୍ତ ନାଏକ ଓ ବିଭାଗର ୨ ବରିଷ୍ଠ ଅଧିକାରୀ ଭେଟିଛନ୍ତି। ହେଲେ ସାନସିଂହାରି ଗ୍ରାମର ମୃତକ ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ପରିବାର ଅନୁପସ୍ଥିତ ଥିବାରୁ ସେମାନେ ଭେଟିପାରି ନ ଥିଲେ। ପରେ ସେମାନେ ଜିଲାପାଳ ଅନନ୍ୟା ଦାସ, ଏସ୍‌ପି ବାତ୍ତୁଲା ଗଙ୍ଗାଧରଙ୍କ ସହ ସ୍ଥାନୀୟ ସର୍କିଟ ହାଉସରେ ଆଲୋଚନା କରିଥିଲେ।

ସର୍କିଟ୍ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କମିଶନ ସଦସ୍ୟ ନାଏକ କହିଥିଲେ, ସମ୍ବଲପୁରରେ ହିଂସା ଘଟଣା ନେଇ ବିଭିନ୍ନ ଗଣମାଧ୍ୟମରୁ ଖବର ମିଳିବା ସହ ଅଭିଯୋଗ ମଧ୍ୟ ହୋଇଥିଲା। ଏହାକୁ ନେଇ କମିଶନ ତଦନ୍ତ ଆବଶ୍ୟକ ଥିବା ହୃଦ୍‌ବୋଧ କରିଥିଲା। ତେଣୁ କମିଶନଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ମୃତ ଚନ୍ଦ୍ରଶେଖରଙ୍କ ଘରକୁ ଯାଇଥିଲୁ। ସେଠାରେ ପରିବାରବର୍ଗ ଅନୁପସ୍ଥିତ ରହିଥିଲେ। ସେମାନେ ଶ୍ରାଦ୍ଧ କାର୍ଯ୍ୟ ପାଇଁ ବାହାରକୁ ଯାଇଥିବା ଜାଣିବାକୁ ପାଇଥିଲୁ। ପାଖ ପଡ଼ୋଶୀଙ୍କ ସହ ଆଲୋଚନା କରି ଫେରିଲୁ। ପରେ ଭବାନୀପାଲି ଯାଇ ଆହତ ବିଶ୍ୱନାଥଙ୍କୁ ଭେଟି ଆକ୍ରମଣ ଘଟଣା ସମ୍ପର୍କରେ ରିପୋର୍ଟ ସଂଗ୍ରହ କରିଛୁ। ସମସ୍ତ ରିପୋର୍ଟ କମିଶନ ଅଧ୍ୟକ୍ଷଙ୍କୁ ଦିଆଯିବ। ତଦନ୍ତ ଚାଲିଥିବାରୁ ଗଣମାଧ୍ୟମ ଆଗରେ ସ୍ପଷ୍ଟକରି କିଛି କହିହେବ ନାହିଁ। ହେଲେ ଆହତ କାଳିଆ ପ୍ରଶାସନର ସହଯୋଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ଆଗରେ କାଳେ ଭୟରେ କିଛି କହିବେ ନାହିଁ, ସେଥିପାଇଁ କାଳିଆଙ୍କୁ ଏକୁଟିଆ ପଚରାଉଚୁରା କରିଥିଲୁ। ଗସ୍ତ ପୂର୍ବରୁ ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଚିଠିକରି ସୂଚନା ଦିଆଯାଇଥିଲା। ମୃତକଙ୍କ ପରିବାର ଅନୁପସ୍ଥିତ ରହିବା ଚିନ୍ତାଜନକ। ଯେଉଁଳି ଆଶା ରହିଥିଲା ପ୍ରଶାସନ ତଦନ୍ତରେ ସହଯୋଗ କଲା ନାହିଁ। ମୃତ ଚନ୍ଦ୍ରଶେଖରଙ୍କ ଶେଷକୃତ୍ୟ ରାତିଅଧିଆ କରାଯାଇଥିବା ଜାଣିବାକୁ ପାଇଲୁ, ଯାହା ଜାତିର ପରମ୍ପରା ବାହାରେ। ଶେଷକୃତ୍ୟ ହେବା ସମୟରେ ପରିବାର ସହ ଜାତିର ଲୋକମାନେ ଉପସ୍ଥିତ ରହିଥାନ୍ତି। ତେଣୁ ଏହା ଠିକ୍ ହୋଇ ନାହିଁ। ଏଭଳି ଘଟଣା ଜାତିକୁ ଆଘାତ ଦେଇଛି। ଆଦିବାସୀ ଲୋକମାନେ ଝଗଡ଼ା କରନ୍ତି ନାହିଁ। ସେମାନଙ୍କ ସହ ପ୍ରଶାସନ ଓ ସାମାଜିକ ସ୍ତରରେ ସହଯୋଗର ବାତାବରଣ ରହିବା ଆବଶ୍ୟକ। ଜାତିଆଣ ଆକ୍ଷେପ ମାମଲାରେ କ୍ଷତିପୂରଣ ବାବଦରେ ଟଙ୍କା ଦିଆଯାଇଛି ବୋଲି କମିଶନ ସଦସ୍ୟ କହିଥିଲେ। ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମୟରେ ଏପ୍ରିଲ ୧୨ ଓ ୧୪ରେ ସହରରେ ହିଂସା ଘଟଣା ଘଟିଥିଲା। ଚନ୍ଦ୍ରଶେଖର ଓ କାଳିଆ ଶୋଭାଯାତ୍ରାରେ ଯୋଗଦେଇ ଘରକୁ ଫେରିବା ସମୟରେ ରିଂରୋଡ୍‌ରେ ମାରଣାସ୍ତ୍ରରେ ଗୋଷ୍ଠୀଗତ ଆକ୍ରମଣ ହୋଇଥିଲା। ଘଟଣାସ୍ଥଳରେ ଚନ୍ଦ୍ରଶେଖରଙ୍କ ମୃତ୍ୟୁ ଘଟିଥିବା ବେଳେ କାଳିଆ ଆହତ ହୋଇଥିଲେ।




CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
A LADY for office work. +2 above. Phulnakhara, Cuttack.
Ghara free + Fooding + 10000 + Bonus with other facilities.
7809525452

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
9668180637

APPOINTMENT
GIMPEX PVT. LTD. - A reputed star export house - is looking for a Young & Energetic Person in the age group of 30-45 years to be posted at their Barbil Office as its head of operation.
Candidates having adequate experience in logistics & excellent liaisoning experience with Railways both at local & divisional level may apply to "The HRD Head, Gimpex House, 282 Linghi Chetty Street, Chennai-600001"

URGENT REQUIRED
1. AutoCAD- 02 Nos.
2. Diploma / B.Tech. Civil- 10 Nos.
3. Matric to Graduate- 10 Nos.
Contact: 8093687918
7873563668

URGENTLY REQUIRED
JR. ACCOUNTANT (Exp. in Talley). DATA ENTRY OPERATOR (Talley & MS Office), COOK (For Home).
Attend interview at
Nishamani Palace, Bomikhal, Bhubaneswar-10 on any day.
Ph.No.: 9338554697

URGENT REQUIRED
A growing Milk Plant Pratichi Dairy Products Pvt. Ltd. required following post
1. Marketing Executive (8 Nos.) Salary- 15,000/- to 25,000/-
2. Sales Manager (3 Nos.) Salary 25,000/- to 40,000/-
Send your resume pratichidairyproducts@gmail.com
Mob:9938205600
(Puri, Cuttack, Bhubaneswar, Jajpur, Dhenkanal, Jagatsinghpur & Nayagarh)

Govt. of Jharkhand, Office of the Executive Engineer
Soil Investigation Division, Advance Planning, Road Construction Department, Ranchi.
Nirupan Bhawan, 3rd Floor, Room No. 413, Doranda, Ranchi-834002.
Email- eercdapsid-jhr@nic.in

e-Procurement Very Short Term Notice (PR No.-294549 Road (23-24).D)
e-Tender Ref No: RCD/SID/AP/RAN/01/2023-24 (2nd Call) Dated-24.04.2023

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Feasibility Report of Chhatarpur to Nodiha Bazar Main Road Bypass Dumariya (Bihar) via Nodiha Bazar Block Headquarter (Dist.-Daltonganj), in the state of Jharkhand. Tentative Length – 04.00 km. from the consultants empanelled with RCD under category- I vide letter No. 3063 (S) dated- 22.08.2022. |
| 2 | Tentative Length of Work | 4.00 km |
| 3 | Period of Completion of Work | 30 Days |
| 4 | Date/Time of Publication of Tender on Official Website | 26.04.2023, 05:00 PM |
| 5 | Last Date/Time of Bid Submission | 02.05.2023, 11:30 AM |
| 6 | Last Date/Time of Submission of Tender Fee & EMD | 02.05.2023, 11:30 AM |
| 7 | Date and Time of Bid opening | 03.05.2023, 12:30 PM |
| 8 | Tender Inviting Authority | E.E, S.I.D, A.P., RCD, Ranchi, Ph.- 0651-2490406 |
| 9 | Bid Submission Address | Chief Engineer (Communication),Road Construction Department, 1st Floor, Engineer Hostel No.-2, Dhurwa, Ranchi-834004 |
| 10 | Mode of Bid Submission | e-tendering(http://jharkhandtenders.gov.in) |

For further information please go through the website e-tendering (http://jharkhandtenders.gov.in)
Sd/- Executive Engineer
Soil Investigation Division, Advance Planning,R.C.D, Ranchi
PR 295887 Road (23-24)_D

कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, राँची
ई-प्रोक्योरमेंट सूचना
नेशनल कम्पेटेटीभ बिडिंग (अल्पकालीन निविदा)
टेन्डर रेफरेंन्स नं0–प0नि0वि0/राँची–03/2023–24
दिनांक :– 24.04.2023

| | | |
|---|---|---|
| 1. | कार्य का नाम | अरगोड़ा चौक – कटहल मोड़ पथ (एम.डी.आर–018) (कुल लम्बाई–5.300 कि0मी0) के चौड़ीकरण एवं मजबूतीकरण / पुनर्निर्माण कार्य कार्य वर्ष 2023–24. |
| 2. | अनुमानित प्राक्कलित राशि (रू0 लाख में) | रू0 2128.32429 लाख (एक्कीस करोड़ अठाईस लाख बत्तीस हजार चार सौ उन्नतीस रूपये) मात्र। |
| 3. | अग्रधन की राशि (रू0 लाख में) | रू0 21.29 लाख (रूपये एक्कीस लाख उन्नतीस हजार) मात्र। |
| 4. | कार्य पूर्ण करने की अवधि | 07 (सात) महीने |
| 5. | वेबसाईट पर निविदा प्रकाशन की तिथि | 27.04.2023 10.30 बजे पूर्वाह्न |
| 6. | प्री–बीड मिटिंग की तिथि/समय | 03.05.2023 3.00 बजे अपराह्न |
| 7. | निविदा प्राप्ति की अंतिम तिथि/ समय | 10.05.2023 12.00 बजे दोपहर तक |
| 8. | निविदा खोलने की तिथि/ समय | 11.05.2023 12.30 बजे अपराह्न। |
| 9. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग,पथ प्रमंडल, मोहराबादी, राँची–834008. |
| 10. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 11. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे Tender Online Upload में देखा जा सकता है, एवं किसी भी प्रकार का बदलाव http://jharkhandtenders.gov.in पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए युकेन (UCAN) निबंधन आवश्यक है।
- नियम एवं शर्तों के लिए वेबसाईट http://jharkhandtenders.gov.in पर देखें।

कार्यपालक अभियंता
पथ निर्माण विभाग,पथ प्रमंडल, राँची
PR 295882 Road Construction Dept Road Division Ranchi (23-24)_D

## ସଂକ୍ଷେପରେ

### କନ୍ୟାଘର ଆଗରୁ ବରକୁ ଉଠାଇ ଆଣିଲା ପୋଲିସ

#### ଜାମିନ ନାମଞ୍ଜୁର ପରେ ଜେଲ ଗଲେ

**ଭୁବନେଶ୍ୱର,୨୫।୪(ବ୍ୟୁରୋ):** ବିବାହ ଉତ୍ସବ ପାଇଁ କନ୍ୟାପକ୍ଷ ସଜବାଜ ହୋଇଥିଲେ। ଗ୍ରାମରେ ବର ସମେତ ବରଯାତ୍ରୀ ମଧ ପହଞ୍ଚି ଯାଇଥିଲେ। ବାଜା ବାଜିବା ସହ ବାଣ ବି ଫୁଟିଥିଲା। ଶୋଭାଯାତ୍ରା ଦେଖି ବର ମଧ ବେଶ୍ ଖୁସି ଥିଲେ। ଅଳ୍ପ କିଛି ସମୟରେ ବିବାହ ବେଦୀକୁ ଯାଇଥାନ୍ତେ। ହେଲେ ଏହି ସମୟରେ କମିଶନରେଟ ପୋଲିସ ବରକୁ ଉଠାଇ ନେଲା। ଏଭଳି ଏକ ଘଟଣା ରବିବାର ରାତିରେ ବରଗଡ଼ ଜିଲା ଭଟଲି ଥାନା ବେହେରାପାଲି ଗ୍ରାମରେ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ଅଭିଯୁକ୍ତ ବର ହେଲେ ଢେଙ୍କାନାଳ ଜିଲା ପର୍ଜଙ୍ଗ ଥାନା ପାଣି ଗେଙ୍ଗୁଟିଆ ଗ୍ରାମର ଅଜିତ କୁମାର ଭୋଇ। ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି)ର ଯନ୍ତ୍ରୀ ଭାବେ କାର୍ଯ୍ୟରତ। ଅଜିତ ଦୁଇବର୍ଷ ହେବ ଭୁବନେଶ୍ୱର କଳାରାହାଙ୍ଗ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଏପରି କି ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଅଜିତ ତାଙ୍କୁ ପ୍ରତାରଣା କରିଥିବା ନେଇ ଭୁବନେଶ୍ୱର ମହିଳା ଥାନାରେ ସମ୍ପୃକ୍ତା ଯୁବତୀ ଗତ ୧୯ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୬୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଜିତ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିବା ପୋଲିସ ଖବର ପାଇ ତାଙ୍କୁ ଧରିବାକୁ ଜାଲ ବିଛାଇଥିଲା। ରବିବାର ରାତିରେ ପୋଲିସ ଟିମ୍ ବରଗଡ଼ରେ ପହଞ୍ଚି ବାହାଘର ଶୋଭାଯାତ୍ରାରୁ ଅଜିତଙ୍କୁ ଉଠାଇ ଆଣିଥିଲା। ପରେ ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ମହିଳା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍‌ସପେକ୍ଟର ସନ୍ଧ୍ୟା ସିଂ ସୂଚନା ଦେଇଛନ୍ତି।

### ବିଜେବି କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣା: ଆଉ ୪ ଗିରଫ

ଭୁବନେଶ୍ୱର,୨୫।୪ (ବ୍ୟୁରୋ): କ୍ରିକେଟ ଖେଳକୁ ନେଇ ବିଜେବି କଲେଜର ୩ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବଡ଼ଗଡ଼ ଥାନା ପୋଲିସ ମଙ୍ଗଳବାର ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଫାଳିକିଆ ବସ୍ତିର ରିତେଶ ନାୟକ, ବିକି ଦଳେଇ, ବଳିଆ ଦାସ ଓ କେ. ଲକ୍ଷ୍ମଣ ନାରାୟଣ। ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ପୂର୍ବରୁ ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଏହି ସଂଖ୍ୟା ୮ରେ ପହଞ୍ଚିଛି। ଏହି ମାମଲାରେ ୨୦ରୁ ଊର୍ଦ୍ଧ୍ୱ ଯୁବକ ସମ୍ପୃକ୍ତ ଥିବାବେଳେ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଳିଆ ଓ ଲକ୍ଷ୍ମଣଙ୍କ ଘର ଯାଞ୍ଚ କରି ପୋଲିସ ଗୋଟିଏ ଖଣ୍ଡା ଓ ଗୋଟିଏ ଛୁରି ଜବତ କରିଥିବା ସୂଚନା ମିଳିଛି। ସୂଚନାନୁସାରେ, ଶନିବାର ସକାଳେ କଲେଜ ଖେଳ ପଡ଼ିଆରେ ଅଣଛାତ୍ରମାନେ କ୍ରିକେଟ ଖେଳୁଥିଲେ। ଏହି ସମୟରେ ଆମ୍ବେଦକର ହଷ୍ଟେଲର ଛାତ୍ରମାନେ ଖେଳିବାକୁ କହିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ୨୦ରୁ ଅଧିକ ଅଣଛାତ୍ର ଖଣ୍ଡା ଧରି ପଡ଼ିଆରେ ଧସେଇ ପଶିବା ସହ ୩ ଛାତ୍ରଙ୍କୁ ଆକ୍ରମଣ କରିଥିଲେ।

# ରାଜ୍ୟରେ ମ୍ୟାଲେରିଆ କ୍ରମାଗତ ହ୍ରାସ ପାଉଛି

ଭୁବନେଶ୍ୱର, ୨୫।୪ (ବ୍ୟୁରୋ)

**ବିଶ୍ୱ ମ୍ୟାଲେରିଆ ଦିବସ**

- ୨୦୧୬ ତୁଳନାରେ ୨୦୨୨ରେ ୯୫% କମ୍ ରୋଗୀ ଚିହ୍ନଟ ହୋଇଛନ୍ତି
- ୨୦୨୦-୨୧ରେ ୧.୫୬ କୋଟି ମଶାରି ବଣ୍ଟନ ହୋଇଛି

ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାର ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ନିରାକରଣ ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତିବର୍ଷ ଏପ୍ରିଲ ୨୫କୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଶୂନ୍ୟ ମ୍ୟାଲେରିଆ ପାଇଁ ସମୟ ଉପନୀତ, ପୁଞ୍ଜିନିବେଶ କର, ନୂତନତା ଆଣ ଏବଂ କାର୍ଯ୍ୟକାରୀ କର।' ଅର୍ଥାତ୍ ମ୍ୟାଲେରିଆ ସଂକ୍ରମଣକୁ ଶୂନ କରିବା ଲାଗି ପ୍ରକୃଷ୍ଟ ସମୟ ଆସିଛି। ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ରାଜ୍ୟରେ ମ୍ୟାଲେରିଆ କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଭାରତର ୨୫% ମ୍ୟାଲେରିଆ ରୋଗୀ ଏବଂ ତତ୍‌ଜନିତ ମୃତ୍ୟୁସଂଖ୍ୟାର ୩୦% ଓଡିଶାରୁ ଚିହ୍ନଟ ହେଉଥିଲେ। ୨୦୧୬ରେ ୪.୪ ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ ଓ ସେଥିମଧ୍ୟରୁ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ୨୦୧୭ଠାରୁ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ଯଥେଷ୍ଟ ହ୍ରାସ ପାଇଛି। ୨୦୨୨ରେ ଏପିଆଇ ସବୁଠାରୁ କମ୍ ସ୍ଥିରୀକୃତ ହୋଇଥିଲା ଏବଂ ଅନେକ ଜିଲା ଏବେ ମ୍ୟାଲେରିଆମୁକ୍ତ ହେବାକୁ ଯାଉଛି। ୨୦୧୬ ତୁଳନାରେ ୨୦୨୨ରେ ୯୫% ମ୍ୟାଲେରିଆ ରୋଗୀ କମ୍ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ୨୦୧୭ରେ ୧.୧୩ କୋଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ ଦ୍ୱାରା ପ୍ରାୟ ୨.୦୨ କୋଟି ଲୋକଙ୍କୁ ସୁରକ୍ଷିତ ରଖାଯାଇ ପାରିଛି। ସେହିପରି ୨୦୨୦–୨୧ରେ ରାଜ୍ୟରେ ୧.୫୬ କୋଟି ମଶାରି ବ୍ୟବହାର ଦ୍ୱାରା ପ୍ରାୟ ୨.୬୦ କୋଟି ଲୋକଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି। ଏଥିସହ ୨୦୧୭ରୁ ରାଜ୍ୟ ସରକାରଙ୍କ ଏକ ନିଜସ୍ୱ ଅଭିନବ କାର୍ଯ୍ୟକ୍ରମ 'ଦମନ' କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସେହି ଅଞ୍ଚଳରେ ମ୍ୟାଲେରିଆର ରକ୍ତ ପରୀକ୍ଷା ଓ ଚିକିତ୍ସା ଏକା ସାଙ୍ଗରେ ହୋଇପାରୁଛି। ୨୪ଟି ଜିଲାକୁ ଶୂନ୍ୟ ମ୍ୟାଲେରିଆ ଘୋଷଣା କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗ ସମେତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମିଶନ ଶକ୍ତି ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ରାଜ୍ୟ ଜୀବିକା ମିଶନଙ୍କ ସମନ୍ୱୟରେ ବିଭିନ୍ନ ପ୍ରକାର ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟ କରାଯାଉଛି। ବୈଠକରେ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସିଡିଏମ୍ଓଙ୍କ କାର୍ଯ୍ୟାଳୟରେ ଆୟୋଜିତ ମ୍ୟାଲେରିଆ ଦିବସ।

## ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଲୁଟ୍ ଉଦ୍ୟମ

ଜଟଣୀ,୨୫।୪(ଡି.ଏନ୍.ଏ.)

**୨ ଲୁଟେରାଙ୍କୁ ପୋଲିସ ଜିମାଦେଲେ ଲୋକେ**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୧୪ନଂ. ୱାର୍ଡ ନିକଟ ଆକାଉଣ୍ଟସ କୋଲୋନୀରେ ଲୁଟେରାମାନେ ବନ୍ଧୁକ, ମାରଣାସ୍ତ୍ର ଦେଖାଇ ଲୁଟ୍ ଉଦ୍ୟମ କରିବା ବିଫଳ ହୋଇଛି। ତେବେ ଦୁଇଜଣ ଲୁଟେରାଙ୍କୁ କାବୁ କରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ଅଭିଯୋଗ ମୁତାବକ, ଆକାଉଣ୍ଟସ କଲୋନୀସ୍ଥିତ ରେଲୱେ କର୍ମଚାରୀ ତ୍ରିନାଥ ଶବରଙ୍କ କ୍ୱାର୍ଟରକୁ ୫ଜଣ ଲୁଟେରା ମଙ୍ଗଳବାର ମଧ୍ୟାହ୍ନରେ ଲୁଟ୍ ଉଦ୍ଦେଶ୍ୟରେ ପଶିଥିଲେ। ଏହାପରେ ଲୁଟେରାମାନେ ତ୍ରିନାଥଙ୍କ ବଡ଼ପୁଅ ବାଲୁଙ୍କେଶ୍ୱରଙ୍କ ବେକରେ ଛୁରି ଲଗାଇବା ସହ ବନ୍ଧୁକ ଦେଖାଇ ଆଲମିରା ଚାବି ଓ ଘରେ ରଖିଥିବା ସୁନାଗହଣା ଟଙ୍କା ଆଣିବା ପାଇଁ ଧମକ ଦେଇଥିଲେ। ହଠାତ୍ ଘରଭିତରକୁ ତ୍ରିନାଥ ଝିଅ କୌଶଳକ୍ରମେ ପଡିଶା ଲୋକଙ୍କୁ ଜଣାଇବା ସହ ପିସିଆରକୁ ଫୋନ କରିଥିଲେ। ଏହାପରେ ସ୍ଥାନୀୟ ଲୋକଙ୍କ ପାଟି ଶୁଣି କେତେଜଣ ଲୁଟେରା ପଳାଇଥିବା ବେଳେ ୨ଜଣଙ୍କୁ କାବୁ କରି ପୋଲିସ ଜିମାଦେଇଥିଲେ। ଘଟଣାସ୍ଥଳରୁ ତ୍ରିନାଥ ବ୍ୟବହାର କରୁଥିବା ଏକ ମୋବାଇଲ ଫୋନ ଲୁଟେରାମାନେ ନେଇଯାଇଥିବା ବେଳେ ବାଲୁଙ୍କେଶ୍ୱରଙ୍କ ହାତରେ ଗଭୀର କ୍ଷତ ହୋଇଥିଲା। ଏନେଇ ତ୍ରିନାଥଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି।



ବାଲୁଗାଁ: ଡିଏଭି ଗୁରୁକୁଳ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଭଲ ମଣିଷ ହୋଇ ଦେଶର ନାଁ ରଖିବାକୁ ପରାମର୍ଶ

ବାଲୁଗାଁ,୨୫।୪(ଡି.ଏନ୍.ଏ.)

**ଡିଏଭି ଗୁରୁକୁଳ ବିଦ୍ୟାଳୟର ବାର୍ଷିକୋତ୍ସବ**

ବାଲୁଗାଁସ୍ଥିତ ଡିଏଭି ଗୁରୁକୁଳ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ 'ପ୍ଲାଷ୍ଟୋରମା' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ମୁଖ୍ୟ ବକ୍ତାଭାବେ ଚିଲିକା ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ନୀଳାଦ୍ରି ଭୂଷଣ ଦାଶ, ସମ୍ମାନିତ ଅତିଥିଭାବେ ନନ୍ଦପୁର ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ, ଅବସରପ୍ରାପ୍ତ ଏବିଡିଓ କାଳୁ ଚରଣ ସାମନ୍ତରାୟ, ବାଙ୍କନିଧି ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ସୁଧୀର ପଲାଇ ପ୍ରମୁଖ ଯୋଗଦେଇ ଶୃଙ୍ଖଳିତ ଛାତ୍ରଜୀବନର ଭବିଷ୍ୟ ମୂଲ୍ୟବୋଧ ଉପରେ ଆଲୋକପାତ କରିବା ସହ ଭଲ ମଣିଷ ହୋଇ ଦେଶର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧକ୍ଷ ରାମଚନ୍ଦ୍ର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଗୁରୁକୁଳ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ତ୍ରିପାଠୀ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ କରି ଏହି ବିଦ୍ୟାଳୟର ଦଶମ ଶ୍ରେଣୀ ୩ ମେଧାବୀ ଛାତ୍ର ଆଶୁତୋଷ କୁମାର ଜେନା, ସୌଭାଗ୍ୟ ମହାପାତ୍ର ଓ ସୌମେନ୍ଦ୍ର ପ୍ରିୟଦର୍ଶୀ ସାମନ୍ତରାୟଙ୍କୁ ଷ୍ଟୁଡେଣ୍ଟ ଅଫ ଦି ଇୟର ଭାବେ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସମ୍ପାଦିକା ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ଚେୟାରମ୍ୟାନ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କୁ ମିଳିବ ଥଣ୍ଡା ପାଣି

କୋଣାର୍କ,୨୫।୪(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ହଜାର ହଜାର ସଂଖ୍ୟାର ପର୍ଯ୍ୟଟକ ଏଣିକି ମନ୍ଦିର ପରିସରରେ ଥଣ୍ଡା ପାଣି ପାଇପାରିବେ। ଏ ନେଇ ଖୁବ୍‌ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା ମନ୍ଦିର ପରିସରରେ କାର୍ଯ୍ୟକାରୀ ହେବାକୁ ଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ପୁରୀ ସର୍କଲ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି.ଗଡ଼ନାୟକ ଓ କୋଣାର୍କ ବାର୍ ଆସୋସିଏଶନ ସଭାପତି ଶ୍ରୀଜୟ ବରାଳଙ୍କୁ ଆମନ୍ତ୍ରଣ କରି ସୂର୍ଯ୍ୟମନ୍ଦିରର ପରିସରରେ ଏଏସ୍ଆଇ ପକ୍ଷରୁ ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳ ନିମନ୍ତେ ଲଗାଯାଉଥିବା ୩ଟି ଉଚ୍ଚ ଶକ୍ତି ସମ୍ପନ ଆକ୍ୱାଗାର୍ଡ ମେଶିନର ସ୍ଥାନ ଓ ଏହାର କାର୍ଯ୍ୟ ବୁଲାଇ ଦେଖାଇବା ସହିତ ସମସ୍ତ ବିବରଣୀ ଜଣାଇଥିଲେ। ପରେ ଅନ୍ୟାନ୍ୟ କାର୍ଯ୍ୟଗୁଡିକୁ ଅନୁଧ୍ୟାନ କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପର୍ଯ୍ୟଟକଙ୍କ ପାଇଁ ମନ୍ଦିର ଭିତରେ ପାନୀୟ ଜଳର ସୁବିଧା ନ ଥିଲା। ଏବେ ସୂର୍ଯ୍ୟମନ୍ଦିର ପ୍ରବେଶ ପଥ, ପଶ୍ଚିମ ଉତ୍ତର ପାର୍ଶ୍ୱ ଓ ପ୍ରସ୍ଥାନ ପଥର ୩ଟି ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ରହିବ। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଅସହ୍ୟ ଗରମରେ କୋଣାର୍କ ବଜାରରୁ ପ୍ରାୟ ଗୋଟିଏ କିମି ଚାଲିଚାଲି ମନ୍ଦିରକୁ ଆସୁଛନ୍ତି।

## ଶିଳ୍ପାନୁଷ୍ଠାନ ହେଲେ ବେକାରି ସମସ୍ୟା ହଟିବ: ଉପଜିଲାପାଳ


ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ସ୍ଥାନୀୟ ଗ୍ରାମବାସୀ।

ବେଗୁନିଆ,୨୫।୪(ଡି.ଏନ୍.ଏ.)

**ଇଡ୍‌କୋ ହାତକୁ ଜମି ଅଧିଗ୍ରହଣ ପ୍ରକ୍ରିୟା ପ୍ରସଙ୍ଗ**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ତଥା ପଞ୍ଚାୟତ ଅନ୍ତର୍ଗତ କୁଶପଲ୍ଲା ମୌଜାରେ ଥିବା ଜମିରେ ଗଢ଼ିଉଠିବ ଶିଳ୍ପାୟନ। ପ୍ରାୟ ୩୨୯ରୁ ଊର୍ଦ୍ଧ୍ୱ ଏକର ଜମି ଇଡ୍‌କୋ (ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ)କୁ ଦେବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ଏଥିପାଇଁ ୭ ମାସ ହେବ ପ୍ରଶାସନିକସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଏଥିସହ ତହସିଲଦାର, ବିଡିଓ, ଉପଜିଲାପାଳ, ଜିଲାପାଳ, ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ମଙ୍ଗଳବାର ଏକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବିରରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ମା, ଏସ୍ଆଇ ମାଧବାନନ୍ଦ ବସ୍ତିଆ, ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, କୁଶପଲ୍ଲା ଗ୍ରାମ କମିଟି ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ସମେତ ଅଞ୍ଚଳର ବହୁ ନାଗରିକ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ଅନୁଷ୍ଠାନ, ମେଡିକାଲ କଲେଜ କିମ୍ବା ପ୍ରଦୂଷଣମୁକ୍ତ ଶିଳ୍ପାନୁଷ୍ଠାନ ଗଢ଼ିବା ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବାକୁ ଶିବିରରେ ପ୍ରସ୍ତାବ ଦିଆଯାଇଥିଲା। ପରେ ଉପଜିଲାପାଳ ଲୋକଙ୍କ ପ୍ରସ୍ତାବକୁ ଗ୍ରହଣ କରିବା ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବେକାରି ସମସ୍ୟା ହଟିବ ବୋଲି ଉପଜିଲାପାଳ କହିଥିଲେ। ପ୍ରକାଶ ଯେ, ଏଠାରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେଲେ ସ୍ଥାୟୀ ବାସିନ୍ଦାଙ୍କ ବ୍ୟାପକ କ୍ଷତି ହେବା ସହ ପରିବେଶ ସୁରକ୍ଷା ଦିଗରେ ବିପଦ ସୃଷ୍ଟି କରିବ। ସେହିପରି ଆଇଆରଡିପି ସ୍କିମ୍ ଜରିଆରେ ଗରିବ ଆଦିବାସୀ ହରିଜନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ପାଇଁ କାଜୁବଗିଚା ବଣ୍ଟନ କରାଯାଇଥିଲା। ତେବେ ଉକ୍ତ ଜମିକୁ ଛାଡ଼ିବୁ ନାହିଁ। ପରିବେଶ ବଞ୍ଚାଇବାକୁ ଲଢ଼ିବୁ ବୋଲି ଉପସ୍ଥିତ ବାସିନ୍ଦା କହିଥିଲେ।

## ବନ୍ଧୁକ ଲଗାଇ ଅପହରଣ ପରେ ହତ୍ୟା ଉଦ୍ୟମ

ଗୋପ,୨୫।୪(ଡି.ଏନ୍.ଏ.)

**ଧଉଳି ପାହାଡ଼ ତଳୁ ଯୁବକ ଉଦ୍ଧାର**

ସୋମବାର ବିଳମ୍ବିତ ରାତିରେ ଗୋପ ଥାନା ଅନ୍ତର୍ଗତ ଓରୁଆଳି ଗ୍ରାମ ନିକଟରେ ପାନ ଦୋକାନ କରିଥିବା ଉକ୍ତ ଗ୍ରାମର ପ୍ରଦୀପ ଦାସ(୨୮)ଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳୁ ସେ ଭୁବନେଶ୍ୱର ଧଉଳି ଥାନା ଅଧୀନ ଧଉଳି ପାହାଡ଼ ତଳୁ ଅଚେତ ଅବସ୍ଥାରେ ଉଦ୍ଧାର ହୋଇ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଅପହୃତ ପ୍ରଦୀପଙ୍କ ବାପା ଦେବନ କୁମାର ଦାସ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୮୯/୨୩ ) ରୁଜୁକରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, କୌଣସି କାରଣକୁ ନେଇ ସୋମବାର ରାତିରେ ପ୍ରଦୀପ ନିଜ ପାନ ଦୋକାନ ବନ୍ଦ କରି ଘରକୁ ନ ଯାଇ ସେଠାର ହିଁ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ନିକଟସ୍ଥ ଶଙ୍ଖତିରା ଗ୍ରାମର ୭ଜଣ ଯୁବକ ଉକ୍ତ ପାନ ଦୋକାନ ନିକଟକୁ ଆସି ପ୍ରଦୀପଙ୍କୁ ଉଠାଇ ପାନ ସିଗାରେଟ ମାଗିଥିଲେ। ସେ ଦୋକାନ ଖୋଲିବା ମାତ୍ରେ ଅଭିଯୁକ୍ତମାନେ ବନ୍ଧୁକ ଲଗାଇ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରି ନେଇଥିଲେ। ଗାଡ଼ି ଭିତରେ ପ୍ରଦୀପଙ୍କୁ ମାଡ଼ ମାରିବା ସହ ମଦ ବୋତଲରେ ମୁଣ୍ଡ ଫଟାଇ ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଅନୁମାନ କରି ଅଭିଯୁକ୍ତମାନେ ଭୁବନେଶ୍ୱର ଧଉଳି ପାହାଡ ନିକଟରେ ଫୋପାଡି ଦେଇ ଚାଲିଯାଇଥିଲେ। ମଙ୍ଗଳବାର ଭୋରୁ ଜଣେ ବ୍ୟକ୍ତି ଧଉଳି ପାହାଡ଼ ଦେଇଯାଉଥିବା ବେଳେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେବା ପରେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ପ୍ରଦୀପଙ୍କ ଚେତା ଆସିବା ପରେ ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ସବୁ କଥା କହିଥିଲେ। ପ୍ରଦୀପଙ୍କ ଗୋଡ ଭାଙ୍ଗିବା ସହିତ ମୁଣ୍ଡ ଓ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ତାଙ୍କ ବାପା କହିଛନ୍ତି। ଆଉ ମଧ ସେ କହିଛନ୍ତି ଯେ ପୁଅ ଅପହରଣ ହେବା ନେଇ ସୋମବାର ଧଉଳି ପୋଲିସକୁ କହିବା ପରେ ଥାନାରେ ଅଭିଯୋଗ କରିଛି।

## 'ଶ୍ରୀଜଗନ୍ନାଥ ନାମାକ୍ଷରୀ' ପୁସ୍ତକ ଲୋକାର୍ପିତ

ବେଗୁନିଆ,୨୫।୪(ଡି.ଏନ୍.ଏ.)

ବେଗୁନିଆ ନୂଆସାହିସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମଙ୍ଗଳବାର ପୁସ୍ତକ ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦୀନବନ୍ଧୁ ପାଣିଗ୍ରାହୀ ସ୍ମୃତି ସଂସଦ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟଙ୍କ ରଚିତ 'ଶ୍ରୀଜଗନ୍ନାଥ ନାମାକ୍ଷରୀ' ଆଧ୍ୟାତ୍ମିକ ପୁସ୍ତିକା ଲୋକାର୍ପିତ ହୋଇଯାଇଛି। ପୂର୍ବତନ ପୋଲିସ ଆଇଜି ତଥା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ସାରଙ୍ଗଧର ରାୟଗୁରୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବା ସହ କବୟିତ୍ରୀ ଗୀତାଞ୍ଜଳି ମହାପାତ୍ର ମଙ୍ଗଳାଚରଣ ପାଠ କରିଥିଲେ। ପରେ ସ୍ୱର୍ଗତ ପଣ୍ଡିତ ଦୀନବନ୍ଧୁ ପାଣିଗ୍ରାହୀଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପୁସ୍ତକର ରଚୟିତା ସୁଧାକର ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପୁସ୍ତକର ମୂଲ୍ୟବୋଧ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କବୟିତ୍ରୀ ସଂଘମିତ୍ରା ରଥ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ଭିକାରୀ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।



'ଶ୍ରୀଜଗନ୍ନାଥ ନାମାକ୍ଷରୀ' ପୁସ୍ତିକ ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

## ପିଏନ୍ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଖୋର୍ଦ୍ଧା ଅଫିସ,୨୫।୪

ପ୍ରାଣନାଥ(ପିଏନ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଏବଂ ବିଶ୍ରାମାଗାର ନିର୍ମାଣ ଦାବି ନେଇ ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏହି ଦାବିପତ୍ର ଗ୍ରହଣ କରିଥିଲେ। ପିଏନ୍ କଲେଜ ଓଡ଼ିଶାର ଏକ ଲବ୍ଧପ୍ରତିଷ୍ଠିତ କଲେଜ। ଏଠାରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ଅଧ୍ୟୟନ କରୁଛନ୍ତି। ପିଲାଙ୍କ ପାଇଁ କଲେଜ ସମ୍ମୁଖରେ ବିଶ୍ରାମାଗାର ନାହିଁ। ଏବେ ଗ୍ରୀଷ୍ମ ପ୍ରଭାବ ଯୋଗୁ ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରଚଣ୍ଡ ଖରା ଅନୁଭୂତ ହେଉଛି। ଫଳରେ ଛାତ୍ରୀଛାତ୍ରମାନେ ଖରାରେ ଘରକୁ ଫେରିବା ପାଇଁ ଅପେକ୍ଷା କରି ରହୁଛନ୍ତି। ଆଗକୁ ବର୍ଷା ଦିନ ମଧ ରହିଛି। ତେଣୁ ପିଲାମାନଙ୍କ ପାଇଁ ଏକ ଯୁଦ୍ଧକାଳୀନ ଭିତ୍ତିରେ ଏକ ବିଶ୍ରାମାଗାର ନିର୍ମାଣ କରାଯାଉ। ଦ୍ୱିତୀୟତଃ ପ୍ରାକ୍ ସ୍ୱାଧୀନତା ପୂର୍ବରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶିକ୍ଷାର ପ୍ରଗତି ଲକ୍ଷ୍ୟରେ ଏଠାରେ କଲେଜ ପ୍ରତିଷ୍ଠା କରିଥିଲେ। ପ୍ରାଣନାଥଙ୍କ ନାମାନୁସାରେ ଏହା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାବେ ପରିଚିତ। ଏହି କଲେଜର ବିଶ୍ୱବିଦ୍ୟାଳୟ ପାଇଁ ସମସ୍ତ ଭିତ୍ତିଭୂମି ରହିଛି। ୭୫ ଏକର ପରିମିତ ଏହି କଲେଜରେ ଉନ୍ନତ ଶୈକ୍ଷିକ ବାତାବରଣ ରହିଛି। ନାକ୍ ଦ୍ୱାରା ଏ ପ୍ଲସ୍‌ପ୍ଲସ୍ ଯୋଗ୍ୟତା ହାସଲ କରିଛି। ବାରମ୍ବାର ଦାବି ସତ୍ତ୍ୱେ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉନାହିଁ। ଏହି କଲେଜଠାରୁ ପଛରେ ଆରମ୍ଭ ହୋଇଥିବା କେତେକ ଶିକ୍ଷାନୁଷ୍ଠାନକୁ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଉଛନ୍ତି। କିନ୍ତୁ ଦୀପତଳ ଅନ୍ଧାର ଭଳି ରାଜଧାନୀଠାରୁ ମାତ୍ର ୩୦କିମି ଦୂରରେ ଅବସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅଣଦେଖା କରାଯାଉଛି। ରାଜନୈତିକ ଇଚ୍ଛାଶକ୍ତି କିମ୍ବା ଉଚ୍ଚ ଶିକ୍ଷା ବିଭାଗର ଉଦାସୀନତା କାରଣରୁ ଏହି କଲେଜ ସମସ୍ତ ଭିତ୍ତିଭୂମି ସତ୍ତ୍ୱେ ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଉନାହିଁ। ପିଲାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଛାତ୍ର କଂଗ୍ରେସ ଉପରୋକ୍ତ ଦୁଇ ଦଫା ଦାବି ପୂରଣ ଲାଗି ଦାବି କରିଛି। ଏ ଦିଗରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଗଲେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବରାଳଙ୍କ ନେତୃତ୍ୱରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ଲାବନ ପଟ୍ଟନାୟକ, ଗୋପନ ମାର୍ଥା, ଜିଲା କଂଗ୍ରେସ ଉପସଭାପତି ପଦ୍ମଚରଣ ରାୟ, ଛାତ୍ର ନେତା ସ୍ୱୟଂ ସ୍ୱାଇଁ, ଜୀବନ ରାଉତରାୟ, ଅଙ୍କିତ ସ୍ୱାଇଁ, ବିକାଶ ରାଉତ, ପବିତ୍ର ପାଟ୍ଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଗୋପବନ୍ଧୁ, ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି କିଣିଲେ ବିଦେଶୀ



ପୁରୀ ଅଫିସ,୨୫।୪ - ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଜଣେ ବିଦେଶୀ ପର୍ଯ୍ୟଟକ କିଣି ନେଇଛନ୍ତି। ସୁଦୂର ଅଷ୍ଟ୍ରେଲିଆରୁ ପୁରୀ ଆସିଥିବା ପର୍ଯ୍ୟଟକ ହ୍ୟାରିପିଚ ମ୍ୟାନ ଗୋପବନ୍ଧୁ ଏବଂ ଆଚାର୍ଯ୍ୟ ହରିହରଙ୍କ ଦୁଇଟି ଫାଇଭର ମୂର୍ତ୍ତି ନିଜ ଦେଶକୁ ନେଇଛନ୍ତି। ନିଜ ଅଞ୍ଚଳର କମ୍ୟୁନିଟି ହଲ ସମ୍ମୁଖରେ ଏହି ମୂର୍ତ୍ତିକୁ ସେ ସ୍ଥାପନ କରିବେ ବୋଲି କହିଛନ୍ତି। ପଣ୍ଡିତ ଗୋପବନ୍ଧୁ ଦାସ ଓ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ଦେଖିବା ସହ ତାଙ୍କ ଜୀବନୀ ବିଷୟରେ ଜାଣି ସେ ବହୁତ ଖୁସି ହୋଇଥିଲେ। ତେଣୁ ଏହି ମୂର୍ତ୍ତିଗୁଡ଼ିକୁ ସ୍ଥାପନ କରିବା ପାଇଁ ସେ ଅଷ୍ଟ୍ରେଲିଆ ନେଇଛନ୍ତି। ନିଜେ ଜଣେ ଭ୍ରମଣକାର ହୋଇଥିବାରୁ ଏଯାବତ ୮୦ ବର୍ଷ ବୟସରେ ୬୦ରୁ ଅଧିକ ଦେଶ ବୁଲିବା ସହ ସେଠାକାର ଇତିହାସ ବିଷୟରେ ଜାଣୁଛନ୍ତି ହ୍ୟାରିପିଚ ମ୍ୟାନ୍। ତେବେ ଭାରତ ଏବଂ ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବାରୁ ଏହା ତାଙ୍କୁ ଆକର୍ଷଣ କରିଛି ବୋଲି କହିଛନ୍ତି ବିଦେଶୀ ପର୍ଯ୍ୟଟକ। ପୁରୀ ଆସିବା ପରେ ଓଡ଼ିଶାର ଏହି ମହାପୁରୁଷଙ୍କ ବିଷୟରେ ଜାଣିବା ପରେ ଦୁଇଟି ଫାଇବର ମୂର୍ତ୍ତିକୁ ସେ ୧୦ ହଜାର ଟଙ୍କାରେ କିଣିଛନ୍ତି ବିଦେଶୀ ପର୍ଯ୍ୟଟକ।

### ସିଆର୍‌ପିସି ୧୧୦ ନିୟମ ଉଲ୍ଲଂଘନ ଅଭିଯୋଗରେ ୪ଜଣଙ୍କୁ ଜେଲ

ପୁରୀ ଅଫିସ,୨୫।୪ - ସିଆର୍‌ପିସି-୧୧୦ର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ୪ ଅପରାଧୀଙ୍କୁ ୨ରୁ ୩ବର୍ଷ ଯାଏଁ ଜେଲ୍‌ରେ ରହିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏ ନେଇ ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେମାନେ ହେଲେ କୁମାରପଡା ଥାନା ଅନ୍ତର୍ଗତ ଗଙ୍ଗାମାତା ବଗିଚାର ଜିତେନ୍ଦ୍ର କୁମାର ସାହୁ ଓରଫ ଜିତୁ, ବସଷ୍ଟାଣ୍ଡ ରଘୁପତି ନଗରର ମିଳନ ମିଶ୍ର, ତାଳବରିଆ ଥାନା ଅନ୍ତର୍ଗତ ପିକେଆରଆଇଟି କାଲୁ ପଟ୍ଟନାୟକ ଓ ରଫ ପୋଡା ମୋବିଲ ଏବଂ ଟାଉନ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ନୂଆପାଟଣା ଗଳିର ସନ୍ତୋଷ ରାଉତ ଓରଫ ବାପୁନା। ଏମାନଙ୍କ ମଧ୍ୟରୁ ମିଲନକୁ ୨୦୨୬ ଜାନୁୟାରୀ ଯାଏଁ ଜେଲ୍ ରହିବାକୁ ନିର୍ଦ୍ଦେଶ ହୋଇଥିବାବେଳେ ୨୦୨୫ ଯାଏଁ ଅନ୍ୟ ୩ଜଣ ରହିବେ। ଗତ ଏକ ବର୍ଷ ମଧ୍ୟରେ ୨୬୩ଜଣ ଅଭ୍ୟାସଗତ ଅପରାଧୀ ସିଆର୍‌ପିସି-୧୧୦ରେ ବୁକ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦୫ଜଣ ସିଆର୍‌ପିସି-୧୧୦ର ସର୍ତ୍ତାବଳୀ ମାନିବା ପାଇଁ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି। ସେହିପରି ୧୫୮ଜଣଙ୍କ ମାମଲା ବିଚାରାଧୀନ ରହିଛି। ଏହାସହ ୩୪ଜଣଙ୍କ ବିରୋଧରେ ଆରେଷ୍ଟ ୱାରେଣ୍ଟ ଜାରି ହୋଇଛି। ସେହିପରି ଏଥିରୁ ୧୮ଜଣ ଅପରାଧୀ ସିଆର୍‌ପିସି-୧୧୦ର ସର୍ତ୍ତାବଳୀ ଉଲ୍ଲଂଘନ କରିଛନ୍ତି। ୧୮ଜଣଙ୍କ ମଧ୍ୟରୁ ପୂର୍ବରୁ ୫ଜଣଙ୍କୁ ୨ରୁ ୩ବର୍ଷ ଯାଏଁ ଜେଲ୍‌ରେ ରଖିବାକୁ ନିର୍ଦ୍ଦେଶ ଜାରି ହୋଇଥିବା ବେଳେ ମଙ୍ଗଳାବର ପୁଣି ୪ଜଣଙ୍କୁ ଜେଲରେ ରଖିବାକୁ ନିର୍ଦ୍ଦେଶ ହୋଇଛି।

# ବନ୍ଧୁକ ଲଗାଇ ଅପହରଣ ପରେ ହତ୍ୟା ଉଦ୍ୟମ

**ଗୋପ,୨୫।୪(ଡି.ଏନ୍.ଏ.)**

ସୋମବାର ବିଳମ୍ବିତ ରାତିରେ ଗୋପ ଥାନା ଅନ୍ତର୍ଗତ ଓରୁଆଳି ଗ୍ରାମ ନିକଟରେ ପାନ ଦୋକାନ କରିଥିବା ଉକ୍ତ ଗ୍ରାମର ପ୍ରଦୀପ ଦାସ(୨୮)ଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳୁ ସେ ଭୁବନେଶ୍ୱର ଧଉଳି ଥାନା ଅଧୀନ ଧଉଳି ପାହାଡ଼ ତଳୁ ଅଚେତ ଅବସ୍ଥାରେ ଉଦ୍ଧାର ହୋଇ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଅପହୃତ ପ୍ରଦୀପଙ୍କ ବାପା ଦେବନ କୁମାର ଦାସ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୮୯/୨୩ ) ରୁଜୁକରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, କୌଣସି କାରଣକୁ ନେଇ ସୋମବାର ରାତିରେ ପ୍ରଦୀପ ନିଜ ପାନ ଦୋକାନ ବନ୍ଦ କରି ଘରକୁ ନ ଯାଇ ସେଠାର ହିଁ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ନିକଟସ୍ଥ ଶଙ୍ଖତିରା ଗ୍ରାମର ୭ଜଣ ଯୁବକ ଉକ୍ତ ପାନ ଦୋକାନ ନିକଟକୁ ଆସି ପ୍ରଦୀପଙ୍କୁ ଉଠାଇ ପାନ ସିଗାରେଟ ମାଗିଥିଲେ। ସେ ଦୋକାନ ଖୋଲିବା ମାତ୍ରେ ଅଭିଯୁକ୍ତମାନେ ବନ୍ଧୁକ ଲଗାଇ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରି ନେଇଥିଲେ। ଗାଡ଼ି ଭିତରେ ପ୍ରଦୀପଙ୍କୁ ମାଡ଼ ମାରିବା ସହ ମଦ

**ଧଉଳି ପାହାଡ଼ ତଳୁ ଯୁବକ ଉଦ୍ଧାର**

ବୋତଲରେ ମୁଣ୍ଡ ଫଟାଇ ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଅନୁମାନ କରି ଅଭିଯୁକ୍ତମାନେ ଭୁବନେଶ୍ୱର ଧଉଳି ପାହାଡ ନିକଟରେ ଫୋପାଡି ଦେଇ ଚାଲିଯାଇଥିଲେ। ମଙ୍ଗଳବାର ଭୋରୁ ଜଣେ ବ୍ୟକ୍ତି ଧଉଳି ପାହାଡ଼ ଦେଇଯାଉଥିବା ବେଳେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖି ପୋଲିସକୁ ଖବର ଦେବା ପରେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ପ୍ରଦୀପଙ୍କ ଚେତା ଆସିବା ପରେ ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ସବୁ କଥା କହିଥିଲେ। ପ୍ରଦୀପଙ୍କ ଗୋଡ ଭାଙ୍ଗିବା ସହିତ ମୁଣ୍ଡ ଓ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ତାଙ୍କ ବାପା କହିଛନ୍ତି। ଆଉ ମଧ ସେ କହିଛନ୍ତି ଯେ ପୁଅ ଅପହରଣ ହେବା ନେଇ ସୋମବାର ଭୋର୍ ସମୟରେ ଗୋପ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ମୋ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଧଉଳି ପୋଲିସ କହିବା ପରେ ମୁଁ ଥାନାରେ ଅଭିଯୋଗ କରିଛି। ତେବେ ପ୍ରଦୀପଙ୍କୁ କିଏ ଓ କାହିଁକି ଅପହରଣ କରି ହତ୍ୟା ଉଦ୍ୟମ କଲା ସେନେଇ ପୋଲିସ ତଦନ୍ତ ଚଳାଇଛି।



ପୁରୀ ପୌରସଦନ ପରିସରରେ ଅନୁଷ୍ଠିତ ନାଟକ 'ବୟସର ଅନ୍ତେ' ରେ ଅଭିନୟ କରିଥିବା ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ ସମ୍ମାନିତ କରାଯାଉଛି ।

# ଦର୍ଶକଙ୍କ ମନ ମୋହିଲା ନାଟକ 'ବୟସର ଅନ୍ତେ'

**ପୁରୀ ଅଫିସ,୨୫।୪**

ଆଧୁନିକ ଯୁଗରେ ଦିନକୁ ଦିନ ହଜିବାକୁ ବସିଲାଣି ଓଡ଼ିଶାର ଐତିହ୍ୟ, ସଂସ୍କୃତି ଆଖଡା, ନାଟକ, ପାଲା ଓ ଦାସକାଠିଆ। ଏହାସତ୍ତ୍ୱେ କେତୋଟି ଜୀବନ୍ତ ନାଟକ, ଏକକ ନୃତ୍ୟ ଶୈଳୀ ଏବେ ବି ଦର୍ଶକଙ୍କ ମନକୁ ଆକର୍ଷିତକରି ରଖିପାରିଛି, ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୁରୀରେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ବରିଷ୍ଠ ଅଭିନେତ୍ରୀ ଅନୁ ଚୌଧୁରୀ ଓ ଅଭିନେତା ସମରେଶ ରାଉତରାୟଙ୍କ ଦ୍ୱାରା ସ୍ଥାନୀୟ ଟାଉନ ହଲ୍ ପରିସରରେ ତିନି ଦିନ ଧରି ପରିବେଷଣ ହୋଇଥିଲା ନାଟକ 'ବୟସର ଅନ୍ତେ'। ଏହି ନାଟକକୁ ଦେଖିବାକୁ ଦର୍ଶକଙ୍କ ପ୍ରବଳ ଭିଡ଼ ଜମିଥିଲା। ନାଟକରେ ଅନୁ ଓ ସମରେଶଙ୍କ ନିଛକ ଏକ ସ୍ୱାମୀ ଓ ସ୍ତ୍ରୀର ଅଭିନୟ ଦର୍ଶକଙ୍କ ମନକୁ ଛୁଇଁ ଯାଇଥିଲା। ସଂସାରରେ ବାପା ଓ ମା'ଙ୍କ ବୟସ ଅପରାହ୍ନରେ ଏକୁଟିଆ ରହିବାର ଅସୁବିଧାକୁ ଅଭିନୟ ଜରିଆରେ ସମସ୍ତଙ୍କୁ ସଚେତନ କରିଥିଲେ। ପିଲାମାନେ ଉଚ୍ଚ ଶିକ୍ଷିତ ହେବା ପରେ ଅଧିକ ରୋଜଗାର ଲୋଭରେ ବିଦେଶରେ ଚାକିରି କରୁଛନ୍ତି। ହେଲେ ମାତାପିତାଙ୍କ ବୟସ ଅପରାହ୍ନରେ ଚଳିବାରେ ବହୁତ ଅସୁବିଧା ସହ ଅଘଟଣର ଶିକାର ହେଉଥିବାର ଦୃଶ୍ୟ ନାଟକ ଜରିଆରେ ପ୍ରଦର୍ଶିତ କରି ସଚେତନତାର ବାର୍ତ୍ତା ଦେଇଥିଲେ। ଫଳରେ ନାଟକ ସମସ୍ତ ଦର୍ଶକଙ୍କ ମନ ମୋହିଥଲା। ନାଟକର ଶେଷ ଦିନରେ ଦର୍ଶକମାନେ ସମରେଶ ଓ ଅନୁଙ୍କୁ ବେଶ୍ ପ୍ରଶଂସା କରିଥିଲେ। ଏହି ନାଟକକୁ ପରିବେଷଣ କରାଇବାରେ ସହାୟକ କରିଥିବା ହୋଟେଲ ହଲିଡେ ରିସର୍ଟର ପରିଚାଳନା ନିର୍ଦ୍ଦେଶକ ରାଜକିଶୋର ପାତ୍ର ଓ ହୋଟେଲ ସାନ୍ତ୍ୱନାର ପରିଚାଳନା ନିର୍ଦ୍ଦେଶକ ତଥା ଚନ୍ଦ୍ରଶେଖର ଏକାଡେମୀର ସଭାପତି ଶ୍ରୀମନ୍ତ କୁମାର ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ଉଦ୍‌ଯାପନ ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିପ୍ଳବ ପ୍ରକାଶ ମହାନ୍ତି।

# ଏସ୍‌ୟୁସିଆଇର ପ୍ରତିଷ୍ଠା ଦିବସ

**ସାକ୍ଷୀଗୋପାଳ,୨୫।୪(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଲଗୁମ ଗାଇବାଟିଆ ପାର୍ଟି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ୯୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସତ୍ୟବାଦୀ ଆଞ୍ଚଳିକ କମିଟି ସମ୍ପାଦକ ତଥା ପୁରୀ ଜିଲା କମିଟି ସଭ୍ୟ କମ୍ରେଡ ସୁବାସ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀର ସଭ୍ୟ କମ୍ରେଡ ରଘୁନାଥ ଦାସ ଯୋଗଦେଇ ସଂଗ୍ରାମ, ତ୍ୟାଗ ଓ ବଳିଦାନର ଇତିହାସ ବର୍ଣ୍ଣନା କରିଥିଲେ। ଶ୍ରମିକ, କୃଷକ, ସର୍ବୋପରି ସମସ୍ତ ବର୍ଗର ଜନସାଧାରଣଙ୍କ ଉପରେ ହେଉଥିବା ଶୋଷଣରୁ ମୁକ୍ତି ପାଇଁ ଅର୍ଥାତ୍ ସାମ୍ୟବାଦ ପ୍ରତିଷ୍ଠା ପାଇଁ ମହାନ୍ ମାର୍କ୍ସବାଦ ଚିନ୍ତା ପ୍ରକଟ, ସର୍ବହରାର ପଥ ପ୍ରଦର୍ଶକ କମ୍ରେଡ ଶିବଦାସ ଘୋଷଙ୍କ ଦ୍ୱାରା ଗଠିତ ଭାରତ ବର୍ଷରେ ଏକମାତ୍ର କମ୍ୟୁନିଷ୍ଟ ପାର୍ଟି ଏସ୍‌ୟୁସିଆଇ ଗଠନର ତାତ୍ପର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ପ୍ରତି ଦେଶ ତଥା ଓଡ଼ିଶାରେ ଦେଖାଦେଉଥିବା ଉତ୍କଟ ଦରଦାମ ବୃଦ୍ଧି, କ୍ରମ ବର୍ଦ୍ଧମାନ, ବେକାର ସମସ୍ୟା, ନାରୀ ନିର୍ଯାତନା, ଦୁର୍ନୀତି ଆଦି ଜନଜୀବନ ସମ୍ମୁଖୀନ ହେଉଥିବା ବହୁବିଧ ସମସ୍ୟା ଉପରେ ଆଲୋକପାତ ହୋଇଥିଲା। ଜିଲା କମିଟି ସମ୍ପାଦକ କମ୍ରେଡ ସୁବାସ ବରାଳ ଯୋଗଦେଇ ପାର୍ଟିର ସଭ୍ୟ ସଂଖ୍ୟା ବୃଦ୍ଧି ପାଇଁ ଜନସାଧାରଣଙ୍କୁ ଅବଗତ କରିଥିଲେ। ଶ୍ୟାମସୁନ୍ଦର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବାଲ୍ୟବିବାହ ରୋକିବାକୁ ଆଇନ କଡ଼ାକଡ଼ି ହେଉ



ବାଲ୍ୟ ବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

**ସାକ୍ଷୀଗୋପାଳ, ୨୫।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକସ୍ତରୀୟ ବାଲ୍ୟବିବାହ ନିରୋଧ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା ଏଥିରେ ସଭାପତିତ୍ୱ କରି ବାଲ୍ୟବିବାହ ସମାଜ ପାଇଁ ଏକ କଳଙ୍କିତ କାର୍ଯ୍ୟ ବୋଲି କହିଥିଲେ। ଏ ଦିଗରେ ପ୍ରତି ପରିବାରର ସଦସ୍ୟ ସଚେତନ ରହିବା ଜରୁରୀ। ଏଭଳି ବେଆଇନ କାମରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ଜେଲ ଜରିମାନା ଦଣ୍ଡ ବ୍ୟବସ୍ଥା ରହିଛି। ମାତ୍ର ଏହାକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁପାଳନ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ଉପରେ ଅଧ୍ୟକ୍ଷ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଲୋଚନ ଦାସ ଯୋଗଦେଇ ଏଦିଗରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରାରମ୍ଭରେ ସିଡିପିଓ ରାଜଲକ୍ଷ୍ମୀ ଦାସ ବ୍ଲକସ୍ତରୀୟ ଟାସ୍କଫୋର୍ସ ଅଧିକ କ୍ରିୟାଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଅଙ୍ଗନୱାଡ଼ି କେନ୍ଦ୍ରରେ କନ୍ୟା ଓ ବର ଉଭୟ ପଞ୍ଜୀକରଣ କରିବା ବାଧ୍ୟତାମୂଳକ କରିବା ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ମନ୍ଦିରରେ ବାଲ୍ୟ ବିବାହ ନିଷିଦ୍ଧ ସୂଚନା ଫଳକ ଲଗାଯିବ ବୋଲି କହିଥିଲେ। ମହିଳା ମହାସଂଘ ସଭାପତି ଲକ୍ଷ୍ମୀପ୍ରିୟା ଦାଶ, କିଶୋର ମହାପାତ୍ର, ଶିବ ପ୍ରସାଦ ମିଶ୍ର, ମୌସୁମୀ ବେଗମ, ଓଏଲ୍‌ଏମ୍ ସଂଯୋଜିକା ଶାଶ୍ୱତୀ ଦାସ ଓ ଖରରଦାତା ପୂର୍ଣ୍ଣାନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନର ସମାବର୍ତ୍ତନ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ପ୍ରତିଭା ।

**ନିମାପଡ଼ା,୨୫।୪(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ନହନ୍ତରାଠାରେ ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନର ପ୍ରଥମ ସମାବର୍ତ୍ତନ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଭାଜପାର ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ୱାର୍ଲ୍ଡ ଆର୍ଟ, ଓଡ଼ିଶାର ସମ୍ପାଦକ ତଥା ମୁଖ୍ୟ କାର୍ଯ୍ୟକ୍ରମ ନିର୍ବାହୀ ବିପିନ୍ ବିହାରୀ ସାହୁ, ହସ୍ତଶିଳ୍ପ, ପୁରୀର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ସୁନିଲ ପଟ୍ଟନାୟକ, ହସ୍ତଶିଳ୍ପ ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ ଦେବେନ୍ଦ୍ର ଚନ୍ଦ୍ର ମିଶ୍ର, ନିମାପଡ଼ା ସାହିତ୍ୟ ସଂସଦ ସଭାପତି ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ରାଉତରାୟ, ଫାଉଣ୍ଡେଶନ ଅଧ୍ୟକ୍ଷ ଶରତଚନ୍ଦ୍ର ପ୍ରଧାନ, ପରିଚାଳନା ନିର୍ଦ୍ଦେଶକ ସୌଦାମିନୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ହସ୍ତଶିଳ୍ପ, ପଟ୍ଟଚିତ୍ରର କଳାକୃତି, ଶିଳ୍ପୀଙ୍କର ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଦିଗରେ ଅତିଥିମାନେ ଆଲୋକପାତ କରିଥିବାବେଳେ ପଟ୍ଟଶିଳ୍ପ କଳାକୃତି, ଦେଶ ବିଦେଶରେ ବିଦିତ ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ହସ୍ତଶିଳ୍ପ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର, ଶିଳ୍ପୀ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ବରିଷ୍ଠ ପଟ୍ଟଚିତ୍ର ଶିଳ୍ପୀ ନରହରି ଭୋଇଙ୍କୁ ଶିଳ୍ପୀ କୁଳଚନ୍ଦ୍ରମା ସମ୍ମାନ, କଳା ଶିକ୍ଷକ ସାରଦା ପ୍ରସନ୍ନ ବେହେରାଙ୍କୁ ପଞ୍ଚାନନ ସେନାପତି ସ୍ମୃତି ସମ୍ମାନ, ପ୍ରଶାନ୍ତ ଦାସଙ୍କୁ ଭୋଳାନାଥ ଶିଳ୍ପୀ ସମ୍ମାନ, ପଟ୍ଟଚିତ୍ର ଶିଳ୍ପୀ ମୋନାଲିସା ପାତ୍ରଙ୍କୁ ଭୋଳାନାଥ ଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଶିଳ୍ପୀ ଆଶୁତୋଷ ସ୍ୱାଇଁ, ବିଭୂତି ପ୍ରସନ୍ନ ବେହେରା, ଅନନ୍ଦିତା ମହାରଣା, ଗୌରବ ଦାସ, ଅଙ୍କିତା ପ୍ରିୟଦର୍ଶନୀ ପରିଡ଼ା, ବାଗ୍ମୀସ୍ୱରୂପା ହାତୀ, ସ୍ୱାଗତ ସୌରଭ ସ୍ୱାଇଁ, ତନ୍ମୟ ଦାସ ପ୍ରମୁଖଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତଜ୍ଞ, କବି, ଶିଳ୍ପୀ, ଗଙ୍ଗାଧର ଓଝା, ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ, ଖବରଦାତା ତଥା ସାମାଜିକ କର୍ମୀ ବିରଞ୍ଚନ ମଲ୍ଲିକ ପ୍ରମୁଖ ଏହି ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ଉକ୍ତ ସମାରୋହରେ ବହୁ ଶିକ୍ଷାବିତ୍, କବି, ସାହିତ୍ୟିକ, ଶିଳ୍ପୀ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

# ଭାରତ ବର୍ଷର କୃଷି ଓ କୃଷକର ମହିମା ବିଶ୍ୱରେ ୧ନଂ.

**ସାକ୍ଷୀଗୋପାଳ,୨୫।୪(ଡି.ଏନ.ଏ)**

**କୃଷକ ମହାସଂଘର ବାର୍ଷିକୋତ୍ସବ**

ନୀଳାଚଳ କୃଷକ ମହାସଂଘର ୩୮ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସ୍ଥାନୀୟ ଆଦର୍ଶ ଗ୍ରାମ ନୂଆଗାଁ ରାସ୍ତା ପାର୍ଶ୍ୱରେ ମଙ୍ଗଳବାର କୃଷକ ଦିବସ ପାଳିତ ହୋଇଯାଇଛି। ମହାସଂଘ ସଭାପତି ଗୋପୀନାଥ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମହାସଂଘ ଉପଦେଷ୍ଟାମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଆଇନଜୀବୀ ତଥା ନବଜୀବନ ମଣ୍ଡଳ ସଭାପତି ଗୁରୁଚରଣ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରସନ୍ନ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି କେଭିକେ ମୁଖ୍ୟ ଡ. ସଞ୍ଜୟ ମହାନ୍ତି, ଗୃହ ବିଜ୍ଞାନୀ ଡ. ସୁମିତା ଆଚାର୍ଯ୍ୟ, କେନ୍ଦ୍ରୀୟ ମହିଳା କୃଷି ଗବେଷଣା କେନ୍ଦ୍ର ପ୍ରାଣୀ ବୈଜ୍ଞାନିକ ଡ. ବିଶ୍ୱନାଥ ମିଶ୍ର, ମିଲେଟ ମ୍ୟାନ ଇ. ସନ୍ଦୀପ ସେନ ପ୍ରମୁଖ ଯୋଗଦେଇ କୃଷକ ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଚାରି ଯୁଗରେ ଭାରତ ବର୍ଷ କୃଷି ଓ କୃଷକର ଦେଶ ବୋଲି ବୈଠକରେ ବକ୍ତାମାନେ ମତ ରଖିଥିଲେ। ଚାଷୀ ଓ କୃଷିର ମହିମା ଭାରତ ବର୍ଷରେ ବିଶ୍ୱର ଏକ ନମ୍ବର ବୋଲି ସଭାପତି ମିଶ୍ର କହିଥିଲେ। ପୁରୀ ଜିଲାର ବିଭିନ୍ନ ବ୍ଲକରୁ ୧୧ ଜଣ ସଫଳ ମହିଳା ଓ ପୁରୁଷ ଚାଷୀଙ୍କୁ କୃଷକ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୈଠକରେ ଜିଲାର ସମସ୍ତ ବ୍ଲକ ସଭାପତିଙ୍କ ସହିତ ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଉପସଭାପତି ପ୍ରକାଶ ନାୟକ, ଯୁଗ୍ମ ସମ୍ପାଦକ ଦୁଃଶାସନ ସ୍ୱାଇଁ, ସମ୍ପାଦକ ଉଗ୍ରସେନ ବିଶ୍ୱାଳ, କୋଷାଧ୍ୟକ୍ଷ ଫଗୁଚରଣ ପରିଡ଼ା, ମଧୁସ୍ମିତା ସେନାପତି ସାମିଲ ଥିଲେ। ପ୍ରବର୍ତ୍ତକ ହୃଷୀକେଶ ରାଉତରାୟ ଧନ୍ୟବାଦ ଦେଇଥିଲେ।

# 'ପିଲାଙ୍କୁ ଗଢ଼ିବା ମାତାପିତା, ଶିକ୍ଷକଙ୍କ ଗୁରୁଦାୟିତ୍ୱ'

**ପିପିଲି,୨୫।୪(ସ୍ୱ.ପ୍ର.)**

**ପାଣିଦୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ**

ପିପିଲି ନିକଟବର୍ତ୍ତୀ ପାଣିଦୋଳ ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ସମାରୋହ ଉତ୍ସବ ଉକ୍ତ ବିଦ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଏହି ଗ୍ରାମ ମହାପ୍ରଭୁ ଶ୍ରୀଜଗନ୍ନାଥ ଧାମର ନିକଟବର୍ତ୍ତୀ ହୋଇଥିବାରୁ ପାଣିଦୋଳବାସୀ ବହୁତ ଭାଗ୍ୟବାନ। ଶ୍ରୀଜଗନ୍ନାଥଙ୍କ ବିନା କିଛି ହୁଏନାହିଁ, ଦେଶରେ ଯାହା କିଛି ହେଉଛି ସବୁ ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ହେଉଛି। ଆଜିର ସମାଜରେ ନିଜକୁ ନିଜେ ଚିହ୍ନିବାର ସମୟ ଆସିଛି। ପିଲାଙ୍କୁ ଉତ୍ତମ ଭାବେ ଗଢିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ମାତାପିତାଙ୍କ ଗୁରୁଦାୟିତ୍ୱ ରହିଥିବା ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ବିଧାୟକ ରୁଦ୍ରପ୍ରତାପ ମହାରଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଭିଭାବକ ମହଲରେ ପ୍ରଶ୍ନ ଉଠିଥିବା ଘରୋଇ ସ୍କୁଲ ଏବଂ ସରକାରୀ ସ୍କୁଲର ଶିକ୍ଷାଦାନର ତାରତମ୍ୟକୁ ମନ୍ତ୍ରୀ ଦାଶ ଖଣ୍ଡନ କରି କହିଥିଲେ, ସରକାରୀ ସ୍କୁଲରେ ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ଘରୋଇ ସ୍କୁଲରେ ଅଣତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ଚଳିତବର୍ଷ ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଡାଇରୀ ବ୍ୟବସ୍ଥା କରାଯାଇଛି। ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରୀଛାତ୍ରଙ୍କର ଶିକ୍ଷାଦାନ ସମ୍ପର୍କିତ ତଥ୍ୟ ଉଲ୍ଲେଖ ରହିବ। ଯାହା ଅଭିଭାବକମାନେ ତାଙ୍କ ପିଲାର ପାଠପଢ଼ା ସମ୍ପର୍କରେ ଜାଣିପାରିବେ ବୋଲି ମନ୍ତ୍ରୀ କହିଥିଲେ। ପଲ୍ଲବୀ ଅନୁଷ୍ଠାନର ପବିତ୍ର ପରିଡାଙ୍କ ନିର୍ଦ୍ଦେଶନାରେ କଳାକାରଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ପରେ ପୁରାତନ ଛାତ୍ରମାନେ ରାଜ୍ୟପାଳଙ୍କୁ ପିପିଲି ଚାନ୍ଦୁଆ ଦେଇ ସମ୍ମାନିତ କରିଥିଲେ। ଗ୍ରାମର ପୁରାତନ ଛାତ୍ର ସୌମ୍ୟରଞ୍ଜନ ପଲେଇ ନିଜେ ଆଙ୍କିଥିବା ରାଜ୍ୟପାଳଙ୍କ ଏକ ଅବିକଳ ପଟ୍ଟଚିତ୍ରକୁ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜ୍ଞାନରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସୁଧୀର ନାୟକ, ତପନ ନାୟକ, ପ୍ରମୋଦ ପଲେଇଙ୍କ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପଲ୍ଲବୀ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ପାଣିଦୋଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ରାଜ୍ୟପାଳ ଓ ଅନ୍ୟମାନେ ।

# 'ଜୟଦେବଙ୍କ କୀର୍ତ୍ତି ଅକ୍ଷୟ ଓ ଅକ୍ଷତ'

**ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହ**

**ପୁରୀ ଅଫିସ,୨୫।୪**

ଜିଲାସ୍ତରୀୟ କବି ଜୟଦେବଙ୍କ ଜୟନ୍ତୀ ସମାରୋହ ମଙ୍ଗଳବାର ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟ ଏବଂ ଶ୍ରୀ ଜୟଦେବ ଫାଉଣ୍ଡେଶନ ସୌଜନ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଜୟଦେବ ଫାଉଣ୍ଡେଶନର ସମ୍ପାଦକ ପ୍ରଫୁଲ୍ଲ ତ୍ରିପାଠୀ ଯୋଗଦେଇ କବି ଜୟଦେବଙ୍କ ଅନନ୍ୟ କୃତି ସମ୍ପର୍କରେ ସୂଚନା ଦେଇ ସମସ୍ତ ମନ୍ଦିରରେ ଗୀତଗୋବିନ୍ଦ ପରିବେଷଣ କରାଯାଇଥାଏ ବୋଲି କହିଥିଲେ। ପ୍ରେମ ଓ ଭକ୍ତି ରସର ଅନବଦ୍ୟ ସୃଷ୍ଟି ଗୀତଗୋବିନ୍ଦ ଅତ୍ୟନ୍ତ ସରଳ ଓ ସାବଲୀଳ ଶବ୍ଦର ସମାହାର। ଏହାର ମାଧୁର୍ଯ୍ୟ, ପବିତ୍ରତା ଓ ଚମତ୍କାରିତା ଯୁଗ ଯୁଗ ପାଇଁ ଅମର ହୋଇରହିଥିବ ବୋଲି କହିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି କହିଥିଲେ, ଜୟଦେବ ଓ ଗୀତଗୋବିନ୍ଦ ଚିର ଅମର। ଶ୍ରୀ ଜଗନ୍ନାଥ ଓ ଗୀତଗୋବିନ୍ଦ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରଭୁଙ୍କୁ ଗୀତଗୋବିନ୍ଦ ଏତେ ପ୍ରିୟ ଯେ ଶୟନ ପୂର୍ବରୁ ପ୍ରଭୁ ଏହାକୁ ଶ୍ରବଣ କରି ହିଁ ଶୁଅନ୍ତି। ଅକ୍ଷୟ ତୃତୀୟାରେ ଜନ୍ମି ଥିବା ଜୟଦେବଙ୍କ କୀର୍ତ୍ତି ଅକ୍ଷୟ ଓ ଅକ୍ଷତ ବୋଲି ସେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସାହିତ୍ୟିକ ଅସିତ ମହାନ୍ତି, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଜୟଦେବ ଫାଉଣ୍ଡେଶନର ସଦସ୍ୟ ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ, ଜୟଦେବ, ଗୀତଗୋବିନ୍ଦ ସମ୍ପର୍କରେ ଆଲୋକପାତ କରିବା ସହ ଜୟଦେବଙ୍କ ଜୟନ୍ତୀ ଆଜି ଏକ ଜାଗରଣରେ ପରିଣତ ହୋଇଛି ବୋଲି କହିଥିଲେ। ଏକ ସମୟରେ ଜୟଦେବ ଓଡ଼ିଶାର ନୁହନ୍ତି ବୋଲି ପ୍ରମାଣ କରିବାକୁ ଚେଷ୍ଟା କରାଯାଇଥିଲା କିନ୍ତୁ ପ୍ରାମାଣିକତା ଓ ତଥ୍ୟ ଆଧାରରେ ଆଜି ଜୟଦେବ ହିଁ ଓଡ଼ିଶାର ବୋଲି ଦୃଢ ପ୍ରମାଣିତ ହୋଇଛି ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଫାଉଣ୍ଡେଶନ ସଦସ୍ୟ ଜଟାଧାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।




ସଂସ୍କୃତି ଭବନରେ ଅନୁଷ୍ଠିତ ଜିଲାସ୍ତରୀୟ କବି ଜୟଦେବ ଜୟନ୍ତୀ ସମାରୋହରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ବିଏସ୍‌କେୱାଇ ଟିମ୍ ପ୍ରଚେଷ୍ଟାରେ ନିରଞ୍ଜନଙ୍କୁ ମିଳିଲା ଚିକିତ୍ସା ସୁବିଧା

**ଭୁବନେଶ୍ୱର ୨୫।୪ (ବ୍ୟୁରୋ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଟିମ୍‌ଙ୍କ ପ୍ରଚେଷ୍ଟାରେ ବରିଷ୍ଠ ନାଗରିକ ନିରଞ୍ଜନ ନାୟକଙ୍କୁ ଉପଯୁକ୍ତ ଚିକିତ୍ସା ମିଳିଛି। ଯାଜପୁର ଜିଲା ଅନ୍ତର୍ଗତ ଦାନଗଦିର ବାସିନ୍ଦା ହେଉଛନ୍ତି ୬୦ ବର୍ଷ ବୟସ୍କ ନିରଞ୍ଜନ। ତାଙ୍କ ବାମ ଗୋଡଟି ଅଚଳ ହୋଇଯିବା ଫଳରେ ସେ ଭଲରେ ଯାତାୟାତ କରିପାରୁ ନ ଥିଲେ। ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜୁଥିବା ଖବର ଗଣମାଧ୍ୟମରୁ ଜାଣିବା ପରେ ରାଜ୍ୟ ବିଏସ୍‌କେୱାଇ ଟିମ୍ ମିଶନ ମୋଡରେ କାମ ଆରମ୍ଭ କରିଥିଲେ। ରାଜ୍ୟ ଟିମ୍‌ର ପରାମର୍ଶ ଏବଂ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ହେଲ୍‌ଥ ଟିମ ନିରଞ୍ଜନ ନାୟକଙ୍କ ଘରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦେଖିଥିଲେ। ନିରଞ୍ଜନଙ୍କ ବାମଗୋଡ଼ ଲିମ୍ଫେଡ଼େମା (ଗୋଦର) ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ପ୍ରାୟ ୧୦ବର୍ଷ ପୂର୍ବରୁ ସେ ଏହି ରୋଗରେ ପୀଡିତ ଥିଲେ। ଇତିମଧ୍ୟରେ ନିରଞ୍ଜନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଇ କାର୍ଡ ଯୋଗାଇ ଦିଆଯାଇଛି। ଏହି କାର୍ଡର ବ୍ୟବହାର କରି ଘରୋଇ ଡ଼ାକ୍ତରଖାନାରେ ନିଜର ଚିକିତ୍ସା କରିଛନ୍ତି। ତାଙ୍କର ପରବର୍ତ୍ତୀ ଚିକିତ୍ସା ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁବିଧା ଓ ବ୍ୟବସ୍ଥା କରାଯାଇଛି। ଏହି ସୁବିଧା ନେବାପାଇଁ ହେଲ୍‌ଥ ଟିମ୍ ତାଙ୍କୁ ଆବଶ୍ୟକ ସୂଚନା ସହାୟତା ଦେଇଛନ୍ତି। ଏଥିସହ ମାଗଣାରେ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଇଛି। ସେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ରହୁଥିବାରୁ ପ୍ରତି ସୋମବାର ସେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ସହ ଔଷଧ ପାଇପାରିବେ। ନିୟମିତ ଚିକିତ୍ସା କଲେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସୁଧୁରିବ ବୋଲି ଆଶା କରାଯାଉଛି।

### ଏକାମ୍ର ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ଅଧିବେଶନ

**ପୁରୁଣା ଭୁବନେଶ୍ୱର,୨୫।୪(ଡି.ଏନ୍.ଏ.):** ଏକାମ୍ର ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଲୁଇସରୋଡସ୍ଥିତ ଏକ ରିସୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତାଭାବେ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ମହାସଂଘର ଉପଦେଷ୍ଟା କୃପାସିନ୍ଧୁ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସୋଆ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡା. ଅଶୋକ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସୁଶ୍ରୀ ଦିପୀକା ପ୍ରିୟଦର୍ଶିନୀଙ୍କ ଓଡ଼ିଶୀ ନୃତ୍ୟ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ହୃଷିକେଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଧିରେନ ପଟ୍ଟନାୟକ ବାର୍ଷିକ ବିବରଣୀ, ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ଅତିଥିଙ୍କୁ ସ୍ୱାଗତ କରଥିଲେ। ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ଭାବର ଆଦାନପ୍ରଦାନ ନିମନ୍ତେ ଘରର ଆବଶ୍ୟକତା ଉପରେ ଗରୁତ୍ୱ ଦେଇଥିଲେ ମୁଖ୍ୟ ବକ୍ତା ସାହୁ। ଏହି ଅବସରରେ ବିଭିନ୍ନ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡା. ଅଜୟ କୁମାର ମିଶ୍ର, ପ୍ରଭାକର ମହାରଣା, ବଙ୍କିମ ଚନ୍ଦ୍ର ନାୟକ, ସୁଧାଂଶୁ ଶେଖର ମିଶ୍ର, ଜଗଜ୍ୟୋତି ପାଟଯୋଷୀ, ବସନ୍ତ କୁମାର ହାତୀ, ଅକ୍ଷୟ କୁମାର ସାହୁ, ଅମର କୁମାର ମହାରଣାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଉପସଭାପତି ଡ. ନୀତି ରଞ୍ଜନ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ବନ୍ଧୁକ ଲଗାଇ ଅପହରଣ ପରେ ହତ୍ୟା ଉଦ୍ୟମ

## ଧଉଳି ପାହାଡ଼ ତଳୁ ଯୁବକ ଉଦ୍ଧାର

**ଗୋପ,୨୫।୪(ଡି.ଏନ୍.ଏ.)**

ସୋମବାର ବିଳମ୍ବିତ ରାତିରେ ଗୋପ ଥାନା ଅନ୍ତର୍ଗତ ଓରୁଆଳି ଗ୍ରାମ ନିକଟରେ ପାନ ଦୋକାନ କରିଥିବା ଉକ୍ତ ଗ୍ରାମର ପ୍ରଦୀପ ଦାସ(୨୮)ଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳୁ ସେ ଭୁବନେଶ୍ୱର ଧଉଳି ଥାନା ଅଧୀନ ଧଉଳି ପାହାଡ଼ ତଳୁ ଅଚେତ ଅବସ୍ଥାରେ ଉଦ୍ଧାର ହୋଇ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଅପହୃତ ପ୍ରଦୀପଙ୍କ ବାପା ଦେବନ କୁମାର ଦାସ ଗୋପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୮୯/୨୩ ) ରୁଜୁକରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, କୌଣସି କାରଣକୁ ନେଇ ସୋମବାର ରାତିରେ ପ୍ରଦୀପ ନିଜ ପାନ ଦୋକାନ ବନ୍ଦ କରି ଘରକୁ ନ ଯାଇ ସେଠାର ହିଁ ଶୋଇ ପଡ଼ିଥିଲେ। ବିଳମ୍ବିତ ରାତିରେ ନିକଟସ୍ଥ ଶଙ୍ଖତିରା ଗ୍ରାମର ୭ଜଣ ଯୁବକ ଉକ୍ତ ପାନ ଦୋକାନ ନିକଟକୁ ଆସି ପ୍ରଦୀପଙ୍କୁ ଉଠାଇ ପାନ ସିଗାରେଟ ମାଗିଥିଲେ। ସେ ଦୋକାନ ଖୋଲିବା ମାତ୍ରେ ଅଭିଯୁକ୍ତମାନେ ବନ୍ଧୁକ ଲଗାଇ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରି ନେଇଥିଲେ। ଗାଡ଼ି ଭିତରେ ପ୍ରଦୀପଙ୍କୁ ମାଡ଼ ମାରିବା ସହ ମଦ ବୋତଲରେ ମୁଣ୍ଡ ଫଟାଇ ଦେଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇ ଯାଇଥିବା ଅନୁମାନ କରି ଅଭିଯୁକ୍ତମାନେ ଭୁବନେଶ୍ୱର ଧଉଳି ପାହାଡ ନିକଟରେ ଫୋପାଡି ଦେଇ ଚାଲିଯାଇଥିଲେ। ମଙ୍ଗଳବାର ଭୋରୁ ଜଣେ ବ୍ୟକ୍ତି ଧଉଳି ପାହାଡ଼ ଦେଇଯାଉଥିବା ବେଳେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖି ପୋଲିସକୁ ଖବର ଦେବା ପରେ ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା। ପ୍ରଦୀପଙ୍କ ଚେତା ଆସିବା ପରେ ଘଟଣା ସମ୍ପର୍କରେ ପରିବାର ସଦସ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ସବୁ କଥା କହିଥିଲେ। ପ୍ରଦୀପଙ୍କ ଗୋଡ ଭାଙ୍ଗିବା ସହିତ ମୁଣ୍ଡ ଓ ଶରୀରର ଅନେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ତାଙ୍କ ବାପା କହିଛନ୍ତି। ଆଉ ମଧ ସେ କହିଛନ୍ତି ଯେ ପୁଅ ଅପହରଣ ହେବା ନେଇ ସୋମବାର ଭୋର୍ ସମୟରେ ଗୋପ ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ପୋଲିସ ମୋ କଥାକୁ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଧଉଳି ପୋଲିସ କହିବା ପରେ ମୁଁ ଥାନାରେ ଅଭିଯୋଗ କରିଛି। ତେବେ ପ୍ରଦୀପଙ୍କୁ କିଏ ଓ କାହିଁକି ଅପହରଣ କରି ହତ୍ୟା ଉଦ୍ୟମ କଲା ସେନେଇ ପୋଲିସ ତଦନ୍ତ ଚଳାଇଛି।

## ରଥଖଳାର ଦ୍ୱିତୀୟ ଦିନ

# ୩ ରଥର ୯ ତୁମ୍ବ ଗୋଲେଇ ସରିଲା



**ପୁରୀ ଅଫିସ,୨୫।୪**

ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ପବିତ୍ର ଅକ୍ଷୟ ତୃତୀୟାଠାରୁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଚକ ପାଇଁ ତୁମ୍ବ ନିର୍ମାଣର କାର୍ଯ୍ୟ ଜାରିରହିଛି। ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଏବଂ ସେବକମାନଙ୍କ ହାତୁଡ଼ି ଏବଂ ନିହଣ ଶବ୍ଦରେ ଅସ୍ଥାୟୀ ରଥଖଳା ବେଶ୍ ଚଳଚଞ୍ଚଳ ହୋଇ ଉଠିଛି। ବିଶ୍ୱକର୍ମା ମହାରଣା, ଭୋଇ ସେବକ ଏବଂ ଓଝା ସେବକମାନେ ନିଷ୍ଠାର ସହ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ରଥ ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରେ ତିନି ରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ତିନିରଥରେ ମୋଟ ୪୨ଟି ଚକ ରହିଥାଏ। ତେଣୁ ୪୨ଟି ଚକ ପାଇଁ ୪୨ଟି ତୁମ୍ବ ନିର୍ମାଣ ଚାଲିଛି। ତେବେ ମଙ୍ଗଳବାର ରଥ ନିର୍ମାଣର ଦ୍ୱିତୀୟ ଦିନରେ ରଥ ନିର୍ମାଣକାରୀ ସେବକମାନେ ସକାଳ ୮ଟାରେ ରଥ ଖଳାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ସୁଦ୍ଧା ତିନିରଥର ମୋଟ ୯ଟି ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସୋମବାର ରଥ ନିର୍ମାଣର ପ୍ରଥମ ଦିନରେ ବିଶ୍ୱକର୍ମା ମହାରଣାମାନେ ଚିହ୍ନ ଦେବା ପରେ କରତି ସେବକମାନେ କାଠ ଗଡକୁ ଚିରଟ କରି ତିନି ରଥ ପାଇଁ ଦୁଇଟି ଲେଖାଏ ତୁମ୍ବ ଗଡ଼ ଯୋଗାଇଥିଲେ। ମଙ୍ଗଳବାର ତିନି ରଥର ମହାରଣାମାନଙ୍କୁ କରତି ସେବକମାନେ ଆଉ ଦୁଇଟି ଲେଖାଏ ତୁମ୍ବ ଗଡ଼ ଚିରଟ କରି ଯୋଗାଇଥିଲେ। ସେହିପରି ଦୁଇଟି ତୁମ୍ବ ପାଇଁ କାଠ ଚିରଟ ଜାରି ରଖିଛନ୍ତି। ଏଥିସହ ଓଝା ସେବକମାନେ ମଙ୍ଗଳବାରଠାରୁ ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ରଥ ପାଇଁ କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ପରମ୍ପରା ଅନୁଯାୟୀ ରଥ ନିର୍ମାଣର ପ୍ରଥମ ଦିନରେ ଓଝା ସେବକମାନେ ପୂଜାର୍ଚ୍ଚା ସହ ବିଧିବିଧାନ ଅନୁଯାୟୀ ଶାଳ ଅନୁକୂଳ କରିଥିଲେ। ପରେ ମଙ୍ଗଳବାର ତିନିରଥର କମାର ସେବକମାନେ ତୁମ୍ବରେ ଅର ସଂଯୋଗ ପାଇଁ ସର କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ତେବେ ରଥ ନିର୍ମାଣର ଦ୍ୱିତୀୟ ଦିନରେ ତିନିରଥର ମୋଟ ମହାରଣା ୧୭ଜଣ ନିୟୋଜିତ ଥିବା ବେଳେ ତିନିରଥରେ ଭୋଇ ସେବକ ୧୨ଜଣ, ତିନିରଥରେ କରତି ସେବକ ୪ଜଣ, ତିନିରଥରେ କମାର ସେବକ ୬ଜଣ ନିୟୋଜିତ ଥିବାବେଳେ ରଥଖଳା ସହାୟକ ଭାବେ ଜଣେ ନିୟୋଜିତ ରହିଛନ୍ତି। ଏହିପରି ରଥ ନିର୍ମାଣର ଦ୍ୱିତୀୟ ଦିନରେ ମୋଟ ୪୦ଜଣ ସେବାୟତ ଓ କାରିଗର ନିୟୋଜିତ ରହିଥିଲେ।

# ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରା



**ପୁରୀ ଅଫିସ,୨୫।୪**

ବୈଶାଖ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଅବସରରେ ପୁରୀ ଗୋବର୍ଦ୍ଧନ ପୀଠ ପରିସରରେ ଆଦି ଶଙ୍କରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମଠର ରୀତିନୀତି ଅନୁଯାୟୀ ପ୍ରଥମେ ଜଳଯାତ୍ରା, ଅଧିବାସ, ପଞ୍ଚକର୍ମ, ମଣ୍ଡଳ କରଣ,ଦେବତା ସ୍ଥାପନ, ଆଦି ଶଙ୍କରଙ୍କ ମହାଭିଷେକ ସହ ଅନ୍ୟ ନୀତି ଶେଷ ହୋଇ ଆଳତି କରାଯାଇଥିଲା। ପରେ ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମାଙ୍କ ନିକଟରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହାପରେ ଆଜ୍ଞାମାଳ ପାଇ ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମା ପଟୁଆର ଶୋଭାଯାତ୍ରାରେ ପୀଠ ପରିସରରେ ଥିବା ମା' ବିମଳାଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ଆଦି ଶଙ୍କରଙ୍କ ପ୍ରତିମୂର୍ତ୍ତିକୁ ନଗର ପରିକ୍ରମା କରାଯାଇଥିଲା। ବାଲିସାହି, ଦୋଳମଣ୍ଡପ ସାହି, ମୋଚି ସାହି ଛକ, ଲବଣିଆ ଛକ, ମରିଚିକୋଟ ଛକ, ରାଜନହର, ମନ୍ଦିର ଚତୁଃପାର୍ଶ୍ୱ ଦେଇ, ହରଚଣ୍ଡୀ ସାହି, ଗୌଡବାଡ଼ ସାହି, ସ୍ୱର୍ଗଦ୍ୱାର, କାଂଚିକାମକୋଟି ମଠ ଦେଇ ପୁନଃ ଗୋବର୍ଦ୍ଧନ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ସମୟରେ ବିଭନ୍ନ ସାହିର ବ୍ୟକ୍ତି ବିଶେଷମାନେ ଆଦି ଶଙ୍କରଙ୍କ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ସେହିପରି ଅନେକ ଶ୍ରଦ୍ଧାଳୁ ଆଦି ଶଙ୍କରଙ୍କ ନିକଟରେ ପନ୍ତି ଭୋଗ ଅର୍ପଣ କରିଥିଲେ। ନଗର ପରିକ୍ରମା ପରେ ଆଦି ଶଙ୍କରଙ୍କ ଅନ୍ୟ ନୀତି କରାଯାଇ ଚଳନ୍ତି ପ୍ରତିମା ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଜୟନ୍ତୀ ମହୋତ୍ସବ ସମିତିର ଅଧ୍ୟକ୍ଷ ଅଜୟ ଗୋଛିକାର, ସମିତି ସମ୍ପାଦକ ବିଶ୍ୱଶାନ୍ତି ତ୍ରିପାଠୀ ଏବଂ ଆଦିତ୍ୟ ବାହିନୀର ପ୍ରଦେଶ ଅଧ୍ୟକ୍ଷ ପୂର୍ବଚନ୍ଦ୍ର ଖୁଣ୍ଟିଆ, ଗଣେଶ୍ୱର ମହାସୁଆର, ତନ୍ମୟ ଚାଟାର୍ଜୀ, ମନମୋହନ ଚୈତନ୍ୟ ସାଙ୍ଗଲେ, ବରୁଣ ସାହୁ, କୁମାର ଭୀମସେନ, ଚିନ୍ମୟୀ ଦେଓ, ଦେବାଶିଷ ମିଶ୍ର, ସୌରବ ପସୋରିଆ, ରବୀନ୍ଦ୍ର ପଣ୍ଡା, ମାଗୁଣି ସାହୁ, ପୀତବାସ ନାୟକ, ସୁରେଶ କର, ରଞ୍ଜନ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ। ଆଦିତ୍ୟ ବାହାନୀର ରାଜ୍ଯ ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ସମ୍ପାଦକ ଦେବାଶିଷ ମିଶ୍ର, ନଗର ସଭାପତି ଗଣେଶ ମହାସୁଆର, ନଗର ସଚିବ ତନ୍ମୟ ଚାଟାର୍ଜୀ ଏବଂ ଆଦି ଶଙ୍କର ଜୟନ୍ତୀ ମହୋତ୍ସବ ସମିତିର ଆବାହକ ବିଚିତ୍ରା ନନ୍ଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ବର୍ତ୍ତମାନ ଡିଜିଟାଲ ଯୁଗରେ ଦୁନିଆର ଖବର ଜାଣିବା, ବ୍ୟାଙ୍କ କାରବାର, ବିଲ୍ ପେିଠ କରିବା, ଯାତାୟାତ ପାଇଁ ଗାଡି ବୁକ୍ କରିବା, ଟ୍ରେନ-ଉଡାଜାହାଜ ଯାତ୍ରା ପାଇଁ ଟିକେଟ ବୁକ୍ କରିବା, ପରିବେଶ ବିଷୟରେ ଜାଣିବା, ଖାଦ୍ୟ ମଗାଇବା ଆଦି କାର୍ଯ୍ୟ ଅତି ସହଜରେ ହୋଇପାରୁଛି। ମାତ୍ର ଏକ୍ଷେତ୍ରରେ ଅନେକ ସମୟରେ ବରିଷ୍ଠ ନାଗରିକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ଡିଜିଟାଲ ପ୍ରଶିକ୍ଷଣ ଦିଆଯାଇଛି। ନୀଳାଦ୍ରିବିହାର ବରିଷ୍ଠ ନାଗରିକ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ଶିବିରରେ ହେଲ୍ପ ଏଜ୍-ଇଣ୍ଡିଆର ଓଡିଶା ମୁଖ୍ୟ ଭାରତୀ ଚକ୍ରଙ୍କ ଉପସ୍ଥିତିରେ ମୁଖ୍ୟ ପ୍ରଶିକ୍ଷିକା ଦେବସ୍ମିତା ବ୍ରହ୍ମା ପ୍ରାୟ ୫୦ଜଣ ବରିଷ୍ଠ ନାଗରିକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ବିଧାୟକ ସୁଶାନ୍ତ ରାଉତ, ଗୃହ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ସ୍ଥାନୀୟ କର୍ପୋରେଟର ମୋନାଲିସା ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ତଥା ବରିଷ୍ଠ ନାଗରିକ ପରିଷଦର ମୁଖ୍ୟ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ। ପରିଷଦର ସମ୍ପାଦକ ବସନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତ୍ରିନାଥ ଦେବଙ୍କ ଦ୍ୱାଦଶ ବାର୍ଷିକୋତ୍ସବ



ବାଷିକ ଉତ୍ସବରେ ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ।

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଶ୍ରୀଶ୍ରୀ ତ୍ରିନାଥ ଦେବଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ ପଥରବନ୍ଧ ଗଣପତି କମିଟି ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ୧୭ ନଂ. ୱାର୍ଡ କର୍ପୋରେଟର ପୂଜା ମହାରଣା, ଭୁବନେଶ୍ୱର ଜିଲା ସମ୍ପାଦକ ଭୋଳାନାଥ ମହାରଣା, ଓଡ଼ିଶା ମୋ ପରିବାର ସଂଯୋଜକ ଡ. ପ୍ରକାଶ ତ୍ରିପାଠୀ, ୧୧ ନଂ. ୱାର୍ଡ କର୍ପୋରେଟର ପ୍ରଭାସିନୀ ମହାନ୍ତି ପ୍ରମୁଖ ଯଜ୍ଞରେ ଉପସ୍ଥିତ ଥିଲେ। ଏଥିରେ ସଭାପତି ସର୍ବେଶ୍ୱର ବିଶ୍ୱାଳ, ସମ୍ପାଦକ ବିନୋଦ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ଗିୱାଲି ଓ ଗଣପତି କମିଟି ସଦ୍ୟସ ବୃନ୍ଦ, ସୁଜ୍ଞାନ, ବିକ୍ରମ, ସନ୍ତୋଷ, ତରୁଣ, ପ୍ରଫୁଲ୍ଲ, ସେନା ଓ ବନ୍ଧନ ମହିଳା ସଙ୍ଘର ସମସ୍ତ କର୍ମକର୍ତ୍ତା ସହଯୋଗ ଓ ପରିଚାଳନା କରିଥିଲେ। ସାମାଜିକ କର୍ମୀ ତଥା ବିଜେଡି ସହ ସମ୍ପାଦକ ସୋମ୍ୟରଞ୍ଜନ ପ୍ରଧାନ ଓ ଅନନ୍ତ ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ଥର ଏକ୍‌ମୋ ମେଶିନ୍‌ରେ ସଫଳ ଅସ୍ତ୍ରୋପଚାର

## ସୁସ୍ଥ ହୋଇ ଘରକୁ ଫେରିଲେ ଦେବଗଡ଼ର ଯୁବକ

**କଟକ ଅଫିସ,୨୫।୪**

କଟକ ଏସ୍‌ସିବି ମେଡିକାଲରେ ପ୍ରଥମ ଥର ପାଇଁ ଏକ୍‌ମୋ ମେଶିନ ସହାୟତାରେ ଦେବଗଡ଼ ଯୁବକଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ସେ ସୁସ୍ଥ ହେବା ପରେ ମଙ୍ଗଳବାର ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥିବା ଜଣାପଡିଛି। ସୂଚନା ଅନୁସାରେ, ଦେବଗଡ଼ ଅଞ୍ଚଳର ରିଙ୍କୁ ଲୋହରା(୨୧)ଙ୍କ ଶ୍ୱାସନଳୀରେ ଏକ ଟ୍ୟୁମର ହୋଇଥିଲା। ଫଳରେ ସେ ଶ୍ୱାସକ୍ରିୟା ନେବାରେ



ରିଙ୍କୁ ଲୋହରା

କଷ୍ଟ ଅନୁଭବ କରୁଥିଲେ। ଏସ୍‌ସିବିର କାର୍ଡିଓଭାସକୁଲାର ସର୍ଜରି ବିଭାଗରେ ଏକ୍‌ମୋ ମେଶିନ ସହାୟତାରେ ତାଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇ ଟ୍ୟୁମର ବାହାର କରାଯାଇଥିଲା। ଶ୍ୱାସନଳୀରେ ଟ୍ୟୁମର ଥିବାରୁ ତାଙ୍କୁ ନିଶ୍ଚେତକ ଦେବା ସମ୍ଭବ ନ ଥିଲା। ଏଣୁ ଏକ୍‌ମୋ ମେଶିନର ଆବଶ୍ୟକତା ପଡ଼ିଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଗୋଟିଏ ଦିନ ଏକ୍‌ମୋ ମେଶିନ୍‌ରେ ଓ ପରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଏସସିବି ମେଡିକାଲର କାର୍ଡିଓଭାସକୁଲାର ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଜଟିଳ ଅସ୍ତ୍ରୋପଚାର କରିବାରେ ସଫଳ ହୋଇଛନ୍ତି। ଏହା ଓଡ଼ିଶାରେ ପ୍ରଥମ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ୯ଟି ଏକ୍‌ମୋ ମେଶିନ ଥିବାବେଳେ କୋଭିଡ୍ ପରେ ଏଗୁଡ଼ିକ ବ୍ୟବହାର ହେଉ ନ ଥିଲା।

# ଆଦିବାସୀ ଭାଷାର ସଂରକ୍ଷଣ ନେଇ ଆଲୋଚନା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଆଦିବାସୀ ଭାଷାର ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଏକ କର୍ମଶାଳା ଆୟୋଜନ କରାଯାଇଥିଲା। 'ଦୋଛକିରେ ଆଦିବାସୀ ଭାଷା: ଭବିଷ୍ୟତ ପାଇଁ ବିକଳ୍ପ' ଶୀର୍ଷକ ଏହି ଆଲୋଚନାଚକ୍ରରେ ଭାରତରେ ବିପଦରେ ଥିବା ଆଦିବାସୀ ଭାଷା ଏବଂ ସେଗୁଡିକର ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ନୃତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ସ୍କୁଲ ଅଫ୍ ଆଦିବାସୀ ଅଧ୍ୟୟନ ଓ ସ୍ୱଦେଶୀ ଅନୁସନ୍ଧାନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବକ୍ତାଭାବେ ଡ. ପରମାନନ୍ଦ ପଟେଲ, ଡ. ଶାନ୍ତନୁ କୁମାର ଦାସ, ରମାକାନ୍ତ ଜେନା, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦୁର୍ଗା ଶଙ୍କର ପଟ୍ଟନାୟକ, କୁଳସଚିବ ଡ.ଅଭୟ କୁମାର ନାୟକ, ନୃତତ୍ତ୍ୱ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର କାହ୍ନୁ ଚରଣ ଶତପଥୀ, ପରିବେଶବିତ୍ ଡ. ରୀନା ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ଭାଷା ସଂରକ୍ଷଣ ପାଇଁ ସରକାର ଓ ବିଭିନ୍ନ ସଂଗଠନ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ମଧ ଆଲୋଚନା କରାଯାଇଥିଲା। ବୈଷୟିକ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସ୍କୃତିର ସଂରକ୍ଷଣରେ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକ ଭାଷା ହଜିଗଲେ ଏଥିସହ ଜଡ଼ିତ ସଂସ୍କୃତି ବା ସେହି ଅଞ୍ଚଳ ତା'ର ସାଂସ୍କୃତିକ ପରିଚୟ ହରାଇବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।




କର୍ମଶାଳାରେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ଅନ୍ୟ ଅତିଥିମାନେ।

# ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କୁ ମିଳିବ ଥଣ୍ଡା ପାଣି

- ସ୍ଥିତି ଅନୁଧ୍ୟାନ କଲେ କୋଣାର୍କ ବାର ଆସୋସିଏଶନ ସଭାପତି, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ
- ୩ ଜାଗାରେ ଲାଗିବ ସ୍ୱଚ୍ଛ ଥଣ୍ଡା ପାଣି ମେଶିନ

**କୋଣାର୍କ,୨୫।୪(ଡି.ଏନ୍.ଏ.)**

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ହଜାର ହଜାର ସଂଖ୍ୟାର ପର୍ଯ୍ୟଟକ ଏଣିକି ମନ୍ଦିର ପରିସରରେ ଥଣ୍ଡା ପାଣି ପାଇପାରିବେ। ଏ ନେଇ ଖୁବ୍‌ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା ମନ୍ଦିର ପରିସରରେ କାର୍ଯ୍ୟକାରୀ ହେବାକୁ ଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଅପରାହ୍ଣରେ ପୁରୀ ସର୍କଲ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି.ଗଡ଼ନାୟକ ଓ କୋଣାର୍କ ବାର୍ ଆସୋସିଏଶନ ସଭାପତି ଶ୍ରୀଜୟ ବରାଳଙ୍କୁ ଆମନ୍ତ୍ରଣ କରି ସୂର୍ଯ୍ୟମନ୍ଦିରର ପରିସରରେ ଏଏସ୍‌ଆଇ ପକ୍ଷରୁ ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳ ନିମନ୍ତେ ଲଗାଯାଉଥିବା ୩ଟି ଉଚ୍ଚ ଶକ୍ତି ସମ୍ପନ୍ନ ଆକ୍ୱାଗାର୍ଡ ମେଶିନର ସ୍ଥାନ ଓ ଏହାର କାର୍ଯ୍ୟ ବୁଲାଇ ଦେଖାଇବା ସହିତ ସମସ୍ତ ବିବରଣୀ ଜଣାଇଥିଲେ।



ପରେ ଅନ୍ୟାନ୍ୟ କାର୍ଯ୍ୟଗୁଡିକୁ ଅନୁଧ୍ୟାନ କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପର୍ଯ୍ୟଟକଙ୍କ ପାଇଁ ମନ୍ଦିର ଭିତରେ ପାନୀୟ ଜଳର ସୁବିଧା ନ ଥିଲା। ଏବେ ସୂର୍ଯ୍ୟମନ୍ଦିର ପ୍ରବେଶ ପଥ, ପଶ୍ଚିମ ଉତ୍ତର ପାର୍ଶ୍ୱ ଓ ପ୍ରସ୍ଥାନ ପଥର ୩ଟି ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ରହିବ। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଅସହ୍ୟ ଗରମରେ କୋଣାର୍କ ବଜାରରୁ ପ୍ରାୟ ଗୋଟିଏ କିମି ଚାଲିଚାଲି ମନ୍ଦିରକୁ ଆସୁଛନ୍ତି। ମନ୍ଦିର ଭିତରେ ଗୋଟିଏ ନଳକୂପରେ ପର୍ଯ୍ୟଟକଙ୍କ ଲମ୍ବା ଲାଇନ ଲାଗିଥାଏ। ଏଏସ୍‌ଆଇର ଏଭଳି ଅବ୍ୟବସ୍ଥା ବିରୋଧରେ ଗତ ୫ତାରିଖରେ କୋଣାର୍କ ବାର୍ ଆସୋସିଏଶନ ସଭାପତି ଶ୍ରୀଜୟ ବରାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ ସୁବିଧା ଯୋଗାଇ ଦେବାକୁ ପିଟିଶନରେ ଉଲ୍ଲେଖ କରିଥିଲେ। ଫଳରେ ଗତ ୧୦ତାରିଖରେ ଉଚ୍ଚ ନ୍ୟାୟଳୟ ଏ ନେଇ ଶୁଣାଣି କରି ଏଏସ୍‌ଆଇକୁ ତୁରନ୍ତ ପିଇବା ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ ନାୟକ, କୋଣାର୍କ ସଂରକ୍ଷଣ ଅଧିକାରୀ ସୁମନ୍ତ ବିଶାସ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୪ ଚୋରା ବାଇକ ଉଦ୍ଧାର, ଜଣେ ଗିରଫ

**କଟକ ଅଫିସ,୨୫।୪:** ବାଇକ୍ ଚୋରି ଘଟଣାରେ ମଙ୍ଗଳାବାଗ ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ପିଙ୍ଗୁଆ ପାଟଣାସାହିର ଅଭିମନ୍ୟୁ ସାହୁ(୩୬)। ତାଙ୍କ ନିକଟରୁ ୪ଟି ଚୋରା ବାଇକ ଜବତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସୂତାହାଟ ଅଞ୍ଚଳର ଜିତେନ୍ଦ୍ର କୁମାର ସିଂହଙ୍କ ସ୍ତ୍ରୀ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୋମବାର ସନ୍ଧ୍ୟାରେ ଜିତେନ୍ଦ୍ର ବାଇକ୍ ଯୋଗେ ମେଡିକାଲ ଯାଇଥିଲେ। ସର୍ଜରୀ ବିଭାଗ ସମ୍ମୁଖରେ ବାଇକ ରଖି ୱାର୍ଡକୁ ପଶିଥିଲେ। ସେଠାରୁ ଫେରିବା ପରେ ତାଙ୍କ ବାଇକ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୧/୨୩) ରୁଜୁ କରିଥିଲା।

### ଗେଡୁବାବା ମଠର ବାର୍ଷିକ ଉତ୍ସବ

**କଟକ ଅଫିସ,୨୫।୪:** ଖାନ୍‌ନଗର ନୂଆସାହିସ୍ଥିତ ଗେଡୁବାବା ମଠର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଖାନ୍‌ନଗର ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, ଆଡ୍‌ଭୋକେଟ୍ ଅମିୟ କୁମାର ସାହୁ ଓ ନରେଶ କୁମାର ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଗିରିଧାରୀ ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ। ମଠ କମିଟି ସଭାପତି ପ୍ରଣୟ କିଶୋର ହରିଚନ୍ଦନ, ସମ୍ପାଦକ ସଞ୍ଜୀବ ମହାନ୍ତି ଓ ସହସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବତନ ଏମ୍‌ପି ତ୍ରିଲୋଚନ କାନୁନ୍‌ଗୋଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୨୫।୪:** ସାରଳା ସାହିତ୍ୟ ସଂସଦ ପକ୍ଷରୁ ପୂର୍ବତନ ଏମ୍‌ପି ତଥା କଟକ ପୌର ନିଗମର ପୂର୍ବତନ ନଗରପାଳ ତ୍ରିଲୋଚନ କାନୁନ୍‌ଗୋଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା କଟକ ସାରଳା ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ତ୍ରିଲୋଚନ ଥିଲେ ଜଣେ ନିଷ୍ପାପର ସାମାଜିକ କର୍ମୀ, ରାଜନେତା ଏବଂ ମୂଲ୍ୟବୋଧ ରାଜନୀତିର ପ୍ରତୀକ। ସେହିପରି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ସାହିତ୍ୟିକ ସହଦେବ ସାହୁ ଯୋଗଦେଇ କହିଥିଲେ, ଶିକ୍ଷା କ୍ଷେତ୍ରକୁ ତ୍ରିଲୋଚନଙ୍କ ଅବଦାନ ଉଲ୍ଲେଖନୀୟ। ଅନ୍ୟମାନଙ୍କ ମଧ୍ୟରେ ଡ. ମହେଶ୍ୱର ମହାନ୍ତି, ଡା. ସୁଦର୍ଶନ ପଟ୍ଟନାୟକ, ତରୁଣ କୁମାର ସାହୁ, ଇଂ. ରଘୁନାଥ ପ୍ରସାଦ ଦାସ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, କବି ପ୍ରମୋଦା ଦାସ, ପ୍ରଫେସର ଉମାଶଙ୍କର ମିଶ୍ର, କାନ୍ତିବାଳା ନାୟକ ଯୋଗଦେଇ ତ୍ରିଲୋଚନଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ।

### ରାଜଧାନୀ ପୁସ୍ତକମେଳା ପୁରସ୍କାର ପାଇଁ ଆବେଦନ ସମୟ ମେ’ ୨କୁ ଘୁଞ୍ଚିଲା

**ଭୁବନେଶ୍ୱର,୨୫।୪(ବ୍ୟୁରୋ):** ରାଜଧାନୀ ପୁସ୍ତକ ମେଳା ପୁରସ୍କାର ଗତ ୩ବର୍ଷ ଧରି ବନ୍ଦ ରହିଛି। ଚଳିତ ବର୍ଷ ୨୦୨୦, ୨୦୨୧ ଓ ୨୦୨୨ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବା ନେଇ ପୁସ୍ତକ ମେଳା କମିଟି ପକ୍ଷରୁ ସ୍ଥିର କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟର ୧୨ଟି ବିଭାଗ ଯଥା ପ୍ରବନ୍ଧ ସମାଲୋଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ କବିତା, ନାଟକ, ଅନୁବାଦ, ବିଜ୍ଞାନ ସାହିତ୍ୟ, ଧର୍ମ ସାହିତ୍ୟ, ଜୀବନୀ, ଭ୍ରମଣ କାହାଣୀ, ବ୍ୟଙ୍ଗ ସାହିତ୍ୟ ଓ ଶିଶୁ ସାହିତ୍ୟରେ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରକାଶିତ ପୁସ୍ତକଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଆବେଦନର ଶେଷ ତାରିଖ ଏପ୍ରିଲ ୨୫ ରହିଥିବାବେଳେ ଏହାକୁ ମେ’ ୨କୁ ଘୁଞ୍ଚାଇ ଦିଆଯାଇଥିବା ସଭାପତି ଡ. ଉପେନ୍ଦ୍ର କୁମାର ଜେନା ଜଣାଇଛନ୍ତି। ଆଗ୍ରହୀ ଲେଖକ କିମ୍ବା ପ୍ରକାଶନ ପୁସ୍ତକର ୩ଖଣ୍ଡ ନକଲ ସହିତ କେଉଁ ବର୍ଷ ପାଇଁ ଆବେଦନ କରୁଛନ୍ତି ଓ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ସହ ପଠାଇବା ପାଇଁ ଅନୁରୋଧ କରାଯାଇଛି।

# ପଙ୍କୋଦ୍ଧାର ବିଳମ୍ବକୁ ନେଇ ଅସନ୍ତୋଷ

**କଟକ ଅଫିସ, ୨୫।୪**

**ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ**

- ଯନ୍ତ୍ରୀ ବିଭାଗ ଓ ସଂସ୍ଥାର ତଥ୍ୟରେ ତାଳମେଳ ରହୁନାହିଁ
- ୩୦ ସୁଦ୍ଧା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ




କଟକ ମହାନଗର ନିଗମ(ସିଏମ୍‌ସି)ର ବିଭିନ୍ନ ୱାର୍ଡରେ ଦୁଇଟି ପର୍ଯ୍ୟାୟରେ ପଙ୍କୋଦ୍ଧାର କରାଯିବା କଥା। ଏଥିପାଇଁ ୩ଟି ଘରୋଇ ସଂସ୍ଥା(ମଞ୍ଜୁ, ପ୍ରତ୍ୟୁଷ ଓ ଜାଗୃତି)କୁ ଦାୟିତ୍ୱ ଦିଆଯାଇଛି। ହେଲେ ଏପ୍ରିଲ ମାସ ଶେଷ ହେବାକୁ ବସିଥିବାବେଳେ ପ୍ରଥମ ପର୍ଯ୍ୟାୟ ପଙ୍କୋଦ୍ଧାର ଶେଷ ହୋଇନାହିଁ। ଖାଲି ସେତିକି ନୁହେଁ ଟେଣ୍ଡର ନେଇଥିବା ସଂସ୍ଥା ପ୍ରକୃତରେ କେତେ ପଙ୍କୋଦ୍ଧାର କରିଛି ତା’ର ତଥ୍ୟ ଓ ଯନ୍ତ୍ରୀ ବିଭାଗ ତଥ୍ୟ ସହିତ ତାଳମେଳ ରହୁ ନାହିଁ। ଫଳରେ ପଙ୍କୋଦ୍ଧାର କିଭଳି ଭାବେ ଚାଲିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ୩ ସଂସ୍ଥାର ମନମୁଖି କାର୍ଯ୍ୟକୁ ନେଇ ଚେତାବନୀ ଦିଆଯିବା ସହିତ ଆସନ୍ତା ୩୦ ସୁଦ୍ଧା ପଙ୍କୋଦ୍ଧାର କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିସ କରାଯିବ। ଏନେଇ ମଙ୍ଗଳବାର ସିଏମ୍‌ସି ବିଜୁ ଭବନରେ ଅନୁଷ୍ଠିତ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ସ୍ଥାୟୀ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା।

ଏହି ୩ ସଂସ୍ଥାର କାର୍ଯ୍ୟକୁ ଯନ୍ତ୍ରୀ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଉ ନ ଥିବାରୁ ସହରରେ ପଙ୍କୋଦ୍ଧାର କାର୍ଯ୍ୟ ବିଳମ୍ବ ହୋଇଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କମିଟି ଅଧ୍ୟକ୍ଷା ମୁଳିଆଙ୍କ ନେତୃତ୍ୱରେ ସଂସ୍ଥାର ପଙ୍କୋଦ୍ଧାର କାର୍ଯ୍ୟକୁ ତଦାରଖ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ପ୍ରତି ୱାର୍ଡରେ କେତେ ନାଳ ଓ ତାହାର ମାପ ସଂକ୍ରାନ୍ତରେ ଯନ୍ତ୍ରୀ ବିଭାଗ ରିପୋର୍ଟ ପ୍ରସ୍ତୁତ କରିବାକୁ କୁହାଯାଇଛି। ଅପରପକ୍ଷରେ ରାସ୍ତାପାର୍ଶ୍ୱ ଅଚଳ ଲାଇଟ୍ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରର ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ମେସିନ ଅଚଳ ହୋଇପଡିଛି। ତେବେ କେତେ ସଂଖ୍ୟକ ମେସିନ ଅଚଳ ହୋଇପଡିଛି, ତାହାର ଏକ ସ୍ୱତନ୍ତ୍ର ରିପୋର୍ଟ ପ୍ରଦାନ କରିବାକୁ ଯନ୍ତ୍ରୀ ବିଭାଗକୁ କୁହାଯାଇଛି। ସେହିଭଳି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନେ କମିଟିକୁ ଜଣାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଧ୍ୟକ୍ଷା ମୁଳିଆ ଗତ କାଉନ୍‌ସିଲ ବୈଠକରେ ଏ ନେଇ ଅଭିଯୋଗ କରିଥିଲେ। ଫଳରେ ଏହି ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ପ୍ରତି କାର୍ଯ୍ୟ ସମ୍ପର୍କରେ ବିଭାଗୀୟ କମିଟିକୁ ଅବଗତ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ୱାଟ୍‌କୋ ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବୈଠକରେ କମିଟିର ସମସ୍ତ ସଦସ୍ୟ, ଯନ୍ତ୍ରୀ ବିଭାଗ ଓ ଜାଇକା ଅଧିକାରୀମାନେ ଯୋଗଦେଇଥିଲେ।

# ମଦ ଦୋକାନରୁ ଜରିମାନା ଆଦାୟ

**କଟକ ଅଫିସ, ୨୫।୪**

- ତାଳଦଣ୍ଡା କେନାଲରେ ଆବର୍ଜନା ଫିଙ୍ଗୁଥିଲେ
- ସିଏମ୍‌ସି ପରିମଳ ଏନ୍‌ଫୋର୍ସମେଣ୍ଟ ବିଭାଗର ଚଢଉ
- ଫାଷ୍ଟଫୁଡ୍ ଦୋକାନ ସିଲ୍

କଟକ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ତାଳଦଣ୍ଡା କେନାଲର ରୂପାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଏହାକୁ ଅପରିଷ୍କାର ନ କରିବା ପାଇଁ ମଧ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ପରାମର୍ଶ ଦିଆଯାଉଛି। ଏହାସତ୍ତ୍ୱେ ଉକ୍ତ କେନାଲକୁ ଅପରିଷ୍କାର କରାଯାଉଛି। କେନାଲ ଅପରିଷ୍କାର କରୁଥିବାରୁ ମଙ୍ଗଳବାର କଟକ ମହାନଗର ନିଗମ(ସିଏମ୍‌ସି) ପରିମଳ ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ତାଳଦଣ୍ଡା କେନାଲ ନିକଟ ଏକ ବିଦେଶୀ ମଦ ଦୋକାନରେ ଚଢାଉ କରାଯାଇ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ଏକ ଫାଷ୍ଟଫୁଡ୍ ଦୋକାନକୁ ସିଲ୍ କରିଦିଆଯାଇଛି। ପୂର୍ବରୁ ଏଭଳି ଘଟଣା ବାରମ୍ବାର ଘଟିବାକୁ ନେଇ ସିଏମ୍‌ସି କମିଶନର କ୍ଷୋଭ ପ୍ରକାଶ କରିଥିଲେ। ତାଳଦଣ୍ଡା କେନାଲ ନିକଟରେ ବ୍ୟବସାୟ କରୁଥିବା କେତେକ ହୋଟେଲ, ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନୀ ସେମାନଙ୍କର ବର୍ଜ୍ୟ ଏବଂ ବାସିଖାଦ୍ୟ କେନାଲ ଭିତରକୁ ଫିଙ୍ଗି ଦେଉଥିବା ଅଭିଯୋଗ ହୋଇଥିଲା। ଖବରପାଇ ସିଏମ୍‌ସି ପରିମଳ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସେଠାରେ ପହଞ୍ଚି ଦୋକାନଗୁଡିକ ଯାଞ୍ଚ କରିଥିଲେ। ଏତଦ୍‌ବ୍ୟତୀତ ସେଠାରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ସଚେତନ କରିବା ସହ କେନାଲରେ ଆବର୍ଜନା ନ ପକାଇବା ପାଇଁ ତାଗିଦ୍ କରାଯାଇଥିଲା। ସହକାରୀ କମିଶନର ତ୍ରିନାଥ ବେହେରା(ସାନିଟେଶନ), ତ୍ରିଶୂଳ ମାର୍ଦ୍ଦି ଏହି ଚଢାଉର ନେତୃତ୍ୱ ନେଇଥିବାବେଳେ କନିଷ୍ଠ ସାନିଟେଶନ ଏକ୍ସପର୍ଟ ସୁବ୍ରତ ମହାପାତ୍ର, ସାନିଟାରୀ ଇନ୍ସପେକ୍ଟର ପତିତପାବନ ମହାପାତ୍ରଙ୍କ ସମେତ ସିଏମ୍‌ସିର ୩ଟି ଟିମ୍ ସହଯୋଗ କରିଥିଲେ।




ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ବିଦ୍ୟାଧରପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଶୋଭାଯାତ୍ରାରେ ସଚେତନତା

**କଟକ ଅଫିସ,୨୫।୪**

କଟକ ବିଦ୍ୟାଧରପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଶୋଭାଯାତ୍ରା ବାହାରି ୫୫ନଂ. ୱାର୍ଡ ପରିକ୍ରମା କରିଥିଲା। ବିଶେଷକରି ମଶା କାମୁଡ଼ାରୁ ମ୍ୟାଲେରିଆ ରୋଗ ହୋଇଥାଏ। ତେଣୁ ମଶାଠାରୁ ଦୂରେଇ ରହିବା ସହ ପ୍ରତିଷେଧକ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ଲୋକ ମ୍ୟାଲେରିଆ ନିରାକରଣ ଉପରେ ଉଦ୍ୟମ ଜାରିରଖିବା ପାଇଁ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା ପରାମର୍ଶ ଦେଇଥିଲେ। ଏଏନ୍‌ଏମ୍ ପ୍ରିୟମ୍ବଦା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାନସ କୁମାର ପଣ୍ଡା, ଅନିରୁଦ୍ଧ ଦାସ, ଆଶାକର୍ମୀ ଶର୍ମିଳା ପାତ୍ର, ମଞ୍ଜୁଲତା ସାହୁ, ବିନୋଦିନୀ ବାରିକ, ସ୍ନେହଲତା ମହାରଣାଙ୍କ ସମେତ ମହିଳା ଆରୋଗ୍ୟ ସମିତିର ସଭ୍ୟାମାନେ ଉପସ୍ଥିତ ଥିଲେ।

### ୨୮ରୁ ନ୍ୟାଶନାଲ ଟ୍ରାଇବାଲ କାର୍ନିଭାଲ

**କଟକ ଅଫିସ,୨୫।୪**

କଟକ ଉପର ବାଲିଯାତ୍ରା ପଡିଆରେ ସା ପରିଚୟ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୨୮ରୁ ମେ’ ୮ ତାରିଖ ପର୍ଯ୍ୟନ୍ତ ନ୍ୟାଶନାଲ ଟ୍ରାଇବାଲ କାର୍ନିଭାଲ ଅନୁଷ୍ଠିତ ହେବ। ଏହି ମେଳାରେ ୧୨୦ରୁ ୧୪୦ଟି ଷ୍ଟଲ ମାଧ୍ୟମରେ ଓଡ଼ିଶାର ୧୧ଟି ଜିଲା ଓ ଦେଶର ୧୪ ରାଜ୍ୟରୁ ବିଭିନ୍ନ ଆଦିବାସୀ ଜନଜାତି ସମ୍ପ୍ରଦାୟ ଲୋକମାନେ ସେମାନଙ୍କ କଳାକୃତି ପ୍ରଦର୍ଶନ କରିବେ। ଏଥିସହ ବିଭିନ୍ନ ପ୍ରକାର ଲୋକନୃତ୍ୟ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ମଙ୍ଗଳବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ସୂଚନା ଦେଇଛନ୍ତି। ଜାତୀୟସ୍ତରରେ ଏଭଳି ମେଳା ପୂର୍ବରୁ ଆୟୋଜନ କରାଯାଇଥିବାବେଳେ କଟକରେ ଏହା ପ୍ରଥମ ଆଦିବାସୀ ମେଳା ଭାବରେ ଇତିହାସ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

### ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ

**କଟକ ଅଫିସ, ୨୫।୪**

ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ ସ୍ଥାନୀୟ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଡା. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ଆଧୁନିକ ବିଜ୍ଞାନର ବ୍ୟବହାରିକ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ବୀରକିଶୋର ବାରିକ, ମହେନ୍ଦ୍ର କୁମାର କାୟସ୍ଥ, ନିରଞ୍ଜନ ପାତ୍ର, ଡ. ଆଶୁତୋଷ ଦେବତା, ସୁକାନ୍ତ କିଶୋର ମହାନ୍ତି, ଡ. ସୁବାସିନୀ ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ଶହୀଦ ଦେବାଶିଷଙ୍କୁ ଶ୍ରଦ୍ଧାଞ୍ଜଳି




ଶ୍ରଦ୍ଧାଞ୍ଜଳି ସଭାରେ ସମ୍ବାଦପତ୍ର ବିକ୍ରେତା ସଂଘର ସଦସ୍ୟମାନେ।

**କଟକ ଅଫିସ, ୨୫।୪**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କଟକ ବକ୍ସିବଜାରଠାରେ ଶହୀଦ ଦେବାଶିଷ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଭାସ ପ୍ରଧାନ, ହେମନ୍ତ ପଟ୍ଟନାୟକ, ନବଘନ ସାହୁ, କେ. ବେଣୁ ରାଓ, ରବି ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ସୁସ୍ଥ ହୋଇ ଘରକୁ ଫେରିଲେ ଦେବଗଡ଼ର ଯୁବକ

**କଟକ ଅଫିସ,୨୫।୪**

**ପ୍ରଥମ ଥର ଏକ୍‌ମୋ ମେଶିନ୍‌ରେ ସଫଳ ଅସ୍ତ୍ରୋପଚାର**



ରିଙ୍କୁ ଲୋହରା

କଟକ ଏସ୍‌ସିବି ମେଡିକାଲରେ ପ୍ରଥମ ଥର ପାଇଁ ଏକ୍‌ମୋ ମେଶିନ ସହାୟତାରେ ଦେବଗଡ଼ ଯୁବକଙ୍କ ଅସ୍ତ୍ରୋପଚାର ସଫଳ ହୋଇଛି। ସେ ସୁସ୍ଥ ହେବା ପରେ ମଙ୍ଗଳବାର ମେଡିକାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ, ଦେବଗଡ଼ ଅଞ୍ଚଳର ରିଙ୍କୁ ଲୋହରା(୨୧)ଙ୍କ ଶ୍ୱାସନଳୀରେ ଏକ ଟ୍ୟୁମର ହୋଇଥିଲା। ଫଳରେ ସେ ଶ୍ୱାସକ୍ରିୟା ନେବାରେ କଷ୍ଟ ଅନୁଭବ କରୁଥିଲେ। ଏସ୍‌ସିବିର କାର୍ଡିଓଭାସକୁଲାର ସର୍ଜରି ବିଭାଗରେ ଏକ୍‌ମୋ ମେଶିନ ସହାୟତାରେ ତାଙ୍କର ଜଟିଳ ଅସ୍ତ୍ରୋପଚାର କରାଯାଇ ଟ୍ୟୁମର ବାହାର କରାଯାଇଥିଲା। ଶ୍ୱାସନଳୀରେ ଟ୍ୟୁମର ଥିବାରୁ ତାଙ୍କୁ ନିଶ୍ଚେତକ ଦେବା ସମ୍ଭବ ନ ଥିଲା। ଏଣୁ ଏକ୍‌ମୋ ମେଶିନର ଆବଶ୍ୟକତା ପଡ଼ିଥିଲା। ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଗୋଟିଏ ଦିନ ଏକ୍‌ମୋ ମେଶିନ୍‌ରେ ଓ ପରେ ଆଇସିୟୁରେ ରଖି ଚିକିତ୍ସା କରାଯାଇଥିଲା। ଏସସିବି ମେଡିକାଲର କାର୍ଡିଓଭାସକୁଲାର ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଏହି ଜଟିଳ ଅସ୍ତ୍ରୋପଚାର କରିବାରେ ସଫଳ ହୋଇଛନ୍ତି। ଏହା ଓଡ଼ିଶାରେ ପ୍ରଥମ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲରେ ୯ଟି ଏକ୍‌ମୋ ମେଶିନ ଥିବାବେଳେ କୋଭିଡ୍ ପରେ ଏଗୁଡ଼ିକ ବ୍ୟବହାର ହେଉ ନ ଥିଲା।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗରା, ମାଠିଆ ରଖି ଧାରଣା

**ମଙ୍ଗୁଳି–ଜଗତପୁର,୨୫।୪ (ଡି.ଏନ୍.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ କୟଳପଡା ପଞ୍ଚାୟତରେ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ ଓ ଜିଲା ପରିଷଦ ସଭ୍ୟ ଶ୍ରୀଧର ରାଉଳଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ଟାଙ୍ଗୀ ହାଟ ବଜାରରେ ଏକତ୍ରିତ ହୋଇଥିଲେ। ପରେ ବ୍ଲକ ପ୍ରଶାସନ ବିରୋଧରେ ନାରାବାଜି ଦେଇ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ହାଣ୍ଡି, ଗରା ଓ ମାଠିଆ ରଖି ଗ୍ରାମରେ ପାନୀୟଜଳ ସମସ୍ୟାକୁ ନେଇ ପ୍ରତିବାଦ କରିଥିଲେ। ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାରଣାରେ ବସିବା ପରେ ବିଡିଓ ଆଶୁତୋଷ ମିଶ୍ର ଓ ଟାଙ୍ଗୀ ଥାନା ଅଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ପରେ ଧାରଣାକାରୀଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଡକାଯାଇ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଆସନ୍ତା ୩ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହାଣ୍ଡି, ଗରା ରଖି ଧାରଣାରେ ବସିଛନ୍ତି।

- ଟ୍ୟାଙ୍କର ଯୋଗେ ପିଇବା ପାଣି ଦିଆଯିବ
- ୩ ମାସ ମଧ୍ୟରେ ସମସ୍ୟା ସମାଧାନ ହେବ

ଏହି ଧାରଣାରେ ଜାନକୀ ପରିଡା, କୁନିଆ ବର୍ଦ୍ଧନ, ପ୍ରକାଶ ମଲ୍ଲିକ, ଗେଲ୍ଲୀ ମହାନ୍ତି, ନାରଣ ରାଉଳ, ଦୀପ୍ତି ବେଉରା, ଦୁର୍ଗାବତୀ ବର୍ଦ୍ଧନ, ପବିତ୍ର ବେହେରାଙ୍କ ସମେତ ଶତାଧିକ ମହିଳାପୁରୁଷ ସାମିଲ ଥିଲେ। ଏ ନେଇ ବିଡିଓ ମିଶ୍ର କହିଛନ୍ତି, ବୁଧବାରଠାରୁ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ୧ ମାସ ମଧ୍ୟରେ ପାଣି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ। ଏଥିସହ ଅନ୍ୟ ସମସ୍ତ ଦାବି ଆସନ୍ତା ୩ ମାସ ମଧ୍ୟରେ ପୂରଣ କରାଯିବ ବୋଲି ସେ କହିଥିଲେ।




ଶ୍ରୀରାମଚନ୍ଦ୍ର ଭବନରେ କଟକ ଲେଖକ ସହଯୋଗ ସମିତି ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଡ. ଶ୍ୟାମସୁନ୍ଦର ମିଶ୍ରଙ୍କ ସ୍ମୃତି ସଭାରେ ଯୋଗଦେଇଥିବା ଅତିଥିବୃନ୍ଦ।




କଟକ ବାଦାମବାଡ଼ି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଜମି ରହିଥିବା ଆବର୍ଜନା ପାଣି ମଧ୍ୟରେ ଜଣେ ଉଠା ଦୋକାନୀ ବ୍ୟବସାୟ କରୁଛନ୍ତି।

## ସଂକ୍ଷେପରେ

### ପୁରୁଣା ପେନ୍‌ସନ ବ୍ୟବସ୍ଥା ଲାଗୁ ପାଇଁ ଏନ୍‌ଏମ୍‌ଓପିଏସ୍‌ର ଦାବି

ଭୁବନେଶ୍ୱର,୨୫।୪(ବ୍ୟୁରୋ)- ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ଲାଗୁ କରିବା ପାଇଁ ପୁରୁଣା ପେନ୍‌ସନ ପାଇଁ ଜାତୀୟ ଆନ୍ଦୋଳନ ସଂଘ (ଏନ୍‌ଏମ୍‌ଓପିଏସ୍) ପକ୍ଷରୁ ଦାବି ହୋଇଛି। କେନ୍ଦ୍ର ସରକାର ୨୦୦୪ରେ ଓ ରାଜ୍ୟ ସରକାର ୨୦୦୫ ମସିହାରେ ପୁରୁଣା ପେନ୍‌ସନ ବ୍ୟବସ୍ଥାକୁ ଉଚ୍ଛେଦ କରିଥିଲେ। ଫଳରେ ନୂତନ ପେନ୍‌ସନ ଯୋଜନାରେ ସରକାରୀ କର୍ମଚାରୀମାନେ ଅବସର ପରେ ୧୦୦୦ରୁ ୧୫୦୦ଟଙ୍କା ପେନ୍‌ସନ ପାଉଛନ୍ତି ବୋଲି ମଙ୍ଗଳବାର ଓଡ଼ିଶା ସଚିବାଳୟ ସେବା ସଂଘ ଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ବିଜୟ କୁମାର ମଲ୍ଲ କହିଛନ୍ତି। ୩୦ରୁ ୪୦ ବର୍ଷ ସରକାରୀ ଚାକିରି କରି ସ୍ୱଳ୍ପ ପେନ୍‌ସନ ପାଇବା ଫଳରେ ସେମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ବିଧାୟକ ଓ ଏମ୍‌ପିମାନେ ପୁରୁଣା ବ୍ୟବସ୍ଥାରେ ପେନ୍‌ସନ ପାଉଥିବାବେଳେ ଏମାନଙ୍କ କ୍ଷେତ୍ରରେ ପାତରଅନ୍ତର କାହିଁକି ବୋଲି ସାଧାରଣ ସମ୍ପାଦକ ପ୍ରଯତ୍ନ ବରାଳ ପ୍ରଶ୍ନ କରିଛନ୍ତି। ରାଜ୍ୟର ୪ଲକ୍ଷ କର୍ମଚାରୀ ଓ ସେମାନଙ୍କ ପରିବାରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରନ୍ତୁ ବୋଲି କାର୍ଯ୍ୟକାରୀ ସଭାପତି ବଙ୍କିମ ଚନ୍ଦ୍ର ସାଗର, ବିଭୁପ୍ରସାଦ ସାହୁ, ବିକ୍ରମ ରଥ, ବିମଳ ଚୌଧୁରୀ, ବିନୋଦ ପ୍ରଧାନ ଦାବି କରିଛନ୍ତି।

### ସୂର୍ଯ୍ୟ ମିଶ୍ର ପାଇବେ 'ସାହିତ୍ୟାୟନ ସମ୍ମାନ'

ଭୁବନେଶ୍ୱର,୨୫।୪(ବ୍ୟୁରୋ) - ସାମାଜିକ ଅନୁଷ୍ଠାନ ସାହିତ୍ୟାୟନର ସପ୍ତଦଶ ବାର୍ଷିକ ଉତ୍ସବ ଆସନ୍ତା ୩୦ ତାରିଖରେ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ କବି ସୂର୍ଯ୍ୟ ମିଶ୍ରଙ୍କୁ ସାହିତ୍ୟାୟନ ସମ୍ମାନ ୨୦୨୨ରେ ସମ୍ମାନିତ କରାଯିବ। ସେହିପରି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଥମ ଯତୀନ୍ଦ୍ର ମୋହନ ସାରସ୍ୱତ ସମ୍ମାନ ଓ ନନ୍ଦିତା ମହାନ୍ତିଙ୍କୁ 'ମେଘନାଦ ପ୍ରଧାନ ସାହିତ୍ୟ ସମ୍ମାନ' ଦିଆଯିବ। ଏ ନେଇ ସମ୍ପାଦକ ସଞ୍ଜୟ ମହାନ୍ତି ମଙ୍ଗଳବାର ସୂଚନା ଦେଇଛନ୍ତି।

### ଭଗବତୀନଗର ପ୍ରିମିୟର ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ

ବାରଙ୍ଗ,୨୫।୪(ଡି.ଏନ୍.ଏ.)- ଭୁବନେଶ୍ୱର ବ୍ଲକ ଦାଢା ପଞ୍ଚାୟତ ଭଗବତୀ ନଗର ଗ୍ରାମମୁଣ୍ଡ ଖେଳପଡ଼ିଆରେ ମଙ୍ଗଳବାର ସିଦ୍ଧ୍ୟସାଧୁ ହୁଙ୍କା ଗୋସାଇଁ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଭଗବତୀନଗର ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ୨ଟି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ହିରୋସ୍ କ୍ରିକେଟ୍ କ୍ଲବକୁ ହରାଇ ରୟାଲ ବ୍ଲାକ୍ କ୍ରିକେଟ୍ କ୍ଲବ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚରେ ଗୋଲଡେନ୍ ଷ୍ଟାର କ୍ଲବକୁ ହରାଇ ଏମ୍‌ଆର୍ ରାଇଡର କ୍ରିକେଟ୍ କ୍ଲବ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ଉଦ୍‌ଘାଟନୀ ଉତ୍ସବରେ ଭଗବତୀନଗର ଗ୍ରାମ କମିଟି ସଭାପତି ଉଲ୍ଲାସ ଭଞ୍ଜ, ସମ୍ପାଦକ କିଶୋର ସାମଲ, ଖବରଦାତା ଜଗନ୍ନାଥ ଭଞ୍ଜ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଟୁର୍ନାମେଣ୍ଟ ୫ଦିନ ଧରି ଚାଲିବ ବୋଲି କ୍ଲବର ଶିଶିର ବେହେରା, ସଞ୍ଜୟ ସାମଲ, ସମ୍ବିତ ଭୋଇ, କାହ୍ନା ବେହେରା, ବିଦ୍ରୂପ ସାମଲ, ହିରଣ୍ୟ ସାମଲ ପ୍ରମୁଖ କହିଛନ୍ତି।

# ରାଜ୍ୟରେ ମ୍ୟାଲେରିଆ କ୍ରମାଗତ ହ୍ରାସ ପାଉଛି



'ବିଶ୍ୱ ମ୍ୟାଲେରିଆ ଦିବସ' କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଓ ଅନ୍ୟମାନେ।

**ବିଶ୍ୱ ମ୍ୟାଲେରିଆ ଦିବସ**

- ୨୦୧୬ ତୁଳନାରେ ୨୦୨୨ରେ ୯୫% କମ୍ ରୋଗୀ ଚିହ୍ନଟ ହୋଇଛନ୍ତି
- ୨୦୨୦-୨୧ରେ ୧.୫୬ କୋଟି ମଶାରି ବଣ୍ଟନ ହୋଇଛି

ଭୁବନେଶ୍ୱର, ୨୫।୪ (ବ୍ୟୁରୋ)

ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାର ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ନିରାକରଣ ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତିବର୍ଷ ଏପ୍ରିଲ ୨୫କୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଶୂନ୍ୟ ମ୍ୟାଲେରିଆ ପାଇଁ ସମୟ ଉପନୀତ, ପୁଞ୍ଜିନିବେଶ କର, ନୂତନତା ଆଣ ଏବଂ କାର୍ଯ୍ୟକାରୀ କର।' ଅର୍ଥାତ୍ ମ୍ୟାଲେରିଆ ସଂକ୍ରମଣକୁ ଶୂନ କରିବା ଲାଗି ପ୍ରକୃଷ୍ଟ ସମୟ ଆସିଛି। ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ରାଜ୍ୟରେ ମ୍ୟାଲେରିଆ କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଭାରତର ୨୫% ମ୍ୟାଲେରିଆ ରୋଗୀ ଏବଂ ତତ୍‌ଜନିତ ମୃତ୍ୟୁସଂଖ୍ୟାର ୩୦% ଓଡିଶାରୁ ଚିହ୍ନଟ ହେଉଥିଲେ। ୨୦୧୬ରେ ୪.୪ ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ ଓ ସେଥିମଧ୍ୟରୁ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ୨୦୧୭ଠାରୁ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ଯଥେଷ୍ଟ ହ୍ରାସ ପାଇଛି। ୨୦୨୨ରେ ଏପିଆଇ ସବୁଠାରୁ କମ୍ ସ୍ଥିରୀକୃତ ହୋଇଥିଲା ଏବଂ ଅନେକ ଜିଲା ଏବେ ମ୍ୟାଲେରିଆମୁକ୍ତ ହେବାକୁ ଯାଉଛି। ୨୦୧୬ ତୁଳନାରେ ୨୦୨୨ରେ ୯୫% ମ୍ୟାଲେରିଆ ରୋଗୀ କମ୍ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ୨୦୧୭ରେ ୧.୧୩ କୋଟି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ ଦ୍ୱାରା ପ୍ରାୟ ୨.୦୨ କୋଟି ଲୋକଙ୍କୁ ସୁରକ୍ଷିତ ରଖାଯାଇ ପାରିଛି। ସେହିପରି ୨୦୨୦–୨୧ରେ ରାଜ୍ୟରେ ୧.୫୬ କୋଟି ମଶାରି ବ୍ୟବହାର ଦ୍ୱାରା ପ୍ରାୟ ୨.୬୦ କୋଟି ଲୋକଙ୍କୁ ସୁରକ୍ଷା ପ୍ରଦାନ କରାଯାଇଛି। ଏଥିସହ ୨୦୧୭ରୁ ରାଜ୍ୟ ସରକାରଙ୍କ ଏକ ନିଜସ୍ୱ ଅଭିନବ କାର୍ଯ୍ୟକ୍ରମ 'ଦମନ' କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସେହି ଅଞ୍ଚଳରେ ମ୍ୟାଲେରିଆର ରକ୍ତ ପରୀକ୍ଷା ଓ ଚିକିତ୍ସା ଏକା ସାଙ୍ଗରେ ହୋଇପାରୁଛି। ୨୪ଟି ଜିଲାକୁ ଶୂନ୍ୟ ମ୍ୟାଲେରିଆ ଘୋଷଣା କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗ ସମେତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମିଶନ ଶକ୍ତି ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ରାଜ୍ୟ ଜୀବିକା ମିଶନଙ୍କ ସମନ୍ୱୟରେ ବିଭିନ୍ନ ପ୍ରକାର ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟ କରାଯାଉଛି। ବୈଠକରେ ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭାଶିଷ ମହାନ୍ତି ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# କନ୍ୟାଘର ଆଗରୁ ବରକୁ ଉଠାଇନେଲା ପୋଲିସ



**ଜାମିନ ନାମଞ୍ଜୁର ପରେ ଜେଲ ଗଲେ**

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ବିବାହ ଉତ୍ସବ ପାଇଁ କନ୍ୟାପକ୍ଷ ସଜବାଜ ହୋଇଥିଲେ। ଗ୍ରାମରେ ବର ସମେତ ବରଯାତ୍ରୀ ମଧ୍ୟ ପହଞ୍ଚି ଯାଇଥିଲେ। ବାଜା ବାଜିବା ସହ ବାଣ ବି ଫୁଟିଥିଲା। ଶୋଭାଯାତ୍ରା ଦେଖି ବର ମଧ୍ୟ ବେଶ୍ ଖୁସି ଥିଲେ। ଅଳ୍ପ କିଛି ସମୟରେ ବିବାହ ବେଦିକୁ ଯାଇଥାନ୍ତେ। ହେଲେ ଏହି ସମୟରେ କମିଶନରେଟ ପୋଲିସ ବରକୁ ଉଠାଇନେଲା। ଏଭଳି ଏକ ଘଟଣା ରବିବାର ରାତିରେ ବରଗଡ଼ ଜିଲା ଭଟଲି ଥାନା ବେହେରାପାଲି ଗ୍ରାମରେ ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଅଭିଯୁକ୍ତ ବର ହେଲେ ଢେଙ୍କାନାଳ ଜିଲା ପର୍ଜଙ୍ଗ ଥାନା ପାଣି ଗେଙ୍ଗୁଟିଆ ଗ୍ରାମର ଅଜିତ କୁମାର ଭୋଇ। ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ଯନ୍ତ୍ରୀ ଭାବେ କାର୍ଯ୍ୟରତ। ଅଜିତ ଦୁଇବର୍ଷ ହେବ ଭୁବନେଶ୍ୱର କଳାରାହାଙ୍ଗ ଅଞ୍ଚଳର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଏପରି କି ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଅଜିତ ତାଙ୍କୁ ପ୍ରତାରଣା କରିଥିବା ନେଇ ଭୁବନେଶ୍ୱର ମହିଳା ଥାନାରେ ସମ୍ପୃକ୍ତା ଯୁବତୀ ଗତ ୧୯ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୬୧/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଜିତ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଯାଉଥିବା ପୋଲିସ ଖବର ପାଇ ତାଙ୍କୁ ଧରିବାକୁ ଜାଲ ବିଛାଇଥିଲା। ରବିବାର ରାତିରେ ପୋଲିସ ଟିମ୍ ବରଗଡ଼ରେ ପହଞ୍ଚି ବାହାଘର ଶୋଭାଯାତ୍ରାରୁ ଅଜିତଙ୍କୁ ଉଠାଇ ଆଣିଥିଲା। ପରେ ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ମହିଳା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍‌ସପେକ୍ଟର ସନ୍ଧ୍ୟା ସିଂ ସୂଚନା ଦେଇଛନ୍ତି।

# ରାଜ୍ୟପାଳ, ଆର୍‌ଏସ୍‌ଏସ୍ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ କିଟ୍, କିସ୍ ପରିଦର୍ଶନ



ସ୍ୱାଗତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ଆର୍‌ଏସ୍‌ଏସ୍‌ର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରେଶ କୁମାର, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ।

ଗଭୁବନେଶ୍ୱର,୨୫।୪(ବ୍ୟୁରୋ)

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍)ର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଇନ୍ଦ୍ରେଶ କୁମାର ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଲେ, ଛାତ୍ରାବସ୍ଥାରୁ ଜୀବ ଜଗତର ପ୍ରତ୍ୟେକଙ୍କୁ ସମ୍ମାନ, ସ୍ୱୀକୃତି ଓ ପ୍ରେମ ବନ୍ଧନରେ ବାନ୍ଧି ହୋଇପାରିଲେ ସମାଜରେ ପିଲାମାନେ ଜଣେ ଜଣେ ପ୍ରକୃତ ମଣିଷ ହୋଇପାରିବେ। ସମସ୍ତେ ମିଳିତ ଭାବେ ଜ୍ଞାନର ବିକାଶ ଦିଗରେ ଚେଷ୍ଟିତ ହେବା ଉଚିତ ବୋଲି ପ୍ରଫେସର ଲାଲ କହିଥିଲେ। ଅନ୍ୟତମ ଅତିଥି ଇନ୍ଦ୍ରେଶ କୁମାର ଛାତ୍ରୀଛାତ୍ରଙ୍କୁ ମାଆ ଓ ମାତୃଭୂମିର ସେବା କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଲେ, ଭାରତର ସହର ହେଉ କି ଗାଁଆ ଯେଉଁଠି ଆମେ ବାସ କରୁ ପଛେ ଆମେ ସମସ୍ତେ ଆଦିବାସୀ। ଶୃଙ୍ଖଳାକୁ ଆପଣାଇବା ସହ ଅହଂକାର, ବିଦ୍ୱେଷ ଭାବକୁ ତ୍ୟାଗ କରି ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭାଇଚାରା ସୃଷ୍ଟି କରି ପାରିଲେ ଭାରତ ଏକ ସଶକ୍ତ ରାଷ୍ଟ୍ରରେ ପରିଣତ ହୋଇପାରିବ। ନିଜ ମଧ୍ୟରେ ଦେଶାତ୍ମବୋଧକ ଭାବନା ସହ ପ୍ରକୃତି ପ୍ରତି ଆଦର ଭାବ ଜାଗ୍ରତ କରାଇବାକୁ ସେ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତାଙ୍କ ପ୍ରୟାସକୁ ପ୍ରଶଂସା କରି କହିଲେ, ଜନଜାତି ଛାତ୍ରୀଛାତ୍ର ଏବଂ ସେମାନଙ୍କ ପରିବାରର ବିକାଶ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କିସ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମରେ ବାବା ରାମ ନାରାୟଣ ଦାସ ଛାତ୍ରୀଛାତ୍ରଙ୍କୁ ଆଶୀର୍ବଚନ ପ୍ରଦାନ କରିଥିବାବେଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ସମେତ କିଟ ଓ କିସର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ୨୮ରୁ ନ୍ୟାଶନାଲ ଟ୍ରାଇବାଲ କାର୍ନିଭାଲ

କଟକ ଅଫିସ,୨୫।୪

କଟକ ଉପର ବାଲିଯାତ୍ରା ପଡିଆରେ ସା ପରିଚୟ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୨୮ରୁ ମେ' ୮ ତାରିଖ ପର୍ଯ୍ୟନ୍ତ ନ୍ୟାଶନାଲ ଟ୍ରାଇବାଲ କାର୍ନିଭାଲ ଅନୁଷ୍ଠିତ ହେବ। ଏହି ମେଳାରେ ୧୨୦ରୁ ୧୪୦ଟି ଷ୍ଟଲ ମାଧ୍ୟମରେ ଓଡ଼ିଶାର ୧୧ଟି ଜିଲା ଓ ଦେଶର ୧୪ ରାଜ୍ୟରୁ ବିଭିନ୍ନ ଆଦିବାସୀ ଜନଜାତି ସମ୍ପ୍ରଦାୟ ଲୋକମାନେ ସେମାନଙ୍କ କଳାକୃତି ପ୍ରଦର୍ଶନ କରିବେ। ଏଥିସହ ବିଭିନ୍ନ ପ୍ରକାର ଲୋକନୃତ୍ୟ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ମଙ୍ଗଳବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ମହାନଗର ନିଗମ ମେୟର ସୁବାସ ସିଂ ସୂଚନା ଦେଇଛନ୍ତି। ଜାତୀୟସ୍ତରରେ ଏଭଳି ମେଳା ପୂର୍ବରୁ ଆୟୋଜନ କରାଯାଇଥିବାବେଳେ କଟକରେ ଏହା ପ୍ରଥମ ଆଦିବାସୀ ମେଳା ଭାବରେ ଇତିହାସ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

# ଆଉ ୪ ଗିରଫ, ଘରୁ ମିଳିଲା ଖଣ୍ଡା, ଛୁରି

**ବିଜେବି କଲେଜ ଛାତ୍ରଙ୍କୁ ଆକ୍ରମଣ ଘଟଣା**



ଭୁବନେଶ୍ୱର,୨୫।୪ (ବ୍ୟୁରୋ)

କ୍ରିକେଟ ଖେଳକୁ ନେଇ ବିଜେବି କଲେଜର ୩ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବଡ଼ଗଡ଼ ଥାନା ପୋଲିସ ମଙ୍ଗଳବାର ଆଉ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଫାଳିକିଆ ବସ୍ତିର ରିତେଶ ନାୟକ, ବିକି ଦଳେଇ, ବଳିଆ ଦାସ ଓ କେ. ଲକ୍ଷ୍ମଣ ନାରାୟଣ। ସମସ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ପୂର୍ବରୁ ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେ ଏହି ସଂଖ୍ୟା ୮ରେ ପହଞ୍ଚିଛି। ଏହି ମାମଲାରେ ୨୦ରୁ ଊର୍ଦ୍ଧ୍ୱ ଯୁବକ ସମ୍ପୃକ୍ତ ଥିବାବେଳେ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଳିଆ ଓ ଲକ୍ଷ୍ମଣଙ୍କ ଘର ଯାଞ୍ଚ କରି ପୋଲିସ ଗୋଟିଏ ଖଣ୍ଡା ଓ ଗୋଟିଏ ଛୁରି ଜବତ କରିଥିବା ସୂଚନା ମିଳିଛି।

ସୂଚନାନୁସାରେ, ଶନିବାର ସକାଳେ କଲେଜ ଖେଳ ପଡ଼ିଆରେ ଅଣଛାତ୍ରମାନେ କ୍ରିକେଟ ଖେଳୁଥିଲେ। ଏହି ସମୟରେ ଆମ୍ବେଦକର ହଷ୍ଟେଲର ଛାତ୍ରମାନେ ଖେଳିବାକୁ କହିବାରୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ୨୦ରୁ ଅଧିକ ଅଣଛାତ୍ର ବ୍ୟାଟ, ଫାର୍ସା, ବାଡି, ଖଣ୍ଡା ଧରି ପଡ଼ିଆରେ ଧସେଇ ପଶିବା ସହ ୩ ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଘଟଣା ଦିନ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଆଉ ଜଣଙ୍କୁ ଗିରଫ କରିଥିଲା।

# ରାଜଧାନୀ ପୁସ୍ତକମେଳା ପୁରସ୍କାର ପାଇଁ ଆବେଦନ ସମୟ ମେ ୨କୁ ଘୁଞ୍ଚିଲା

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ରାଜଧାନୀ ପୁସ୍ତକ ମେଳା ପୁରସ୍କାର ଗତ ୩ବର୍ଷ ଧରି ବନ୍ଦ ରହିଛି। ଚଳିତ ବର୍ଷ ୨୦୨୦, ୨୦୨୧ ଓ ୨୦୨୨ବର୍ଷ ପାଇଁ ଏହି ପୁରସ୍କାର ଦିଆଯିବା ନେଇ ପୁସ୍ତକ ମେଳା କମିଟି ପକ୍ଷରୁ ସ୍ଥିର କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟର ୧୨ଟି ବିଭାଗ ଯଥା ପ୍ରବନ୍ଧ ସମାଲୋଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ କବିତା, ନାୟକ, ଅନୁବାଦ, ବିଜ୍ଞାନ ସାହିତ୍ୟ, ଧର୍ମ ସାହିତ୍ୟ, ଜୀବନୀ, ଭ୍ରମଣ କାହାଣୀ, ବ୍ୟଙ୍ଗ ସାହିତ୍ୟ ଓ ଶିଶୁ ସାହିତ୍ୟରେ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରକାଶିତ ପୁସ୍ତକଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଆବେଦନର ଶେଷ ତାରିଖ ଏପ୍ରିଲ ୨୫ ରହିଥିବାବେଳେ ଏହାକୁ ମେ ୨କୁ ଘୁଞ୍ଚାଇ ଦିଆଯାଇଥିବା ସଭାପତି ଡ. ଉପେନ୍ଦ୍ର କୁମାର ଜେନା ଜଣାଇଛନ୍ତି। ଆଗ୍ରହୀ ଲେଖକ କିମ୍ବା ପ୍ରକାଶନ ପୁସ୍ତକର ୩ଖଣ୍ଡ ନକଲ ସହିତ କେଉଁ ବର୍ଷ ପାଇଁ ଆବେଦନ କରୁଛନ୍ତି ଓ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ସହ ପଠାଇବା ପାଇଁ ଅନୁରୋଧ କରାଯାଇଛି।

# ରମାଦେବୀ ବିଶ୍ୱବିଦ୍ୟାଳୟରେ ଅଧ୍ୟକ୍ଷ ସମ୍ମିଳନୀ



ସମ୍ମିଳନୀରେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ସଦସ୍ୟ ପ୍ରଫେସର ଅତନୁ ପତି, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ମହାବିଦ୍ୟାଳୟ ବିକାଶ ପରିଷଦ ପକ୍ଷରୁ ଅଧ୍ୟକ୍ଷ ସମ୍ମିଳନୀ ଓ ନୂତନ ଶିକ୍ଷାନୀତି ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ସଦସ୍ୟ ପ୍ରଫେସର ଅତନୁ ପତି ଯୋଗଦେଇ ନୂତନ ଶିକ୍ଷାନୀତିର ଉନ୍ମେଷ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନୂତନ ଶିକ୍ଷାନୀତିରେ ଥିବା ଗବେଷଣାକୁ ପ୍ରୋତ୍ସାହନ, ମାତୃଭାଷାରେ ଶିକ୍ଷା ପ୍ରଦାନ ଏବଂ ଦକ୍ଷତାଭିତ୍ତିକ ଶିକ୍ଷାର ବିକାଶ ଆଦି ଦିଗଗୁଡ଼ିକ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଲେ, ନୂତନ ଶିକ୍ଷାନୀତି ଶିକ୍ଷାକ୍ଷେତ୍ରରେ ନୂତନ ସଂସ୍କାର ଆଣିବା ସହିତ ଶିକ୍ଷାକୁ ଜୀବନାଭିମୁଖୀ ଓ ସମୟୋପଯୋଗୀ କରିବା ପାଇଁ ଏକ ବିଶେଷ ସୁଯୋଗ ସୃଷ୍ଟି କରିଛି। ଇ–ଗଭର୍ନାନ୍ସ ରାଷ୍ଟ୍ରୀୟ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ଦାସ ଡିଜି ଲକର ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କିଭଳି ବିଶ୍ୱବିଦ୍ୟାଳୟ ଓ ବିଦ୍ୟାର୍ଥୀଙ୍କ ପାଇଁ ଉପଯୋଗୀ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରମାଦେବୀ ବିଶ୍ୱବିଦ୍ୟାଳୟର ବିକାଶ ଏହା ଅଧୀନରେ ଥିବା ୪୮ଟି ମହାବିଦ୍ୟାଳୟର ବିକାଶ ଉପରେ ନିର୍ଭର କରୁଛି ବୋଲି ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ମତ ଦେଇଥିଲେ। ଏହି ଅବସରରେ ଅତନୁ ପତି, ଦୁର୍ଗା ପ୍ରସାଦ ଦାସ ଓ ଡିଜି ଲକରର ରାଜ୍ୟ ସଂଯୋଜିକା ଲୋପାମୁଦ୍ରା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ବିଭାଗର ଅଧ୍ୟାପିକା ସସ୍ମିତା କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ପ୍ରତିନିଧିଙ୍କ ସହିତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ବିକାଶ ପରିଷଦ ଅଧ୍ୟକ୍ଷା ପ୍ରଫେସର ସସ୍ମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସାହିତ୍ୟ ସବୁ ସମୟରେ ସମାଜକୁ ପ୍ରଭାବିତ କରିଆସିଛି'

**୩ଜଣଙ୍କୁ 'ଚଲାପଥ ସ୍ୱତନ୍ତ୍ର ସାହିତ୍ୟ ସମ୍ମାନ'**



ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ସାଧାରଣ ଲୋକଙ୍କ ବାସ୍ତବ ସମସ୍ୟା ସାହିତ୍ୟରେ ପ୍ରତିଫଳିତ ହେବା ଉଚିତ। ସାହିତ୍ୟ ସବୁ ସମୟରେ ସମାଜକୁ ପ୍ରଭାବିତ କରିଆସିଛି। ଆମର ଜୀବନଧାରା ସାହିତ୍ୟରେ ବିଭିନ୍ନ ଭାବରେ ପ୍ରତିବିମ୍ବିତ ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି। ମଙ୍ଗଳବାର ସୂଚନା ଭବନଠାରେ ଆୟୋଜିତ 'ଚଲାପଥ' ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଓ ଚଲାପଥ ଲେଖକ ସମ୍ମିଳନୀରେ ଯୋଗଦେଇ ମନ୍ତ୍ରୀ ଘଡେଇ ଏହା କହିବା ସହ ସାହିତ୍ୟ ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେବାକୁ ସାହିତ୍ୟିକମାନଙ୍କୁ ଅନୁରୋଧ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ସାଂସ୍କୃତିକ ଅଭ୍ୟୁଦୟ ନିମନ୍ତେ ଲେଖକମାନେ ଉଦ୍ୟମ ଅବ୍ୟାହତ ରଖିବାକୁ ମତବ୍ୟକ୍ତ କରିଥିବାବେଳେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ସାହିତ୍ୟରେ ପରମ୍ପରା ଓ ଐତିହ୍ୟର ଉପାଦାନ ରହିବା ଉଚିତ ବୋଲି କହିଥିଲେ । ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ଦାରିଦ୍ର୍ୟ ଓ ନିରକ୍ଷରତା ସତ୍ତ୍ୱେ ହୃଦୟବାନ୍ ଲୋକଙ୍କୁ ଉତ୍ସାହିତ କରି ଅନ୍ୟ ଲୋକଙ୍କ ମୁହଁରେ ହସ ଫୁଟାଇବା ଜଣେ ସାହିତ୍ୟିକର କର୍ତ୍ତବ୍ୟ। ବିଶିଷ୍ଟ କବି ନିରାକାର ଦାସ ଦଳମତ ଊର୍ଦ୍ଧ୍ୱରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। 'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ ତଥା ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନୁଷ୍ଠାନର ଉପଦେଷ୍ଟା ଇଂ. ବିଜନ୍ କୁମାର ବେହେରା, ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମନ୍ତ୍ରୀ ଘଡ଼େଇ, 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଓ ବେଙ୍ଗାଲୁରୁର ବିଶିଷ୍ଟ ସ୍ନାୟୁ ଶଲ୍ୟ ଚିକିତ୍ସକ ଡା. ପ୍ରତାପ କୁମାର ପାଣିଙ୍କୁ 'ଚଲାପଥ ସ୍ୱତନ୍ତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଡ. ଅଭୟ କୁମାର ସାହୁ, ଡ. ପ୍ରସନ୍ନ କୁମାର ନନ୍ଦ, ସରୋଜ ବଳ, ଭୁବନମୋହନ ମହାନ୍ତି, ସବିତାରାଣୀ ବେହେରା, ସାଇଶ୍ରୀ ବିଶ୍ୱଜିତା ରାୟ ପ୍ରମୁଖଙ୍କୁ 'ଚଲାପଥ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ଡ. ବିଧୁପ୍ରଭା ରଥ ଓ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ: ପୁଅ ଗିରଫ

ନିଶ୍ଚିନ୍ତକୋଇଲି,୨୫।୪(ସ୍ୱ.ପ୍ର.): ନେମାଳ ଥାନା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ମା'ବାପାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ମଙ୍ଗଳବାର ପୁଅଙ୍କୁ ଗିରଫ କରିଛି। ସେ ହେଲେ ବାବାଜି ନାୟକଙ୍କ ମଝିଆ ପୁଅ ମାୟାଧର।
ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ସମ୍ପତ୍ତିରେ ଭାଗ ନେବା ନିମନ୍ତେ ବହୁ ଦିନ ହେଲା ଦାବି କରିଆସୁଥିଲେ। ଏନେଇ ପରିବାର ମଧରେ ବିବାଦ ଲାଗି ରହିଥିଲା। ୧୮ ତାରିଖ ରାତ୍ରି ପ୍ରାୟ ୮ ଟା ବେଳେ ପରିବାର ମଧରେ ପୁନର୍ବାର କଳହ ହୋଇଥିଲା। ଏଥିରେ ମାୟାଧର ଉତ୍କ୍ଷିପ୍ତ ହୋଇ ଘର ଭିତରୁ ଏକ ମାରଣାସ୍ତ୍ର ଆଣି ବାପା ବାବାଜି(୮୦) ଓ ମା' ମାତାଜି(୭୦)ଙ୍କୁ ଆକ୍ରମଣ କରିଥିଲେ। ଫଳରେ ମା'ବାପା ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ଆସିଥିବା ବଡ଼ ଭାଉଜ ମାଳତୀ ନାୟକ ଓ ଝିଆରୀ ଜ୍ୟୋତିଶ୍ରୀଙ୍କୁ ମଧ ମାୟାଧର ଆକ୍ରମଣ କରି ଆହତ କରିଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଆହତ ଓ ଗୁରୁତରମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ବାବାଜି ଓ ମାତାଜୀଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏସମ୍ପର୍କରେ ଆହତ ବାବାଜୀଙ୍କ ବଡ଼ବୋହୂ ମାଳତୀ ନେମାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ନେମାଳ ଥାନାରେ ମାମଲା (ନଂ. ୬୦/୨୩) ରୁଜୁ ହୋଇଥିଲା। ଏହାପରଠୁ ମାୟାଧର ଫେରାର ଥିଲେ।

### ବିଭୂତି ମିଶ୍ର ପିସିସି ଉପସଭାପତି, ମିଡିଆ ସଂଯୋଜକ ମନୋନୀତ

ଆଠଗଡ,୨୫।୪(ସ୍ୱ.ପ୍ର.): ବରିଷ୍ଠ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର ଓଡିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଓ ମିଡିଆସେଲ୍‌ର ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ଏସଂକ୍ରାନ୍ତରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ କେ.ସି.ଭେନୁଗୋପାଳ ଏକ ପ୍ରେସ୍ ଇସ୍ତାହାର ମାଧମରେ ଘୋଷଣା କରିଛନ୍ତି। ପୂର୍ବରୁ ମିଶ୍ର ଓଡିଶା ପ୍ରଦେଶରୁ ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଭାବେ ମନୋନୀତ ହୋଇସାରିଛନ୍ତି। ଆଠଗଡ ନିର୍ବାଚନ ମଣ୍ଡଳୀରୁ ବିଭୂତି ମିଶ୍ରଙ୍କ ପୂର୍ବରୁ କୌଣସି ବ୍ୟକ୍ତି ଏହି ପଦବୀ ପାଇଁ ମନୋନୀତ ହୋଇ ନ ଥିଲେ। ମିଶ୍ରଙ୍କ ମନୋନୟନ ପରେ ଆଠଗଡ଼ ଅଞ୍ଚଳରେ କଂଗ୍ରେସ କର୍ମୀ ମହଲରେ ଉତ୍ସାହ ଖେଳିଯାଇଛି।



ଏନେଇ ମିଶ୍ର ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ମଲ୍ଲିକାର୍ଜୁନ ଖାଡ୍‌ଗେ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଭଦ୍ରା, ରାହୁଲ ଗାନ୍ଧୀ,ସୋନିଆ ଗାନ୍ଧୀ ଓ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ମିଶ୍ରଙ୍କ ନାମ ଚୟନ ପରେ ଆଠଗଡ ବ୍ଲକ କଂଗ୍ରେସ ସଭାପତି ଶରତ ଚନ୍ଦ୍ର ପରିଡ଼ା, ଆଠଗଡ ଏନ୍‌ଏସି ସଭାପତି ସୋମନାଥ ଭକ୍ତା, ପୂର୍ବତନ ସମିତି ସଭ୍ୟ ହୃଦାନନ୍ଦ ତ୍ରିପାଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# କୃଷକ ସଙ୍ଗଠିତ ହେଲେ ଦେଶରୁ ଗରିବୀ ହଟିବ

## ଜିଲ୍ଲା କୃଷକ ସଙ୍ଗଠନର ବାର୍ଷିକୋତ୍ସବ

ରଘୁନାଥପୁର,୨୫।୪(ଡି.ଏନ୍‌.ଏ.)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁରସ୍ଥିତ ମା'ମଲିକେଶରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ଜିଲା କୃଷକ ସଙ୍ଗଠନର ୧୮ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଉତ୍କଳ ବିକାଶ ପରିଷଦର ମହାସଚିବ ଋଷି ଗୁମାନ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବଜାର ଦର ଅନୁଯାୟୀ, ବିଭିନ୍ନ ସମୟରେ ପେ କମିଶନ ବସି ସରକାରୀ ଚାକିରିଆଙ୍କ ଦରମା ବୃଦ୍ଧି ପାଉଛି। ତଦନୁଯାୟୀ ବେସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମୂଲିଆ ମଜୁରିଆଙ୍କ ପାରିଶ୍ରମିକ ମଧ ବଢ଼ି ଚାଲିଛି। ଦିନକୁ ଦିନ ଔଷଧଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ି ଚାଲିଛି। ମାତ୍ର ରାଜ୍ୟର ପ୍ରଧାନ ଅର୍ଥକରୀ ଫସଲ ଧାନର ସହାୟକ ମୂଲ୍ୟରେ ସେହିପରି ବୃଦ୍ଧି ଘଟୁନାହିଁ। ଫଳରେ ଚାଷୀଟିଏ ଦାରିଦ୍ର୍ୟର କଷାଘାତ ଭିତରେ ବୁଡ଼ି ରହି ସାରାଜୀବନ ଯନ୍ତ୍ରଣା ଭୋଗୁଛି। ଅନେକ ସମୟରେ ନିଜର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମପନ୍ଥାକୁ ବାଛି ନେଉଛି। ଏଥିରୁ



କୃଷକ ସଙ୍ଗଠନର ବାର୍ଷିକ ମହୋତ୍ସବରେ ଅତିଥିଙ୍କ ଗହଣରେ ସଫଳ ଚାଷୀମାନେ।

ବର୍ତ୍ତିବାକୁ ହେଲେ ଚାଷୀମାନଙ୍କୁ ସଙ୍ଗଠିତ ହେବାକୁ ପଡ଼ିବ। ସେମାନେ ଏକତ୍ର ହେଲେ ସରକାର ସେମାନଙ୍କ କଥା ଶୁଣିବାକୁ ବାଧ ହେବେ। ଫଳରେ ସେମାନଙ୍କ ଗରିବୀ ହଟିବ ବୋଲି ମୁଖ୍ୟ ଅତିଥି ଗୁମାନ ସିଂ ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ବିକାଶ ପରିଷଦର ସଚିବ ସୁଜିତ ପରିଡା ଓ ବିଭୁନ୍ଦେନ୍ଦୁ କେଶରୀ ଭୋଳ ଯୋଗଦେଇ ଚାଷୀମାନେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସଙ୍ଗଠନର ସମ୍ପାଦକ ଇଂ. ବାବାଜୀ ଚରଣ ଜେନା, ଉପଦେଷ୍ଟା ଦିଲୀପ ରଥ ଓ ଅଜୟ ନାୟକ, ଉପସଭାପତି ସାରଦା ପ୍ରସାଦ ରାୟ ଉପସ୍ଥିତ ଥିଲେ। ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜୀକରଣ ହୋଇଥିଲେ ସୁଧା ଚାଷୀଙ୍କ ଧାନ ବିକ୍ରୟ ହୋଇପାରୁନାହିଁ। ଏଥିସହ ଶୀତଳଭଣ୍ଡାରର ଅଭାବ ଓ ଅଭାବୀ ବିକ୍ରି ଯୋଗୁ ଚାଷୀଙ୍କ ମେରୁଦଣ୍ଡ ଦୋହଲିଯାଉଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ନାମ ପଞ୍ଜୀକରଣ ଥାଇ ମଣ୍ଡିରେ ଧାନ ଦେଇ ପାରି ନ ଥିବା ଚାଷୀଙ୍କୁ ନେଇ କୃଷକ ସଙ୍ଗଠନ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯିବ ବୋଲି ସଭାପତି ଜେନା ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଚାଷ କରି ସଫଳ ଚାଷୀ ବନିଥିବା ୧୦ ଜଣ ବ୍ୟକ୍ତିଙ୍କୁ ସଙ୍ଗଠନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର କର୍ମକର୍ତ୍ତା ବିନୋଦ ବିହାରୀ ମହାନ୍ତି ସଭା ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଧୈର୍ଯ୍ୟଶକ୍ତିକୁ ଅତୁଟ ରଖି ନିଜର ଅଭିଜ୍ଞତା ବଳରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଉପସଭାପତି ରାୟ ଧନ୍ୟବାଦ ଦେଇଥିଲେ। ବିପିନ ସ୍ୱାଇଁ, ଚନ୍ଦ୍ରଶେଖର ସିଂହ, ଦୁର୍ଗାପ୍ରସାଦ ମହାନ୍ତି, ଅଜୟ ନାୟକ, ପ୍ରହ୍ଲାଦ ସାହୁଙ୍କ ସହ ଜିଲାର ୮ ବ୍ଲକର ଚାଷୀମାନେ ଏଥିରେ ଯୋଗ ଦେଇଥିଲେ।

# ୫–ଟି ବିଦ୍ୟାଳୟ ରୂପାନ୍ତରଣ, ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଆଠଗଡ,୨୫।୪(ସ୍ୱ.ପ୍ର.)

କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ ପଞ୍ଚାୟତ ସମିତି ସଭାଗୃହରେ ଆଠଗଡ, ତିଗିରିଆ ବ୍ଲକରେ ୫–ଟି ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟର ମଙ୍ଗଳବାର ସମୀକ୍ଷା କରିଛନ୍ତି। ଏଥିସହ ସେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ମିଶନ ଶକ୍ତି, ଅଙ୍ଗନୱାଡ଼ି ଗୃହ, ଡାକ୍ତରଖାନା କାର୍ଯ୍ୟ ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏସବୁ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଆଠଗଡ ଓ ତିଗିରିଆ ବିଡିଓ ପ୍ରଦୀପ କୁମାର ସାହୁ, ପ୍ରଣବ କୁମାର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟଙ୍କ ସମେତ ଉଭୟ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ ବିଭାଗ ଅଧିକାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀମାନେ।

# ଆହତ ଅବସ୍ଥାରେ ଷଣ୍ଢ ଉଦ୍ଧାର

ସାଲେପୁର,୨୫।୪(ଡି. ଏନ.ଏ)

ସାଲେପୁର ଥାନା ଅଧୀନ ଲୁଣା ହାର ଗ୍ରାମରେ ଏକ ବୁଲା ଷଣ୍ଢକୁ ଆହତ ଅବସ୍ଥାରେ ମଙ୍ଗଳବାର ଉଦ୍ଧାର କରାଯାଇଛି। ଉକ୍ତ ଷଣ୍ଢର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। କୌଣସି ବ୍ୟକ୍ତି ଅତି ନିର୍ମମଭାବେ ଧାରୁଆ ଅସ୍ତ୍ରରେ ତାକୁ ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର କେତେଜଣ ସହୃଦୟ ବ୍ୟକ୍ତି ଷଣ୍ଢଟିକୁ ଉଦ୍ଧାରକରି ସାଲେପୁର ପ୍ରାଣୀ ଚିକିତ୍ସାଳୟକୁ ଆଣି ଥିଲେ। ସେଠାରେ ତାର ଚିକିତ୍ସା କରାଯାଇଛି। ଅପରପକ୍ଷେ ଷଣ୍ଢଟିକୁ ହଣାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

# ମାହାଙ୍ଗା ମହୋତ୍ସବ ମହିଳାଙ୍କ ପାଇଁ ପ୍ରୟୋଗଶାଳା ହେବ



ବୈଠକରେ ଯୋଗଦେଇଥିବା କମିଟି ସଦସ୍ୟ ଓ ଅନ୍ୟମାନେ।

ନିଶ୍ଚିନ୍ତକୋଇଲି,୨୫।୪(ସ୍ୱ.ପ୍ର)

## ଚନ୍ଦନଯାତ୍ରା ଓ ମାହାଙ୍ଗା ମହୋତ୍ସବ ପ୍ରସ୍ତୁତି ବୈଠକ

ମାହାଙ୍ଗା ମହୋତ୍ସବରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ, କୁଟୀର ଶିଳ୍ପ, ଖାଦ୍ୟ ସାମଗ୍ରୀ ସମେତ ଘର କରଣା ଜିନିଷପତ୍ର ବିକ୍ରୟ ପାଇଁ ଯୋଜନା କରାଯାଇଛି। ମହୋତ୍ସବରେ ସେମାନେ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ରୋଜଗାରର ସୁଯୋଗ ପାଇପାରିବେ। ଫଳସ୍ୱରୂପ ସେମାନଙ୍କ ପାଇଁ ଏହି ମହୋତ୍ସବ ପଡ଼ିଆ ଏକ ପ୍ରୟୋଗଶାଳା ଭାବେ ବିବେଚିତ ହେବ ବୋଲି ପ୍ରସ୍ତୁତି ବୈଠକରେ ଏସ୍‌ଏଚ୍‌ଜି ମହାସଂଘର ସଦସ୍ୟାମାନଙ୍କୁ ସୂଚନା ଦିଆଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ବ୍ରହ୍ମକ୍ଷେତ୍ରର ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବକୁ ସଫଳ ରୂପାୟନ କରିବା ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧକ୍ଷ ଅଶୋକ କୁମାର ଓଝା ସଭାପତିତ୍ୱ କରିଥିଲେ। ଏହି ବୈଠକରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ ତଥା କଟକ ଜିଲା ବିଜେଡି ଉପସଭାପତି ଗିରିଶ ରଞ୍ଜନ ମହାପାତ୍ର, ଦେବେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଜିଲାପରିଷଦ ସଭ୍ୟ ବିପ୍ଲବ କେଶରୀ କାପ ପ୍ରମୁଖ ଯୋଗଦେଇ ଚନ୍ଦନ ଯାତ୍ରା ଓ ମାହାଙ୍ଗା ମହୋତ୍ସବର ସଫଳ ରୂପାୟନ ନିମନ୍ତେ ଅଧିକରୁ ଅଧିକ ଷ୍ଟଲ ଅଣାଯିବା ସହ ମହିଳାମାନଙ୍କ ଉପସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉତ୍ସବକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବା ନିମନ୍ତେ ଏକ ୨୩ ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସଭାପତି, ପଞ୍ଚାୟତ ସମିତି ଉପାଧକ୍ଷ ଅଶୋକ କୁମାର ଓଝାଙ୍କୁ କାର୍ଯ୍ୟକାରୀ ସଭାପତି, ଗିରିଶ ରଞ୍ଜନ ମହାପାତ୍ରଙ୍କୁ ଉପସଭାପତି, ବ୍ଲକ ଯୁବ ବିଜେଡି ସଭାପତି ଜ୍ଞାନରଞ୍ଜନ ରାଉତଙ୍କୁ ସମ୍ପାଦକ, ଶିକ୍ଷାବିତ୍ ଅକ୍ଷୟ କୁମାର ଷଡ଼ଙ୍ଗୀ ଓ ଚୌଧୁରୀ ରମାକାନ୍ତ ପ୍ରହରାଜଙ୍କୁ ଯୁଗ୍ମଭାବେ ପ୍ରକଳ୍ପ ସଂଯୋଜକ, ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଅଶୋକ କୁମାର ମହାପାତ୍ର ଓ ରାମଚନ୍ଦ୍ର ଲେଙ୍କାଙ୍କୁ ମନୋନୀତ କରାଯାଇଥିଲା। ପ୍ରାରମ୍ଭରେ ବଳଦେବ ଜୀଉ ମନ୍ଦିର ପରିଚାଳନା କମିଟି ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ରନାଥ ବେହେରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ ମାହାଙ୍ଗା ପଞ୍ଚାୟତ ସମିତି ଉପାଧକ୍ଷ ସତ୍ୟନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଗତ ଶନିବାର କଟକ ଜିଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ମାହାଙ୍ଗା ବିଧାୟକ ଓ କଟକ ଜିଲାପାଳଙ୍କ ଉପସ୍ଥିତିରେ ଏହି ମହୋତ୍ସବର ସଫଳତା ନିମନ୍ତେ ଏକ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଆସନ୍ତା ମେ ୯ ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ଥିର ହୋଇଛି।

# ରାଜ୍ୟରେ ମ୍ୟାଲେରିଆ କ୍ରମାଗତ ହ୍ରାସ ପାଉଛି

ଭୁବନେଶ୍ୱର, ୨୫।୪ (ବ୍ୟୁରୋ)

ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାର ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ନିରାକରଣ ଉଦ୍ଦେଶ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତିବର୍ଷ ଏପ୍ରିଲ ୨୫କୁ 'ବିଶ୍ୱ ମ୍ୟାଲେରିଆ ଦିବସ' ଭାବେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ରହିଛି 'ଶୂନ୍ୟ ମ୍ୟାଲେରିଆ ପାଇଁ ସମୟ ଉପନୀତ, ପୁଞ୍ଜିନିବେଶ କର, ନୂତନତା ଆଣ ଏବଂ କାର୍ଯ୍ୟକାରୀ କର।' ଅର୍ଥାତ୍ ମ୍ୟାଲେରିଆ ସଂକ୍ରମଣକୁ ଶୂନ କରିବା ଲାଗି ପ୍ରକୃଷ୍ଟ ସମୟ ଆସିଛି। ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ଅବସରରେ ଆୟୋଜିତ ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଲେ, ରାଜ୍ୟରେ ମ୍ୟାଲେରିଆ କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ଭାରତର ୨୫% ମ୍ୟାଲେରିଆ ରୋଗୀ ଏବଂ ତତ୍‌ଜନିତ ମୃତ୍ୟୁସଂଖ୍ୟାର ୩୦% ଓଡିଶାରୁ ଚିହ୍ନଟ ହେଉଥିଲେ। ୨୦୧୬ରେ ୪.୪ ଲକ୍ଷ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିଲେ ଓ ସେଥିମଧରୁ ୭୭ଜଣଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ୨୦୧୭ଠାରୁ ମ୍ୟାଲେରିଆ ରୋଗୀ ସଂଖ୍ୟାରେ ଯଥେଷ୍ଟ ହ୍ରାସ ପାଇଛି। ୨୦୨୨ରେ ଏପିଆଇ ସବୁଠାରୁ କମ୍ ସ୍ଥିରୀକୃତ ହୋଇଥିଲା ଏବଂ ଅନେକ ଜିଲା ଏବେ ମ୍ୟାଲେରିଆମୁକ୍ତ ହେବାକୁ ଯାଉଛି। ୨୦୧୬ ତୁଳନାରେ ୨୦୨୨ରେ ୯୫% ମ୍ୟାଲେରିଆ ରୋଗୀ କମ୍ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ସେବା, ସଦ୍‌ଗୁଣ ପ୍ରବୃତ୍ତି ଆଧାତ୍ମିକ ପରିବେଶ ସୃଷ୍ଟି କରେ



ଭକ୍ତମାନେ ସତ୍ୟସାଇବାବାଙ୍କ ସଂକୀର୍ତ୍ତନ ଶୋଭାଯାତ୍ରାରେ ଯାଉଛନ୍ତି।

ବଡ଼ମ୍ବା,୨୫।୪(ଡି.ଏନ୍‌.ଏ.)

## ସତ୍ୟସାଇ ବାବାଙ୍କ ଆରାଧନା ମହୋତ୍ସବ

ବଡ଼ମ୍ବାସ୍ଥିତ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କ ୧୨ତମ ଆରାଧନା ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସାଇ ମନ୍ଦିରରେ ପ୍ରତ୍ୟୁଷରୁ ଓମ୍‌କାର, ବେଦ ପାଠ, ନଗର ସଂକୀର୍ତ୍ତନ, ମଙ୍ଗଳ ଆଳତି ସହ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇଥିଲା। ମଧ୍ୟାହ୍ନରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପକାରାଗାରରେ ରହିଥିବା ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ସାଇ ଆଶ୍ରିତ ଧର୍ମେନ୍ଦ୍ର କୁମାର ରଥଙ୍କ ଆବାହକତ୍ୱରେ ସର୍ବଧର୍ମ ପ୍ରାର୍ଥନା, ଆଧାତ୍ମିକ ଆଲୋଚନା ସହ ସତ୍‌ସଙ୍ଗ କରାଯାଇଥିଲା। ଦିବ୍ୟ ସମ୍ଭାଷଣ କାର୍ଯ୍ୟକ୍ରମରେ ପ୍ରାଣ ଯୋଗ ପ୍ରତିଷ୍ଠାନ ଅଧକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତି ଯୋଗଦେଇ ମନୁଷ୍ୟର ସାଧନା, ସେବା ଓ ସଦ୍‌ଗୁଣ ପ୍ରବୃତ୍ତି ଆଧାତ୍ମିକ ପରିବେଶ ସୃଷ୍ଟି କରିଥାଏ ବୋଲି ଆଲୋକପାତ କରିଥିଲେ। ଶେଷରେ ଆରାଧନା ସଙ୍ଗୀତ, ଆରତି କରାଯାଇ ଉତ୍ସବ ସମାପନ କରାଯାଇଥିଲା। ସମିତିର ସମସ୍ତ କର୍ମକର୍ତ୍ତା, ସଦସ୍ୟା, ସଦସ୍ୟଙ୍କ ସମେତ ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ପଦାର୍ଥ ବିଜ୍ଞାନର ଗୁରୁତ୍ୱ, ବିବିଧ ଶକ୍ତି, ଉତ୍ସ ସମ୍ପର୍କିତ ଆଲୋଚନା

## କଲେଜରେ ଆଉଟରିଚ କାର୍ଯ୍ୟକ୍ରମ

ସାଲେପୁର,୨୫।୪(ଡି. ଏନ.ଏ)



ଆଉଟରିଚ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଓ ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ମିଳିତ ସହଯୋଗରେ ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷା ଡ. ସଙ୍ଗୀତା ମିଶ୍ର ପୌରୋହିତ୍ୟ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସେ ପଦାର୍ଥ ବିଜ୍ଞାନର ଗୁରୁତ୍ୱ, ବିବିଧ ଶକ୍ତି ଓ ତାର ଉତ୍ସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ନିରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାଶ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଡା. ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଅନ୍ତିମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ମିଶ୍ର ପୌରୋହିତ୍ୟ କରିଥିବାବେଳେ ଅତିଥିଭାବେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ସଚିନ୍ଦ୍ରନାଥ ଷଡ଼ଙ୍ଗୀ, ଡ.ବିଶ୍ୱଜିତ୍ ମଲ୍ଲିକ, ଡ.ବି କେ ମିଶ୍ର ପ୍ରମୁଖ ଯୋଗଦେଇ ପଦାର୍ଥ ବିଜ୍ଞାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜ୍ଞାନ ଓ ସାମାଜିକ ବିଜ୍ଞାନକୁ ଆଧାର କରି ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. କରୁଣାକର ନନ୍ଦ ଯୋଗଦେଇ ଶକ୍ତି ଉତ୍ସର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ. ଅସିତ୍ ପରିଜା, ପ୍ରାଧ୍ୟାପିକା ସ୍ୱାତୀ ପଣ୍ଡା,ଲକ୍ଷ୍ମୀପ୍ରିୟା ଦାଶ, ଶିଶିର କୁମାର ଦାଶ, ସଞ୍ଜୟ କୁମାର ନାୟକ, ସତ୍ୟ ପଟ୍ଟନାୟକଙ୍କ ସମେତ ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରାଧ୍ୟାପକ ପ୍ରଦ୍ୟୁମ୍ନ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରେ କେନାଲ, ରାସ୍ତା, ଜଳାଶୟ

ମାହାଙ୍ଗା,୨୫।୪(ସ୍ୱ.ପ୍ର.)

- ଚାଷ ଜମିରେ ଜଳସେଚନ ବାଧାପ୍ରାପ୍ତ
- ସଙ୍କୁଚିତ ରାସ୍ତା ଯୋଗୁ ଯାତାୟାତରେ ସମସ୍ୟା
- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନାହିଁ



ଜବରଦଖଲକାରୀଙ୍କ ବିରୋଧରେ ଗ୍ରାମବାସୀ କରିଥିବା ଅଭିଯୋଗ ଦେଖାଉଛନ୍ତି।

ମାହାଙ୍ଗା ତହସିଲ ଅନ୍ତର୍ଗତ ସମସରପୁର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ବାଜପୁରା ପଞ୍ଚାୟତ ଚକମଧୁପୁର ( ୱାର୍ଡ ନଂ .୯,୧୦ ଓ ୧୧)ରାଜସ୍ୱ ମୌଜାରେ ଥିବା ସରକାରୀ ଜମିର କାଡା କେନାଲଠାରୁ ଆରମ୍ଭ କରି ରାସ୍ତା ଓ ଜଳାଶୟକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ପୋତି ଜବରଦଖଲ କରି ରଖିଛନ୍ତି। ଏନେଇ କୋର୍ଟରେ ଅଭିଯୋଗ ହୋଇଛି।
ପ୍ରକାଶ ଯେ, ଚକମଧୁପୁର ଗ୍ରାମର ୧୫୦ ମିଟରରୁ ଉର୍ଦ୍ଧ୍ୱ ଲମ୍ବର କାଡା କେନାଲକୁ ଜବରଦଖଲକାରୀମାନେ ପୋତି ନିଜ ଜମି ସହ ମିଶାଇ ଦେଇଛନ୍ତି। ଯାହାଫଳରେ ଚାଷ ଜମିରେ ଜଳସେଚିତ ହୋଇପାରୁନାହିଁ। ସେହିପରି ଜଳାଶୟକୁ ପୋତି ଦେବାଠାରୁ ଆରମ୍ଭ କରି ସରକାରୀ ରାସ୍ତା ଉପରେ ଘର ନିର୍ମାଣ କରିଛନ୍ତି। ଏଥିସହ ରାସ୍ତା ଉପରେ ଗୋରୁ ବାନ୍ଧି ଦେଉଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହୋଇଯାଉଛି। ଏଥିଯୋଗୁ ଯାତୟାତରେ ସମସ୍ୟା ଉପୁଜିଛି। ଏପରିକି ଜରୁରିକାଳୀନ ସମୟରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମର ସୁଦର୍ଶନ ବେହେରା ଓ ଗଦାଧର ପଲେଇ ୨୩।୪।୨୦୨୦ରେ କୋର୍ଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଗତ ୩।୪।୨୦୨୩ରେ କୋର୍ଟ ପକ୍ଷରୁ ଜାଗା ଚିହ୍ନଟ (ମାପ)କରାଯିବା ପାଇଁ ତହସିଲ ପ୍ରଶାସନକୁ ଚିଠି ହୋଇଥିଲା। କିନ୍ତୁ ତହସିଲ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏ ନେଇ ଗ୍ରାମବାସୀ ତହସିଲଦାର ଉମାକାନ୍ତ ବିଶ୍ୱାଳଙ୍କୁ ଭେଟି ଜଣାଇଥିଲେ। ତହସିଲଦାର ସେମାନଙ୍କୁ ଏକ ଦରଖାସ୍ତ ଦେବାକୁ କହି ଚୁପ ବସିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।
ଏ ସମ୍ପର୍କରେ ମାହାଙ୍ଗା ତହସିଲଦାର ବିଶ୍ୱାଳ କହିଛନ୍ତି, ସେ ଅଭିଯୋଗ ପାଇଛନ୍ତି। ଏହାର ତଦନ୍ତ ପାଇଁ ସେ ସମସରପୁର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇବେ। ସେ ଯାହା ରିପୋର୍ଟ ଦେବେ ସେହି ଅନୁଯାୟୀ, ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ସଂକ୍ଷେପରେ

### ରାସ୍ତାପାର୍ଶ୍ୱକୁ ଓଲଟିଲା କାର୍, ଚାଳକ ଗୁରୁତର



ବୋଲଗଡ଼,୨୫।୪(ଡି.ଏନ୍.ଏ.): ବୋଲଗଡ଼ ଦିବ୍ୟସିଂହପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ମଙ୍ଗଳବାର ଏକ କାର୍ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ଚାଳକ ସୁଶାନ୍ତ ମାଝୀ (୨୪) ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୋଲଗଡ଼ରୁ ଖଣ୍ଡପଡ଼ା ଅଭିମୁଖେ ଏହି କାର୍ (ଓଆର୍ ୦୨ବିଡବ୍ଲ୍ୟୁ ୨୮୬୧) ଯାଉଥିବା ବେଳେ ଅସାବଧାନତାରୁ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା।

### ପୂର୍ବତନ ଜିଲାପରିଷଦଙ୍କ ମୃତ୍ୟୁ

ଗମ୍ଭାରୀମୁଣ୍ଡା,୨୫।୪(ଡି.ଏନ୍.ଏ.): ପରିବାର ପ୍ରତିପୋଷଣ ନିମନ୍ତେ ଗତ କିଛି ମାସ ହେବ କୋଲକାତା ଯାଇଥିବା ଜଣେ ପୂର୍ବତନ ଜିଲାପରିଷଦଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଗମ୍ଭାରୀମୁଣ୍ଡା ଅଞ୍ଚଳ ବିଞ୍ଝଳା ଗ୍ରାମର ଡମ୍ବରୁଧର ନାୟକ(୩୫)। ତେବେ ତାଙ୍କର ସେଠାରେ କିପରି ମୃତ୍ୟୁ ଘଟିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଡମ୍ବରୁଧର ଗତ ପଞ୍ଚାୟତ ସମିତି ନିର୍ବାଚନରେ ବାଣପୁର ପଞ୍ଚାୟତ ସମିତିର ୧୪ନମ୍ବର ଜୋନରୁ ଜିଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ପରିବାର ପ୍ରତିପୋଷଣ ନିମନ୍ତେ ସେ କିଛିମାସ ହେବ କୋଲକାତା ଯାଇ ସେଠାରେ ରହିଥିଲେ। ତେବେ କୌଣସି କାରଣକୁ ନେଇ ଡମ୍ବରୁଧରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିବା ପରେ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବେଦ ପାଠଶାଳାରେ ଶଙ୍କର ଜୟନ୍ତୀ

ନିରାକାରପୁର,୨୫।୪(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ନିକଟ ଶ୍ରୀଦେବୀ ଶୁକ୍ଳ ଯଜୁର୍ବେଦ କାଣ୍ୱ ବେଦ ପାଠଶାଳାରେ ଶଙ୍କର ଜୟନ୍ତୀ ପାଳିତ ହୋଇଯାଇଛି। କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ କୁମାର ମହାପାତ୍ର, ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ବିଷ୍ଣୁପ୍ରିୟା ପାଢୀଯୋଷୀ, ପଣ୍ଡିତ ତପନ କୁମାର ପଣ୍ଡା ଓ ବେଦବିଦ୍ୟାର୍ଥୀମାନଙ୍କ ଦ୍ୱାରା ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମାଜକୁ ଦିଗ୍‌ଦର୍ଶନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

### ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ନିରାକାରପୁର,୨୫।୪(ଡି.ଏନ୍.ଏ.): ଗତ ୨୦ ତାରିଖରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଓଡ଼ିଆ ଯବାନ ଦେବାଶିଷ ବିଶ୍ୱାଳଙ୍କ ସମେତ ୫ ଯବାନ ଶହୀଦ ହୋଇଥିଲେ। ତେବେ ଶହୀଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଙ୍ଗଳବାର ନିରାକାରପୁରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସାମରିକ ବାହିନୀ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷଣଦାତା ସୁରେନ ବରାଳଙ୍କ ସମେତ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉଦ୍‌ଯାପିତ

ଜଟଣୀ,୨୫।୪(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ମା'ଡମଣେଇଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ୩୮ତମ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରାଧାମାଧବ ସଂକୀର୍ତ୍ତନମଣ୍ଡଳୀ ଜଟଣୀ ପକ୍ଷରୁ ଆୟୋଜିତ ଉକ୍ତ ଉତ୍ସବକୁ ଶରତ ଶତପଥୀ, ଜଗଦୀଶ ଶତପଥୀ ଓ ଅଶୋକ ଶତପଥୀ ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ଆଖପାଖ ଅଞ୍ଚଳର ୭ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ଉତ୍ସବର ପ୍ରଥମ ଦିବସରେ ଅଧିବାସ ସଂକୀର୍ତ୍ତନ, ଦ୍ୱିତୀୟ ଦିବସରେ ଅଖଣ୍ଡ ନାମଯଜ୍ଞ ଏବଂ ମଙ୍ଗଳବାର ଆଧାତ୍ମିକ ପରିବେଶ ମଧ୍ୟରେ ଉକ୍ତ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ଉଲ୍ଲାସ ଚନ୍ଦ୍ର ଜେନା, ଜଗଦୀଶ ମହାପାତ୍ର, ଶରତ ଜେନା, କେଦାର ସାହୁ, ଗୋବିନ୍ଦ ସାହୁ, ନାରାୟଣ ଜେନାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ମହିଳାମାନେ ଅଧିକାର ଜାଣନ୍ତୁ, ସ୍ୱର ଉଠାନ୍ତୁ

ଖୋର୍ଦ୍ଧା ଅଫିସ,୨୫।୪

ମହିଳାମାନେ ନିଜ ଅଧିକାର ସମ୍ପର୍କରେ ଜାଣନ୍ତୁ। ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରନ୍ତୁ। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନ କରିବାକୁ ହେଲେ ମହିଳାମାନଙ୍କ ବିକାଶ ଜରୁରୀ। ସମାଜରେ ମହିଳାମାନେ କିଭଳି ଆତ୍ମସମ୍ମାନର ସହିତ ନିଜ ଅଧିକାର ଅକ୍ଷୁଣ୍ଣ ରଖି ଜୀବନ ନିର୍ବାହ କରିବେ ସେଥିଲାଗି ମହିଳା ଆୟୋଗ ସଦା ଜାଗ୍ରତ ରହିଛି। ମହିଳାମାନେ ସେମାନଙ୍କ ଅଧିକାରକୁ ଭଲଭାବେ ଜାଣିଲେ ଅଧିକାର ସାବ୍ୟସ୍ତ କରିପାରିବେ। ସାଧାରଣ ମହିଳାଟିଏ କିପରି ତାର ଆଇନଗତ ଅଧିକାର ବିଷୟରେ ଜାଣିପାରିବେ, ସେଥିଲାଗି ଓଡ଼ିଶା ରାଜ୍ୟ ମହିଳା ଆୟୋଗ (ଓଏସ୍‌ସିଡବ୍ଲ୍ୟୁ) ଗୁରୁତ୍ୱ ଦେଉଛି ବୋଲି କହିଛନ୍ତି ଆୟୋଗ ଅଧ୍ୟକ୍ଷା ମିନତି ବେହେରା।

ମଙ୍ଗଳବାର ଓଏସ୍‌ସିଡବ୍ଲ୍ୟୁ ଆନୁକୂଲ୍ୟରେ ଏବଂ ଜିଲା ପ୍ରଶାସନ ସହଯୋଗରେ ମହିଳାମାନଙ୍କୁ ନେଇ ଏକ ଆଇନ ସଚେତନତା କର୍ମଶାଳା ଜିଲା



ଆଇନ ସଚେତନତା କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଏସ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବେହେରା ଯୋଗଦେଇ ମହିଳାଙ୍କ ଅଧିକାର, ସୁରକ୍ଷା ତଥା ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ମହିଳାଙ୍କ ସୁରକ୍ଷା ପାଇଁ ରହିଥିବା ନୀତିନିୟମ, ଆଇନଗତ ବିଧି ବ୍ୟବସ୍ଥା ସମ୍ପର୍କରେ ସଚେତନତା ଉଦ୍ଦେଶ୍ୟରେ ଏହି କର୍ମଶାଳା ଆୟୋଜନର ଲକ୍ଷ୍ୟ। ଅଦ୍ୟାବଧି ଓଡ଼ିଶାର ୨୬ଟି ଜିଲାରେ କର୍ମଶାଳା

**ଆଇନ ସଚେତନତା କର୍ମଶାଳା**

■ ଉଲ୍ଲେଖନୀୟ ସେବା ପାଇଁ ଏକାଧିକ ସମ୍ମାନିତ

କରାଯାଇଛି। ମହିଳାମାନେ ନିଜ ଅଧିକାର ସମ୍ପର୍କରେ ଅବଗତ ନ ଥିବାରୁ ପରିସ୍ଥିତିର ସମ୍ମୁଖୀନ ହୋଇଥା'ନ୍ତି। ସମସ୍ୟାରେ ପଡ଼ିଲେ କେଉଁଠିକୁ ଯିବେ, କାହା ପାଖରେ ଅଭିଯୋଗ କରିବେ, ସେ ସମ୍ପର୍କରେ ଅନଭିଜ୍ଞ ରହୁଛନ୍ତି। ଫଳରେ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ ରହିଛି। ମହିଳାମାନେ କିପରି ସୁରକ୍ଷିତ ରହିବେ, ସେ ଦିଗରେ ମହିଳା ଆୟୋଗ କାର୍ଯ୍ୟ କରିଥାଏ ବୋଲି ବେହେରା କହିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ କହିଥିଲେ, ମହିଳାଙ୍କ ଅଭିଯୋଗ ଶୁଣାଣି ଲାଗି ପ୍ରତି ଥାନାରେ ମହିଳା ଓ ଶିଶୁ ଡେସ୍କ ରହିଛି। ମହିଳାଙ୍କ ଆଇନଗତ ଅଧିକାର କ୍ଷୁଣ୍ଣ ହେଲେ ସେମାନେ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ ଦାଖଲ କରିପାରିବେ। ଏଥିଲାଗି ସମସ୍ତ ଥାନାରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ମହିଳାଙ୍କ ପାଇଁ ରହିଥିବା ୧୨ଟି ଅଧିନିୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାମାଜିକସ୍ତରରେ ଉଲ୍ଲେଖନୀୟ ସେବା ଲାଗି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀଙ୍କୁ ଆୟୋଗ ପକ୍ଷରୁ ମାନପତ୍ର ଓ ଫୁଲଚାରା ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ସ୍ତରରେ କାର୍ଯ୍ୟରତା ମହିଳାମାନେ ଯୋଗଦେଇ ମହିଳାଙ୍କ ଅଧିକାର, ଆଇନଗତ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ବିଭାଗୀୟ ଅଧିକାରୀମାନେ ପରିଚାଳନା କରିଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ପୋଲିସ ଜାଲରେ ଅପରାଧୀ ମାନସ

ବାଲୁଗାଁ,୨୫।୪(ଡି.ଏନ୍.ଏ.)

ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅପରାଧୀ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ମାନସ ଦାସଙ୍କୁ ମଙ୍ଗଳବାର ବାଲୁଗାଁ ପୋଲିସ ଗିରଫ କରିଛି। ମାନସଙ୍କ ନାମରେ ୧୪ ବର୍ଷ ପୂର୍ବରୁ ବିଭିନ୍ନ ଆପରାଧିକ ମୋଟ ୧୪ଟି ମାମଲା ମଧ୍ୟରୁ ଦୁଇଟି ଜାମିନବିହୀନ ଗିରଫ ପରୱାନା ରହିଥିବା ବେଳେ ୩ଟି ହତ୍ୟା ଉଦ୍ୟମ, ୯ଟି ବେଆଇନ ନିଶାଦ୍ରବ୍ୟ କାରବାରରେ ସମ୍ପୃକ୍ତି ରହିଛି। ମାନସଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ବାରମ୍ବାର ଉଦ୍ୟମ କରାଯାଇଥିବା ବେଳେ ସେ ଚକ୍‌ମା ଦେଇ ଗ୍ରାମପାର୍ଶ୍ୱ ଚିଲିକା ଜଳରାଶିରେ ଡଙ୍ଗାରେ ଖସି ପଳାଉଥିଲେ। ଅନ୍ୟପକ୍ଷେ ମାନସ ଫେରାର ଥାଇ ଚିଲିକା ମଧ୍ୟରେ ଡଙ୍ଗାରେ ରହି ନିଶାଦ୍ରବ୍ୟ କାରବାର କରିବା ସହ ବିଭିନ୍ନ ଆପରାଧିକ କାର୍ଯ୍ୟ ପାଇଁ ଯୋଜନା କରିଆସୁଥିଲେ। ତେବେ ମାନସ ସୋମବାର ଡଙ୍ଗାରେ ରାତ୍ରିଯାପନ କରିଥବା ଖବର ମିଳିଥିଲା। ବାଲୁଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ନାଭାଲ ଫାଣ୍ଡି ଅଧିକାରୀ ଦିଲୀପ କୁମାର ସାହୁ ସଦଳବଳ ବିଳମ୍ବିତ ରାତ୍ରିରେ ଚଢ଼ାଉ କରି ମାନସଙ୍କୁ ଧରିଥିଲେ। ତେବେ ତାଙ୍କୁ ସହଯୋଗ କରୁଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।



ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ପାଟଣାସାହିରେ ଅନୁଷ୍ଠିତ ରାମଲୀଲାରେ ବିଭିନ୍ନ ବେଶରେ ସଜ୍ଜିତ କଳାକାରମାନେ।

## ପିଚୁକୁଳିରେ ରାମଲୀଳା ଉଦ୍‌ଯାପିତ

ବୋଲଗଡ଼,୨୫।୪(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ପିଚୁକୁଳି ପାଟଣାସାହିରେ ୧୫ଦିନ ବ୍ୟାପୀ ଚାଲିଥିବା ରାମଲୀଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସୀତାରାମଙ୍କ ବିବାହ ଓ ରାଜ୍ୟାଭିଷେକ ଅବସରରେ ବାଜା ବଜାଇ ବାଣ ଫୁଟାଇ ଗ୍ରାମ ପରିକ୍ରମା କରି ପାଳନ କରିଥିଲେ। ବରିଷ୍ଠ କଳାକାର ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ରଙ୍କ ସାହୁଙ୍କ ରାବଣ ଅଭିନୟ ଦେଖିବା ପାଇଁ ସନ୍ଧ୍ୟାରେ ମଞ୍ଚ ନିକଟରେ ଗହଳି ଲାଗି ରହୁଥିଲା। କଳାକାରଙ୍କ ଅଭିନୟ ଚିତ୍ତାକର୍ଷକ ଥିଲା। ଗୁରୁ ଭାବେ ଦଣ୍ଡୁ କରଣ କାର୍ଯ୍ୟଭାର ତୁଲାଇ ଥିବାବେଳେ କୃପାସିନ୍ଧୁ ପଟ୍ଟନାୟକ ସହଯୋଗ କରିଥିଲେ।

## ୩୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୬ ବେପାରୀ ଗିରଫ



ଗିରଫ ୬ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଗଞ୍ଜେଇ, ଟଙ୍କା ଓ ମୋବାଇଲ ଫୋନ।

ଜଟଣୀ,୨୫।୪(ଡି.ଏନ୍.ଏ.)

**୮୪ ହଜାର ଟଙ୍କା, କାର୍ ଓ ୭ ମୋବାଇଲ ଜବତ**

ଜଟଣୀ ଥାନା ପୋଲିସ ଖୁଦୁପୁର ଆଇଆଇଟି ରୋଡ୍‌ରେ ଥିବା ମଙ୍ଗଳା ମନ୍ଦିର ନିକଟରେ ଚଢ଼ାଉ କରି ୬ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ କୁସୁମାଟି ଗ୍ରାମର ମାନସ ଓରଫ ଚନ୍ଦ୍ରଶେଖର ଭଟ୍ଟାଚାର୍ଯ୍ୟ(୩୭), ନିରାକାରପୁର ଥାନା ବଡ଼ପୋଖରିଆ ଅଞ୍ଚଳର ବୀରେନ ପାଇକରାୟ ଓରଫ ବୀରେନ ପଲସି (୨୯), ନୟାଗଡ଼ ସଦର ଥାନା ବଳଭଦ୍ରପୁର ଗାଁର ଶୀତୁ ଓରଫ ଲକ୍ଷ୍ମଣ ସାହୁ, ଜଙ୍କିଆ ଥାନା ଅଧୀନ ଓଲସିଂ ଏକାଦସିଆ ସାହିର ଉଗୁଲୁ ଓରଫ ରାକେଶ କୁମାର ସିଂ (୨୪), ପିପିଲି ଥାନା ଅଧୀନ ପ୍ରାଣିଦୋଳ ଅଞ୍ଚଳର ମାନସ ଓରଫ ସନ୍ତୋଷ ବେହେରା(୪୨) ଏବଂ ଖୋର୍ଦ୍ଧା ସଦର ଥାନା ବରଗଡ଼ପାଟଣାର ଶିବ ଦାସ (୨୨)। ଏମାନଙ୍କ ନିକଟରୁ ୩୨ କେଜି ୬ଶହ ଗ୍ରାମ ଗଞ୍ଜେଇ, ୭ଟି ମୋବାଇଲ ଫୋନ, ଗୋଟିଏ କାର୍, ଡ୍ରାଇଭିଂ ଲାଇସେନ୍ସ ଓ ୮୪ ହଜାର ୨ଶହ ଟଙ୍କା ଜବତ କରାଯାଇଛି। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା (ନଂ.୧୫୩/୨୩)ରୁଜୁ ହୋଇଥିବା ବେଳେ ମଙ୍ଗଳବାର ଉପରୋକ୍ତ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ସୋମବାର ଏକ କାରରେ ଅଭିଯୁକ୍ତମାନେ ଅନ୍ୟ ଜିଲାରୁ ଗଞ୍ଜେଇ ଆଣି ଖୁଦୁପୁର ଆଇଆଇଟି ରୋଡ୍‌ରେ ଥିବା ମଙ୍ଗଳା ମନ୍ଦିର ନିକଟରେ ଖୁଚୁରା ବେପାରୀଙ୍କୁ ଦେବା ପାଇଁ ଛିଡ଼ା ହୋଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲା। ତେବେ ଅଭିଯୁକ୍ତମାନେ ପେସାଦାର ଚୋରା ଗଞ୍ଜେଇ ବେପାରୀ ବୋଲି ପୋଲିସ କହିଛି।

# ପୂଜକଙ୍କୁ ତାଲା ପକାଇ ଲୁଟିନେଲେ ଠାକୁରଙ୍କ ଅଳଙ୍କାର

ଜଟଣୀ,୨୫।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅନ୍ତର୍ଗତ ରଥିପୁର ଗ୍ରାମସ୍ଥିତ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିରରୁ ଠାକୁରଙ୍କ ଅଳଙ୍କାର ଓ ଦାନବାକ୍ସ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମଙ୍ଗଳବାର ଏନେଇ ମନ୍ଦିର ପରିଚାଳନା କମିଟି ସମ୍ପାଦକ ସମରେଶ ଛୋଟରାୟଙ୍କ ଅଭିଯୋଗକୁ ଭିତ୍ତିକରି ଜଟଣୀ ଥାନା ପୋଲିସ ଏକ ମାମଲା(ନଂ.୧୫୪/୨୩)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ପରିସରରେ ରହୁଥିବା ପୂଜକଙ୍କୁ ବାହାରପଟୁ ତାଲା ପକାଇ ମନ୍ଦିରର ମୁଖ୍ୟ କବାଟ ଓ ଭିତର କବାଟ ଭାଙ୍ଗି ମନ୍ଦିରକୁ ପ୍ରବେଶ କରିଥିଲେ। ଶ୍ରୀକୃଷ୍ଣଙ୍କ ଏକ ରୁପା ମୁକୁଟ ଏବଂ ରାଧାରାଣୀଙ୍କ ରୁପା ମୁକୁଟ, ଦୁଇଟି ରୁପା ବଂଶୀ, ଦୁଇଟି ରୁପା ଗ୍ଲାସ୍, ଦୁଇଟି ରୁପା କଙ୍କଣ ଏବଂ ବିଭିନ୍ନ ଅଳଙ୍କାର

**ସାକ୍ଷୀଗୋପୀନାଥ ମନ୍ଦିର**

■ ପୋଲିସ, ସାଇଣ୍ଟିଫିକ୍ ଟିମର ତଦନ୍ତ ଆରମ୍ଭ



ଦୁର୍ବୃତ୍ତମାନେ ଚୋରିକରି ନେଇଯାଇଛନ୍ତି। ଏଥିସହ ଦାନବାକ୍ସ ଭାଙ୍ଗି ଟଙ୍କା ନେଇଯାଇ ଦାନବାକ୍ସକୁ ପାଖରେ ଥିବା ପାଣିଟାଙ୍କି ନିକଟରେ ଫୋପାଡ଼ି ଦେଇଛନ୍ତି। ପ୍ରତିଦିନ ଭଳି ରଥିପୁର ଗ୍ରାମର ଦୁଇଜଣ ବ୍ୟକ୍ତି ଭୋର୍ ୪ଟାରେ ମନ୍ଦିର ପରିସର ସଫେଇ କରିବାକୁ ଆସିଥିବା ବେଳେ ପୂଜକ ଶୋଉଥିବା ଘରର ବାହାରପଟୁ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ପୂଜକଙ୍କୁ ଡାକିବା ସହ ମନ୍ଦିରର ମୁଖ୍ୟ କବାଟ ଏବଂ ଭିତର କବାଟ ଭଙ୍ଗା ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଓ ମନ୍ଦିର କମିଟି ସଦସ୍ୟମାନେ ପହଞ୍ଚିଥିଲେ। ଏନେଇ କମିଟି ସମ୍ପାଦକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମନ୍ଦିରରେ ପହଞ୍ଚି ପ୍ରାଥମିକ ଅନୁସନ୍ଧାନ କରିବା ସହ ପଚରାଉଚରା କରିଥିଲା। ପରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ତଦନ୍ତ ଯୋଗୁ ଠାକୁରଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତିରେ ବ୍ୟତିକ୍ରମ ହୋଇଥିବା ପୂଜକ ସୌମ୍ୟରଞ୍ଜନ ଦାଶ କହିଛନ୍ତି। ସାକ୍ଷୀଗୋପାଳ ମନ୍ଦିର ଟ୍ରଷ୍ଟ ଅଧୀନ ଉକ୍ତ ମନ୍ଦିରର ସୁରକ୍ଷା ପାଇଁ ଜିଲା ପ୍ରଶାସନ ଏବଂ ଏଣ୍ଡାଓମେଣ୍ଟ ବିଭାଗ ଦୃଷ୍ଟି ଦେବା ପାଇଁ ମନ୍ଦିର ପରିଚାଳନା କମିଟି ସଭାପତି ତ୍ରିଲୋଚନ ପଟ୍ଟନାୟକ ଅନୁରୋଧ କରିଛନ୍ତି।

## ବାର୍ଷିକ ହରିଭକ୍ତ ସମ୍ମିଳନୀ

କୃଷ୍ଣପ୍ରସାଦ,୨୫।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ଟିଛିଣି ଗ୍ରାମର ମା'ବୃନ୍ଦାବତୀଙ୍କ ପୀଠରେ ଶନିବାରଠାରୁ ଆରମ୍ଭ ହୋଇଛି ୨୦ତମ ବାର୍ଷିକ ହରିଭକ୍ତ ସମ୍ମିଳନୀ। ଏହି ଅବସରରେ ଗୀତା ମହାଯଜ୍ଞ, ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆଦି ବୈଦିକ ରୀତିନୀତି ଅନୁଯାୟୀ ଆୟୋଜନ କରାଯାଇଛି। ଯଜ୍ଞକାର୍ଯ୍ୟ ପରିଚାଳନା କରିବା ପାଇଁ ବେରୁଆଁବାଡ଼ି ମଠାଧୀଶଙ୍କ ନେତୃତ୍ୱରେ ୭ଜଣ ପଣ୍ଡିତ ନିୟୋଜିତ ହୋଇଛନ୍ତି। ଗ୍ରାମର ମହିଳା ଦଳ ସହିତ ବ୍ଲକର ବିଭିନ୍ନ ସ୍ଥାନରୁ ୮ ମେଳ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇ ନାମ ପରିବେଷଣ କରୁଛନ୍ତି। ଟିଛିଣି ଗ୍ରାମ୍ୟ କମିଟି ସଭାପତି ଶରତ ଚନ୍ଦ୍ର ଜେନା, ସମ୍ପାଦକ ବିଦେଶୀ କୁମାର ପଲେଇ, ଯଜ୍ଞ ପରିଚାଳନା କମିଟି ସଭାପତି ସୁଦର୍ଶନ ଜେନା, ସମ୍ପାଦକ ବୁଲାମଣି ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରୁଛନ୍ତି। ଗୁରୁବାର ଉତ୍ସବର ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଫିଲ୍ଡ ଫାଇଟର ବିଜୟୀ

ବୋଲଗଡ଼,୨୫।୪(ଡି.ଏନ୍.ଏ.)

**ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ**

ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ନବମ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଫିଲ୍ଡ ଫାଇଟର ଓ ରାନୀ ବ୍ଲାଷ୍ଟର ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ଫିଲ୍ଡ ଫାଇଟର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୮ରନ ସଂଗ୍ରହ କରିଥିଲା। ଜବାବରେ ରାନୀ ବ୍ଲାଷ୍ଟର ଟିମ୍ ୧୧.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ବିକ୍ରମ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅଶୋକ ମହାରଣା ଓ ସୁଦର୍ଶନ ବାରିକ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ବିପିଏଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଗୁଡ୍ଡୁ, ମଣ୍ଟୁ, ଶିବ, ଡବୁଲ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



ବିଜୟୀ ଟିମ୍‌ର ଖେଳାଳିମାନେ।

# 'ଧ୍ୟାନ ଅନ୍ତର୍ନିହିତ ଶକ୍ତି ବଢ଼ାଇଥାଏ'

ଖୋର୍ଦ୍ଧା ଅଫିସ,୨୫।୪

**ଉନ୍ନତ ଶାସନ ପାଇଁ 'ମୂଲ୍ୟ ଓ ଆଧ୍ୟାତ୍ମିକତା' ଶୀର୍ଷକ କର୍ମଶାଳା**

ଖୋର୍ଦ୍ଧା ପ୍ରଶାସନ ଏବଂ ସ୍ଥାନୀୟ ପ୍ରଜାପିତା ଈଶ୍ୱରୀୟ ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ସେବା କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଉନ୍ନତ ଶାସନ ପାଇଁ 'ମୂଲ୍ୟ ଓ ଆଧ୍ୟାତ୍ମିକତା' ଶୀର୍ଷକ କର୍ମଶାଳା ଜିଲାପାଳଙ୍କ ସଦ୍‌ଭାବନା ଗୃହ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନସ୍ତରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ରାଜଯୋଗ ପ୍ରଶିକ୍ଷିକା ବ୍ରହ୍ମାକୁମାରୀ ସ୍ୱପ୍ନା ଭଉଣୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ରାଜଯୋଗ, ଆଧ୍ୟାତ୍ମିକତା ଶକ୍ତି ସାଧନା ଦ୍ୱାରା ମାନବୀୟ ଜୀବନମୂଲ୍ୟ




କର୍ମଶାଳାରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବିକାଶ ଘଟିଥାଏ। ଈଶ୍ୱରଙ୍କ ନିକଟରେ ଗଭୀର ବିଶ୍ୱାସ ରଖନ୍ତୁ। ଧ୍ୟାନ, ଭକ୍ତି ଆରାଧାନା କରନ୍ତୁ- ଏକ ସାତ୍ତ୍ୱିକ ବାତାବରଣ ଅନୁଭବ କରିପାରିବେ। ଏହା ଅନ୍ତର୍ନିହିତ ଶକ୍ତିକୁ ବଢ଼ାଇଥାଏ। ମନ ଶାନ୍ତ ଚିତ୍ତ ରହିଲେ କାର୍ଯ୍ୟରେ ଆନନ୍ଦ ଲାଗିବ। କୌଣସି କଥାକୁ ବିଚଳିତ ନ ହୋଇ ଧୀରସ୍ଥିର ଭାବେ ଶୁଣନ୍ତୁ। ଆତ୍ମା ପରମାତ୍ମାଙ୍କ ବାଣୀକୁ ସ୍ମରଣ କରି କର୍ମକ୍ଷେତ୍ରରେ ଆଗେଇ ଚାଲନ୍ତୁ। ଭକ୍ତି ଓ ସମର୍ପଣଭାବ ରହିଲେ ଈଶ୍ୱରତ୍ୱ ପ୍ରାପ୍ତି ହୋଇପାରିବ। ସର୍ବଦା ଈଶ୍ୱରଙ୍କୁ ସ୍ମରଣ କରନ୍ତୁ, ଅନ୍ୟକୁ ଭଲ ପାଆନ୍ତୁ। ଆପଣଙ୍କ ନିକଟକୁ କୌଣସି ଅଭିଯୋଗ ନେଇ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ଆଶ୍ୱାସନା ଦିଅନ୍ତୁ। ସମସ୍ୟା ସମାଧାନ ଲାଗି ପ୍ରତିଶ୍ରୁତି ଦିଅନ୍ତୁ। ଯଥାସମ୍ଭବ ସମାଧାନ ଲାଗି ଉଦ୍ୟମ କରନ୍ତୁ। ହୃଦୟ ଜିଣିପାରିଲେ, ପ୍ରତିଷ୍ଠା ବଢ଼ିବା ସହ କର୍ମକ୍ଷେତ୍ରରେ ପଦ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବ, ଗୌରବ ବଢିବ ବୋଲି ସେ କହିଥିଲେ। ବ୍ରହ୍ମାକୁମାର ଜୟକୃଷ୍ଣ ମଞ୍ଚ ପରିଚାଳନା କରିଥିଲେ। ବ୍ରହ୍ମାକୁମାରୀ ଜ୍ୟୋତି, ଅନୁରାଧା ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପ୍ରତିଭା ମିଶ୍ର ହେଲେ ପିପିଲି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି



ପିପିଲି,୨୫।୪(ଡି.ଏନ୍.ଏ.)- ପିପିଲି ମହାବିଦ୍ୟାଳୟ (ଡିଗ୍ରୀ କଲେଜ)ରୁ ଅବସରପ୍ରାପ୍ତ ମନସ୍ତତ୍ତ୍ୱ ବିଭାଗର ପୂର୍ବତନ ପ୍ରାଧାପିକା ଡ. ପ୍ରତିଭା କୁମାରୀ ମିଶ୍ର ଉକ୍ତ କଲେଜର ପରିଚାଳନା କମିଟି ସଭାପତି ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଚିଠି ନଂ. ୦୦୧୪- ୨୦୨୧/୧୬୫୩୮ ତାରିଖ ୨୪.୦୪.୨୩ ଅନୁଯାୟୀ ଏହି ନିଯୁକ୍ତି ହୋଇଛି। ଡ. ମିଶ୍ର ଜଣେ ମିଷ୍ଟଭାଷୀ, ବିଶିଷ୍ଟ ଶିକ୍ଷାବିତ୍, ବାଗ୍ମୀ, ଲେଖିକା ଏବଂ ସୁବକ୍ତା ଭାବେ ଉକ୍ତ ଅଞ୍ଚଳ ସମେତ ଓଡ଼ିଶାରେ ପରିଚିତ। ସେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ସ୍ତ୍ରୀ ଏବଂ ବର୍ତ୍ତମାନର ପିପିଲି-ଡେଲାଙ୍ଗ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ମା' ଅଟନ୍ତି। ଡ. ମିଶ୍ରଙ୍କୁ ଯୋଗାଯୋଗ କରିବାରେ ସେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିରେ ଖୁସି ବ୍ୟକ୍ତ କରିବା ସହ ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ଅପରପକ୍ଷେ ମହାବିଦ୍ୟାଳୟର ଅଧକ୍ଷ ତ୍ରିନାଥ ଶତପଥୀ, ସମସ୍ତ ଶିକ୍ଷକ ଏବଂ ଅଣଶିକ୍ଷକମାନେ ଏହି ଖବରପାଇ ଉଚ୍ଚ ଶିକ୍ଷା ବିଭାଗକୁ ଧନ୍ୟବାଦ ଦେବା ସହ ଡ. ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରକାଶଥାଉ କି, ପୁରୀ ଉପଜିଲାପାଳ ଭବତାରଣ ସାହୁ ଏହି କମିଟି ସଭାପତି ଦାୟିତ୍ୱରେ ଥିଲେ।

### ମହାବୀର ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ

ଡେଲାଙ୍ଗ,୨୫।୪(ଡି.ଏନ୍.ଏ.)- ଡେଲାଙ୍ଗ ବଜାରସ୍ଥିତ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାବୀରଙ୍କ ପୀଠରେ ଗତ ୨୩ତାରିଖଠାରୁ ମହାଯଜ୍ଞର ଅଙ୍କୁରାରୋପଣ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ଏହି ମନ୍ଦିର ନିର୍ମାଣ ପାଇଁ ବଜାର କମିଟି ପକ୍ଷରୁ ପ୍ରଚେଷ୍ଟା ଜାରିରହିଥିଲା। ଯଜ୍ଞ ପାଇଁ ୧୨ଜଣ ବ୍ରତୀ ଥାନା ପୋଖରୀରେ ଜଳ ଭର୍ତ୍ତି କଳସ ବୁଡାଇ ବଜାର ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ଶାଳାମଣ୍ଡନ, ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବାଦେବୀ ପୂଜା, ଗୀତାପାଠ, ଚଣ୍ଡୀ ପାଠ, ମହାରୁଦ୍ରାଭିଷେକ ପ୍ରଭୃତି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବରେ ପ୍ରଭାକର ସାହୁ କର୍ତ୍ତା ସୂର୍ଯ୍ୟକାନ୍ତି ସାହୁ କାର୍ଯ୍ୟନିର୍ବାହ କରିଥିବା ବେଳେ ମୁଖ୍ୟ



ପୂଜକ ଭାବେ କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ପଣ୍ଡିତମାନେ ଯଥାବିଧି ପୂଜାର୍ଚ୍ଚନା କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃପାଲାଭ କରିଥିଲେ। ଡେଲାଙ୍ଗ ଷ୍ଟେସନ ବଜାର କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ ପଦକ୍ଷେପ

**ପୁରୀ ଅଫିସ,୨୫।୪**

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ସାମାଜିକ କର୍ମୀ ଦିଲୀପ ବରାଳଙ୍କ ଆବେଦନକୁ ବିଚାର କରି ହାଇକୋର୍ଟ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ଜବାବ ତଲବ ପାଇଁ ନୋଟିସ ଜାରି କରିଛନ୍ତି। ଜବାବ ଦାଖଲ କରିବାକୁ ଓଡ଼ିଶା ମୁଖ୍ୟ ଶାସନ ସଚିବ ଓ ଆଇନ ସଚିବଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୨୦୧୮ରୁ ଜଷ୍ଟିସ ରଘୁବୀର ଦାସ କମିଶନ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ ସାରି ରିପୋର୍ଟ ସରକାରଙ୍କ ଆଇନ ବିଭାଗକୁ ହସ୍ତାନ୍ତର କରିସାରିଥିବା ସତ୍ତ୍ୱେ ୫ ବର୍ଷ ହୋଇଯାଇଥିଲେ ମଧ୍ୟ ରିପୋର୍ଟକୁ କାହିଁକି ସରକାର ସାର୍ବଜନୀନ କରୁନାହାନ୍ତି ବୋଲି ସାମାଜିକ କର୍ମୀ ବରାଳ ଗତ ୧୯ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ଗ୍ରହଣ କରି ହାଇକୋର୍ଟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ରତ୍ନ ଭଣ୍ଡାର ଚାବି ହଜିବାକୁ ନେଇ ସରକାର ବସାଇଥିବା ରଘୁବୀର ଦାସ ତଦନ୍ତ କମିଶନଙ୍କ ରିପୋର୍ଟ ଜୁଲାଇ ୧ ସୁଦ୍ଧା ସତ୍ୟପାଠ ଆକାରରେ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୦ରେ ରହିଛି। ହାଇକୋର୍ଟଙ୍କ ତରଫରୁ ସରକାରଙ୍କୁ ଏପରି ନୋଟିସ ଜାରି ହେବା ପରେ ବିଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

"ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ନେଇ ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିବା ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ କରିଥିବା ନୋଟିସ୍‌କୁ ସ୍ୱାଗତ କରୁଛି। ହାଇକୋର୍ଟଙ୍କ ଉପରେ ବିଶ୍ୱାସ ଓ ଆସ୍ଥା ରହିଛି। ଆଗାମୀ ଦିନରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ହୁଏତ ରାଜ୍ୟ ସରକାର ରତ୍ନଭଣ୍ଡାର କମିଶନ ରିପୋର୍ଟ ସାର୍ବଜନୀନ କରିପାରନ୍ତି। ଏହାଦ୍ୱାରା ରିପୋର୍ଟରେ ସତ୍ୟତା ଲୋକଲୋଚନକୁ ଆସିପାରିବ।

**–ଦିଲୀପ ବରାଳ, ଆବେଦନକାରୀ**

"ରତ୍ନଭଣ୍ଡାର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କୋର୍ଟ ଦେଇଥିବା ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ ପଦକ୍ଷେପ। କୋର୍ଟଙ୍କ ନିର୍ଦ୍ଦେଶକୁ ରାଜ୍ୟ ସରକାର ନିଶ୍ଚିନ୍ତ ଭାବେ ଗ୍ରହଣ କରିବେ। ଏହା ଏକ ସମ୍ବେଦନଶୀଳ ଘଟଣା। ଅନେକ ଦିନ ହେଲା ଏନେଇ ବିଭିନ୍ନ ମହଲରୁ ଦାବି ହୋଇଆସୁଥିଲା। ଏବେ ଭକ୍ତମାନଙ୍କରେ ଥିବା ଆଶଙ୍କା ଦୂରୀଭୂତ ହେବ। ରତ୍ନଭଣ୍ଡାର ରିପୋର୍ଟ ସାର୍ବଜନୀନ ହେବ ଏଥିରେ କିଛି ଅସୁବିଧା ନାହିଁ। ମହାପ୍ରଭୁଙ୍କ ରତ୍ନଅଳଙ୍କାର ସମସ୍ତ ସୁରକ୍ଷିତ ଭାବେ ରତ୍ନ ଭଣ୍ଡାର ମଧ୍ୟରେ ରହିଛି।

**–ଗୌରହରି ପ୍ରଧାନ, ପୂର୍ବତନ ନଗରପାଳ ତଥା ବରିଷ୍ଠ ସେବାୟତ**

"କୋର୍ଟ ରତ୍ନଭଣ୍ଡାର ପ୍ରସଙ୍ଗରେ ସରକାରଙ୍କୁ ନୋଟିସ କରି ଏକ ଛାଟ ପକାଇଛନ୍ତି। ଆଇନ ଅନୁଯାୟୀ ଯେକୌଣସି କମିଶନଙ୍କ ରିପୋର୍ଟକୁ

## ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

ସରକାରଙ୍କ ମାନିପାରନ୍ତି, ଆଂଶିକ ମାନି ପାରନ୍ତି, କିମ୍ବା ନ ମାନିପାରନ୍ତି, କାର୍ଯ୍ୟକାରୀ ନ କରିପାରନ୍ତି ମାତ୍ର କମିଶନଙ୍କୁ ରିପୋର୍ଟକୁ ବିଧାସଭାରେ ଉପସ୍ଥାପନ ହେବା କଥା। ଯାହା ରାଜ୍ୟ ସରକାର କରିନାହାନ୍ତି। କାରଣ ସରକାରଙ୍କ ଅହଙ୍କାର ବଢ଼ିଯାଇଛି। ତେଣୁ ସରକାର ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିନାହନ୍ତି କି ସାର୍ବଜନୀନ କରିନାହାନ୍ତି। ମାତ୍ର ଆଇନ ଅନୁଯାୟୀ ରିପୋର୍ଟ ସାର୍ବଜନୀନ ହେବା କଥା ତେଣୁ ହାଇକୋର୍ଟ ତଦନ୍ତ ରିପୋର୍ଟ ସରକାରଙ୍କୁ ମାଗିଛନ୍ତି। ସେହିପରି ସେତବେଳର ଜିଲାପାଳ ରତ୍ନଭଣ୍ଡାର ଚାବି ପାଇଲେ ବୋଲି କହିଲେ, ମାତ୍ର କାହାକୁ ଦେଖାଇଲେ ନାହିଁ। ତେବେ ରତ୍ନଭଣ୍ଡାର ଲୁଟ ହେଇଛି ବୋଲି ଯେଉଁ ଅଭିଯୋଗ ହେଉଛି, ତେଣୁ ସରକାର ରତ୍ନଭଣ୍ଡାର ଖୋଲୁ ନାହାନ୍ତି। ଯାହା ସରକାର ବେଆଇନ କାର୍ଯ୍ୟ କରିଛନ୍ତି। ପ୍ରଥମତଃ ନିୟମ ଅନୁଯାୟୀ ପ୍ରତି ୩ବର୍ଷରେ ରତ୍ନଭଣ୍ଡାର ଖୋଲାଯାଇ ଯାଞ୍ଚ ହେବା କଥା, ମାତ୍ର ଗତ ୪୦ ବର୍ଷ ହେବ ରତ୍ନ ଭଣ୍ଡାର ଖୋଲାଯାଇ ନାହିଁ। ଦ୍ୱିତୀୟରେ କୋର୍ଟ ରତ୍ନଭଣ୍ଡାର ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୧୭ଜଣିଆ ପ୍ରତିନିଧି ଦଳ ଯାଇଥିଲେ, କିନ୍ତୁ ରତ୍ନଭଣ୍ଡାର ନ ଖୋଲି ଚାବି ନାହିଁ କହି ଫେରିଆସିଥିଲେ। ଅନେକ ସମୟରେ ତଦନ୍ତ ରିପୋର୍ଟ ଫାଇଲ ଚୋରି ହୋଇଯାଉଛି। ସେହିଭଳି ରଘୁବୀର ଦାସ କମିଶନ ରିପୋର୍ଟ ଖୋଜିବା ପାଇଁ ଆଉ ଗୋଟେ କମିଶନ ବସିବନି ତ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

**–ପ୍ରିୟଦର୍ଶନ ପଟ୍ଟନାୟକ, ଶ୍ରୀ ଜଗନ୍ନାଥ ସେନା ଆବାହକ**

"ହାଇକୋର୍ଟ ରତ୍ନଭଣ୍ଡାର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଯେଉଁ ଜବାବ ତଲବ କରିଛନ୍ତି, ଠିକ୍ ସେହିପରି ୫ ବର୍ଷ ୨୦ ଦିନ ତଳେ ଅର୍ଥାତ ୨୦୧୮ରେ ରାଜ୍ୟ ସରକାରଙ୍କୁ ନୋଟିସ୍ କରିଥିଲେ। ମାତ୍ର ସରକାର ତାକୁ କାର୍ଯ୍ୟକାରୀ କଲେ ନାହିଁ। ପରେ ରାଜ୍ୟ ସରକାର ରଘୁବୀର ଦାଶ କମିଶନ ଗଠନ କଲେ। ତଦନ୍ତରେ ପ୍ରାୟ ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। କିନ୍ତୁ ଉକ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହେଲା ନାହିଁ। ରତ୍ନଭଣ୍ଡାର ଚାବି ହଜିବା ନେଇ ତାହାର ସ୍ଥିତି ପରଖିଲେ ନାହିଁ। ପରେ ଗୋଟିଏ ଡୁପ୍ଲିକେଟ ଚାବି ମିଳିଥିବା ନେଇ ତତ୍‌କାଳୀନ ଜିଲାପାଳ କହିଥିଲେ। ତେବେ ସେ ଚାବି କେଉଁଠି ତାହା ଏପର୍ଯ୍ୟନ୍ତ ଜଣାପଡିଲା ନାହିଁ। ଏଥିରୁ ଜଣାପଡୁଛି ସରକାର ବ୍ୟାକ୍‌ଫୁଟ୍‌ରେ ରହିଛନ୍ତି। ସରକାରଙ୍କୁ କୋର୍ଟ ନୋଟିସ୍ ଜାରି କରିଛନ୍ତି, ଯାହା ଲାଗୁଛି ସରକାର ସମୟ ଗଡେଇ ଚାଲିବେ। ତେଣୁ କୋର୍ଟ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

**–ଶରତ କୁମାର ରାୟଗୁରୁ, ଆଇନଜୀବୀ**



ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ଗୋବର୍ଦ୍ଧନ ପୀଠରୁ ଶଙ୍କରାଚାର୍ଯ୍ୟଙ୍କ ଚଳନ୍ତି ପ୍ରତିମା ନେଇ ବାହାରିଥିବା ଶୋଭାଯାତ୍ରା ।

# ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରା

**ପୁରୀ ଅଫିସ,୨୫।୪**

ବୈଶାଖ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ମଙ୍ଗଳବାର ଅବସରରେ ପୁରୀ ଗୋବର୍ଦ୍ଧନ ପୀଠ ପରିସରରେ ଆଦି ଶଙ୍କରଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ମଠର ରୀତିନୀତି ଅନୁଯାୟୀ ପ୍ରଥମେ ଜଳଯାତ୍ରା, ଅଧିବାସ, ପଞ୍ଚକର୍ମ, ମଣ୍ଡଳ କରଣ,ଦେବତା ସ୍ଥାପନ, ଆଦି ଶଙ୍କରଙ୍କ ମହାଭିଷେକ ସହ ଅନ୍ୟ ନୀତି ଶେଷ ହୋଇ ଆଳତି କରାଯାଇଥିଲା। ପରେ ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମାଙ୍କ ନିକଟରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହାପରେ ଆଜ୍ଞାମାଳ ପାଇ ଆଦି ଶଙ୍କରଙ୍କ ଚଳନ୍ତି ପ୍ରତିମା ପଟୁଆର ଶୋଭାଯାତ୍ରାରେ ପୀଠ ପରିସରରେ ଥିବା ମା' ବିମଳାଙ୍କ ମନ୍ଦିରକୁ ବିଜେ କରିଥିଲେ। ସେଠାରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ଆଦି ଶଙ୍କରଙ୍କ ପ୍ରତିମୂର୍ତ୍ତିକୁ ନଗର ପରିକ୍ରମା କରାଯାଇଥିଲା। ବାଲିସାହି, ଦୋଳମଣ୍ଡପ ସାହି, ମୋଚି ସାହି ଛକ, ଲବଣିଆ ଛକ, ମରିଚିକୋଟ ଛକ, ରାଜନହର, ମନ୍ଦିର ଚତୁଃପାର୍ଶ୍ୱ ଦେଇ, ହରଚଣ୍ଡୀ ସାହି, ଗୌଡବାଡ଼ ସାହି, ସ୍ୱର୍ଗଦ୍ୱାର, କାଂଚିକାମକୋଟି ମଠ ଦେଇ ପୁନଃ ଗୋବର୍ଦ୍ଧନ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ସମୟରେ ବିଭିନ୍ନ ସାହିର ବ୍ୟକ୍ତି ବିଶେଷମାନେ ଆଦି ଶଙ୍କରଙ୍କ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ସେହିପରି ଅନେକ ଶ୍ରଦ୍ଧାଳୁ ଆଦି ଶଙ୍କରଙ୍କ ନିକଟରେ ପନ୍ତି ଭୋଗ ଅର୍ପଣ କରିଥିଲେ। ନଗର ପରିକ୍ରମା ପରେ ଆଦି ଶଙ୍କରଙ୍କ ଅନ୍ୟ ନୀତି କରାଯାଇ ଚଳନ୍ତି ପ୍ରତିମା ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଜୟନ୍ତୀ ମହୋତ୍ସବ ସମିତିର ଅଧ୍ୟକ୍ଷ ଅଜୟ ଗୋଛିକାର, ସମିତି ସମ୍ପାଦକ ବିଶ୍ୱଶାନ୍ତି ତ୍ରିପାଠୀ ଏବଂ ଆଦିତ୍ୟ ବାହିନୀର ପ୍ରଦେଶ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଗଣେଶ୍ୱର ମହାସୁଆର, ତନ୍ମୟ ଚାଟାର୍ଜୀ, ମନମୋହନ ଚୈତନ୍ୟ ସାଙ୍ଗଲେ, ବରୁଣ ସାହୁ, କୁମାର ଭୀମସେନ, ଚିନ୍ମୟୀ ଦେଓ, ଦେବାଶିଷ ମିଶ୍ର, ସୌରବ ପସୋରିଆ, ରବୀନ୍ଦ୍ର ପଣ୍ଡା, ମାଗୁଣି ସାହୁ, ପୀତବାସ ନାୟକ, ସୁରେଶ କର, ରଞ୍ଜନ ଅଗ୍ରୱାଲ ପ୍ରମୁଖ ପରିଚାଳନା କରିଥିଲେ। ଆଦିତ୍ୟ ବାହାନୀର ରାଜ୍ଯ ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ସମ୍ପାଦକ ଦେବାଶିଷ ମିଶ୍ର, ନଗର ସଭାପତି ଗଣେଶ ମହାସୁଆର, ନଗର ସଚିବ ତନ୍ମୟ ଚାଟାର୍ଜୀ ଏବଂ ଆଦି ଶଙ୍କର ଜୟନ୍ତୀ ମହୋତ୍ସବ ସମିତିର ଆବାହକ ବିଚିତ୍ରା ନନ୍ଦ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ହେଲେ ଜ୍ଞାନ ପଟ୍ଟନାୟକ

ଡେଲାଙ୍ଗ,୨୫।୪ (ଡି.ଏନ୍.ଏ.)



ଡେଲାଙ୍ଗ-ପିପିଲି ନିର୍ବାଚନମଣ୍ଡଳୀର ଜଣେ ଯୁବନେତା ରାଜ୍ୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ହେଲେ ଡେଲାଙ୍ଗ ବ୍ଲକର ବେରବୋଇ ପଞ୍ଚାୟତ ଉଦୟପୁର ଗ୍ରାମର ଜ୍ଞାନରଞ୍ଜନ ପଟ୍ଟନାୟକ(ଟୁଲୁ)। ଗତ ଫେବୃଆରୀରେ ସେ ଅଖିଳ ଭାରତ କଂଗ୍ରେସ କମିଟିର ସ୍ଥାୟୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଏମ୍‌ପି କେ.ସି.ବେନୁଗୋପାଳଙ୍କ ସ୍ୱାକ୍ଷରରେ ପ୍ରକାଶିତ ରାଜ୍ୟ କଂଗେସ ବରିଷ୍ଠ ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ, କାର୍ଯ୍ୟନିର୍ବାହୀ ସଦସ୍ୟ ଓ ଗଣମାଧ୍ୟମ ମୁଖପାତ୍ରଙ୍କ ତାଲିକାରେ ଜ୍ଞାନ ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ ଓ କାର୍ଯ୍ୟ ନିର୍ବାହୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ପୁନର୍ବାର ତାଙ୍କୁ ଦଳିୟ ନେତୃବୃନ୍ଦ ତାଙ୍କ ଉପରେ ଭରସା ରଖି ଏହି ଦାୟିତ୍ୱ ଦେଇଛନ୍ତି। ଜ୍ଞାନ ପଟ୍ଟନାୟକ ନିରାକାରପୁର କଲେଜରେ ଅଧ୍ୟୟନ କରୁଥିବା ବେଳେ ଛାତ୍ର ସଂସଦ ସଭାପତି ହୋଇ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ପିସିସି ସଭ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଡେଲାଙ୍ଗ ବ୍ଲକରୁ ସେ ପ୍ରଥମଥର ପାଇଁ ଏଆଇସିସିର ସ୍ଥାୟୀ ସଦସ୍ୟ ଓ ରାଜ୍ୟ କମିଟିର ସମ୍ପାଦକ ଦାୟିତ୍ୱ ଦେବା ପରେ ଡେଲାଙ୍ଗ କଂଗ୍ରେସ ମହଲରେ ଖୁସି ଖେଳିଯାଇଛି।

## ରଥଖଳାର ଦ୍ୱିତୀୟ ଦିନ

# ୩ ରଥର ୯ ଡୁମ୍ବ ଗୋଲେଇ କାର୍ଯ୍ୟ ସରିଲା



**ପୁରୀ ଅଫିସ,୨୫।୪**

ମହାପ୍ରଭୁଙ୍କ ରଥଯାତ୍ରା ଉପଲକ୍ଷେ ପବିତ୍ର ଅକ୍ଷୟ ତୃତୀୟାଠାରୁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତିନିରଥର ମୁଖ୍ୟ ବିଶ୍ୱକର୍ମା ମହାରଣାଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ରଥ ନିର୍ମାଣ ପାଇଁ ଆବଶ୍ୟକ ଚକ ପାଇଁ ଡୁମ୍ବ ନିର୍ମାଣର କାର୍ଯ୍ୟ ଜାରିରହିଛି। ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥ ଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣରେ ନିୟୋଜିତ ଥିବା କାରିଗର ଏବଂ ସେବକମାନଙ୍କ ହାତୁଡି ଏବଂ ନିହଣ ଶବ୍ଦରେ ଅସ୍ଥାୟୀ ରଥଖଳା ବେଶ୍ ଚଳଚଞ୍ଚଳ ହୋଇ ଉଠିଛି। ବିଶ୍ୱକର୍ମା ମହାରଣା, ଭୋଇ ସେବକ ଏବଂ ଓଝା ସେବକମାନେ ନିଷ୍ଠାର ସହ ରଥ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ରଥ ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରେ ତିନି ରଥର ଡୁମ୍ବ କାର୍ଯ୍ୟ ଜାରି ରହିଛି। ତିନିରଥରେ ମୋଟ ୪୨ଟି ଚକ ରହିଥାଏ। ତେଣୁ ୪୨ଟି ଚକ ପାଇଁ ୪୨ଟି ଡୁମ୍ବ ନିର୍ମାଣ ଚାଲିଛି। ତେବେ ମଙ୍ଗଳବାର ରଥ ନିର୍ମାଣର ଦ୍ୱିତୀୟ ଦିନରେ ରଥ ନିର୍ମାଣକାରୀ ସେବକମାନେ ସକାଳ ୮ଟାରେ ରଥ ଖଳାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କରିଥିଲେ। ମଙ୍ଗଳବାର ସୁଦ୍ଧା ତିନିରଥର ମୋଟ ୯ଟି ଡୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସୋମବାର ରଥ ନିର୍ମାଣର ପ୍ରଥମ ଦିନରେ ବିଶ୍ୱକର୍ମା ମହାରଣାମାନେ ଚିହ୍ନ ଦେବା ପରେ କରତି ସେବକମାନେ କାଠ ଗଡକୁ ଚିରଟ କରି ତିନି ରଥ ପାଇଁ ଦୁଇଟି ଲେଖାଏ ଡୁମ୍ବ ଗଡ଼ ଯୋଗାଇଥିଲେ। ମଙ୍ଗଳବାର ତିନି ରଥର ମହାରଣାମାନଙ୍କୁ କରତି ସେବକମାନେ ଆଉ ଦୁଇଟି ଲେଖାଏ ଡୁମ୍ବ ଗଡ଼ ଚିରଟ କରି ଯୋଗାଇଥିଲେ। ସେହିପରି ଦୁଇଟି ଡୁମ୍ବ ପାଇଁ କାଠ ଚିରଟ ଜାରି ରଖିଛନ୍ତି। ଏଥିସହ ଓଝା ସେବକମାନେ ମଙ୍ଗଳବାରଠାରୁ ଦୋଳବେଦୀସ୍ଥିତ ଅସ୍ଥାୟୀ କମାରଶାଳରେ ରଥ ପାଇଁ କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ପରମ୍ପରା ଅନୁଯାୟୀ ରଥ ନିର୍ମାଣର ପ୍ରଥମ ଦିନରେ ଓଝା ସେବକମାନେ ପୂଜାର୍ଚ୍ଚା ସହ ବିଧିବିଧାନ ଅନୁଯାୟୀ ଶାଳ ଅନୁକୂଳ କରିଥିଲେ। ପରେ ମଙ୍ଗଳବାର ତିନିରଥର କମାର ସେବକମାନେ ଡୁମ୍ବରେ ଅର ସଂଯୋଗ ପାଇଁ ସର କଣ୍ଟା ନିର୍ମାଣ ଆରମ୍ଭ କରିଛନ୍ତି। ତେବେ ରଥ ନିର୍ମାଣର ଦ୍ୱିତୀୟ ଦିନରେ ତିନିରଥର ମୋଟ ମହାରଣା ୧୭ଜଣ ନିୟୋଜିତ ଥିବା ବେଳେ ତିନିରଥରେ ଭୋଇ ସେବକ ୧୨ଜଣ, ତିନିରଥରେ କରତି ସେବକ ୪ଜଣ, ତିନିରଥରେ କମାର ସେବକ ୬ଜଣ ନିୟୋଜିତ ଥିବାବେଳେ ରଥଖଳା ସହାୟକ ଭାବେ ଜଣେ ନିୟୋଜିତ ରହିଛନ୍ତି। ଏହିପରି ରଥ ନିର୍ମାଣର ଦ୍ୱିତୀୟ ଦିନରେ ମୋଟ ୪୦ଜଣ ସେବାୟତ ଓ କାରିଗର ନିୟୋଜିତ ରହିଥିଲେ।

# ମେଡିକାଲ ଛକରୁ ବାଟ ଗାଁ ଛକ ଯାଏ ଉଚ୍ଛେଦ ଆରମ୍ଭ

**ପୁରୀ ଅଫିସ,୨୫।୪**

ପୁରୀକୁ ଗମନାଗମନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ। ମେଡିକାଲ ଛକଠାରୁ ବାଟ ଗାଁ ଛକ ଯାଏ ରାସ୍ତା ପ୍ରଶସ୍ତୀକରଣ ନେଇ ମଙ୍ଗଳବାରଠାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ବିସ୍ଥାପିତଙ୍କ ସହ ପ୍ରଶାସନ ଆଲୋଚନା କରି ଜନଶୁଣାଣି କରିବା ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଜେଲ୍ ରୋଡରେ ମଙ୍ଗଳବାରଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୀ ମେଡିକାଲ ଛକଠାରୁ ବାଟ ଗାଁ ରାସ୍ତା ଚାରି ଲେନ୍ ହେବ। ରାସ୍ତା ନିର୍ମାଣ ହେବା ପରେ ପୁରୀକୁ ଆସୁଥିବା ଭକ୍ତ, ପର୍ଯ୍ୟଟକଙ୍କୁ ଏଣିକି ଆଉ ଟ୍ରାଫିକ ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ। ଜେଲ୍ ରୋଡରେ ପ୍ରଶାସନ ପକ୍ଷରୁ

## ରାସ୍ତା ପ୍ରଶସ୍ତୀକରଣ ହେବ

ଜମି ଅଧିଗ୍ରହଣ ନେଇ ଉଚ୍ଛେଦ ହୋଇଛି। ପୂର୍ବରୁ ଏନେଇ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବିସ୍ଥାପିତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଇଛି। ୧୧ଟି ମୌଜାର ୫ଏକର ଘରୋଇ ଜମି ଓ ୧ ଏକର ସରକାରୀ ଜମି ଥିବାରୁ ଖୁବଶୀଘ୍ର ପ୍ରଶାସନ ଏହାକୁ ଅଧିଗ୍ରହଣ କରିବ। ତେବେ ଜମି ଅଧିଗ୍ରହଣ ପରେ ରାସ୍ତାର ଓସାର ୭୨ଫୁଟ ରହିବ। ରାସ୍ତା ସମ୍ପ୍ରସାରଣ ପାଇଁ ମୋଟ ୫୬୮ଟି ପ୍ଲଟ ଅଧିଗ୍ରହଣ ହେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରଶାସନ ୨୨୮ଟି ପ୍ଲଟ ନିଜ ଅକ୍ତିଆରକୁ ନେଇଛି। ଖୁବ୍‌ଶୀଘ୍ର ବିସ୍ଥାପିତଙ୍କୁ ଉଚିତ କ୍ଷତିପୂରଣ ଦେଇ ଅନ୍ୟ ପ୍ଲଟଗୁଡିକ ପ୍ରଶାସନ ନିଜ ଅଧୀନକୁ ନେବ ବୋଲି ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ କହିଛନ୍ତି।



ଜେସିବି ଦ୍ୱାରା ଏକ ଘରକୁ ଭଙ୍ଗାଯାଉଛି ।

# ଆଚାର୍ଯ୍ୟ ଶଙ୍କର ବିଶ୍ୱରେ ଅଦ୍ୱିତୀୟ

**ପୁରୀ ଅଫିସ,୨୫।୪**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଦ୍ୱୈତ ବେଦାନ୍ତ ବିଭାଗ ପକ୍ଷରୁ ଆଇସିଆର ଦ୍ୱାରା ପ୍ରଯୋଜିତ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପରିସରରେ ପାଳିତ ହୋଇ ଯାଇଛି। ଏହି ମହୋତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଅଧକ୍ଷତା କରି ଆଚାର୍ଯ୍ୟ ଶଙ୍କର ଯେ, ବିଶ୍ୱରେ ଅଦ୍ୱିତୀୟ ଏହାକୁ ଦୃଢ଼ କଣ୍ଠରେ କହିଥିଲେ। ଥିଲେ। ଅଦ୍ୱୈତ ବେଦାନ୍ତ ବିଭାଗ ମୁଖ୍ୟ ପ୍ରଫେସର ସୁଧାକର ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଅଧାସ ସ୍ୱରୂପ ବିଷୟରେ ପ୍ରତିପାଦନ କରିଥିଲେ। ପୂର୍ବତନ ପ୍ରଫେସର ବ୍ରଜକିଶୋର ନାୟକ ଆଚାର୍ଯ୍ୟ ଶଙ୍କରଙ୍କର ଜୀବନର ଚରିତ୍ର ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଆଚାର୍ଯ୍ୟ ଶଙ୍କରର ମହାନୀୟତା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବେଦ ବିଭାଗର ଆଚାର୍ଯ୍ୟ ଚନ୍ଦନ କୁମାର ମିଶ୍ର ମଙ୍ଗଳାଚରଣ ପାଠ କରିଥିଲେ। ବେଦାନ୍ତ ବିଭାଗର ଆଚାର୍ଯ୍ୟ ଡ. ଶ୍ରଦ୍ଧାଞ୍ଜଳି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନ୍ୟାୟ ବିଭାଗୀୟ ଆଚାର୍ଯ୍ୟ ଡ. ଜି ଜୟ ମାଣିକ୍ୟ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ବେଦାନ୍ତ ବିଭାଗର ଆଚାର୍ଯ୍ୟ ଡ.ରାଧାକାନ୍ତ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ବେଦାନ୍ତ, ନ୍ୟାୟ, ସର୍ବଦର୍ଶନ ବିଭାଗର ଛାତ୍ରୀଛାତ୍ରମାନେ ସାମିଲ ଥିଲେ।




ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଦ୍ୱୈତ ବେଦାନ୍ତ ବିଭାଗରେ ଅନୁଷ୍ଠିତ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସୂର୍ଯ୍ୟମନ୍ଦିରରେ ପର୍ଯ୍ୟଟକଙ୍କୁ ମିଳିବ ଥଣ୍ଡା ପାଣି

- ସ୍ଥିତି ଅନୁଧ୍ୟାନ କଲେ କୋଣାର୍କ ବାର୍ ଆସୋସିଏଶନ ସଭାପତି, ସୁପରିଣ୍ଟେଣ୍ଡେଣ୍ଟ
- ୩ ଜାଗାରେ ଲାଗିବ ସ୍ୱଚ୍ଛ ଥଣ୍ଡା ପାଣି ମେଶିନ

**କୋଣାର୍କ,୨୫।୪(ଡି.ଏନ୍.ଏ.)**

କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ହଜାର ହଜାର ସଂଖ୍ୟାର ପର୍ଯ୍ୟଟକ ଏଣିକି ମନ୍ଦିର ପରିସରରେ ଥଣ୍ଡା ପାଣି ପାଇପାରିବେ। ଏ ନେଇ ଖୁବ୍‌ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା ମନ୍ଦିର ପରିସରରେ କାର୍ଯ୍ୟକାରୀ ହେବାକୁ ଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ପୁରୀ ସର୍କଲ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି.ଗଡ଼ନାୟକ ଓ କୋଣାର୍କ ବାର୍ ଆସୋସିଏଶନ ସଭାପତି ଶ୍ରୀଜୟ ବରାଳଙ୍କୁ ଆମନ୍ତ୍ରଣ କରି ସୂର୍ଯ୍ୟମନ୍ଦିରର ପରିସରରେ ଏଏସ୍‌ଆଇ ପକ୍ଷରୁ ପର୍ଯ୍ୟଟକଙ୍କ ନିମନ୍ତେ ସ୍ୱଚ୍ଛ ପାନୀୟ ଜଳ ନିମନ୍ତେ ଲଗାଯାଉଥିବା ୩ଟି ଉଚ୍ଚ ଶକ୍ତି ସମ୍ପନ୍ନ ଆକ୍ୱାଗାର୍ଡ ମେଶିନର ସ୍ଥାନ ଓ ଏହାର କାର୍ଯ୍ୟ ବୁଲାଇ ଦେଖାଇବା ସହିତ ସମସ୍ତ ବିବରଣୀ ଜଣାଇଥିଲେ।



ସୂର୍ଯ୍ୟମନ୍ଦିରରେ କୋଣାର୍କ ବାର୍ ଆସୋସିଏଶନ ସଭାପତି, ସୁପରିଣ୍ଟେଣ୍ଡେଣ୍ଟ ସ୍ଥିତି ପରଖୁଛନ୍ତି ।

ପରେ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକୁ ଅନୁଧ୍ୟାନ କରିଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ପର୍ଯ୍ୟଟକଙ୍କ ପାଇଁ ମନ୍ଦିର ଭିତରେ ପାନୀୟ ଜଳର ସୁବିଧା ନ ଥିଲା। ଏବେ ସୂର୍ଯ୍ୟମନ୍ଦିର ପ୍ରବେଶ ପଥ, ପଶ୍ଚିମ ଉତ୍ତର ପାର୍ଶ୍ୱ ଓ ପ୍ରସ୍ଥାନ ପଥର ୩ଟି ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ରହିବ। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ଅସହ୍ୟ ଗରମରେ କୋଣାର୍କ ବଜାରରୁ ପ୍ରାୟ ଗୋଟିଏ କିମି ଚାଲିଚାଲି ମନ୍ଦିରକୁ ଆସୁଛନ୍ତି। ମନ୍ଦିର ଭିତରେ ଗୋଟିଏ ନଳକୂପରେ ପର୍ଯ୍ୟଟକଙ୍କ ଲମ୍ୱା ଲାଇନ ଲାଗିଥାଏ। ଏଏସ୍‌ଆଇର ଏଭଳି ଅବ୍ୟବସ୍ଥା ବିରୋଧରେ ଗତ ୫ତାରିଖରେ କୋଣାର୍କ ବାର୍ ଆସୋସିଏଶନ ସଭାପତି ଶ୍ରୀଜୟ ବରାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ ସୁବିଧା ଯୋଗାଇ ଦେବାକୁ ପିଟିଶନରେ ଉଲ୍ଲେଖ କରିଥିଲେ। ଫଳରେ ଗତ ୧୦ତାରିଖରେ ଉଚ୍ଚ ନ୍ୟାୟଳୟ ଏ ନେଇ ଶୁଣାଣି କରି ଏଏସ୍‌ଆଇକୁ ତୁରନ୍ତ ପିଇବା ପାଣିର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, କୋଣାର୍କ ମ୍ୟୁଜିୟମ ଅଧିକାରୀ ପ୍ରତାପ ନାୟକ, କୋଣାର୍କ ସଂରକ୍ଷଣ ଅଧିକାରୀ ସୁମନ୍ତ ବିଶାସ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

# ‘ଶିକ୍ଷା, ଦକ୍ଷତା ବିକାଶକୁ ନେଇ ଭାରତ-ସିଙ୍ଗାପୁର କାମ କରିବେ’

ଭୁବନେଶ୍ୱର ୨୫।୪ (ବ୍ୟୁରୋ)



କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

## ଜି-୨୦ ବୈଠକ

- ୩ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା
- ସ୍କୁଲ ପାଠ୍ୟକ୍ରମରେ ସିଙ୍ଗାପୁର ଆଣିଥିବା ସ୍କିଲିଂ ବିଷୟକୁ ଗ୍ରହଣ କରାଯିବ

ନୂଆ ଜାତୀୟ ଶିକ୍ଷାନୀତି ଆଧାରରେ ଦେଶର ଯୁବବର୍ଗଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ଶିକ୍ଷା ଓ ଦକ୍ଷତା ପରିସଂସ୍ଥାନର ରୂପାନ୍ତରଣ ପାଇଁ ଭାରତ ଓ ସିଙ୍ଗାପୁର ମଧ୍ୟରେ ଆଲୋଚନା ହୋଇଛି। ଏହି ଦୁଇ ରାଷ୍ଟ୍ର ଆଗାମୀ ଦିନରେ ଶିକ୍ଷା ସହ ଦକ୍ଷତା ବିକାଶ ପାଇଁ କାମ କରିବେ। ମଙ୍ଗଳବାର ଭୁବନେଶ୍ୱରଠାରେ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ ପରିପ୍ରେକ୍ଷୀରେ ଭାରତ-ସିଙ୍ଗାପୁର ମଧ୍ୟରେ ଆୟୋଜିତ କର୍ମଶାଳାରେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ‘ଫ୍ୟୁଚର ଅଫ୍ ୱାର୍କ: ଭାରତ ଓ ସିଙ୍ଗାପୁରର ସ୍କିଲ୍ ଆର୍କିଟେକ୍‌ଚର ଓ ଗଭର୍ନାନ୍ସ ମଡେଲ’ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ କହିଲେ, ଭାରତ ଓ ସିଙ୍ଗାପୁରର ରଣନୈତିକ ଭାଗୀଦାରିରେ ଦକ୍ଷତା ବିକାଶ ଏବଂ ଜ୍ଞାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦୁଇଦେଶ ମିଳିତ ଭାବରେ କାମ କଲେ ଉଭୟ ରାଷ୍ଟ୍ର ପାଇଁ ଅନେକ ସୁଯୋଗ ରହିଛି। ବିଶେଷକରି ଭବିଷ୍ୟତର ଶ୍ରମବଳ ପ୍ରସ୍ତୁତ କରିବା ଦିଗରେ କାମ କଲେ ଉଭୟ ଦେଶର ଲକ୍ଷ୍ୟ ସଫଳ ହେବ। ଏହି କର୍ମଶାଳାରେ ଭବିଷ୍ୟତର କାର୍ଯ୍ୟଶୈଳୀ ଉପରେ ଭାରତ ଓ ସିଙ୍ଗାପୁର ମଧ୍ୟରେ ୩ଟି ପ୍ରସଙ୍ଗ ଯଥା ଦକ୍ଷତା ପାଇଁ ନୂଆ ପାଠ୍ୟକ୍ରମର ବିକାଶ, ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା କ୍ଷେତ୍ରରେ ଦକ୍ଷତା ପରିସଂସ୍ଥାନ ପାଇଁ ଫ୍ରେମ୍‌ୱାର୍କ ଏବଂ ଜୀବନବ୍ୟାପୀ ସ୍କିଲିଂ ପାଇଁ ଆପ୍ରେଣ୍ଟିସସିପ୍ ଏବଂ ଫ୍ରେମ୍‌ୱାର୍କ ପାଇଁ ଆଲୋଚନା କରାଯାଇଥିଲା। ସିଙ୍ଗାପୁର ସରକାରଙ୍କ ଶିକ୍ଷା ତଥା ଦକ୍ଷତା ବିଭାଗର ଅଧିକାରୀ, ବୈଦେଶିକ ବିଭାଗର ଅଧିକାରୀଙ୍କ ସହ ଭାରତ ସରକାରଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ, ସ୍କୁଲ ଏବଂ ଉଚ୍ଚଶିକ୍ଷା ବିଭାଗ ଜାତୀୟ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଭିଟି), ପ୍ରଶିକ୍ଷଣ ମହାନିର୍ଦ୍ଦେଶାଳୟ(ଡିଜିଟି), ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି), କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ), ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ମିଳିତ ଭାବେ ସିଙ୍ଗାପୁର ମଡେଲକୁ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ କିପରି ଉପଯୋଗ କରାଯାଇପାରିବ ସେ ନେଇ ଉଭୟ ଦେଶ ଆଲୋଚନା କରିଥିଲେ। ଏ ନେଇ ସିଙ୍ଗାପୁରର ବୈଦେଶିକ ବିଭାଗ ମନ୍ତ୍ରୀଙ୍କ ସହ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ସେହିପରି ଭାରତର ଅନେକ ରାଜ୍ୟ ସିଙ୍ଗାପୁର ସହ ଅନୁବନ୍ଧିତ ହୋଇଛନ୍ତି। ତେଣୁ ଭାରତ ଓ ସିଙ୍ଗାପୁର ମିଶି ସ୍କୁଲ ପାଠ୍ୟକ୍ରମରେ ସିଙ୍ଗାପୁର ଆଣିଥିବା ସ୍କିଲିଂ ବିଷୟକୁ ମଧ୍ୟ ଗ୍ରହଣ କରାଯିବ। ଏଆଇସିଟିଇ ଦ୍ୱାରା ପରିଚାଳିତ ଇଞ୍ଜିନିୟରିଂ ଏବଂ ପଲିଟେକନିକ କଲେଜର ଛାତ୍ରୀଛାତ୍ର କିପରି ଦକ୍ଷତା ପରିସଂସ୍ଥାନରେ ଅଧିକ ଯୋଡ଼ିହେବେ ତାହାର ଯୋଜନା କରାଯିବ। ଏହାସହ ବର୍ତ୍ତମାନର ୱାର୍କଫୋର୍ସକୁ ନିରନ୍ତର ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ କରାଯିବା ନେଇ ଗୁରୁତ୍ୱ ଦିଆଯାଉଛି। ବିଗତ ଶତାବ୍ଦୀରେ ଅର୍ଥନୀତିର ଦ୍ରୁତ ପ୍ରଗତି କ୍ଷେତ୍ରରେ ସିଙ୍ଗାପୁର ବିଶ୍ୱର ଗୋଟିଏ ମଡେଲ ହୋଇଛି। ଆଣବିକ କ୍ଷେତ୍ରରେ ଭାରତ ଓ ସିଙ୍ଗାପୁର ମିଳିତ ଭାବରେ କାମ କରିବା ଦିଗରେ ଉଦ୍ୟମ ଜାରି ରହିଛି। ଭାରତର ୟୁପିଆଇ ସିଷ୍ଟମକୁ ସିଙ୍ଗାପୁର ସରକାର ଲାଗୁ କରିଛନ୍ତି। ଫଳରେ ଭାରତ ଓ ସିଙ୍ଗାପୁରର ସମ୍ପର୍କ ମଜଭୁତ ହେଉଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। କର୍ମଶାଳାରେ ଭାରତରେ ଅବସ୍ଥାପିତ ସିଙ୍ଗାପୁର ହାଇକମିଶନର ସିମନ ୱଙ୍ଗ୍, ସିଙ୍ଗାପୁରର ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଶିକ୍ଷା ମନ୍ତ୍ରଣାଳୟର ଉପସଚିବ ମେଲିସା ଖ୍ୱ, ଭାରତର ଶିକ୍ଷା ମନ୍ତ୍ରଣାଳୟ, ଦକ୍ଷତା ମନ୍ତ୍ରଣାଳୟ, ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗର ସଚିବ ଏବଂ ଶିକ୍ଷା ଓ ଦକ୍ଷତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ଭାରତ ଓ ସିଙ୍ଗାପୁରର ଶିକ୍ଷା ଓ ଦକ୍ଷତା କ୍ଷେତ୍ରର ଷ୍ଟେକ୍‌ହୋଲଡର, ଶିକ୍ଷାବତ୍ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଶିବଶଙ୍କର


@ ସନ୍ତୋଷ


@ ଶାଶ୍ୱତୀ


@ ଜିତେନ୍ଦ୍ର


@ ଏସ୍‌କେ ଇଦ୍‌ରିସ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୪।୨୦୨୩

| ୪,୩୫,୮୧୨ ଟଙ୍କା | |
|---|---|
| ସୁନା | ୧ ଗ୍ରାମ୍ |
| ରୁପା | ୧୧.୨୦୦ ଗ୍ରାମ୍ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପାରଳା ଗଜପତି ବିକାଶ ମଞ୍ଚ, ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କୁ ମାଲ୍ୟାର୍ପଣ, ଏଜି ଛକସ୍ଥିତ ପରିବହନ ସମ୍ମୁଖ ପ୍ରତିମୂର୍ତ୍ତି, ସକାଳ ୮ଟା ଓ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୱାଟର କିଓସ୍କ ବଣ୍ଟନ, କିଟ୍ସ ସ୍କୋୟାର, ପୂର୍ବାହ୍ନ ୧୦.ଟା ୩୦।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ସେବା ବିଭାଗ ଓଡ଼ିଶାର ୱେବସାଇଟ୍ ‘ସେବାଗାଥା’ର ଓଡ଼ିଆ ସଂସ୍କରଣ ଶୁଭାରମ୍ଭ, ପ୍ଲଟ ନଂ.- ୪୧, ସେକ୍ଟର-ଏ, ମଞ୍ଚେଶ୍ୱର,ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ମା’ ଜାଗୁଲାଇ ରାମଲୀଳା ସମିତି ଆନୁକୂଲ୍ୟରେ ବାର୍ଷିକ ରାମଲୀଳାର ନାଟକ ‘ସୀତାଠାବ ଓ ଲଙ୍କାପୋଡ଼ି’ ପରିବେଷଣ, ତ୍ରିନାଥ ବଜାର ନିକଟ ଜଗନ୍ନାଥପୁର ରାମଲୀଳା ମଣ୍ଡପ, ରାତି ୧୧ଟା।
- ଭାଗବତ ମେଳଣ ଅବସରରେ ମାଗଣା ଅପେରା ପରିବେଷଣ, ବୁଢ଼ାଲୋ ଗ୍ରାମର ମେଳଣ ପଡ଼ିଆ, ରାତି ୧୧ଟା।


ପୁରୀ: ଭୁଦେବୀ,ଶ୍ରୀଦେବୀଙ୍କ ସହ ମଦନମୋହନ ଚନ୍ଦନ ପୁଷ୍କରିଣୀକୁ ଚାପ ଖେଳିବାକୁ ଯାଉଛନ୍ତି।

# ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ, ପୋଲିସ କମିଶନରଙ୍କୁ ନୋଟିସ

କଟକ ଅଫିସ,୨୫।୪

### ଓଏଚ୍‌ଆର୍‌ସିରେ ସହରାଞ୍ଚଳ ବାୟୁ ପ୍ରଦୂଷଣ ମାମଲା

କଟକ, ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ଅଧିକାଂଶ ବାୟୁ ପ୍ରଦୂଷଣ ଗାଡ଼ି ଚଳାଚଳ ଯୋଗୁ ହେଉଥିବା ନେଇ ଆଇନଜୀବୀ ଶିବଶଙ୍କର ମହାନ୍ତି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ରେ ଏକ ମାମଲା ରୁଜୁ କରିଥିଲେ। ଓଏଚ୍‌ଆର୍‌ସିରେ ମାମଲାର ଶୁଣାଣି ହୋଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପୋଲିସ କମିଶନର୍‌ଙ୍କୁ ନୋଟିସ ଜାରି କରାଯାଇଛି। ଏଥିସହ ପ୍ରଦୂଷଣ ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜୁନ୍ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏହା ପୂର୍ବରୁ ରିପୋର୍ଟ ପ୍ରଦାନ କରିବାକୁ କମିଶନ୍ ଅଧ୍ୟକ୍ଷ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, କଟକ, ଭୁବନେଶ୍ୱର, ଅନୁଗୋଳ, ରାଉରକେଲା ସମେତ ୭ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ମାତ୍ରା ବଢ଼ିବାରେ ଲାଗିଛି। ବିଭାଗୀୟ ମନ୍ତ୍ରୀ ଗତ ବିଧାନସଭାରେ ଏନେଇ ତଥ୍ୟ ଉପସ୍ଥାପନ କରିଥିଲେ। ଜାତୀୟ ସ୍ୱଚ୍ଛ ବାୟୁ ମିଶନ ଜରିଆରେ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବହୁ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ପ୍ରଦୂଷଣ ମାତ୍ରା କମିବା ବଦଳରେ ବଢ଼ିବାରେ ଲାଗିଛି।

# ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ

କଟକ ଅଫିସ,୨୫।୪

### ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗରେ ସଦସ୍ୟ ପଦ ଖାଲି ମାମଲା

- ଜୁଲାଇ ୧୩ରେ ପରବର୍ତ୍ତୀ ଶୁଣାଣି

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗରେ ୫ ସଦସ୍ୟ ପଦ ଖାଲି ପଡ଼ିବା ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ଶୁଣାଣି କରି ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀରୁ ପ୍ରକାଶ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ ଆଧାରରେ ୨୦୧୬ ମାର୍ଚ୍ଚ ୧୫ରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଗଠନ ହୋଇଥିଲା। ଆଇନର ୧୬(୨) ଉପଧାରା ଅନୁସାରେ ଆୟୋଗରେ ଜଣେ ଅଧ୍ୟକ୍ଷ ଓ ୫ ସଦସ୍ୟଙ୍କୁ ନିଯୁକ୍ତି ଦିଆଯିବା କଥା। କୌଣସି ନିଷ୍ପତ୍ତି ନେବା ନିମନ୍ତେ ଅଧ୍ୟକ୍ଷଙ୍କୁ ମିଶାଇ ୩ ଜଣଙ୍କର ଆବଶ୍ୟକତା ରହିଛି। ହେଲେ ଆୟୋଗ ଗଠନ ହେବା ଦିନଠାରୁ ୩ ସଦସ୍ୟ ପଦ ଖାଲି ଥିବାବେଳେ ୨ ଜଣ ସଦସ୍ୟ କାର୍ଯ୍ୟରତ ଥିଲେ। ୨୦୨୦ ସେପ୍ଟେମ୍ବର ୧୩ରୁ ଗୋଟିଏ ସଦସ୍ୟ ପଦ ଖାଲି ରହିଥିବାବେଳେ ୨୦୨୨ ସେପ୍ଟେମ୍ବର ୧୨ରୁ ଆଉ ଏକ ସଦସ୍ୟ ପଦ ଖାଲିପଡ଼ିଛି। ପୁଣି ଚଳିତ ଏପ୍ରିଲ ୧୦ରେ ଆୟୋଗର ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଅଧ୍ୟକ୍ଷଙ୍କ ସମେତ ୫ ସଦସ୍ୟ ପଦ ଖାଲିପଡ଼ିଛି। ଅଦ୍ୟାବଧି ନୂତନ ଅଧ୍ୟକ୍ଷ କିମ୍ବା କୌଣସି ସଦସ୍ୟଙ୍କୁ ନିଯୁକ୍ତି ମିଳିନାହିଁ। ପଦବୀଗୁଡ଼ିକ ପୂରଣ ନ ହେବା କାରଣରୁ ଆୟୋଗଙ୍କ କାର୍ଯ୍ୟାଳୟ ଠିକ୍ ଭାବେ କାର୍ଯ୍ୟ କରୁନାହିଁ ବୋଲି ଆବେଦନକାରୀ ଆଇନଜୀବୀ ପ୍ରବୀର ଦାସ ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦାଏର ଏହି ପିଟିଶନରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ୨୭ରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୫।୪(ବ୍ୟୁରୋ)

ସଂଭାବନା ପକ୍ଷରୁ ଆସନ୍ତା ୨୭ ତାରିଖରେ ସୂଚନା ଭବନଠାରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ ଏବଂ ଓଡ଼ିଆ ସ୍ୱାଭିମାନ ଦିବସ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତ ବର୍ଷର ‘ଶ୍ରେଷ୍ଠ ଓଡ଼ିଆଣୀ’ଙ୍କ ନାମ ଘୋଷଣା କରାଯିବ। ଏଥିସହିତ ‘ସହ ଶ୍ରେଷ୍ଠ ଓଡ଼ିଆଣୀ’ ଓ କୃତୀ ଓଡ଼ିଆଣୀମାନେ ମଧ୍ୟ ସମ୍ବର୍ଦ୍ଧିତ ହେବେ। ମଧୁସଂଗୀତ ସହ ଓଡ଼ିଶୀ ନୃତ୍ୟ ପରିବେଷଣ ହେବ। ଏ ନେଇ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠାନର ସମ୍ପାଦକ ଦେବ ପରିଜା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ୫ କଏଦୀଙ୍କୁ ଫେରାର ଦର୍ଶାଇଲେ ଜେଲ କର୍ତ୍ତୃପକ୍ଷ

ବାରଙ୍ଗ,୨୫।୪(ଡି.ଏନ୍.ଏ.): ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ୨୦୨୧ ମସିହାରେ କରୋନା ସଂକ୍ରମଣ କାରଣରୁ କଏଦୀଙ୍କୁ ଲମ୍ବା ଛୁଟି ମିଳିଥିଲା। ଛୁଟି ଅବଧି ପୂରିବା ପରେ କେତେକ କଏଦୀ ଫେରି ଆସିଥିବାବେଳେ ୫ ଜଣ କଏଦୀ ଜେଲରୁ ଚିଠି ପାଇ ମଧ ଅଦ୍ୟାବଧି ଫେରୁନାହାନ୍ତି। ଏମାନେ ହେଲେ ବୌଦ୍ଧ ଜେଲର ବେଦବ୍ୟାସ ପ୍ରଧାନ, ଭବାନୀପାଟଣା ଜେଲର ଅନାମ ମାଝୀ, କେନ୍ଦୁଝର ଜେଲର ହରିହର ପାତ୍ର ଓ ଚନ୍ଦ୍ରୁ ହେମ୍ବ୍ରମ, କୋଟପାଡ଼ ଜେଲର ଆସୁ ଖିଲା। ଏମାନଙ୍କୁ କୋଭିଡ୍ ପାଇଁ ଛୁଟିରେ ଛଡ଼ାଯାଇଥିଲା। କିନ୍ତୁ ଏମାନେ ନ ଆସିବାରୁ ବାରମ୍ବାର ସେମାନଙ୍କୁ ଫେରି ଆସିବାକୁ ଜେଲ ପକ୍ଷରୁ ଚିଠି ଦିଆଯାଉଥିବା ସତ୍ତ୍ୱେ ଏମାନେ ଶୁଣି ନ ଥିଲେ। ବାଧ ହୋଇ ଜେଲ କର୍ତ୍ତୃପକ୍ଷ ଏହି କଏଦୀମାନଙ୍କୁ ଫେରାର ଦର୍ଶାଇ ଏ ବିଷୟରେ ଚନ୍ଦକାଥାନା ସମେତ ଜିଲା ଏସ୍‌ପି ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ସଂକ୍ରମଣ ନିୟନ୍ତ୍ରଣ, ନିରାକରଣ ଜରୁରୀ

ଭୁବନେଶ୍ୱର,୨୫।୪(ବ୍ୟୁରୋ)



ଜାତୀୟ ସମ୍ମିଳନୀରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଦୀନବନ୍ଧୁ ପଣ୍ଡା ଓ ଅନ୍ୟ ଅତିଥିମାନେ।

ଏଚ୍‌ଆଇଭି ସଂକ୍ରମିତଙ୍କ ଯତ୍ନ, ସହଯୋଗ ଓ ଚିକିତ୍ସା(ସିଏସଟି)କୁ ଅଧିକ ଫଳପ୍ରଦ କରିବା ପାଇଁ ଓଡ଼ିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି(ଓସାକ୍ସ) ଦ୍ୱାରା ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ପକ୍ଷରୁ ୪ଦିନିଆ ଜାତୀୟ ସମ୍ମିଳନୀ ପୁରୀଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ସମ୍ମିଳନୀରେ ନାକୋର ନିର୍ଦ୍ଦେଶକ ନିଧି କେଶରୱାନି ଭର୍ଚୁଆଲରେ ଯୋଗଦେଇ ସମସ୍ତ ସଂକ୍ରମିତ ଯେପରି କୌଣସି ସୁବିଧାରୁ ବଞ୍ଚିତ ନ ହେବେ ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଦୀନବନ୍ଧୁ ପଣ୍ଡା କହିଲେ, ଏଚ୍‌ଆଇଭି ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରି ନାହିଁ। ତଥାପି ଏହାର ସଂକ୍ରମଣ ନିୟନ୍ତ୍ରଣ, ନିରାକରଣ, ଯତ୍ନ ଓ ଚିକିତ୍ସା ଉପଲବ୍ଧତା ଯୋଗୁ ଆକ୍ରାନ୍ତମାନେ ସୁସ୍ଥ ଜୀବନ ଯାପନ କରିପାରୁଛନ୍ତି। ଆମେ ସମସ୍ତେ ଏଥିପ୍ରତି ଅଧିକା ଯତ୍ନବାନ ହେବା ଆବଶ୍ୟକ। ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉର୍ମିଳା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ପାଇଁ ସମସ୍ତେ ଯତ୍ନବାନ ହୋଇ ଠିକ ଚିକିତ୍ସା ଓ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ କରିଥିଲେ। ଏହି ସମ୍ମିଳନୀରେ ନାକୋର ଉପ ମହାନିର୍ଦ୍ଦେଶକ ଡ. ଅନୁପ ପୁରୀଙ୍କ ସମେତ ଆଇଟେକ ଓ ଓସାକ୍ସର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଓଡିଶା ସମେତ ୩୪ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତିର ଅଧିକାରୀମାନେ ଯୋଗଦେଇଛନ୍ତି।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାରଙ୍ଗ,୨୫।୪(ଡି.ଏନ୍.ଏ.)

### ଟ୍ରେନ୍‌ରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ


କୌଶିକ ନାୟକ

ଗୋଡ଼ିସାହି ଫାଣ୍ଡି ଅଧୀନ ରତାଗଡଗ୍ରାମ ନିକଟ ପୁରୀ ମୁଖ୍ୟ କେନାଲରୁ ଜଣେ ଯୁବକଙ୍କ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ସେ ହେଲେ ଢେଙ୍କାନାଳ ସଦରଥାନା ଅଞ୍ଚଳର ନରଣପୁର ଗ୍ରାମର କୌଶିକ ନାୟକ। ପୋଲିସ ସରୋଜଙ୍କ ପରିବାରକୁ ଖବରଦେଇ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେନାଲ ଉପରେ ରେଲଲାଇନ୍ ଯାଇଥିବାରୁ ଟ୍ରେନରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଥିବାବେଳେ ଯୁବକଙ୍କ ପର୍ସରୁ ଢ଼େଙ୍କାନାଳ-ଭୁବନେଶ୍ୱର ରେଳ ଟିକେଟ୍ ସହ ଆଧାରକାର୍ଡରୁ ତାଙ୍କ ପରିଚୟ ମିଳିଛି। ସ୍ଥାନୀୟ ଗ୍ରାମର କିଛି ଯୁବକ ଉକ୍ତ କେନାଲକୁ ଗାଧୋଇବାକୁ ଯାଇଥିବାବେଳେ ମୃତଦେହ କେନାଲରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୋଡିସାହି ଫାଣ୍ଡି ପୋଲିସ ଓ ବାରଙ୍ଗ ଅଗ୍ନିଶମ ବାହିନୀ ମିଳିତ ଭାବେ କେନାଲରେ ଭାସୁଥିବା ଯୁବକଙ୍କ ମୃତଦେହକୁ ଜବତ କରିଥିଲେ।



୨୦୧୫ରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ପଦ୍ମ ବିଭୂଷଣ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରକାଶ ସିଂ ବାଦଲ।

# ପଞ୍ଜାବ ରାଜନୀତିର ତୁଙ୍ଗ ନେତା

**ଚଣ୍ଡିଗଡ଼,୨୫।୪**

ପଞ୍ଜାବ ରାଜନୀତିର ତୁଙ୍ଗ ରାଜନେତା ପ୍ରକାଶ ସିଂ ବାଦଲ ଥିଲେ ଜଣେ ସାଲିସ ବିହୀନ ମଣିଷ। ୧୯୨୭ ଡିସେମ୍ବର ୮ରେ ମଲୌଟ ସହରର ଖୁରାନା ଅବୁଲଠାରେ ଏକ ଜାଠ୍ ଶିଖ୍ ପରିବାରରେ ଜନ୍ମିତ ପ୍ରକାଶ ଲାହୋରସ୍ଥିତ ଫର୍ମାନ୍ ଖ୍ରୀଷ୍ଟିଆନ୍ କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରକାଶ ପ୍ରଥମେ ବାଦଲ ଗ୍ରାମର ସରପଞ୍ଚ ହୋଇ ପରେ ଲାମ୍ବି ବ୍ଲକ୍ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ୧୯୫୭ରେ ଶିରୋମଣି ଅକାଳୀ ଦଳ (ଏସ୍ଏଡି) ପ୍ରତିଷ୍ଠା କରିବା ସହ ଗିଦ୍ଦରବାହା ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ପାଇଁ ବିଧାନସଭାକୁ ପ୍ରବେଶ କରିଥିଲେ। ବିଧାୟକ ପ୍ରକାଶ ୧୯୬୯ରେ ପୁନଃ ନିର୍ବାଚିତ ହୋଇ ମନ୍ତ୍ରୀ ହୋଇଥିଲେ।



**ପ୍ରକାଶ ସିଂ ବାଦଲ**
**(୮.୧୨.୧୯୨୭-୨୫.୪.୨୦୨୩)**

ଜରୁରିକାଳୀନ ପରିସ୍ଥିତି ବେଳେ ପ୍ରକାଶଙ୍କୁ ଗିରଫ କରି ଜେଲ ପଠାଇ ଦିଆଯାଇଥିଲା। ଦକ୍ଷିଣ ଆଫ୍ରିକାର ଗାନ୍ଧୀ ଭାବେ ପରିଚିତ ନେଲସନ୍ ମଣ୍ଡେଲାଙ୍କ ପରେ ପ୍ରକାଶ ହେଉଛନ୍ତି ସର୍ବାଧିକ ସମୟ (୧୭ ବର୍ଷ) ଧରି କାରାଦଣ୍ଡ ଭୋଗିଥିବା ରାଜନେତା। ୧୯୭୨, ୧୯୮୦ ଓ ୨୦୦୨ରେ ବିଧାନସଭାର ବିରୋଧୀ ଦଳ ନେତା ପଦ ସମ୍ଭାଳିଥିଲେ। ବିଧାନସଭାକୁ ୧୦ ଥର ନିର୍ବାଚିତ ହୋଇଥିବା ଏହି ନେତାଙ୍କ ଜାତୀୟ ରାଜନୀତିରେ ପ୍ରବଳ ପ୍ରଭାବ ରହିଥିଲା। ୧୯୭୭ରେ ମୋରାରଜୀ ଦେଶାଇ ସରକାରରେ ସେ କୃଷି ଓ ଜଳସେଚନ ମନ୍ତ୍ରୀ ଥିଲେ। ୧୯୭୦ରେ ସେ ଭାରତର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ୨୦୧୭ରେ ସେ ମୁଖ୍ୟମନ୍ତ୍ରୀ ଭାବେ ନିଜ ଶେଷ ପାଳି ସମ୍ପୂର୍ଣ୍ଣ କରିଥିଲେ। ପ୍ରକାଶଙ୍କ ସରକାର ସବୁବେଳେ ଚାଷୀଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଉଥିଲେ। ପଞ୍ଜାବର ଚାଷୀମାନଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇବା ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା। ୨୦୧୫ରେ କେନ୍ଦ୍ର ସରକାର ପ୍ରକାଶଙ୍କୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। କିନ୍ତୁ ୨୦୨୦ରେ କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନକୁ ଚାଷୀ ବିରୋଧୀ ଦର୍ଶାଇ ସେ ଭାଜପା ସହ ଦୀର୍ଘ ସମ୍ପର୍କ ତୁଟାଇ ଦେଇଥିଲେ। ଗ୍ରାମାଞ୍ଚଳ ରାଜନୀତିରେ ବିଶ୍ୱାସ କରୁଥିବା ଏହି ବର୍ଷୀୟାନ ନେତା ଜନକଲ୍ୟାଣକୁ ସର୍ବଦା ପ୍ରାଥମିକତା ଦେଇ ଆସୁଥିଲେ। ଶେଷ ସମୟରେ ପ୍ରକାଶ ଏସ୍ଏଡିର ମଙ୍ଗ ପୁଅ ସୁଖବୀର ସିଂ ବାଦଲଙ୍କୁ ଧରାଇ ଦେଇଥିଲେ। କିନ୍ତୁ ରାଜନୀତିରୁ ସନ୍ୟାସ ନେଇ ନ ଥିଲେ।

### ୨ ଦିନିଆ ରାଷ୍ଟ୍ରୀୟ ଶୋକ

ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲଙ୍କ ପରଲୋକରେ କେନ୍ଦ୍ର ସରକାର ଦୁଇ ଦିନିଆ ରାଷ୍ଟ୍ରୀୟ ଶୋକ ଦିବସ ଘୋଷଣା କରିଛନ୍ତି। ବୁଧବାର ଓ ଗୁରୁବାର ଦେଶବ୍ୟାପୀ ସବୁ ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଅର୍ଦ୍ଧନମିତ ରହିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

## ଯୋଗୀ ନିଜ ଉପରୁ କେତେ ମାମଲା ହଟାଇଛନ୍ତି: ଅଖିଳେଶ

**ଲକ୍ଷ୍ନୌ,୨୫।୪**

ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କ ମୃତ୍ୟୁ ପରେ ଉତ୍ତର ପ୍ରଦେଶରେ ଦଙ୍ଗାକାରୀମାନଙ୍କ ଅବସାନ ଘଟିଛି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୨୦୧୭ ପୂର୍ବର ସମାଜବାଦୀ ପାର୍ଟି (ଏସ୍ପି) ସରକାରକୁ ଟାର୍ଗେଟ କରିଛନ୍ତି। ଏହାର ଜବାବରେ ଏସ୍ପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରେସ୍ କନ୍ଫରେନ୍ସ କରି କହିଛନ୍ତି, ଯୋଗୀ ନିଜ ଉପରକୁ କେତେ ମାମଲା ହଟାଇଛନ୍ତି ପ୍ରଥମେ ତା'ର ହିସାବ ଦିଅନ୍ତୁ। ଯୋଗୀ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ତାଙ୍କ ନାମରେ ବହୁ ମାମଲା ବିଚାରାଧୀନ ଥିଲା। ସେଗୁଡ଼ିକ ମଧ୍ୟରୁ ଅନେକ ଦଙ୍ଗା ମାମଲା। ଗତ ଫେବୃୟାରୀ ୨୪ରେ ଆଇନଜୀବୀ ଉମେଶ ପାଲଙ୍କ ଏବଂ ପରବର୍ତ୍ତୀ ସମୟରେ ଅତିକ୍ ଓ ଅଶ୍ରଫ୍ଙ୍କ ହତ୍ୟା ପାଇଁ କିଏ ଦାୟୀ ବୋଲି ଅଖିଳେଶ ୟୁପିର ଭାଜପା ସରକାରକୁ ଘେରିଛନ୍ତି। ମେ' ୪ ଓ ୧୧ରେ ପୌର ନିର୍ବାଚନ ହେବାକୁ ଥିବାବେଳେ ଶାସକ ଭାଜପା ଓ ବିରୋଧୀ ଏସ୍ପି ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଏବେ ମୁହାଁମୁହିଁ ଅବସ୍ଥାରେ। ପ୍ରକାଶ ଯେ, ସୋମବାର ସାହରନ୍ପୁରରେ ଯୋଗୀ କହିଥିଲେ, ନୋ କର୍ଫ୍ୟୁ ନୋ ଦଙ୍ଗା, ୟୁପିରେ ସବୁ ଚାଙ୍ଗା।

## ଆଜୀବନ ଜେଲ ଭୋଗୁଥିବା ପୂର୍ବତନ ଏମ୍ପିଙ୍କ ମୁକ୍ତି ପାଇଁ ନିୟମରେ ପରିବର୍ତ୍ତନ

### ପ୍ରତିବାଦ ଜଣାଇଲା ଆଇଏଏସ୍ ସଂଘ

**ନୂଆଦିଲ୍ଲୀ,୨୫।୪**

ଜଣେ ଦଳିତ ଆଇଏଏସ୍ ଅଫିସରଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଗ୍ୟାଙ୍ଗଷ୍ଟରରୁ ରାଜନେତା ଆନନ୍ଦ ମୋହନ ସିଂଙ୍କୁ ମୁକ୍ତ କରିବା ପାଇଁ ବିହାର ସରକାର ନିୟମରେ ପରିବର୍ତ୍ତନ କରିଛନ୍ତି। ଏହାକୁ ଆଇଏଏସ୍ ଅଫିସର ସଂଘ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ନିୟମ କୋହଳ ଦ୍ୱାରା ଅପରାଧୀଙ୍କୁ ଦଣ୍ଡରୁ ମୁକ୍ତ କରିଦିଆଯିବା ଭଳି ହେବ। ଏହା ପ୍ରଶାସନିକ ଅଧିକାରୀମାନଙ୍କ ମନୋବଳ ହ୍ରାସ କରିବା ସହ ନ୍ୟାୟିକ ପ୍ରଶାସନ ପ୍ରତି ପରିହାସ ବୋଲି ସେଣ୍ଟ୍ରାଲ ଆଇଏଏସ୍ ଆସୋସିଏଶନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଗୋପାଳଗଞ୍ଜର ପୂର୍ବତନ ଜିଲାପାଳ ଜି. କ୍ରିଷ୍ଣେୟାଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତମାନଙ୍କୁ ମୁକ୍ତ କରିଦେବା ଲାଗି ବନ୍ଦୀ ନିୟମାବଳୀରେ ପରିବର୍ତ୍ତନ ପାଇଁ ବିହାର ସରକାରଙ୍କ ନିଷ୍ପତ୍ତିରେ ଆସୋସିଏଶନ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛି। ଆନନ୍ଦ ମୋହନଙ୍କ ସମେତ ୨୭ ଦୋଷୀ ଜେଲରୁ ମୁକ୍ତ ହେବାକୁ ଯାଉଛନ୍ତି।

## ପିଏମ୍ କେୟାର୍ସ ପାଣ୍ଠିର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

**ନୂଆଦିଲ୍ଲୀ,୨୫।୪(ପି.ଟି.)**

ପିଏମ୍ କେୟାର୍ସ ପାଣ୍ଠିରେ ବହୁତ କିଛି ଲୁଚାଛପାରେ ଚାଲିଥିବା କଂଗ୍ରେସ ଅଭିଯୋଗ କରିଛି। ଏଥିରେ କ'ଣ ପାଇଁ ସ୍ୱଚ୍ଛତା କିମ୍ବା ଉତ୍ତରଦାୟିତ୍ୱ ନାହିଁ ବୋଲି ଦଳ ପ୍ରଶ୍ନ କରିଛି। ପାଣ୍ଠିର ୬୦ ପ୍ରତିଶତ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରୁ ମିଳୁଥିବାରୁ ଅଡିଟ୍ କିମ୍ବା ଆର୍ଟିଆଇରେ ତଥ୍ୟ ମିଳିବନି କାହିଁକି ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭି ପ୍ରଶ୍ନ କରିଛନ୍ତି। ପିଏମ୍-କେୟାର୍ସ ୫,୦୦୦ କୋଟି ଟଙ୍କା ଚାନ୍ଦା ପାଇଥିବାରୁ ଏହା ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ ହେବାକୁ ସିଂଘଭି ଦାବି କରିଛନ୍ତି। ସୂଚନାଅଧିକାର ଆଇନ ବଳରେ ପିଏମ୍-କେୟାର୍ସ ତଥ୍ୟ ସାଧାରଣ ଜନତା ପାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

## କେରଳରେ ଚାଲିଲା ବନ୍ଦେ ଭାରତ ଟ୍ରେନ୍



**ଥିରୁଭାନନ୍ତପୁରମ୍,୨୫।୪**

କେରଳ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଥିରୁଭାନନ୍ତପୁରମ୍ରୁ ରାଜ୍ୟର ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏଥିସହ ସେ କୋଚି ୱାଟର ମେଟ୍ରୋକୁ ମଧ୍ୟ ଉଦ୍ଘାଟନ କରିଛନ୍ତି। ଏହି ବିଦ୍ୟୁତ୍ ହାଇବ୍ରିଡ୍ ବୋଟ୍ ଦ୍ୱାରା ୧୦ଟି ଦ୍ୱୀପକୁ ସଂଯୋଗ କରାଯାଇପାରିବ। ବନ୍ଦେ ଭାରତ ଏକ୍ସପ୍ରେସ୍ ଥିରୁଭାନନ୍ତପୁରମ୍ ସହ କୋଲାମ, କୋଟ୍ଟାୟାମ, ଏର୍ନାକୁଲମ, ଥ୍ରିଶୂର, ପଲକ୍କଡ, ପଥନମ୍ଥିଟ୍ଟା, ମାଲାପୁରମ୍, କୋଝିକୋଡ୍, କନ୍ନୁର ଏବଂ କସରଗୋଡ୍କୁ ସଂଯୋଗ କରିବ।

### ୱାଟର ମେଟ୍ରୋ ଉଦ୍ଘାଟିତ

## ରାଜ୍ୟ ଖବର

## ୫ଦିନ ବର୍ଷିବ, ୨୧ ଜିଲାରେ କୁଆପଥର ବର୍ଷା

### ୧୧ ଜିଲାକୁ ଅରେଞ୍ଜ, ୧୦କୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ବର୍ଷା ଯୋଗୁ ପାରଦ ନିମ୍ନଗାମୀ ରହିଛି। ଲୋକେ ତାତିରୁ ଆଶ୍ୱସ୍ତି ପାଇଛନ୍ତି। ମଙ୍ଗଳବାର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିଲେ ମଧ୍ୟ ଆକାଶ ମେଘାଚ୍ଛନ୍ନ ରହିବା ସହ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବୁଧବାରଠାରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବା ନେଇ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିପାଇଁ ରାଜ୍ୟର ୧୧ ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ୧୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୫ ଦିନ ଯାଏ ଘଡ଼ଘଡ଼ି ସହ ବର୍ଷା ହେବାନେଇ ସତର୍କ ସୂଚନା ଜାରି କରାଯାଇଥିବାବେଳେ ୨୭ ଓ ୨୮ ତାରିଖରେ ରାଜ୍ୟର ପ୍ରାୟ ୨୧ ଜିଲାରେ କୁଆପଥର ବର୍ଷାର ସମ୍ଭାବନା ରହିଛି ବୋଲି ବିଭାଗ ସୂଚନା ଦେଇଛି।

ସୂଚନାନୁସାରେ, ମଙ୍ଗଳବାର ବୌଦ୍ଧ ଓ ସୋନପୁରର ତାପମାତ୍ରା ସର୍ବାଧିକ ୩୭.୮ ଡିଗ୍ରୀ ରହିଥିବାବେଳେ କୋରାପୁଟ ଓ ସମ୍ବଲପୁରର ୩୭ ଡିଗ୍ରୀ ଏବଂ ଝାରସୁଗୁଡ଼ାରେ ତାପମାତ୍ରା ୩୭.୨ ଡିଗ୍ରୀ ରହିଥିଲା। ସେହିପରି ୫ ସହରର ତାପମାତ୍ରା ୩୬ ଡିଗ୍ରୀ ଉପରେ ରହିଥିଲାବେଳେ ବାରିପଦାରେ ରାଜ୍ୟର ସର୍ବନିମ୍ନ ୨୭.୬ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଛି।

ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଛି। ଭଦ୍ରକରେ ସର୍ବାଧିକ ୫୧.୯ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଚାନ୍ଦବାଲିରେ ୨୭.୨ ମିମି, କୋରାପୁଟ ୯.୦ ମିମି, ବାଲେଶ୍ୱର ୪.୪ ମିମି, ନୟାଗଡ଼ ୨.୦ ମିମି, ସୁନ୍ଦରଗଡ଼ ୧.୨ ମିମି ଓ ଭୁବନେଶ୍ୱରରେ ୧.୧ ମିମି ବର୍ଷା ରେକର୍ଡ଼ କରାଯାଇଛି। ବୁଧବାର ଭଦ୍ରକ, ବାଲେଶ୍ୱର, ନବରଙ୍ଗପୁର, ନୂଆପଡା, ରାୟଗଡା, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ ଓ ଦେବଗଡ ଆଦି ଜିଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାରୁ ସଂପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି ଓ ବୌଦ୍ଧ ଜିଲାକୁ ୟେଲୋ ୱାର୍ନିଂ କରାଯାଇଛି।

### ଆଜି ବାତ୍ୟା ମୁକାବିଲା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୫।୪(ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମକାଳୀନ ଝଡ଼ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଝଡ଼ବର୍ଷାର ମୁକାବିଲା ନେଇ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ବିଶେଷକରି ଖରାଦିନେ ବାତ୍ୟା ଜନଜୀବନକୁ ବ୍ୟାହତ କରୁଥିବାରୁ ଏହାର ସଫଳ ମୁକାବିଲା ପାଇଁ ଆଗୁଆ ଏହି ପ୍ରସ୍ତୁତି ବୈଠକ ବସିବ। ବାତ୍ୟା ସୂଚନା ସହିତ ଓଡ୍ରାଫ, ଏନ୍ଡିଆରଏଫ୍ ଓ ଅଗ୍ନିଶମର ପ୍ରସ୍ତୁତି ନେଇ ଆଲୋଚନା ହେବ ବୋଲି ସୂଚନା ଦିଆଯାଇଛି।

## ଗଣିଆ ତହସିଲଦାରଙ୍କ ବିରୋଧରେ ଏତଲା

### ଲାଞ୍ଚ ନ ଦେବାରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

ନୟାଗଡ଼ ଅଫିସ/ଗଣିଆ,୨୫।୪ (ଡି.ଏନ.ଏ.):ଇଟା ପକାଇବାକୁ ଅମିନଙ୍କୁ ଲାଞ୍ଚ ନ ଦେବାରୁ ନୟାଗଡ଼ ଜିଲା ଗଣିଆ ଥାନା ପତଣ୍ଡା ଗାଁର ବିଳାସିନୀ ନାୟକ ନାମ୍ନୀ ଜଣେ ଦଳିତ ମହିଳାଙ୍କ ଘରକୁ ଗତ ୧୭ ତାରିଖରେ ଗଣିଆ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆଳରେ ଭାଙ୍ଗି ଦିଆଯିବା ପରେ ବିବାଦ ବଢ଼ୁଛି। ମଙ୍ଗଳବାର ଗଣିଆ ତହସିଲଦାର ପୁଣି ପତଣ୍ଡାରେ ପହଞ୍ଚି ଜବରଦଖଲକାରୀଙ୍କ ପରିବାରର ବିଳାସିନୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ଏନେଇ ରାଷ୍ଟ୍ରୀୟ ସମାଜସେବୀ ପରିଷଦ(ଆରଏସପି)ର ରାଜ୍ୟ ସଭାପତି କୁଞ୍ଜ ବିହାରୀ ବେହେରାଙ୍କ ନେତୃତ୍ୱରେ ଏକ ଦଳ ଗଣିଆ ଥାନାରେ ପହଞ୍ଚି ଭୂମିହୀନ ପରିବାର ଉପରେ ନିର୍ଯାତନା ନେଇ ଫେରାଦ୍ ହୋଇଛନ୍ତି। ଅପରପକ୍ଷେ ତହସିଲଦାର ଜାତିଆଣ ଆକ୍ଷେପ ସହ ଅଶ୍ଳୀଳ ଗାଳିଗୁଲଜ କରିବା ନେଇ ବିଳାସିନୀ ଗଣିଆ ଥାନାରେ ଏତଲା ଦେଇଛନ୍ତି। ସେହିପରି ଆରଏସ୍ପି ପକ୍ଷରୁ ପୁଣି ନୟାଗଡ଼ ଜିଲାପାଳ ଓ ଏସ୍ପିଙ୍କୁ ଭେଟି ବାସହୀନ ପରିବାର ଉପରେ ଗଣିଆ ତହସିଲଦାରଙ୍କ ନିର୍ଯାତନା ଓ ଜୁଲମ ନେଇ ଫେରାଦ ହୋଇଛନ୍ତି। ବାସହୀନ ଦଳିତ ପରିବାରକୁ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ବଜ୍ରପାତରେ ୫ମ ଶ୍ରେଣୀ ଛାତ୍ର ମୃତ, ୨ ଗୁରୁତର

ଭାପୁର,୨୫।୪(ଡି.ଏନ୍.ଏ.): ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବ୍ଲକରେ ମଙ୍ଗଳବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ୫ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ନୟାଗଡ଼ ଜିଲା ଭାପୁର ପଞ୍ଚାୟତ ଅଧୀନ ଭାଲୁଖାଇ ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ନରେଶ ନାୟକଙ୍କ ପୁଅ ସର୍ବେଶ୍ୱର (୧୦)। ଆହତ ହେଲେ ସେହି ଗ୍ରାମର ପତିତ ନାୟକ (୪୦) ଏବଂ କାଳନ୍ଦି ନାୟକଙ୍କ ପୁଅ ଚନ୍ଦନ (୮)।

## ସୋନପୁରରୁ ଆଉ ଜଣେ ଡିଲର ଗିରଫ

### କୃଷି ଯନ୍ତ୍ରାଂଶ ସବ୍ସିଡି ନାଁରେ ୧୨ କୋଟି ହଡ଼ପ ଘଟଣା

**ଭୁବନେଶ୍ୱର,୨୫।୪(ବ୍ୟୁରୋ)**

ଚାଷୀଙ୍କୁ କୃଷି ଯନ୍ତ୍ରାଂଶ ଯୋଗାଇଦେବାକୁ କହି ଡାଇରେକ୍ଟବେନିଫିଟ୍ଟ୍ରାନ୍ସଫର(ଡିବିଟି) ସ୍କିମ୍ ଜରିଆରେ ୧୨କୋଟି ଟଙ୍କାର ସରକାରୀ ସବ୍ସିଡି ଟଙ୍କା ହଡ଼ପ ଘଟଣାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉ ଜଣେ ଡିଲରଙ୍କୁ ଗିରଫ କରିଛି। ସେ ହେଲେ ସୋନପୁର ଡଙ୍ଗୁରିପାଲି ଅଞ୍ଚଳର ଚୌଡୁରା ଦୀପ୍। କୃଷି ଉତ୍ପାଦନକାରୀ ସଂସ୍ଥା ଏମ୍/ଏସ୍ ଅନ୍ନପୂର୍ଣ୍ଣା ଆଗ୍ରୋ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିଃର ପଞ୍ଜୀକୃତ ଡିଲର ଏମ୍/ଏସ୍ କେବିକେ ଦୀପ ଆଗ୍ରୋ ସେଲ୍ସର ମାଲିକ ହେଉଛନ୍ତି ଚୌଡୁରା। ତାଙ୍କୁ ମଙ୍ଗଳବାର ଭୁବନେଶ୍ୱର ଏସ୍ଡିଜେଏମ୍ କୋର୍ଟକୁ ଚାଲାଣ କରାଯିବାପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାପୂର୍ବରୁ ଗତବର୍ଷ ଡିସେମ୍ବରରେ ଅନ୍ନପୂର୍ଣ୍ଣା ଆଗ୍ରୋ ପରିଚାଳନା ନିର୍ଦ୍ଦେଶକ(ଏମ୍ଡି) ପ୍ରଦୀପ କୁମାର ଆଚାର୍ଯ୍ୟଙ୍କ ସମେତ ଡିଲର ପ୍ରଭାତ ରଞ୍ଜନ ଦାସ ଓ ସେକ୍ ଫୟାଜଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ଏହି ଠକେଇ ଘଟଣାରେ ସମ୍ପୃକ୍ତ ଅନ୍ୟ ଡିଲରଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ପ୍ରଦୀପଙ୍କ ସଂସ୍ଥା ଚାଷୀଙ୍କୁ କୃଷିଜାତ ଯନ୍ତ୍ରାଂଶ ଯୋଗାଇଦେବା ପାଇଁ ସରକାରଙ୍କ (ଡିବିଟି)ସ୍କିମ୍ରେ ପଞ୍ଜୀକୃତ ହୋଇଥିଲା। ଏଥିପାଇଁ ସଂସ୍ଥା ପକ୍ଷରୁ ରାଜ୍ୟରେ ୧୧୫ଜଣ ଡିଲରଙ୍କୁ ନିଯୁକ୍ତ କରାଯାଇଥିଲା। ଡିଲରଙ୍କ ଜରିଆରେ ଏହି ସଂସ୍ଥା ଚାଷୀଙ୍କ ବିଭିନ୍ନ ପ୍ରକାର ସରଞ୍ଜାମ ବିକ୍ରି କରୁଥିଲା। ତେବେ ପରେ ଏମ୍ଡି ପ୍ରଦୀପ ତାଙ୍କ ଡିଲରଙ୍କ ଜରିଆରେ ଷଡ଼ଯନ୍ତ୍ର କରି ଚାଷୀଙ୍କଠାରୁ ନକଲି ଡକ୍ୟୁମେଣ୍ଟ ଓ ଇମେଲ୍ ଆଇଡି ଆଦି ସଂଗ୍ରହ କରିଥିଲେ। ୨୦୧୬-୧୭, ୨୦୧୯-୨୦ରେ ବହୁ ହିତାଧିକାରୀଙ୍କ ବିଭିନ୍ନ ଦସ୍ତାବିଜ୍ ଉକ୍ତ ସ୍କିମ୍ରେ ଅପ୍ଲୋଡ କରିଥିଲେ। ପରେ ହିତାଧିକାରୀଙ୍କ ସବ୍ସିଡି ଟଙ୍କାକୁ ହଡ଼ପ କରିବାରେ ଅଭିଯୁକ୍ତମାନେ ସଫଳ ହୋଇଥିଲେ। ଏହାପରେ କୃଷକଙ୍କୁ ଅଳ୍ପ ପରିମାଣର ଅର୍ଥ ଦେଇ ସେମାନଙ୍କଠାରୁ ପ୍ରମୁଖ ସବ୍ସିଡି ରାଶି ହଡ଼ପ କରି ନେଇଥିଲେ। ତେବେ ଅଭିଯୁକ୍ତ ଚୌଡୁରା ନିଜେ ୪୮୭ଟି ସରଞ୍ଜାମ ବିକ୍ରି କରିଥିବା ଦେଖାଇ ୩.୫୪ କୋଟି ଟଙ୍କା ହଡପ କରିଥିବା ଇଓଡବ୍ଲ୍ୟୁ ପ୍ରମାଣ ପାଇଛି। ଇଓଡବ୍ଲ୍ୟୁର ଡେପୁଟିଏସ୍ପି ଏ.କେ. ମିଶ୍ର ଏକ ମାମଲାରେ ତଦନ୍ତ କରୁଥିବା ବେଳେ ଏହି ଠକେଇ ସମ୍ବନ୍ଧରେ ଜାଣିବାକୁ ପାଇ ଏତଲା ଦେଇଥିଲେ। ଏହାପରେ ଇଓଡବ୍ଲ୍ୟୁ ୨୦୨୨ ନଭେମ୍ବର ୭ରେ ଚୌଡୁରାଙ୍କ ବିରୋଧରେ ଏକ ମାମଲା (ନଂ.୨୦/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ପୂର୍ବରୁ ଗିରଫ ହୋଇଥିଲେ ଅନ୍ନପୂର୍ଣ୍ଣା ଆଗ୍ରୋ ଏମ୍ଡିଙ୍କ ସମେତ ୩

## ୨ ଲିଜ୍ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

### ମୟୂରଖାଲିଆ ଖଣି ମାମଲା, ଏନ୍ଜିଟିଙ୍କ ଚୂଡ଼ାନ୍ତ ରାୟ

**ନୟାଗଡ଼ ଅଫିସ,୨୫।୪**

ନୟାଗଡ଼ ଜିଲା ରଣପୁର ତହସିଲ ଅଧୀନ ମୟୂରଖାଲିଆ ମୌଜାର ବେଆଇନ ମାଙ୍କଡାପଥର ଓ ମୋରମ ଖଣି ସମ୍ପର୍କିତ ମାମଲାର ଚୂଡ଼ାନ୍ତ ରାୟ ଗତ ୧୮ ତାରିଖରେ କୋଲକାତାର ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍ଜିଟି)ରେ ପ୍ରକାଶ ପାଇଛି। ଏହି ମାମଲାରେ ନୟାଗଡ଼ ଜିଲାପାଳଙ୍କ ସମେତ ୪ଜଣଙ୍କ ବିରୋଧରେ ଲିଜ୍ଧାରୀ ଆଣିଥିବା ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗକୁ ଏନ୍ଜିଟି ଗ୍ରହଣ କରିନାହାନ୍ତି। ତେବେ ୨୦୨୨ ଡିସେମ୍ବର ୬ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦାଖଲ କରିଥିବା ସତ୍ୟପାଠକୁ ଏନ୍ଜିଟି ଗ୍ରହଣ କରି ଦୁଇ ଲିଜ୍ଧାରୀ ସୁଶାନ୍ତ କୁମାର ବରାଡ଼ ଓ ଅଗ୍ରୱାଲା ଇନଫ୍ରାବିଲ୍ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ବିରୋଧରେ ଫୌଜଦାରି ମାମଲା ୨ମାସ ମଧ୍ୟରେ ଦାଏର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୪ ଅଭିଯୁକ୍ତଙ୍କୁ ଉତ୍ତର ପ୍ରଦେଶରୁ ଆଣୁଛି ପୋଲିସ

### ବରଗଡ଼ରେ ନକଲି ଔଷଧ କାରବାର ଘଟଣା

**ବରଗଡ଼ ଅଫିସ୍,୨୫।୪**

ବରଗଡ଼ ଜିଲାରେ ଧରାପଡ଼ିଥିବା ନକଲି ଔଷଧ କାରବାରର ଚେର ଉତ୍ତର ପ୍ରଦେଶକୁ ଲମ୍ବିଛି। ଏହା ଜଣାପଡ଼ିବା ପରେ ଏକ ପୋଲିସ ଟିମ୍ ଉତ୍ତର ପ୍ରଦେଶକୁ ଯାଇ ସେଠାରୁ ୪ ଅଭିଯୁକ୍ତଙ୍କୁ ବରଗଡ଼ ଆଣୁଥିବା ସୂଚନା ମିଳିଛି । ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ସମ୍ପୂର୍ଣ୍ଣ ପରିଚୟ ଜଣାପଡ଼ି ନ ଥିବାବେଳେ ସେମାନେ ବାରଣାସୀ ଅଞ୍ଚଳର ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ଗତ ଜାନୁୟାରୀ ୧୮ତାରିଖରେ ନକଲି ଔଷଧ କାରବାର ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ସ୍ଥାନୀୟ ଅଶୋକ ମେଡ଼ିକାଲ ହଲ୍ର ଦୋକାନୀ ସୁନିଲ ଅଗ୍ରୱାଲଙ୍କୁ ଗିରଫ କରିଥିଲା। ତାଙ୍କୁ ଜେରା ପରେ ନକଲି ଔଷଧର ଚେର ଉତ୍ତର ପ୍ରଦେଶକୁ ଲମ୍ବିଥିବା ଜାଣିବାକୁ ପାଇ ପୋଲିସ ସେଠାକୁ ଯାଇ ଛାନଭିନ୍ ଚଳାଇଥିଲା।

ଗତ ଜାନୁୟାରୀରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବରଗଡ଼ ସହରକୁ ଆସି ଏଠାରେ ଥିବା ବିଭିନ୍ନ ଔଷଧ ଦୋକାନରେ ଛାନଭିନ୍ କରିଥିଲା। ସେତେବେଳେ ସନ୍ଦିଗ୍ଧ ଔଷଧର ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ତାକୁ ବିଭାଗୀୟ ଲାବୋରେଟୋରିକୁ ପଠାଯାଇଥିଲା। ପରୀକ୍ଷା ପରେ ଅଭିଯୁକ୍ତ ସୁନିଲଙ୍କ ଦୋକାନରୁ ସଂଗୃହୀତ ଔଷଧ ନମୂନା ନକଲି ଥିବା ଜଣାପଡ଼ିଥିଲା। ଏହାପରେ ଡାଇରେକ୍ଟୋରେଟ୍ ଅଫ୍ ଡ୍ରଗ୍ସ କଣ୍ଟ୍ରୋଲ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ସ୍ଥାନୀୟ ଟାଉନ ଥାନାରେ ଔଷଧ ଦୋକାନୀ ସୁନିଲଙ୍କ ବିରୋଧରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୪୪/୨୩) ରୁଜୁ କରିବା ସହ ସୁନିଲଙ୍କୁ ଗିରଫ କରିଥିଲା।

## ଗୁଡ୍ଡୁ ମୁସଲିମ୍ ବରଗଡ଼ରେ ୧୨ଦିନ ଲୁଚିଥିବା ଚର୍ଚ୍ଚା

**ଭୁବନେଶ୍ୱର,୨୫।୪ (ବ୍ୟୁରୋ)**

ଗୁଳିମାଡ଼ରେ ମୃତ ଗ୍ୟାଙ୍ଗଷ୍ଟର ଅତିକ୍ ଅହମ୍ମଦଙ୍କ ସହଯୋଗୀ ଗୁଡ୍ଡୁ ମୁସଲିମ୍ଙ୍କୁ ଧରିବାକୁ ଉତ୍ତରପ୍ରଦେଶ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍ଟିଏଫ୍) ଉଦ୍ୟମ ଚଳାଇଛି। ହେଲେ ଗୁଡ୍ଡୁ ପୋଲିସକୁ ଭୁଆଁ ବୁଲାଇ ଦେଶସାରା ଲୁଚି ବୁଲୁଛନ୍ତି। ଗୁଡ୍ଡୁ ବରଗଡ଼ରେ ୧୨ଦିନ ଆତ୍ମଗୋପନ କରିଥିଲେ ବୋଲି ୟୁପି ଏସ୍ଟିଏଫ୍ର ସୂଚନା ଆଧାରରେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ଖବରକୁ ନେଇ ଚର୍ଚ୍ଚା ହେଉଛି। କିନ୍ତୁ ଏହାକୁ ଖଣ୍ଡନ କରିଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ।

ପ୍ରକାଶିତ ଖବର ଅନୁଯାୟୀ, ୟୁପି ଏସ୍ଟିଏଫ୍କୁ ଗୁଡ୍ଡୁ ଭୁଆଁ ବୁଲାଇବା ପାଇଁ ପ୍ରୟାଗରାଜରୁ ମିରଟ, ଆଜ୍ମେର, ଝାନ୍ସୀ, ନାସିକ୍ ଓ ପୁଣେ ପରେ ଓଡ଼ିଶା ଆସିଥିଲେ। ରାଜାଙ୍କ ଜରିଆରେ ଗୁଡ୍ଡୁ ବରଗଡ଼ରେ ଏପ୍ରିଲ ୨ରୁ ୧୩ ଯାଏ ଲୁଚି ରହିଥିଲେ। ପରେ ଗୁଡ୍ଡୁ ଛତିଶଗଡ଼ ପଳାଇଯାଇଥିବା ୟୁପି ଏସ୍ଟିଏଫ୍ ଟ୍ରାକ୍ରୁ ଜାଣିବାକୁ ପାଇଛି। ତେବେ ଗୁଡ୍ଡୁ ଏଠାରୁ ଯିବାବେଳେ ଏକ ପୋଷାକ ବ୍ୟାଗ୍ ଛାଡ଼ି ପଳାଇଥିଲେ। ରାଜାଙ୍କୁ ଜେରା ପରେ ଉକ୍ତ ବ୍ୟାଗ୍କୁ ୟୁପି ଏସ୍ଟିଏଫ୍ ନେଇଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ୟୁପି ଏସ୍ଟିଏଫ୍ ସ୍କାନରକୁ ରାଜା ଆସିଥିବାବେଳେ ସେ ଏବେ କେଉଁଠି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ରାଜା ଛତିଶଗଡ଼ର ମୂଳ ବାସିନ୍ଦା ହୋଇଥିବାବେଳେ ସେ ଓଡ଼ିଶା-ଛତିଶଗଡ଼ ସୀମାନ୍ତ ତଥା ବଡ଼ଗଡ଼ ଜିଲାର ସୋହେଲା ଲୁହୁରାଚଟି ଓ ଭଟଲିରେ ରହି ଅପରାଧ ସାମ୍ରାଜ୍ୟ ଚଳାଉଥିଲେ। ରାଜାଙ୍କ ନାମରେ ଛତିଶଗଡ଼ରେ ନିଶା କାରବାର, ଆର୍ମ୍ସ ଆକ୍ଟରେ ମାମଲା ରହିଥିବା ମହାସମୁନ୍ଦ ଏସ୍ପି ଧର୍ମେନ୍ଦ୍ର ସିଂ ଚୱାଇ ଗଣମାଧ୍ୟମକୁ କହିଛନ୍ତି। ତେବେ ରାଜା ଛତିଶଗଡ଼ର ହୋଇଥିବାରୁ ସେ ଗୁଡ୍ଡୁଙ୍କୁ ନେଇ ସେଠାରେ ଲୁଚାଇ ରଖିଥିବା ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏହା ଭିତରେ ଗୁଡ୍ଡୁ ନିଜ ବେଶ ବଦଳାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ସେ ନିଜ ପରିଚୟକୁ ଲୁଚାଇବା ପାଇଁ ଦାଢ଼ି ଓ ଚୁଟିକୁ ଅଧିକ ଲମ୍ବା କରି ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ଆଦିତ୍ୟ
ପରିବାରବର୍ଗ


ଦିବ୍ୟା
ପରିବାରବର୍ଗ


କଣ୍ଢେଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବିବାହ ପୂର୍ବରୁ ଗର୍ଭବତୀ ହେଲେ ଇଲିଆନା



**ମୁମ୍ବାଇ:** ବଲିଉଡ୍ ନାୟିକା ଇଲିଆନା ଡିକ୍ରୁଜ ୩୬ ବର୍ଷ ବୟସରେ ମା' ହେବାକୁ ଯାଉଛନ୍ତି। ଏନେଇ ଅଭିନେତ୍ରୀ ଜଣଙ୍କ କିଛିଦିନ ତଳେ ପ୍ରେଗ୍ନାନ୍ସି ଖବର ଶେୟାର କରି ତାଙ୍କ ପ୍ରଶଂସକଙ୍କୁ ଚକିତ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ଅଭିନେତ୍ରୀ ତାଙ୍କ ପ୍ରେଗ୍ନାନ୍ସିରେ ଭଉଣୀଙ୍କ ପ୍ରସ୍ତୁତ ବ୍ଲାକ ଫରେଷ୍ଟ କେକର ମଜା ଉଠାଉଥିବା ଏକ ଫଟୋ ଶେୟାର କରିଥିଲେ। ସେ ଏକ ବାଉଲରେ ଗୋଟେ ପିସ୍ କେକ୍ ରଖି କ୍ୟାପ୍ସନରେ ଲେଖିଥିଲେ, କମ୍ ଟୁ ମାମା। ଇଲିଆନା ତାଙ୍କ ପ୍ରେଗ୍ନାନ୍ସିକୁ ନେଇ ଖୁବ୍ ଖୁସି ଥିବା ନଜରକୁ ଆସିଛନ୍ତି। ହେଲେ ଏଠାରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ ଇଲିଆନା ବିବାହ କରିନାହାନ୍ତି। ତେବେ ଏହି ପିଲାର ବାପା କିଏ? ପୂର୍ବରୁ ଇଲିଆନା କ୍ୟାଟ୍ରିନା କୈଫଙ୍କ ଭାଇ ସେବାଷ୍ଟିନ ଲୌରେଣ୍ଟଙ୍କୁ ଡେଟ୍ କରୁଥିବା ଶୁଣିବାକୁ ମିଳିଥିଲା। ହେଲେ ଏବେ ତାଙ୍କର ସମ୍ପର୍କ ନେଇ କୌଣସି ସତ୍ୟତା ଜଣାପଡିନି। ଇଲିଆନା ତେବେ କାହାକୁ ଡେଟ୍ କରୁଛନ୍ତି, ତାହାକୁ ନେଇ ସସ୍‌ପେନ୍ସ ଲାଗିରହିଛି।

# ସୃଜନଶୀଳତାକୁ ସମ୍ମାନ ପାଇଁ ଦିନଟିଏ

**ବି**ଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପ୍ରତିବର୍ଷ ଏପ୍ରିଲ ୨୬ରେ ପାଳିତ ହେଉଛି। ଏହା ୨୦୦୦ରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନ (ଡବ୍ଲ୍ୟୁଆଇପିଓ) ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ସୃଜନଶୀଳତା ଏବଂ ନୂଆ ଭାବର ପ୍ରବର୍ତ୍ତନ (ଅଭିନବତ୍ୱ) ଦ୍ୱାରା ବିଶ୍ୱର ଅର୍ଥନୀତି ଓ ସମାଜର ବିକାଶରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଉଦ୍ଭାବକ ଓ ନବ ପ୍ରବର୍ତ୍ତକମାନଙ୍କ କୃତିକୁ ମନେପକାଇ ସମ୍ମାନ ଦେବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ସାରା ବିଶ୍ୱରେ ସୃଜନଶୀଳତା ଏବଂ ଅଭିନବତ୍ୱକୁ ପ୍ରୋତ୍ସାହନ ଦେବାରେ ବୌଦ୍ଧିକ ସମ୍ପତ୍ତି ଅଧିକାରଗୁଡ଼ିକ ଯଥା ପେଟେଣ୍ଟ, କପିରାଇଟ୍, ଟ୍ରେଡ୍ ମାର୍କ ଏବଂ ଡିଜାଇନ୍‌ର ଭୂମିକା ଉପରେ ଏହି ଦିବସ ସଚେତନତା ସୃଷ୍ଟି କରିଥାଏ।

ଡବ୍ଲ୍ୟୁଆଇପିଓ ହେଉଛି ଜାତିସଂଘର ଏକ ପୁରୁଣା ଏଜେନ୍ସି। ଜାତିସଂଘର ୧୫ଟି ସ୍ୱତନ୍ତ୍ର ଏଜେନ୍ସି ମଧ୍ୟରୁ ଏହା ଅନ୍ୟତମ। ଏହା ୧୪ ଜୁଲାଇ ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ସୁଇଜରଲାଣ୍ଡର ଜେନେଭାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି। ଭାରତ ସମେତ ୧୯୩ ଦେଶ



ଡବ୍ଲ୍ୟୁଆଇପିଓର ସଦସ୍ୟ ରହିଛନ୍ତି। ଡବ୍ଲ୍ୟୁଆଇପିଓ ଦ୍ୱାରା ପରିଚାଳିତ ଅନେକ ଚୁକ୍ତିର ଅଂଶୀଦାର ହୋଇଛି ଭାରତ। ୧୯୭୦ ଏପ୍ରିଲ ୨୬ରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରଥମ ସମ୍ମେଳନ ହୋଇଥିଲା। ଉକ୍ତ ଦିନକୁ ହିଁ ବିଶ୍ୱ ବୌଦ୍ଧିକ ଦିବସ ଭାବେ ପାଳନ କରାଯାଉଛି। ସାରା ଦୁନିଆର ଲୋକଙ୍କ ସହ ଯୋଡ଼ିହେବାର ଏକ ଅନନ୍ୟ ଅବସର ପ୍ରଦାନ କରୁଛି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ। ଫଳରେ ବିଶ୍ୱ କଳା ପ୍ରତିଭା କ୍ଷେତ୍ରକୁ ବିକାଶ କରିବାରେ ବୌଦ୍ଧିକ ସମ୍ପତ୍ତି ଦିବସ କିଭଳି ସହାୟକ ହେଉଛି ଏବଂ ମାନବ ପ୍ରଗତିକୁ ଗତି ଦେଉଥିବା ବୈଷୟିକ ଅଭିନବତ୍ୱକୁ ସକ୍ଷମ ବନାଉଛି ତାହା ବୁଝିବା ସହଜ ହୋଇଥାଏ।

### ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ

ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସର ୨୦୨୩ ମସିହା ଥିମ୍ ହେଉଛି 'ମହିଳା ଏବଂ ଆଇପି (ବୌଦ୍ଧିକ ସମ୍ପତ୍ତି): ଅଭିନବତ୍ୱ ଓ ସୃଜନଶୀଳତାକୁ ତ୍ୱରାନ୍ୱିତ କରିବା'। ସମଗ୍ର ବିଶ୍ୱରେ ମହିଳା ଉଦ୍ଭାବକ, ନବ ପ୍ରବର୍ତ୍ତକ ଏବଂ ଉଦ୍ୟୋଗୀମାନଙ୍କ ମନୋଭାବ ଏବଂ ସେମାନଙ୍କ ଅଗ୍ରଗାମୀ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ଏହାର ଉଦ୍ଦେଶ୍ୟ। ମହିଳାମାନେ ସେମାନଙ୍କର କଳ୍ପନା, ଚତୁରତା ଏବଂ କଠିନ ପରିଶ୍ରମ ମାଧ୍ୟମରେ ସାରା ଦୁନିଆକୁ ଆକୃଷ୍ଟ କରୁଛନ୍ତି। କିନ୍ତୁ ସେମାନେ ଜ୍ଞାନକୌଶଳ ଏବଂ ସହାୟତା ପାଇବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି।

**ଇତିହାସ:** ସେପ୍ଟେମ୍ବର ୧୯୯୮ରେ ଡବ୍ଲ୍ୟୁଆଇପିଓର ସଦସ୍ୟ ରାଷ୍ଟ୍ରଗୁଡିକ ସମ୍ମେଳନକୁ ଦେଇଥିବା ବିବୃତି ଅନୁଯାୟୀ ନ୍ୟାଶନାଲ ଆଲଜେରିଆ ଇଣ୍ଡଷ୍ଟ୍ରିଆଲ ପ୍ରପର୍ଟି ଇନଷ୍ଟିଚ୍ୟୁଟ୍ (ଆଇଏନ୍‌ଏପିଆଇ) ମହାନିର୍ଦ୍ଦେଶକ ଏପ୍ରିଲ ୭, ୧୯୯୯ରେ ଅନ୍ତର୍ଜାତୀୟ ବୌଦ୍ଧିକ ସମ୍ପତ୍ତି ଦିବସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ। ବୌଦ୍ଧିକ ସମ୍ପତ୍ତିର ପୃଷ୍ଠପୋଷକମାନଙ୍କ ସଫଳତାକୁ ସାରା ବିଶ୍ୱକୁ ପରିଚୟ କରାଇବା ଏବଂ ଅଭିନବତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଢାଞ୍ଚା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଦିବସ ପାଳନକୁ ଗୁରୁତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୯ ଅଗଷ୍ଟ ୧୯୯୯ରେ ଡବ୍ଲ୍ୟୁଆଇପିଓର ଚାଇନା ପ୍ରତିନିଧି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତାବ ଆଗତ କରିଥିଲେ। ଫଳରେ ଅକ୍ଟୋବର ୧, ୧୯୯୯ରେ ଡବ୍ଲ୍ୟୁଆଇପିଓର ଏକ ସାଧାରଣ ବୈଠକରେ ଏକ ବିଶେଷ ଦିବସକୁ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ରୂପେ ପାଳନ କରାଯିବା ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିଲା। ଏହା ମାଧ୍ୟମରେ ବୌଦ୍ଧିକ ସମ୍ପତ୍ତି ସୁରକ୍ଷା, ନିୟମାବଳୀ, ଅଧିକାର ବିଷୟରେ ଆଇନଗତ ସଚେତନତା ଏବଂ ଉଦ୍ଭାବନ କାର୍ଯ୍ୟକଳାପକୁ ଉତ୍ସାହିତ କରାଯାଇପାରୁଛି।


### ଜନ୍ମଦିନ ଶୁଭେଚ୍ଛା



**ଦିବ୍ୟା**

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।

-:ଶୁଭେଚ୍ଛା ସହ:-

ପୁସ୍ତମ, ଜନ୍‌ସନ୍, ଜିବରନ୍, ଶୁଭମ୍, ସୁରେନ୍ଦ୍ରି, ଶୃତି, ଉପେନ୍ଦ୍ରି ଓ ପରିବାରବର୍ଗ ।

ଧ-୦୧୮୩

### ୧୨ତମ ଜନ୍ମଦିନ ଶୁଭେଚ୍ଛା



**ସାଇସ୍ମିତୋଲ (କଣ୍ଢେଇ)**

୧୨ତମ ଜନ୍ମବାର୍ଷିକୀ ଅବସରରେ ଭଗବାନ୍ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ବିନତି ତୋର ଚଲାପଥ କୁସୁମିତ ହେବା ସହିତ ଆୟୁଷ ଦୀର୍ଘାୟୁ ହେଉ ।

-:ଆଶୀର୍ବାଦ ସହ:-

ଅଜା, ଆଈ, ବାବା, ମାମା, ପଲ୍‌କୀ

ଧ-୦୧୭୨

### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



**ଆଦିତ୍ୟ ଶ୍ରୀଚନ୍ଦନ**

ରସୁଲଗଡ଼

ଆଜି ତୁମର ଜନ୍ମଦିନ ଅବସରରେ ତୁମ ଚଲାପଥ କୁସୁମିତ ହେଉ ଓ ଜଗତର ନାଥ ଶ୍ରୀଜଗନ୍ନାଥ ତୁମ ଜୀବନକୁ ସୁଖମୟ କରନ୍ତୁ।

-:ଶୁଭେଚ୍ଛା ସହ:-

ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୦୧୧୯


# ରବିବାର ଚାଲେ ସ୍କୁଲ



**କଲିକତା:** ପ୍ରତ୍ୟେକ ସ୍କୁଲ, କଲେଜ ସାଧାରଣତଃ ରବିବାର ସାପ୍ତାହିକ ଛୁଟି ଥାଏ। ହେଲେ ଏପରି ଏକ ସ୍କୁଲ ରହିଛି, ଯାହା ରବିବାର ଖୋଲା ରୁହେ। କଥାଟି ଅଜବ ଲାଗୁଥିଲେ ମଧ୍ୟ ଏହା ସତ। ରିପୋର୍ଟ ମୁତାବକ, ପଶ୍ଚିମବଙ୍ଗର ଇଷ୍ଟ ବର୍ଦ୍ଧମାନ ଜିଲାରେ ଅବସ୍ଥିତ ଗୋପାଳପୁର ମୁକ୍ତକେଶୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତ୍ୟେକ ରବିବାର ଖୋଲା ରୁହେ। ଏଠାରେ ରବିବାର ବଦଳରେ ସୋମବାର ଛୁଟି ହୋଇଥାଏ। ଏହି ବିଦ୍ୟାଳୟ ୨୫/୩୦ ବର୍ଷ ପୁରୁଣା ନୁହେଁ, ଏହା ପାଖାପାଖି ୧୦୦ ବର୍ଷର ପୁରୁଣା। ସ୍କୁଲଟି ଜାନୁୟାରୀ ୫, ୧୯୨୨ରେ ୧୩ ଜଣ ବିଦ୍ୟାର୍ଥୀଙ୍କୁ ନେଇ ଆରମ୍ଭ ହୋଇଥିଲା। ସ୍କୁଲଟି କଲିକତାଠାରୁ ୭୩ କିମି ଦୂରରେ ରହିଥିବାବେଳେ ନିକଟ ଠାକୁରାଣୀ ମା' ମୁକ୍ତକେଶୀଙ୍କ ନାମ ଅନୁସାରେ ସ୍କୁଲର ନାମକରଣ ହୋଇଛି। ସେବେଠାରୁ ଏହି ସ୍କୁଲରେ ରବିବାର ଛୁଟି ନ ହୋଇ ପାଠପଢା ହୋଇଥାଏ। ଏପରି ନିୟମରେ ଚାଲୁଥିବା ଏହା ଦେଶର ଏକମାତ୍ର ସ୍କୁଲ। ସ୍କୁଲର ଏପରି ନିୟମ ବ୍ରିଟିଶ ସରକାରଙ୍କ ଶାସନ ବିରୋଧରେ ସଂଘର୍ଷକୁ ବୁଝାଇଥାଏ। ସେତେବେଳେ ଏହି ସ୍କୁଲ ଖୋଲିବା ପାଇଁ ଜମିଦାର ଅବିନାଶ ଚନ୍ଦ୍ର ହାଲଦାର ଏବଂ ବିଜୟକୃଷ୍ଣ କୁମାର ୩.୩ ଏକର ଜମି ପ୍ରଦାନ କରିଥିଲେ। ଏଥିସହ ବ୍ରିଟିଶ ଶାସନ ବିରୋଧରେ ରବିବାର ସ୍କୁଲ ଖୋଲିବା ନେଇ ଅଭିଯାନ ଆରମ୍ଭ କରିଥିଲେ। ସେବେଠାରୁ ଏହି ସ୍କୁଲ ଦେଶରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛି।

# Classified Everyday

**0674-2580101, 2549949**



**MATRIMONIAL**

**GROOM WANTED**

34 ବୟସ୍କା Government ଚାକିରିଆ, ଦରମା 62000/- Divorce ନିଃସନ୍ତାନ ସୁନ୍ଦର ଗୋପାଳ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 8327715036. D-0163

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-0174



**REAL ESTATE**

**SALE**

Plot for sale in and around Bhubaneswar investment commercial and residential. 9777345831. D-71052

**Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350.** D-74844

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

**Well developed gharabari yellow zone plot for sale. Kantabada-1250, Vola- 1350, Ranga Bazar- 650. Contact: 9439702573, 7978236408.** D-0133

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74673

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102



My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-74675





Newly open health benefits Spa special offer @999 Nayapalli. 7846814019. D-75101

**Relax, Refresh your body, Mind at Saikrupa Spa with best therapies. 8984068077.** D-0145

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74674

All type of professional full body massage by professional therapist at Rajmahal @ 999. Contact: 7855053566. D-0078

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Newly open health benefits SPA special offer @799 Jaydev Vihar. 8018429809. D-73700

Newly open health benefits SPA special offer @ 799, Jaydev Vihar. 8018429809. D-75103

SPA head to foot body point only massages best Therapist Gents & Lady Senior Citizen @999/- Bhubaneswar-9337672475. D-0171

**LOST**

ଏତଦ୍ୱାରା ସୂଚିତ କରାଯାଉଛି ଯେ ମେସର୍ସ ନନ୍ଦନ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରା. ଲିଃ ଏବଂ ଶ୍ରୀ ରଜନୀଶ ମିଶ୍ରଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ତଥା ଏସ୍‌ଆର୍‌ଓ ଖଣ୍ଡଗିରିଙ୍କ ନିକଟରେ ପଞ୍ଜୀକୃତ ମୂଳ ବିକ୍ରି କବଲା, ତାରିଖ- 29 ଡିସେମ୍ବର, 2012 (ବିକ୍ରି କବଲା ନଂ.- 11131301356) ହଜିଯାଇଛି ଏବଂ ଏପର୍ଯ୍ୟନ୍ତ ତାହାର ପତ୍ତା ମିଳୁନାହିଁ । ଏହା ଖଣ୍ଡଗିରି ଏସ୍‌ଆର୍‌ଓରୁ ଚନ୍ଦକା ଯିବା ବାଟରେ ହଜିଯାଇଥିଲା । ଏ ବାବଦରେ ଚନ୍ଦକା ଥାନାରେ ତା25।04।23ରିଖ ଦିନ ଏତଲା ନଂ.541 ମାଧ୍ୟମରେ ଏତଲା ଦାୟର କରାଯାଇଛି । ଯଦି କେହି ଉକ୍ତ କବଲାଟିକୁ ପାଇଥାନ୍ତି ତେବେ ସୁଦୀପ୍ତି ପ୍ରଧାନଙ୍କ ସହ ମୋ. ନଂ.- 9439017717ରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ-୦୧୭୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Notary Public, Jharsuguda, I, Poonam Singh, W/o. Pawanesh Kumar Singh, R/o. C/o. Suprava Naik, 1st floor, Cox Colony, PO. Industrial Estate, Dist. Jharsuguda declared that before marriage I was known as Poonam Kumari, D/o. Dadan Singh. But after marriage I have changed my surname from Poonam Kumari to Poonam Singh for all purposes. D-0182

ମୁଁ ଶ୍ରୀ ରତ୍ନାକର ମଲ୍ଲୀକ୍, ପିତା- ସ୍ୱର୍ଗତ ଇନ୍ଦ୍ରମଣି ମଲ୍ଲୀକ୍, ସା- ବୈରୀମାଳ, ପୋ- ହାତୀବାରି, ଥାନା- ସୁକିନ୍ଦା, ଜିଲ୍ଲା- ଯାଜପୁର ଏତଦ୍ୱାରା ସତ୍ୟପାଠ କରିଅଛି କି ମୋର ପତ୍ନୀ ଶ୍ରୀମତୀ ସସ୍ମିତା ସ୍ୱାଇଁ ଓରଫ ସସ୍ମିତା ମଲ୍ଲିକଙ୍କର ନାମରେ ଥିବା ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଆଦି ସମସ୍ତ ପ୍ରମାଣପତ୍ରରେ ସ୍ୱାଇଁ ପରିବର୍ତ୍ତେ ମଲ୍ଲୀକ୍ ଦର୍ଶାଯାଇଅଛି। ଯାହାକି ମୋର ପିଲାମାନଙ୍କ ପାଠପଢ଼ା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଓ ପ୍ରମାଣପତ୍ରରେ ସ୍ୱାଇଁ ପରିବର୍ତ୍ତେ ଏହି ମଲ୍ଲୀକ୍ ସାଙ୍ଗିଆ କରାଯିବାକୁ ମାନ୍ୟବର ତହସିଲଦାର, ବ୍ୟାସନଗର ତଥା ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ସତ୍ୟପାଠ କରିଅଛି। ତଦନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନେବାକୁ ଆପତ୍ତି ଜଣାଉଅଛି। ଧ-୦୧୭୭

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Before Executive Magistrate, Bhubaneswar dt. 25.01.2023, the spelling of my name has corrected according to my H.S.C. Certificate as Kahnu Charan Sahoo, S/o- Late Laxman Sahoo, At- Rajatei, P.O- Sampur, P.S- Pipili, Dist.- Puri instead of Kanhu Charan Sahoo according to my Aadhaar & Pan Card. Kahnu Charan Sahoo & Kanhu Charan Sahoo is same & one person i.e. my self for all purposes. D-0173

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ୧୯ତମ ଶ୍ରାଦ୍ଧବାର୍ଷିକୀ



**ଏଅଭିଷେକ ସାମଲ (ପିଣ୍ଟୁ)**
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ: ୨୨।୦୧।୧୯୮୩
ତିରୋଧାନ: ୨୬।୦୪।୨୦୦୪

ତୁ ଚାନ୍ଦକୁ ଚାଲିଗଲୁ
ତାରା ଭିତରେ ରହିଲୁ
ମୁଁ ଏଇଠି ଏ ମାଟିରେ ରହିଛି
ତତେ ହୃଦୟ ଭିତରେ ସାଇତିଛି।

ତୋର: ହତଭାଗୀ ମମି, ବାବା, ବେବି ଦେଇ, କଲି ଦେଇ, ରିଣ୍ଟୁ, ମାମୁନି, ପ୍ରିନ୍ସ

ଧ-୭୨୦୪୩

### ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏବରୁଣ କୁମାର ରାଉତ (ପିକୁନା)**
ରାଉତ ସାହି, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୨୦.୧୧.୧୯୭୭ | ତିରୋଧାନ : ୧୪.୦୪.୨୦୨୩

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।

ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୪୫୪୬

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଏସଞ୍ଜୟ କୁମାର ବଳିଆରସିଂହ**
କାଇମାଟିଆ, ଖୋର୍ଦ୍ଧା
ଆବିର୍ଭାବ-୨୩।୦୨।୧୯୫୨
ତିରୋଧାନ- ୧୬।୦୪।୨୦୨୩

"ସେ ପୁରରେ ଥାଇ ତୁମେ ଦିଅ ଶୁଭାଶିଷ
ଭୁଲିବୁନି କେବେ ତୁମ ନୀତି ଓ ଆଦର୍ଶ,
ବିଶ୍ୱ ନିଅନ୍ତାଙ୍କ ପାଖେ କରୁଅଛୁ ଅଳି
ସରଗରେ ଥାଅ ତୁମେ ତାରାଟିଏ ପରି।"
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।"

ଶୋକସନ୍ତପ୍ତ: ଅଭାଗିନୀ ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଏବଂ ଆତ୍ମୀୟସ୍ୱଜନ ।

ଧ-୦୧୪୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



ସୁପର କପ୍ ଫୁଟବଲ ଚାମ୍ପିୟନ ଓଡ଼ିଶା ଏଫସି ଦଳ।

# ଛାଡ଼ପତ୍ରକୁ ଗୁଜବ କହିଲେ ଶୋଏବ

**କରାଚୀ,୨୫।୪(ପି.ଟି)**

ଭାରତୀୟ ଟେନିସ୍ ଷ୍ଟାର୍ ସାନିଆ ମିର୍ଜାଙ୍କ ସହିତ ଛାଡପତ୍ର ଗୁଜବ ଉପରେ ପ୍ରତିକ୍ରିୟା ରଖିଛନ୍ତି ପାକିସ୍ତାନୀ କ୍ରିକେଟର ଶୋଏବ ମଲିକ୍। ବିଗତ ୬ ମାସ ହେବ ଉଭୟ ଅଲଗା ହେବା ନେଇ ଚର୍ଚ୍ଚା ହୋଇ ଆସୁଛି। ଏପରିକି ଉଭୟ ଏକତ୍ର ନଜର ମଧ ଆସୁନାହାନ୍ତି। ପ୍ରଥମ ଥର ପାଇଁ ଶୋଏବ ଏହା ଉପରେ ପ୍ରତିକ୍ରିୟା ରଖିବା ସହ ଏହାକୁ ଗୁଜବ ବୋଲି କହିଛନ୍ତି। ଉଭୟ ଏକତ୍ର ଦେଖା ନ ଯିବାର ମୁଖ୍ୟ କାରଣ ହେଉଛି ଉଭୟ କ୍ରୀଡା ସହ ଜଡିତ ପ୍ରଫେସନାଲ କମିଟମେଣ୍ଟ। ଏହା ବ୍ୟତୀତ ଇଦ୍‌ର ମାହୋଲରେ ସେ ନିଜ ପତ୍ନୀ ଓ ପୁଅଙ୍କୁ ମିସ୍ କରୁଥିବା କହିଛନ୍ତି ଶୋଏବ। ଏକ ପାକିସ୍ତାନୀ ଚ୍ୟାନେଲରେ ଶୋଏବ ଏହି ମନ୍ତବ୍ୟ ଦେଇଥିଲେ। ବୈବାହିକ ଜୀବନରେ କିଛି ନା କିଛି ସମସ୍ୟା ରହିଥାଏ, ମାତ୍ର ଏହାକୁ ସମ୍ପର୍କର ଶେଷ ବୋଲି ବିବେଚନା କରିବା ଭୁଲ୍। ଉଭୟଙ୍କ ଅନ୍ତର୍ଜାତୀୟ କ୍ରୀଡା ଜୀବନର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ କାରଣରୁ ଏକତ୍ର ହୋଇପାରୁ ନ ଥିବା ସେ ସ୍ୱୀକାର କରିଥିଲେ। ତେବେ ଉଭୟଙ୍କ ସମ୍ପର୍କକୁ ନେଇ ପ୍ରକାଶ ପାଉଥିବା ଖବର ଆଦୌ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ସେ ସ୍ପଷ୍ଟ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଶୋଏବ ମଲିକଙ୍କ ପାକିସ୍ତାନୀ ଅଭିନେତ୍ରୀ ତଥା ୟୁଟ୍ୟୁବର ଆୟେଶା ଓମାରଙ୍କ ସହିତ ଏକ ଫଟୋଶୁଟ୍ ବେଶ୍ ଭାଇରାଲ ହୋଇଥିଲା। ଉଭୟଙ୍କ ନାମ ପରସ୍ପର ସହିତ ଯୋଡାଯାଇଥିଲା। ତେବେ ଉଭୟ ଶୋଏବ ଓ ଆୟେଶା ଏହି ଖବରକୁ ଅସ୍ୱୀକାର କରି ଆସିଛନ୍ତି। ଏହି ଫଟୋଶୁଟ୍‌ଟି କିଛି ବର୍ଷ ପୂର୍ବରୁ ହୋଇଥିବା ନେଇ ଆୟେଶା ସ୍ପଷ୍ଟୋକ୍ତି ରଖିଥିଲେ। ସାନିଆ ମିର୍ଜା ନିଜ ଅନ୍ତର୍ଜାତୀୟ ଟେନିସ୍‌ରୁ ଅବସର ନେଇ ସାରିଥିବା ବେଳେ ୪୧ ବର୍ଷୀୟ ଶୋଏବ ବିଶ୍ୱର ବିଭିନ୍ନ ଲିଗ୍‌ରେ ଅଂଶଗ୍ରହଣ କରୁଛନ୍ତି। ଶୋଏବ ପୂର୍ବରୁ ବିବାହିତ ଥିବା ବେଳେ ୭ ଏପ୍ରିଲ୍ ୨୦୧୦ରେ ପ୍ରଥମ ପତ୍ନୀ ଆୟେଶା ସିଦ୍ଦିକିଙ୍କୁ ଛାଡପତ୍ର ଦେଇଥିଲେ।

# ଧିମା ଓଭର ହାର ପାଇଁ ୱାର୍ନର ଦଣ୍ଡିତ

**ହାଇଦ୍ରାବାଦ,୨୫।୪(ପି.ଟି.):** ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ଧିମା ଓଭର ହାର ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଡେଭିଡ୍ ୱାର୍ନରଙ୍କୁ ୧୨ ଲକ୍ଷ ଟଙ୍କାର ଫାଇନ୍ ହୋଇଛି। ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦକୁ ସଂଘର୍ଷପୂର୍ଣ୍ଣ ୭ ରନ୍‌ରେ ପରାସ୍ତ କରି ଦିଲ୍ଲୀ କ୍ୟାପିଟାଲ୍ସ ଦ୍ୱିତୀୟ ବିଜୟ ହାସଲ କରିଥିଲେ ହେଁ ଧିମା ଓଭର ହାର ପାଇଁ ୱାର୍ନରଙ୍କୁ ନିଜ ମ୍ୟାଚ୍ ଫିରୁ ୧୨ ଲକ୍ଷ ଟଙ୍କା ହରାଇବାକୁ ପଡିଛି। ଆଇପିଏଲ୍ ମ୍ୟାଚର ସମୟସୀମା ୩ ଘଣ୍ଟା ୨୦ ମିନିଟ ରହିଥିବା ବେଳେ ସମସ୍ତ ମ୍ୟାଚ ୪ ଘଣ୍ଟାରୁ ଅଧିକ ସମୟ ଧରି ଚାଲୁଛି। ଅଲରାଉଣ୍ଡର ୱାଶିଂଟନ୍ ସୁନ୍ଦର(୩/୨୮) ଓ ଭୁବନେଶ୍ୱର କୁମାର(୨/୧୧)ଙ୍କ ଘାତକ ବୋଲିଂ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ୯ ଉଇକେଟ ହରାଇ ୧୪୪ ରନ୍ କରିଥିବା ବେଳେ ହାଇଦ୍ରାବାଦ ୬ ଉଇକେଟ ହରାଇ ୧୩୭ ରନ୍ କରିବାରେ ସମର୍ଥ ହୋଇଥିଲା।

# ଓଡ଼ିଶା ଏଫ୍‌ସି ସୁପର କପ୍ ଚାମ୍ପିୟନ

- ମରିସିଓଙ୍କ ଡବଲ୍ ଗୋଲ୍
- ଅମରିନ୍ଦର ଶ୍ରେଷ୍ଠ ଗୋଲ୍‌କିପର
- ଗୋକୁଲମ୍ ସହ ଖେଳିବ ଏଏଫ୍‌ସି କ୍ୱାଲିଫାୟର

**ଭୁବନେଶ୍ୱର,୨୫।୪(ସ୍ପୋର୍ଟ୍ସ ବ୍ୟୁରୋ)**

କେରଳର କୋଝିକୋଡରେ ଅନୁଷ୍ଠିତ ସୁପର୍ କପ୍ ଫୁଟବଲର ଚତୁର୍ଥ ସଂସ୍କରଣରେ ଚାମ୍ପିୟନ୍ ହୋଇଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ନୂତନ କୋଚ୍ କ୍ଲିଫୋର୍ଡ ମିରାଣ୍ଡାଙ୍କ ଅଧୀନରେ ପ୍ରଥମ ଥର ପାଇଁ ସୁପର କପ୍‌ରେ ଅଂଶଗ୍ରହଣ କରିଥିବା ବେଳେ ଦଳ ଏହାର ପ୍ରଥମ ଜାତୀୟ ଟାଇଟଲ୍ ହାସଲ କରିଛି। ଏହା ସହିତ ପ୍ରଥମ ଭାରତୀୟ କୋଚ୍ ଭାବରେ ମିରାଣ୍ଡା ଓଏଫ୍‌ସିକୁ ଚାମ୍ପିୟନ କରାଇଛନ୍ତି। ମଙ୍ଗଳବାରର ଫାଇନାଲ ମ୍ୟାଚରେ ଡିଏଗୋ ମରିସିଓ ଡବଲ ଗୋଲ ସ୍କୋର କରିଥିବା ବେଳେ ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ଗୋଲରେ ହରାଇଛି ଓଏଫ୍‌ସି। ଓଡ଼ିଶା ପକ୍ଷରୁ ମରିସିଓ (୨୩ ଓ ୩୭ ତମ ମିନିଟରେ) ଦୁଇଟି ଗୋଲ ସ୍କୋର କରିଥିବା ବେଳେ ୮୫ ତମ ମିନିଟରେ ବେଙ୍ଗାଲୁରୁ ପକ୍ଷରୁ ସୁନୀଲ ଛେତ୍ରୀ ଏକମାତ୍ର ଗୋଲ ସ୍କୋର କରିଥିଲେ।

ଇଏମଏସ୍ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ଓଏଫ୍‌ସି ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୨୨ ତମ ମିନିଟରେ ଓଡ଼ିଶାର ଭିକ୍ଟର ରୋଡ୍ରିଗୁଏଜଙ୍କୁ ଫାଉଲ୍ ମାରିବା କାରଣରୁ ସୁରେଶଙ୍କୁ ୟେଲୋ କାର୍ଡ ମିଳିଥିବା ବେଳେ ଓଡ଼ିଶାକୁ ଏକ ଫ୍ରି କିକ୍ ମିଳିଥିଲା। ୨୩ ତମ ମିନିଟରେ ଫ୍ରି କିକ୍‌ରୁ ଗୋଲ ସ୍କୋର କରିବା ସହିତ ଡିଏଗୋ ମରିସିଓ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ୩୭ ତମ ମିନିଟରେ ଓଏଫ୍‌ସି ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ମରିସିଓ। ଜେରୀଙ୍କ ହେଡରକୁ ବେଙ୍ଗାଲୁରୁ ପୋଷ୍ଟ ମଧ୍ୟକୁ ପଠାଇ ସେ ଦଳକୁ ୨-୦ରେ ଆଗୁଆ କରିଥିଲେ।

ପ୍ରଥମାର୍ଦ୍ଧରେ ଓଏଫ୍‌ସି ୨-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲା। ଦ୍ୱିତୀୟାର୍ଦ୍ଧର ୮୫ ମିନିଟ ପର୍ଯ୍ୟନ୍ତ କେହି କାହାକୁ ଗୋଲ ଦେଇ ପାରିନଥିଲେ। ୮୩ ତମ ମିନିଟରେ ଅନିକେତ ଯାଦବ ବେଙ୍ଗାଲୁରୁର ଶିବଶକ୍ତିଙ୍କୁ ଫାଉଲ ମାରିବା କାରଣରୁ ପେନାଲ୍ଟି କିକ୍ ମିଳିଥିଲା। ଅଧିନାୟକ ସୁନୀଲ ଛେତ୍ରୀ ଗୋଲ ସ୍କୋର କରିବା ସହିତ ଏକମାତ୍ର ଗୋଲଟି ପରିଶୋଧ କରିଥିଲେ। ଫାଇନାଲ ମ୍ୟାଚରେ ଡବଲ୍ ଗୋଲ୍ ସହିତ ଆଇଏସ୍ଏଲ୍ ଗୋଲ୍ଡେନ୍ ବୁଟ୍ ବିଜେତା ଡିଏଗୋ ମରିସିଓ ଓଏଫ୍‌ସି ପକ୍ଷରୁ ସର୍ବାଧିକ ୫ ଗୋଲ ସ୍କୋର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନନ୍ଦ କୁମାର ଶେକର ୪ ଗୋଲ ମାରିଛନ୍ତି। ଅମରିନ୍ଦର ସିଂଙ୍କୁ ଗୋଲକିପର୍ ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ଟାଇଟଲ ବିଜୟୀ ହୋଇଥିବା ବେଳେ ଏସିଆନ୍ ଏଏଫ୍‌ସି ଯୋଗ୍ୟତା ଅର୍ଜନ ପାଇଁ ଏପ୍ରିଲ ୨୯ ତାରିଖରେ ଗୋକୁଲମ କେରଳ ବିପକ୍ଷରେ ମ୍ୟାଚ୍ ଖେଳିବ ଓଏଫ୍‌ସି। ଏହି ମ୍ୟାଚ୍‌ର ବିଜେତା ଏସିଆନ୍ ଏଏଫ୍‌ସି ପାଇଁ ଯୋଗ୍ୟତା ଅର୍ଜନ କରିବ।

### ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଓଡ଼ିଶା ଏଫ୍‌ସି ପ୍ରଥମଥରପାଇଁ ସୁପରକପ୍ ଟାଇଟଲ୍ ବିଜୟୀ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। କଡା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଦଳ ବେଙ୍ଗାଲୁରୁ ଏଫ୍‌ସିକୁ ୨-୧ରେ ପରାସ୍ତ କରିଥିଲା। ଭବିଷ୍ୟତରେ ଓଡ଼ିଶା ଏଫ୍‌ସି ଆହୁରି ଅଧିକ ସଫଳତା ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।



ଅହମଦାବାଦରେ ମଙ୍ଗଳବାର ଆଇପିଏଲ୍ ମ୍ୟାଚ ଅବସରରେ ମୁମ୍ବାଇ ଓ ଗୁଜରାଟ ସମର୍ଥକ।


୧୭ ବର୍ଷରୁ କମ୍ ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଓଡ଼ିଶା ଦଳର ଖେଳାଳି ଓ ଅନ୍ୟମାନେ।

# ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୨୫।୪ (କ୍ରୀଡ଼ା ପ୍ରତିନିଧି):** ପୁଣେର ବାଲୱାଡ଼ି ଷ୍ଟାଡିୟମରେ ଚାଲିଥିବା ୧୭ ବର୍ଷରୁ କମ୍ ଜାତୀୟ ରୋଲ ବଲ୍ ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଓଡ଼ିଶା ଦଳ ଇତିହାସ ରଚିଛି। ଓଡ଼ିଶା ରୋଲ୍ ବଲ୍ ଇତିହାସରେ ରାଜ୍ୟ ବାଳକ ଦଳ ପ୍ରଥମଥର ପାଇଁ କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। କ୍ୱାର୍ଟର ଫାଇନାଲ ଅଭିଯାନ ପଥରେ ଦଳ ଉତ୍ତର ପ୍ରଦେଶକୁ ୭-୦, ଗୁଜରାଟକୁ ୧୨-୦ ଗୋଲରେ ହରାଇଥିବାବେଳେ ଆସାମ ବିପକ୍ଷ ମ୍ୟାଚକୁ ୧-୧ ଗୋଲ୍‌ରେ ଡ୍ର ରଖିଥିଲା। ତେଲଙ୍ଗାନାଠାରୁ ଗୋଟିଏ ମ୍ୟାଚରେ ୧-୩ରେ ପରାଜୟ ସ୍ୱାଦ ଚାଖିଛି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ସର୍ବାଧିକ ଗୋଲ ସ୍କୋରର ତାଲିକାରେ ଓଡ଼ିଶା ଖେଳାଳି ଆଗରେ ରହିଛନ୍ତି। ଓଡ଼ିଶା ଦଳର ଅଧିନାୟକ ପ୍ରୀତିଶ୍ ଆର୍ଯ୍ୟନ ଜେନା ୧୧ଟି ଗୋଲ ସ୍କୋର କରି ଶୀର୍ଷରେ ଅଛନ୍ତି। ‘‘ଓଡ଼ିଶା ଦଳର ଖେଳାଳିମାନେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ଅଛନ୍ତି। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି’’ ବୋଲି ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ପ୍ରକାଶ କରିଛନ୍ତି।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୫ | ୨ | ୧୦ | +୦.୬୬୨ |
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୫୮୦ |
| ରାଜସ୍ଥାନ ରୟାଲ୍ସ | ୭ | ୪ | ୩ | ୮ | +୦.୮୪୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୫୪୭ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭ | ୪ | ୩ | ୮ | -୦.୦୦୮ |
| ପଞ୍ଜାବ କିଙ୍ଗ୍ସ | ୭ | ୪ | ୩ | ୮ | -୦.୧୬୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୬୨୦ |
| କୋଲକାତା ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୧୮୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୦.୭୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୨ | ୫ | ୪ | -୦.୯୬୧ |

# ମା’ ତାରିଣୀ ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୨୫।୪ (କ୍ରୀଡ଼ା ପ୍ରତିନିଧି)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୮ମ ରସୁଲଗଡ଼ ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଛି। ଏହାର ଫାଇନାଲରେ ମା’ କୋଚିଲେଇ ଏକାଦଶକୁ ୨ ରନରେ ହରାଇ ମା’ ତାରିଣୀ ଏକାଦଶ ଚାମ୍ପିୟନ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାରିଣୀ ଏକାଦଶ ୧୨ ଓଭରରେ ୪ ଉଇକେଟ ହରାଇ ୧୬୭ ରନ କରିଥିଲା। ଦଳ ପକ୍ଷରୁ ସ୍ମୃତି ରଞ୍ଜନ ସାହୁ ୨୧ ବଲ୍‌ରୁ ସର୍ବାଧିକ ୫୫ ଓ ଜୀବନ ଜ୍ୟୋତି ଲେଙ୍କା ୫୦ ରନ କରିଥିଲେ। ବିପକ୍ଷ ଦଳର ଦିବ୍ୟ ରଞ୍ଜନ ନାୟକ ୨ ଉଇକେଟ ପାଇଥିଲେ। ୧୬୮ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା କୋଚିଲେଇ ଦଳ କଡ଼ା ଟକ୍କର ଦେଇଥିଲେ ହେଁ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୬୫ ରନ କରିବାକୁ ସକ୍ଷମ ହୋଇଥିଲା। ସତ୍ୟରଞ୍ଜନ ରାଉତ ୨୧ ବଲ୍‌ରୁ ୬୧ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବିଜୟୀ ଦଳର ଜୀବନ ଜ୍ୟୋତି ଲେଙ୍କା ୨ଟି ଉଇକେଟ ପାଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଜୀବନ ଜ୍ୟୋତି ଲେଙ୍କା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ମୋଟ ୧୬୧ ରନ କରିବା ସହ ୬ ଉଇକେଟ ନେଇଥିବା ସତ୍ୟ ରଞ୍ଜନ ରାଉତ ପ୍ଲେୟର ଅଫ୍ ଦି ସିରିଜ ହୋଇଥିଲେ। ଅଂଶୁମାନ ରାୟ (୧୯୧ ରନ) ଶ୍ରେଷ୍ଠ ବ୍ୟାଟର, ଜୀବନ ଜ୍ୟୋତି ଲେଙ୍କା (୧୦ ଉଇକେଟ) ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଅମ୍ପାୟର ଉମାକାନ୍ତ ଜଗଦେବ ଓ ପାର୍ଥ ସାରଥି ରାଉତରାୟ ମ୍ୟାଚ ପରିଚାଳନା କରିଥିଲେ। ସାମାଜିକ କର୍ମୀ ପ୍ରକାଶ ରାଉତରାୟ, ଅନିଲ ବଳିୟାରସିଂ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଅସ୍ମିତ ଦାସ ଓ ସମ୍ପାଦକ ସ୍ନେହାଶିଷ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ରସୁଲଗଡ଼ ପ୍ରିମିୟର ଲିଗ୍ ଉଦ୍‌ଯାପିତ


ଚାମ୍ପିୟନ ମା’ ତାରିଣୀ ଏକାଦଶ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ମୁମ୍ବାଇକୁ ହରାଇଲା ଗୁଜରାଟ

**ଅହମଦାବାଦ, ୨୫।୪**

ଶୁବମନ ଗିଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଡେଭିଡ ମିଲର ଓ ଅଭିନବ ମନୋହରଙ୍କ ଦୃଢ଼ ବ୍ୟାଟିଂ ପରେ ଆଫଗାନ ସ୍ପିନରଙ୍କ ଚମତ୍କାର ବୋଲିଂ ସହାୟତାରେ ଗୁଜରାଟ ଟାଇଟନ୍ସ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୫୫ ରନରେ ପରାସ୍ତ କରିଛି। ଘରୋଇ ଦର୍ଶକଙ୍କ ସମର୍ଥନରେ ଉତ୍ସାହିତ ଗୁଜରାଟ ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୫୨ ରନ କରିଥିଲା। ୭ ମ୍ୟାଚରୁ ୫ମ ବିଜୟ ସହ ଗୁଜରାଟ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଫଳରେ ଚେନ୍ନାଇ ସୁପରକିଙ୍ଗ୍ସ ପରେ ଦ୍ୱିତୀୟ ଦଳଭାବେ ଗୁଜରାଟ ଦଳର ପଏଣ୍ଟ ୧୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ମୁମ୍ବାଇ ୭ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଛି।

ଟସ୍‌ଜିତି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ ଶର୍ମା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଗୁଜରାଟ ଯଦିଓ ମାତ୍ର ୧୨ ରନରେ ପ୍ରଥମ ଉଇକେଟ ହରାଇଥିଲା ତେବେ ଶୁବମନ ଗିଲ୍‌ଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ଶୁବମନ ୩୪ ବଲ୍‌ରୁ ୭ ଚୌକା ଓ ୧ ଛକା ସହାୟତାରେ ୫୬ ରନ କରିଥିଲେ। ମଧ୍ୟଭାଗରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୧୩) ଓ ବିଜୟ ଶଙ୍କର (୧୯) ଯଦିଓ ବଡ଼ ସ୍କୋର କରିପାରି ନ ଥିଲେ ହେଁ ଡେଭିଡ ମିଲର ଓ ଅଭିନବ ମନୋହରଙ୍କ ବିସ୍ଫୋରକ ବ୍ୟାଟିଂ ମୁମ୍ବାଇ ଇଣ୍ଡିଆନ୍ସ ବୋଲରଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଥିଲା। ମିଲର ୨୨ ବଲ୍‌ରୁ ୪୬ (୨ ଚୌକା, ୪ ଛକା) ଓ ମନୋହର ୨୧ ବଲ୍‌ରୁ ୪୨ (୩ ଚୌକା, ୩ ଛକା) ରନ ସ୍କୋର କରିଥିଲେ। ଶେଷ ଭାଗରେ ରାହୁଲ ଟେୱାଟିଆ ମାତ୍ର ୫ ବଲ୍‌ରୁ ୨୦ (୩ ଛକା) ରନ କରିବାରୁ ଗୁଜରାଟ ସ୍କୋର ୨୦୦ ଅତିକ୍ରମ କରିଥିଲା। ମୁମ୍ବାଇ ବୋଲରମାନେ ଶେଷ ୬ ଓଭରରେ ୯୪ ରନ ବ୍ୟୟ କରିଥିଲେ। ପୀୟୂଷ ଚାୱଲା ୨ଟି ଏବଂ ଅର୍ଜୁନ ତେନ୍ଦୁଲକର, ଜାସନ ବେହରେନଡର୍ଫ, ରିଲେ ମେରେଡିଥ୍ ଓ କୁମାର କାର୍ତ୍ତିକେୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ଟାର୍ଗେଟର ଚାପ ରହିଥିବାବେଳେ ମୁମ୍ବାଇ ଦ୍ୱିତୀୟ ଓଭରରେ ଅଧିନାୟକ ରୋହିତ ଶର୍ମା (୨ ରନ)ଙ୍କ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଏହି ଉଇକେଟ ନେଇଥିଲେ। ଏହାପରେ ଆଫଗାନିସ୍ତାନର ଦୁଇ ସ୍ପିନର ନୁର୍ ଅହମଦ ଓ ରଶିଦ ଖାଁ ୫ ଉଇକେଟ ବାଣ୍ଟିନେବାରୁ ମୁମ୍ବାଇ ପରାଜୟ ମୁହାଁ ହୋଇଥିଲା। ଲୋୟର ଅର୍ଡର ବ୍ୟାଟର ନେହାଲ ୱାଧେରା ସର୍ବାଧିକ ୪୦ (୨୧ ବଲ, ୩ ଚୌକା, ୩ ଛକା), ଟପ୍ ଅର୍ଡରରେ କାମେରନ ଗ୍ରୀନ୍ ୩୩ ଓ ସୂର୍ଯ୍ୟ କୁମାର ଯାଦବ ୨୩ ରନ କରିବାକୁ ସକ୍ଷମ ହୋଇଥିଲେ। ଗୁଜରାଟ ବୋଲରଙ୍କ ମଧ୍ୟରେ ନୁର୍ ଅହମଦ ୩ଟି, ରଶିଦ ଖାଁ ଓ ମୋହିତ ଶର୍ମା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଉଇକେଟ ନେଇଥିଲେ। ମହମ୍ମଦ ଶାମି ଉଇକେଟ ପାଇ ନ ଥିଲେ ହେଁ ୪ ଓଭରରେ ମାତ୍ର ୧୮ ରନ ବ୍ୟୟ କରିଥିଲେ।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)
**ବାଙ୍ଗାଲୋର ବନାମ କୋଲକାତା**
ସ୍ଥାନ:ବେଙ୍ଗାଲୁରୁ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଖୁସି ମୁହୂର୍ତ୍ତରେ ନୁର୍ ଅହମଦ ଓ ରଶିଦ ଖାଁ।

### ସଂକ୍ଷିପ୍ତ ସ୍କୋର

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୭/୬ (ଶୁବମନ ଗିଲ-୫୬, ଡେଭିଡ ମିଲର-୪୬, ଅଭିନବ ମନୋହର-୪୨, ପୀୟୂଷ ଚାୱଲା-୨/୩୪, ଅର୍ଜୁନ ତେନ୍ଦୁଲକର-୧/୯, ଜାସନ ବେହରନଡର୍ଫ-୧/୩୭, କୁମାର କାର୍ତ୍ତିକେୟ-୧/୩୯, ରିଲେ ମେରେଡିଥ୍-୧/୪୯)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୨/୯ (ନେହାଲ ୱାଧେରା-୪୦, କାମେରନ ଗ୍ରୀନ୍-୩୩, ସୂର୍ଯ୍ୟକୁମାର ଯାଦବ-୨୩, ନୁର୍ ଅହମଦ-୩/୩୭, ରଶିଦ ଖାଁ-୨/୨୭, ମୋହିତ ଶର୍ମା-୨/୩୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୧୦)।

## ମିଶ୍ରିତ ଫସଲ



**ବ**ର୍ତ୍ତମାନ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଚାଷ ଲାଗି ଉପଯୁକ୍ତ ସମୟ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା., ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ଆଶଙ୍କା ଥିଲେ ଶେଷ ଓଡ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ-ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା. ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## ପ୍ରାଣୀଙ୍କ ଯତ୍ନ



ଅଂଶୁଘାତ ପାଇଁ ସତର୍କ ରୁହନ୍ତୁ । ପ୍ରାଣୀଙ୍କୁ ପ୍ରଚୁର ଥଣ୍ଡା ପାଣି ପିଇବାକୁ ଦିଅନ୍ତୁ । ଗୁହାଳକୁ ଥଣ୍ଡା ରଖିବା ସହ ସଙ୍କର ଜାତୀୟ ଗାଇ ଓ ମଇଁଷିକୁ ଦିନରେ ଥରେ କିମ୍ବା ଦୁଇଥର ଗାଧୋଇ ଦିଅନ୍ତୁ। ଖାଦ୍ୟରେ ୩୦ ଗ୍ରାମ୍ ଖଣିଜ ଲବଣ ମିଶାଇ ପ୍ରତ୍ୟେକ ଦିନ ଖାଇବାକୁ ଦିଅନ୍ତୁ । ଦିନ ୧୦ଟା ପରେ ଗୋରୁଙ୍କୁ ବାହାରକୁ ଚରିବା ପାଇଁ ଛାଡ଼ନ୍ତୁ ନାହିଁ। ଦାନାକୁ ଯଥା ସମ୍ଭବ ସନ୍ଧ୍ୟା ସମୟରେ ଦେବାକୁ ଚେଷ୍ଟା କରନ୍ତୁ । ଏହି ସମୟରେ ଛେଳି ଓ ମେଣ୍ଢାଙ୍କୁ ଥଣ୍ଡା ପରିବେଶରେ ରଖନ୍ତୁ। ଦିନ ୧୦ଟା ପରେ ପଡ଼ିଆକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଯଥେଷ୍ଟ ପରିମାଣର ପିଇବା ପାଣି ଯୋଗାଇ ଦିଅନ୍ତୁ । ପିପିଆର୍ ଟିକା, ଏଣ୍ଟାରୋଟକ୍ସେମିଆ ଓ ଛେଳି ବସନ୍ତ ଟିକା ଦିଅନ୍ତୁ । ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଖାଇବାକୁ ଦିଅନ୍ତୁ । ଛେଳି ଓ ମେଣ୍ଢାମାନେ ଦିନସାରା ଚରିଲେ ମଧ୍ୟ ଖରା ଦିନରେ ଯଥେଷ୍ଟ ଘାସ ପାଆନ୍ତି ନାହିଁ। ତେଣୁ ପ୍ରତି ଛେଳି ବା ମେଣ୍ଢାକୁ ଓଜନ ହିସାବରେ ଦିନକୁ ୧୦୦ରୁ ୨୦୦ ଗ୍ରାମ୍ ଦାନା ଦେବା ଆବଶ୍ୟକ।

## ଭେଣ୍ଡି ପାଇଁ ଶେଷ ଓଡ ଚାଷ



**ଭେଣ୍ଡି** ପାଇଁ ଶେଷ ଓଡ଼ଚାଷ ବେଳେ ଏକର ପ୍ରତି ୧୦ ଶଗଡ ଗୋବରଖତ,୪୫କି.ଗ୍ରା. ଯବକ୍ଷାରଜାନ,୨୫କି.ଗ୍ରା. ଫସ୍‌ଫରସ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ, ୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ। ବର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ଯଥା-ଉତ୍କଳ, ଗୌରବ, ଅର୍କ,ଅନାମିକା,ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା-ବର୍ଷା,ବିଜୟ,ବିଶାଳ,ତାରା,ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କିଲୋଗ୍ରାମ୍ ବିହନ (ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ।

## ଅଳ୍ପରେ..

➤ସୂର୍ଯ୍ୟମୁଖୀରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଯୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ ।

➤ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

➤ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

➤ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଏବଂ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ, ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ ।

➤ମକା ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ ।



# ପୋଡୁଚାଷ ଓ ପ୍ରତିକାର





"ପୋଡୁଚାଷ ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାସହ ପରିବେଶ ପ୍ରଦୂଷିତ ହୁଏ । ନିକଟସ୍ଥ ଗ୍ରାମ ଓ ସହରର ଜଳବାୟୁ ଉତ୍ତପ୍ତ ହୁଏ । ଜଙ୍ଗଲର ମାଟି ଧୋଇହୋଇ ନଷ୍ଟ ହୁଏ । ଜଙ୍ଗଲରେ ରହୁଥିବା ପ୍ରାଣୀ ଓ ପକ୍ଷୀ ବାସହରା ହୁଅନ୍ତି ଏବଂ କେତେକ ମୃତ୍ୟୁମୁଖରେ ପଡନ୍ତି । ଏହା ଦ୍ୱାରା ଜଙ୍ଗଲ ପରିବେଶର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୋଡୁଚାଷଠାରୁ ଦୂରେଇ ରହିବା ଲାଗି ଆଦିବାସୀଙ୍କୁ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ନିରୁତ୍ସାହିତ କରିବା ଆବଶ୍ୟକ ।"

**ରା**ଜ୍ୟର ସମୁଦାୟ କ୍ଷେତ୍ରଫଳର ଶତକଡ଼ା ପ୍ରାୟ ୩୩ ଭାଗ ଜମି ଜଙ୍ଗଲ । ଉକ୍ତ ଜଙ୍ଗଲ ଜମି ସବୁ ପାହାଡ଼ ଓ ପର୍ବତ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଯଥା କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମାଲକାନଗିରି, କନ୍ଧମାଳ, ବୌଦ୍ଧ ଓ ଗଜପତି ଜିଲାରେ ବିସ୍ତୀର୍ଣ୍ଣ ଭାବେ ଅବସ୍ଥିତ । ଏହି ଜିଲାଗୁଡ଼ିକରେ ପାହାଡ଼ର ନିମ୍ନଭାଗରେ ଆଦିବାସୀମାନେ ଛୋଟ ଛୋଟ ଗ୍ରାମରେ ବସତି ସ୍ଥାପନ କରି ବାସକରନ୍ତି । ଜଙ୍ଗଲକୁ ଆଦିବାସୀମାନେ ସେମାନଙ୍କର କର୍ମକ୍ଷେତ୍ର ବୋଲି ଭାବନ୍ତି। କାରଣ ଜଙ୍ଗଲକୁ ନେଇ ସେମାନଙ୍କର ଜୀବନ ଜୀବିକା। ଆଦିବାସୀମାନେ ସେମାନଙ୍କର ଖାଦ୍ୟ, ପାଣି ଏବଂ ଜାଳେଣି ପାଇଁ ମୁଖ୍ୟତଃ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଜଙ୍ଗଲର ଫଳମୂଳ ଆଦି ସେମାନଙ୍କର ଖାଦ୍ୟ ପାଇଁ ଯଥେଷ୍ଟ ହୁଏ ନାହିଁ । ତେଣୁ ସେମାନେ ଜଙ୍ଗଲ ଜମିକୁ ବିଭିନ୍ନ ଉପାୟରେ ଅକ୍ତିଆର କରି ଆବଶ୍ୟକ ଅବଶିଷ୍ଟ ଖାଦ୍ୟ ସଂଗ୍ରହ ପାଇଁ ଚେଷ୍ଟାକରନ୍ତି । ଜଙ୍ଗଲରେ ଚାଷଜମିର ଅଭାବରୁ ଆଦିବାସୀମାନେ ପାହାଡ଼ର ପାଦଦେଶରେ ଥିବା ଜଙ୍ଗଲକୁ ଚାଷଜମିରେ ପରିଣତ କରିବା ପାଇଁ ଗ୍ରୀଷ୍ମ ଋତୁରେ ଜଙ୍ଗଲରେ ଥିବା ଶୁଖିଲା ପତ୍ର, ଡାଳ ଓ ଘାସବୁଦା ଆଦିରେ ନିଆଁ ଲଗାନ୍ତି। ଏହାଦ୍ୱାରା ଜଙ୍ଗଲର ଛୋଟ ବଡ଼ ସବୁଜ ଗଛରେ ନିଆଁ ଲାଗେ । ବର୍ଷାଋତୁ ଆରମ୍ଭରେ ଜଙ୍ଗଲର ନିଆଁ ଲିଭିଲେ ଖୋଲା ସ୍ଥାନକୁ ଆଦିବାସୀମାନେ କୁଜି ଲଙ୍ଗଳ କିମ୍ବା କୋଡ଼ି ବା କୋଦାଳରେ ମାଟିକୁ ଚଷି ସେମାନଙ୍କର ପ୍ରିୟ ଶସ୍ୟଜାତୀୟ ଫସଲ ଯଥା ମକା, ବାଜରା, ଜୁଆର, ସୁଆଁ, କୋଦ, କାଙ୍ଗୁ, ମାଣ୍ଡିଆ ; ଡାଲିଜାତୀୟ ଫସଲ ଯଥା ହରଡ଼, କାନ୍ଦୁଲ, ବରଗୁଡି, ବାଇଲ ଏବଂ ତୈଳବୀଜ ଫସଲ ଅଳସି ଓ ସୋରିଷ ଆଦି ବୁଣନ୍ତି । ଏହିସବୁ ଫସଲ ସ୍ୱଳ୍ପ ଅମଳକ୍ଷମ ସ୍ଥାନୀୟ କିସମ ଏବଂ ୨/୩ ମାସ ମଧ୍ୟରେ ଅମଳ ହୁଏ। ଜଙ୍ଗଲକୁ ପୋଡ଼ି, ପୋଡ଼ାଯାଇଥିବା ସ୍ଥାନରେ ହେଉଥିବା ବିଭିନ୍ନ ଫସଲର ଚାଷକୁ 'ପୋଡୁଚାଷ' କୁହାଯାଏ ।

ଆଦିବାସୀଙ୍କର ବିଶ୍ୱାସ ଜଙ୍ଗଲ ପୋଡ଼ିରୁ ମିଳୁଥିବା ପାଉଁଶ ଏକ ଉତ୍ତମ ଉର୍ବରକ । କିନ୍ତୁ ଉକ୍ତ ପାଉଁଶରେ ଫସଲର ମୁଖ୍ୟ ତିନିଗୋଟି ଖାଦ୍ୟସାର ଯଥା ଯବକ୍ଷାରଯାନ, ଫସ୍‌ଫରସ ଓ ଗନ୍ଧକ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଥାଏ । ଅନ୍ୟ ଖାଦ୍ୟ ଉପାଦାନ ଯଥା ପଟାସ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ କେତେକ ଅଣୁଖାଦ୍ୟ ପୋଷଣ ଫସଲର ଆବଶ୍ୟକଠାରୁ ଯଥେଷ୍ଟ କମ୍ ଥାଏ । ପୁନଶ୍ଚ ବର୍ଷା ଦ୍ୱାରା ପାଉଁଶ, ପାହାଡିଆ ଗଡାଣି ଜମିରୁ ଧୋଇ ନଷ୍ଟ ହୁଏ । ଜଙ୍ଗଲ ପୋଡି ଦ୍ୱାରା ମାଟିରେ ଥିବା ଜୈବ ଅଂଶ ଓ ଉପକାରୀ ଅଣୁବୀଜାଣୁ ଏବଂ କବକ ଆଦି ପୋଡି ନଷ୍ଟ ହୁଅନ୍ତି । ଏହା ଦ୍ୱାରା ଜଙ୍ଗଲ ଜମିର ଉର୍ବର ମାଟି ଅନୁର୍ବର ହଏ। ଜଙ୍ଗଲର ସବୁଠାରୁ ମୂଲ୍ୟବାନ୍ ସମ୍ପତ୍ତି ଯଥା ବିଭିନ୍ନ କିସମ ଗଛ ପୋଡ଼ି ଧ୍ୱଂସ ହୁଏ । ନିର୍ଦ୍ଦିଷ୍ଟ ସ୍ଥାନର ପୋଡୁଚାଷରୁ ଆଦିବାସୀମାନେ ଯଥେଷ୍ଟ କମ୍ ଫସଲ ଅମଳ ପାଉଥିବାରୁ ସମୟକ୍ରମେ ସେହି ସ୍ଥାନକୁ ପରିତ୍ୟାଗ କରି ଦୂରରେ ଥିବା ଅନ୍ୟ ଏକ ଜଙ୍ଗଲକୁ ପୋଡ଼ି ସେଠାରେ ପୂର୍ବପରି ଫସଲ ଚାଷ କରନ୍ତି । ଏହାକୁ 'ସ୍ଥାନାନ୍ତରିତ ପୋଡୁ ଚାଷ' କୁହାଯାଏ ।

ପୋଡୁଚାଷ ଉଭୟ ରାଜ୍ୟ ଓ ଆଦିବାସୀମାନଙ୍କ ପାଇଁ ଯେ କେତେ କ୍ଷତିକାରକ ସେମାନେ ଏହାକୁ ସହଜରେ ବୁଝିପାରନ୍ତି ନାହିଁ । ଜଙ୍ଗଲ ପୋଡି ଦ୍ୱାରା ଜଙ୍ଗଲ ଧ୍ୱଂସ ହେବାସହ ପରିବେଶ ପ୍ରଦୂଷିତ ହୁଏ । ନିକଟସ୍ଥ ଗ୍ରାମ ଓ ସହରର ଜଳବାୟୁ ଉତ୍ତପ୍ତ ହୁଏ । ଜଙ୍ଗଲର ମାଟି ଧୋଇହୋଇ ନଷ୍ଟ ହୁଏ । ଜଙ୍ଗଲରେ ରହୁଥିବା ପ୍ରାଣୀ ଓ ପକ୍ଷୀ ବାସହରା ହୁଅନ୍ତି ଏବଂ କେତେକ ମୃତ୍ୟୁମୁଖରେ ପଡନ୍ତି। ଏହା ଦ୍ୱାରା ଜଙ୍ଗଲ ପରିବେଶର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ପୋଡୁଚାଷ ଆଦିବାସୀମାନଙ୍କର ଏକ କୁପ୍ରଥା। ଉକ୍ତ କୁପ୍ରଥାକୁ ଉଭୟ ସରକାରୀ ଏବଂ ବେସରକାରୀ ମାଧ୍ୟମରେ ଆଦିବାସୀଙ୍କୁ ନିରୁତ୍ସାହିତ କରିବା ଆବଶ୍ୟକ । ପୋଡୁଚାଷର ଅପକାରିତା ବିଷୟରେ ଆଦିବାସୀମାନଙ୍କୁ ଉପଯୁକ୍ତ ଶିକ୍ଷାଦେବା ଜରୁରୀ । ପୋଡୁଚାଷର ବିକଳ୍ପ ପାଇଁ ଆଦିବାସୀମାନଙ୍କୁ ଜଙ୍ଗଲଠାରୁ ଦୂରରେ ଥିବା ଅଣଜଙ୍ଗଲ ସମତଳ ସରକାରୀ ଜମିକୁ ସେମାନଙ୍କ ନାମରେ ବିଧିବଦ୍ଧ ପଟ୍ଟା ପ୍ରଦାନ କରି ଚାଷ ଜମିର ମାନ୍ୟତା ଦେବା ଆବଶ୍ୟକ । ଉକ୍ତ ଜମିରେ ଆଧୁନିକ ପ୍ରଣାଳୀରେ ଚାଷ କରିବା ପାଇଁ ଶିକ୍ଷା ଦେବା ପ୍ରୟୋଜନ। ସେମାନଙ୍କର ପସନ୍ଦର ଖାଦ୍ୟଶସ୍ୟ ଉନ୍ନତ ଏବଂ ଅଧିକ ଅମଳକ୍ଷମ ହେବା ଆବଶ୍ୟକ । ଚାଷୀଙ୍କୁ ଉନ୍ନତ ଏବଂ ଅଧିକ ଅମଳକ୍ଷମ ମକା, ବାଜରା, ଜୁଆର, ସୁଆଁ, କାଙ୍ଗୁ ଏବଂ ଅଧିକ ଅମଳକ୍ଷମ ଡାଲି ଓ ତୈଳବୀଜ ଜାତୀୟ ବିହନ ବିନା ମୂଲ୍ୟରେ ଯୋଗାଇଦେଲେ ଆଦିବାସୀ ଚାଷୀ ଉନ୍ନତ ପ୍ରଣାଳୀର ଫସଲ ଚାଷ ପାଇଁ ଉତ୍ସାହିତ ହେବେ। ଆଦିବାସୀଙ୍କ ଗ୍ରାମରେ ଉନ୍ନତ ଫସଲର ପ୍ରଦର୍ଶନ କ୍ଷେତ୍ର କରି ସେମାନଙ୍କର ବିଶ୍ୱାସଭାଜନ ହେବା ଆବଶ୍ୟକ । ଚାଷରେ ରାସାୟନିକ ସାର ଏବଂ ଶସ୍ୟ ସଂରକ୍ଷଣ ଦ୍ରବ୍ୟ ବ୍ୟବହାର ନ କରି ଜୈବିକ ପ୍ରଣାଳୀରେ ଚାଷ ପାଇଁ ଶିକ୍ଷା ଦେବା ଦରକାର । ଫସଲ ଚାଷ ସହ ଆଦିବାସୀମାନଙ୍କୁ ପ୍ରାଣୀପାଳନ ଏବଂ କୁକୁଡା ଚାଷ ସମ୍ବନ୍ଧରେ ଶିକ୍ଷା ଦେଲେ ସେମାନେ ଆତ୍ମନିର୍ଭରଶୀଳ ହେବେ । ପ୍ରାଣୀପାଳନ ପାଇଁ ଆଦିବାସୀଙ୍କୁ ମାଗଣାରେ ଉନ୍ନତ ପ୍ରଜାତିର ଛେଳି, ମେଣ୍ଢା, ଘୁଷୁରି ଓ କୁକୁଡ଼ା ଆଦି ଯୋଗାଇଦେବା ଆବଶ୍ୟକ । ଜଙ୍ଗଲରେ ମହୁଚାଷ ଏକ ଲାଭଜନକ କୃଷି କାର୍ଯ୍ୟକ୍ରମ। ମହୁଚାଷର ଆବଶ୍ୟକ ସରଞ୍ଜାମ ଯଥା ମହୁବାକ୍ସ, ମହୁ ନିଷ୍କାସନ ଯନ୍ତ୍ର ସହ ଉନ୍ନତ ମହୁମାଛି ଦଳ ଯୋଗାଇ ମହୁଚାଷ ସମ୍ବନ୍ଧରେ ଶିକ୍ଷା ଦେଲେ ଆଦିବାସୀମାନେ ଭିନ୍ନ ଏକ ରୋଜଗାରର ପନ୍ଥା ପାଇପାରିବେ ।

ଜଙ୍ଗଲ ପୋଡ଼ିରୁ ନିବୃତ୍ତ ହେବା ପାଇଁ ଉଦ୍ୟାନ କୃଷି ଏକ ଉତ୍ତମ ପନ୍ଥା। ଉନ୍ନତ କିସମ ଆମ୍ବ, ପଣସ, କଦଳୀ ଓ ସପୁରି ଆଦିର ଫଳ ଗଛ ଚାରା ବିନା ମୂଲ୍ୟରେ ଯୋଗାଇ ଚାଷୀମାନଙ୍କୁ ପାହାଡ଼ର ଗଡ଼ାଣି ବିପରୀତରେ ଚାରା ରୋପଣ ପାଇଁ ଶିକ୍ଷା ଦେଲେ ଜଙ୍ଗଲର ମାଟି ସୁରକ୍ଷିତ ହେବା ସହ ଚାଷୀ ଫଳଚାଷ ଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ। ପୋଡୁଚାଷ ଏକ ଜନ ବିରୋଧୀ ଅଣସାମ୍ବିଧାନିକ କାର୍ଯ୍ୟ । ପ୍ରକୃତି ଏବଂ ଜନଜୀବନ ଉପରେ ଏହାର ପ୍ରଭାବ ଯଥେଷ୍ଟ କ୍ଷତିକାରକ । ତେଣୁ ପୋଡୁଚାଷରୁ ସମ୍ପୂର୍ଣ୍ଣ ନିବୃତ ହେବା ପାଇଁ ସରକାରଙ୍କର କୃଷି ବିଭାଗ ଏବଂ ବନ ବିଭାଗ ସଦାସର୍ବଦା ସଚେତ ହେବା ଜରୁରୀ।

-ଶୈଳଶ୍ରୀବିହାର,ଭୁବନେଶ୍ୱର
ମୋ: ୯୫୫୬୨୬୬୦୮୫

## ଧାନ ଚାଷ ପୂର୍ବରୁ ଜମି ପ୍ରସ୍ତୁତି

**ଧାନ** ଚାଷ ଲାଗି ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ। ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ। ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷାଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ । ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ତଳି ପଟିରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ ।

## ଅଦା-ହଳଦୀ ଚାଷ ପାଇଁ ପ୍ରସ୍ତୁତି



**ବ**ର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ। ଜମି ପ୍ରସ୍ତୁତ କରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ଅଦା ଚାଷ ପାଇଁ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ ବିହନ ଆବଶ୍ୟକ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି । ହଳଦୀ ଚାଷ ପାଇଁ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର। ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ। ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ଏକ ମାସ ପୂର୍ବରୁ ଜମି ପ୍ରସ୍ତୁତ କରି ଖରାପଡ଼ିବାକୁ ଦିଆଯିବା ଆବଶ୍ୟକ। ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଙ୍ଗ୍) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଦରକାର। ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

## ଖରିଫ ଫସଲ ପାଇଁ ଯୋଜନା

**ବ**ର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି, ତୈଳବୀଜ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



## ଅଣଧାନ ଫସଲ



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା- ବରଗୁଡ଼ି,ହରଡ଼,ବିରି,ମାଣ୍ଡିଆ, ଚିନାବାଦାମ,ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

ଧରିତ୍ରୀ
DHARITRI



# ‘ଜିଲାସ୍ତରରେ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ’

ଭୁବନେଶ୍ୱର,୨୫।୪
(ସ୍ପୋର୍ଟ୍ସ ବ୍ୟୁରୋ)

କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ହେଲେ ଜିଲାସ୍ତରରେ ସ୍ୱଳ୍ପ ବ୍ୟୟରେ ଭିତ୍ତିଭୂମି ବିକାଶ ଅପରିହାର୍ଯ୍ୟ। ସମ୍ପ୍ରତି ଇମ୍ଫାଲଠାରେ କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଏବଂ କ୍ରୀଡ଼ା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ‘ଚିନ୍ତନ ଶିବିର’ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ବିଭାଗୀୟ ସଚିବ ଭିନିଲ କ୍ରିଷ୍ଣା ମତବ୍ୟକ୍ତ କରିଥିଲେ। ‘ଚିନ୍ତନ ଶିବିର’ରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ବେହେରା କହିଥିଲେ ଯେ, ରାଜ୍ୟରେ କ୍ରୀଡ଼ା ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତା ଅନନ୍ୟ ଭାଗୀଦାରି ହାଇପରଫର୍ମାନ୍ସ ସେଣ୍ଟର ଏବଂ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସହ ପାର୍ଟନରଶିପ୍‌ରୁ ପ୍ରତିଫଳିତ ହେଉଛି। ଏଫ୍‌ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ (୨୦୧୮, ୨୦୨୩), ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍, ସାଫ୍ ୨୦ ବର୍ଷରୁ କମ୍ ଚାମ୍ପିୟନଶିପ୍ ଭଳି ବଡ଼ ବଡ଼ ଅନ୍ତର୍ଜାତୀୟ ଓ ଜାତୀୟ ଇଭେଣ୍ଟ ସମେତ ଅନ୍ୟ କ୍ରୀଡ଼ାର ସଫଳ ଆୟୋଜନ ଦ୍ୱାରା ଓଡ଼ିଶା ଏକ ସ୍ପୋର୍ଟ୍ସ ହବ୍‌ରେ ପରିଣତ ହୋଇପାରିଛି। ସେ କହିଥିଲେ, ଭାରତକୁ ଏକ କ୍ରୀଡ଼ା ସୁପରପାୱାର ଭାବେ ଗଢ଼ିତୋଳିବାକୁ ହେଲେ ଦେଶରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରିବାକୁ ହେବ। ଏଥିପାଇଁ ଆମ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବାକୁ ହେବ। ‘ଚିନ୍ତନ ଶିବିର’ରେ ରାଜ୍ୟ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଓଡ଼ିଶା, ତାମିଲନାଡୁ, ରାଜସ୍ଥାନ, ନାଗାଲାଣ୍ଡ, ମଣିପୁର, ପଶ୍ଚିମବଙ୍ଗ ଏବଂ ମେଘାଳୟକୁ ନେଇ ଗଠିତ ଗ୍ରୁପ୍‌ର ନେତୃତ୍ୱ ନେଇଥିଲେ। ସେ କ୍ରୀଡ଼ା ଭିତ୍ତିଭୂମି ଓ କୋଚ୍ ବିକାଶ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ା ବିଜ୍ଞାନ, ତୃଣମୂଳସ୍ତରରେ ବିକାଶ, କୋଚ୍ ଶିକ୍ଷା କାର୍ଯ୍ୟକ୍ରମ ଏବଂ ବ୍ଲକ ଓ ଜିଲା ସ୍ତରରେ ସ୍ୱଳ୍ପ ବ୍ୟୟରେ ଭିତ୍ତିଭୂମି ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ।



ଇମ୍ଫାଲଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀ ‘ଚିନ୍ତନ ଶିବିର’ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଅନ୍ୟମାନେ।

# ଦେଢ଼ ବର୍ଷ ପରେ ରାହାନେ ଫେରିଲେ

## ଡବ୍ଲ୍ୟୁଟିସି ଫାଇନାଲ ପାଇଁ ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ,୨୫।୪(ପି.ଟି)

ମଙ୍ଗଳବାର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ପାଇଁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳକୁ ଦୀର୍ଘ ଦେଢ ବର୍ଷ ପରେ ଅଜିଙ୍କ୍ୟ ରାହାନେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସାମିଲ ଥିବା ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ କୁଲଦୀପ ଯାଦବ ବାଦ୍ ପଡିଛନ୍ତି। ରିହାବ୍‌ରେ ରହିଥିବା ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ଏହି ଦଳରେ ସ୍ଥାନ ପାଇ ନାହାନ୍ତି। ଏକଦା ଭାରତୀୟ ଟେଷ୍ଟ ବ୍ୟାଟିଂ ଲାଇନ୍ ଅପର ଅଭିନ୍ନ ଅଙ୍ଗ ରହିଥିବା ରାହାନେ ଘରୋଇ କ୍ରିକେଟ ଓ ଆଇପିଏଲରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଲଣ୍ଡନର ଓଭାଲରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଜୁନ୍ ୭ରୁ ୧୧ ମଧ୍ୟରେ ଅନୁଷ୍ଠିତ ହେବ। ବିସିସିଆଇର ୫ ଜଣିଆ ଚୟନ କମିଟି, ଅଧିନାୟକ ରୋହିତ ଶର୍ମା, ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍ ଓ ସମ୍ପାଦକ ଜୟ ଶାହାଙ୍କ ମଧ୍ୟରେ ସୋମବାର ସନ୍ଧ୍ୟାରେ ଏକ ବୈଠକ ପରେ ଏହି ଟିମ୍‌କୁ ଚୟନ କରାଯାଇଛି। ଦୀର୍ଘ ୧୫ ମାସ ପରେ ରାହାନେ ଭାରତୀୟ ଦଳକୁ ପୁନର୍ବାର ଡାକରା ପାଇଛନ୍ତି। ଘରୋଇ କ୍ରିକେଟରେ ମୁମ୍ବାଇର ନେତୃତ୍ୱ ନେଉଥିବା ରାହାନେ ରଣଜୀ ଟ୍ରଫିରେ ୧୧ ମ୍ୟାଚ୍‌ରୁ ୫୭.୬୩ର ଆଭରେଜ ସହିତ ୬୩୪ ରନ୍ ସ୍କୋର କରିଥିଲେ। ଚଳିତ ଆଇପିଏଲ୍‌ରେ ସେ ଅଦ୍ୟାବଧି ୧୯୦ରୁ ଅଧିକ ଷ୍ଟ୍ରାଇକରେଟରେ ରନ୍ ସଂଗ୍ରହ କରିଛନ୍ତି। ଏହା ବ୍ୟତୀତ ସେନା(ସାଉଥ୍ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ରାଷ୍ଟ୍ରରେ ଖେଳିବାରେ ରାହାନେଙ୍କ ଅଭିଜ୍ଞତା କାରଣରୁ ତାଙ୍କୁ ଚୟନ କରାଯାଇଛି। ଶେଷ ଥର ପାଇଁ ରାହାନେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଜାନୁୟାରୀ ୨୦୨୨ରେ ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

ଏହା ବ୍ୟତୀତ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳରେ ଅନ୍ୟ ଖେଳାଳି ଆପାତତଃ ସମାନ ରହିଛନ୍ତି। କୌଣସି ଖେଳାଳିଙ୍କୁ ଉପଅଧିନାୟକ ଭାବରେ ନିଯୁକ୍ତ କରାଯାଇ ନ ଥିବା ବେଳେ ଚେତେଶ୍ୱର ପୂଜାରାଙ୍କୁ ଏହି ଦାୟିତ୍ୱ ମିଳିପାରେ। ପୂଜାରା ବର୍ତ୍ତମାନ ଇଂଲିଶ କାଉଣ୍ଟି ଦଳ ସସେକ୍ସର ନେତୃତ୍ୱ ନେଉଛନ୍ତି। ଶ୍ରୀକର ଭରତ ଏକମାତ୍ର ସ୍ପେଶାଲିଷ୍ଟ ଉଇକେଟ କିପର ଭାବରେ ଦଳରେ ସ୍ଥାନ ପାଇଥିବା ବେଳେ ଇଶାନ୍ କିଶନ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ମାତ୍ର ଗୋଟିଏ ଟେଷ୍ଟ ଖେଳିବାକୁ ଥିବାରୁ ଦ୍ୱିତୀୟ ଉଇକେଟକିପର ନିଆଯାଇ ନାହିଁ। ଫର୍ମ ସହିତ ସଂଘର୍ଷ କରୁଥିବା ଲୋକେଶ ରାହୁଲ ଯଦି ଉଇକେଟ କିପିଂ କରିବେ ତେବେ ଅତିରିକ୍ତ ବ୍ୟାଟର ଭାବରେ ଅଜିଙ୍କ୍ୟ ରାହାନେ ଟିମ୍‌ରେ ସ୍ଥାନ ପାଇପାରିବେ। ଭାରତୀୟ ଦଳରେ ୪ ଜଣ ବୋଲିଂ ଅଲରାଉଣ୍ଡରଙ୍କୁ ସ୍ଥାନ ମିଳିଛି। ରବିଚନ୍ଦ୍ରନ ଅଶ୍ୱିନ୍, ଶାର୍ଦ୍ଦୂଳ ଠାକୁର, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ଏହି ୧୫ ଜଣିଆ ଦଳରେ ସ୍ଥାନ ମିଳିଛି। ଓଭାଲର ପରିସ୍ଥିତି ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ସ୍ପିନରଙ୍କୁ ସାମାନ୍ୟ ସୁହାଇଥାଏ। ତେଣୁ ଭାରତ ୩ ପେସ୍ ଓ ଦୁଇ ଜଣ ସ୍ପିନ୍ ବୋଲରଙ୍କ ସହିତ ଖେଳିପାରେ। ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ଶାର୍ଦ୍ଦୂଳଙ୍କ ଉପରେ ପେସ୍ ବୋଲିଂ ଭାର ରହିବ। ଶାର୍ଦ୍ଦୂଳଙ୍କ ସ୍ଥାନରେ ଉମେଶ ଯାଦବଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ପଞ୍ଚମ ସିମ୍ ବୋଲର ଭାବରେ ରହିଥିବା ଜୟଦେବ ଉନାଡକଟଙ୍କୁ ସୁଯୋଗ ମିଳିବାର ସମ୍ଭାବନା କମ୍ ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ୍, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଅଜିଙ୍କ୍ୟ ରାହାନେ, ଲୋକେଶ ରାହୁଲ, ଶ୍ରୀକର ଭରତ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଶାର୍ଦ୍ଦୂଳ ଠାକୁର, ମହମ୍ମଦ ଶାମି, ମହମ୍ମଦ ସିରାଜ, ଉମେଶ ଯାଦବ ଓ ଜୟଦେବ ଉନାଡ୍‌କଟ।



ଅଜିଙ୍କ୍ୟ ରାହାନେ

# ପୁରୀକୁ ୧୫–୧ରେ ହରାଇଲା ସୁନ୍ଦରଗଡ଼



ସୁନ୍ଦରଗଡ଼ ଓ ପୁରୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଭୁବନେଶ୍ୱର, ୨୫।୪
(କ୍ରୀଡ଼ା ପ୍ରତିନିଧି)

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ମଙ୍ଗଳବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୧୫–୧ ଗୋଲରେ ପୁରୀକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଆକାଶ ବେକ୍ ୧୭, ୨୧, ୩୯, ୫୧ ଓ ୬୩ତମ ମିନିଟରେ ୫ଟି, କିଶୋର ଖାଡିଆ ୫, ୬୭, ୮୭ ଓ ୯୦ତମ ମିନିଟରେ ୪ଟି, ସ୍ୱାଧୀନ ବଡ଼େଇ ୫୩ ଓ ୫୬ତମ ମିନିଟରେ ୨ଟି ଏବଂ ଶକ୍ତି କିଶାନ ୨୦, ମହେଶ ପ୍ରଧାନ ୪୩, ଜମିର ଓରାମ ୭୫ ଓ ପ୍ରଶାନ୍ତ ଓରାମ ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପୁରୀ ପକ୍ଷରୁ ବି. ଶିବା ୬୬ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

## ସାହାଣୀ କପ୍ ଫୁଟ୍‌ବଲ

### ଭୁବନେଶ୍ୱର ୧୧, ନୟାଗଡ଼ ୨

କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ୧୧–୨ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ଭୁବନେଶ୍ୱର ପକ୍ଷରୁ ଭାବଗ୍ରାହୀ ପଡ଼ିହାରୀ ୩୩, ୩୪, ୪୫+୧ ଓ ୪୬ତମ ମିନିଟରେ ୪ଟି, ପପୁ ମାଝି ୭, ୯ ଓ ୫୬ତମ ମିନିଟରେ ୩ଟି, ରାଜେଶ ନାୟକ ୨୫ ଓ ୪୫ତମ ମିନିଟରେ ୨ଟି ଏବଂ ସେକ୍ ଜାହିଦ ୬୦ ଓ ସମିତ ପାନା ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ନୟାଗଡ଼ ପକ୍ଷରୁ ବସନ୍ତ ହେମ୍ବ୍ରମ ୪୯ ଓ ମୁନୁ ଗଗରାଇ ୯୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

### ବୌଦ୍ଧ ୬, ବାଲେଶ୍ୱର ୦

କଟକର ବିଡ଼ାନାସୀ ପଡ଼ିଆରେ ଆୟୋଜିତ ମ୍ୟାଚରେ ବୌଦ୍ଧ ୬–୦ ଗୋଲରେ ବାଲେଶ୍ୱରକୁ ହରାଇ ଦେଇଛି। ବୌଦ୍ଧ ପକ୍ଷରୁ ଅନୁରାଗ ସାହୁ ୨୯ ଓ ୪୫+୨ ମିନିଟରେ ୨ଟି, ବିକ୍ରମ ନାଏକ ୭୨ ଓ ୮୩ତମ ମିନିଟରେ ୨ଟି ଏବଂ ଓଁକାର ଦେହୁରୀ ୫୧ ଓ ଦେବାଶିଷ ବେହେରା ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

### ଜଗତ୍‌ସିଂହପୁର ୨, ଅନୁଗୋଳ ୦

କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଜଗତ୍‌ସିଂହପୁର ୨–୦ ଗୋଲରେ ଅନୁଗୋଳକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଯଦୁନାଥ ହାଁସଦା ୮୫ ଓ ଚତୁରଞ୍ଜନ ମାରାଣ୍ଡି ୯୦+୧ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

# ଆୟର୍ଲାଣ୍ଡର ସର୍ବାଧିକ ଟେଷ୍ଟ ସ୍କୋର

ଗାଲେ (ଶ୍ରୀଲଙ୍କା), ୨୫।୪ (ଏପି)

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ବ୍ୟାଟିଂକୁ ସୁହାଉଥିବା ପିଚ୍‌ରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇଛି ଆୟର୍ଲାଣ୍ଡ। ଦଳ ଏହାର ପ୍ରଥମ ଇନିଂସରେ ସମସ୍ତ ଉଇକେଟ ହରାଇ ୪୯୨ ରନ କରିଛି। ଟେଷ୍ଟ କ୍ରିକେଟରେ ଦଳର ଏହା ହେଉଛି ସର୍ବୋଚ୍ଚ ସ୍କୋର। ପୂର୍ବରୁ ୧୯୯୮ରେ ଡବଲିନ୍‌ଠାରେ ପାକିସ୍ତାନ ବିପକ୍ଷରେ ୩୩୯ରନ ଏହାର ଶ୍ରେଷ୍ଠ ସ୍କୋର ରହିଥିଲା। ଜବାବରେ ମଙ୍ଗଳବାର ଷ୍ଟମ୍ପ ଅପସାରଣ ବେଳକୁ ଶ୍ରୀଲଙ୍କା ବିନା କୌଣସି ଉଇକେଟରେ ୮୧ ରନ କରିଛି। କ୍ୟାରିୟରର ତୃତୀୟ ଟେଷ୍ଟ ମ୍ୟାଚ ଖେଳୁଥିବା ନିଶାନ ମଦୁଷ୍କା ୪୧ରନ ଏବଂ ଅଧିନାୟକ ଦିମୁଥ କରୁଣାରତ୍ନେ ୩୯ରନ କରି ଅପରାଜିତ ରହିଛନ୍ତି। ବର୍ଷା ଓ ବ୍ୟାଡ୍‌ଲାଇଟ୍ ଯୋଗୁ ୩୦ମିନିଟ ଆଗୁଆ ଖେଳକୁ ସ୍ଥଗିତ ରଖାଯାଇଥିଲା। ଶ୍ରୀଲଙ୍କା ଦଳର ପ୍ରଭାବହୀନ ବୋଲିଂ ଯୋଗୁ ପଲ୍ ଷ୍ଟର୍ଲିଂ (୧୦୩) ଓ କର୍ଟିସ କାମ୍ଫର (୧୧୧) ସେମାନଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଆୟର୍ଲାଣ୍ଡର ସଂକ୍ଷିପ୍ତ ଟେଷ୍ଟ କ୍ରିକେଟ ଇତିହାସରେ ପୂର୍ବରୁ କେବଳ କେଭିନ ଓ’ବ୍ରିଏନ ଓ ଲୋର୍କାନ ଟୁକର ଶତକ ହାସଲକାରୀ ବ୍ୟାଟର ଥିଲେ। ଟୁକର ଏହି ମ୍ୟାଚରେ ମଙ୍ଗଳବାର ୮୦ ରନ କରି ଆଉଟ ହୋଇଯାଇଥିଲେ। ବିଶ୍ୱ ଫର୍ନାଣ୍ଡୋ ତାଙ୍କୁ ବୋଲ୍ଡ କରିଦେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ପ୍ରଥମ ଇନିଂସ: ୪୯୨ (ପଲ୍ ଷ୍ଟର୍ଲିଂ–୧୦୩, କର୍ଟିସ କାମ୍ଫର–୧୧୧, ଲୋର୍କାନ ଟୁକର–୮୦; ପ୍ରବାଥ ଜୟସୂରିୟା–୫/୧୭୨, ଅସିଥା ଫର୍ନାଣ୍ଡୋ–୨/୭୮, ବିଶ୍ୱ ଫର୍ନାଣ୍ଡୋ–୨/୯୨)। ଶ୍ରୀଲଙ୍କା ପ୍ରଥମ ଇନିଂସ: ୮୧/୦ (ନିଶାନ ମଦୁଷ୍କା–୪୧*, ଦିମୁଥ କରୁଣାରତ୍ନେ–୩୯*)।

# ପୋଗାକାରଙ୍କ କଟଟିରେ ସଫଳ ଅସ୍ତ୍ରୋପଚାର

ବ୍ରସେଲ୍ସ,୨୫।୪(ଏପି)

ଦୁଇଥର ଟୁର୍ ଡି’ ଫ୍ରାନ୍ସ ଚାମ୍ପିୟନ ଟାଡେଜ ପୋଗାକାରଙ୍କ କଟଟିରେ ଅସ୍ତ୍ରୋପଚାର ସଫଳ ହୋଇଛି। ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇଯିବେ ଏବଂ ଟୁର୍ ପାଇଁ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିବେ ବୋଲି ଆଶା ପ୍ରକାଶ କରି କହିଛନ୍ତି। ରବିବାର ଲିଗ୍ ବାଷ୍ଟୋନ୍ ଲିଗ୍ ସାଇକ୍ଲିଂ ପ୍ରତିଯୋଗିତାରେ ପୋଗାକାର ୟୁଏଇ ଟିମ୍ ଏମିରେଟ୍ସ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ରେସ୍ ବେଳେ ତାଙ୍କ ସାମ୍ନାରେ ରହିଥିବା ମିକେଲ ହୋନୋରୋଙ୍କ ଡବଲ ପଙ୍କଚର ହେବାରୁ ପୋଗାକାର ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଦେଖଣାହାରୀଙ୍କ କହିବା ଅନୁସାରେ ପୋଗାକାରଙ୍କ ସାଇକେଲ ଖୁବ୍ ସ୍ପିଡ୍ ଥିବାରୁ ଦୁର୍ଘଟଣାକୁ ଏଡାଇ ପାରିଲେ ନାହିଁ। ବେଲଜିୟମରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ସେ ସୋମବାର ମୋନାକୋସ୍ଥିତ ତାଙ୍କ ଘରକୁ ଫେରିଯିବେ।

# ଆଇପିଏଲ୍‌ର ଶେଷ ପର୍ଯ୍ୟାୟ ଖେଳିବେନି ଉଡ୍

ନୂଆଦିଲ୍ଲୀ, ୨୫।୪ (ପି.ଟି.)

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସର ପ୍ରମୁଖ ପେସ୍ ବୋଲର ମାର୍କ ଉଡ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶେଷ ପର୍ଯ୍ୟାୟ ପାଇଁ ଉପଲବ୍ଧ ହେବେ ନାହିଁ। ଏହି ଡାହାଣହାତୀ ପେସ୍ ବୋଲର ଆସନ୍ତା ମାସରେ ତାଙ୍କ ସନ୍ତାନ ଜନ୍ମରେ ଯୋଗ ଦେବେ। ଏହି ଡାହାଣହାତୀ ପେସ୍ ବୋଲର ଇତିମଧ୍ୟରେ ସୁପର ଜାଏଣ୍ଟ୍ସ ପାଇଁ ୪ଟି ଗେମ୍ ଖେଳି ୮.୧୨ ଇକୋନୋମି ରେଟ୍‌ରେ ୧୧ ଉଇକେଟ ଅକ୍ତିଆର କରିଛନ୍ତି। ଅସୁସ୍ଥତା ଯୋଗୁ ସେ ଦଳର ଅନ୍ୟ ଦୁଇଟି ମ୍ୟାଚ ଖେଳିପାରି ନାହାନ୍ତି। ଉଡ୍ ଓ ତାଙ୍କ ସ୍ତ୍ରୀ ସାରା ମେ’ ମାସ ଶେଷ ବେଳକୁ ଦ୍ୱିତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି। ତେଣୁ ଆସନ୍ତା ସପ୍ତାହରେ ଉଡ୍ ନିଜ ଦେଶ ଇଂଲଣ୍ଡକୁ ଫେରିଯିବେ। ଆଇପିଏଲ୍ କ୍ୱାଲିଫାୟର ମେ’ ୨୩ ଓ ୨୬ରେ ହେବାକୁଥିବା ବେଳେ ଫାଇନାଲ ମେ’ ୨୮ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଆଇପିଏଲ୍ ଫାଇନାଲର ୪ ଦିନ ପରେ ଜୁନ୍ ୧ରୁ ଆୟର୍ଲାଣ୍ଡ ବିପକ୍ଷରେ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳିବ। ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ପୂର୍ବରୁ ସୂଚନା ଦେଇ ସାରିଛନ୍ତି ଯେ, ଦେଶ ପାଇଁ ଖେଳିବା ଲାଗି ପ୍ରସ୍ତୁତି ସକାଶେ ସେ ମଧ୍ୟ ଆଇପିଏଲ୍ ଶେଷ ପର୍ଯ୍ୟାୟରେ ଉପଲବ୍ଧ ହେବେ ନାହିଁ।

# ଉତ୍କଳ ଚାମ୍ପିୟନ, ନିଲ୍‌ସୁ ରନରଅପ୍

## ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ

ଭୁବନେଶ୍ୱର, ୨୫।୪
(କ୍ରୀଡ଼ା ପ୍ରତିନିଧି)

ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଖୋର୍ଦ୍ଧାର ବରୁଣେଇଠାରେ ଆୟୋଜିତ କେଟି ଗ୍ଲୋବାଲ ସର୍ବଭାରତୀୟ ଓପନ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ଓଡ଼ିଶାର ଉତ୍କଳ ରଞ୍ଜନ ସାହୁ ଓ ନିଲ୍‌ସୁ ପଟ୍ଟନାୟକ ଏବଂ ପଶ୍ଚିମବଙ୍ଗର ଆଲେଖ୍ୟ ମୁଖୋପାଧ୍ୟାୟ ଓ ଅର୍ପଣ ଦାସ ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ବୁକୋଲଜରେ ଉତ୍କଳ ପ୍ରଥମ ଓ ନିଲସୁ ଦ୍ୱିତୀୟ ସ୍ଥାନ ଅଧିକାର କରି ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର କୌସ୍ତୁଭ ଦାଶ, ତପନ ବଡ଼ମୁଣ୍ଡି, ପ୍ରିୟାଂଶ ଦାସ, ସାଜନ କୁମାର ନାୟକ ଏବଂ ପଶ୍ଚିମବଙ୍ଗର ଅରିତ୍ରୟ ପାଲ୍ ଓ ଉଦ୍ଦୀପନ ରାୟ ଟପ୍–୧୦ ଫିନିଶ୍ କରିଛନ୍ତି। ଚାମ୍ପିୟନ ଉତ୍କଳଙ୍କୁ ଟ୍ରଫି ସହ ୫୦,୦୦୦, ରନରଅପ୍ ନିଲସୁଙ୍କୁ ୩୦,୦୦୦ ଓ ତୃତୀୟ ହୋଇଥିବା ଆଲେଖ୍ୟଙ୍କୁ ୨୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଛି। ୨୦ ଖେଳାଳିଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୧୦୦୦ରୁ ୧୧୯୯, ୧୨୦୦ରୁ ୧୩୯୯, ୧୪୦୦ରୁ ୧୫୯୯ ରେଟିଂ ବର୍ଗରେ ଶ୍ରେଷ୍ଠ ୧୦ ଜଣ ଲେଖାଏ ଏବଂ ୫ ଅଣରେଟେଡ, ୫ ଓଡ଼ିଆ ଖେଳାଳି ଏବଂ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

ଅରାତି ବିଜୟ ମହାନ୍ତିଙ୍କ ସ୍ମୃତିରେ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଓ ସର୍ବଭାରତୀୟ ଚେସ୍ ଫେଡେରେଶନର ସ୍ୱୀକୃତିପ୍ରାପ୍ତ ଏହି ଟୁର୍ନାମେଣ୍ଟ ପ୍ରତି ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନର ସମର୍ଥନ ରହିଥିଲା। ଏଥିରେ ଭାଗ ନେଇଥିବା ୧୯୦ଙ୍କ ମଧ୍ୟରେ ସିରିୟାର ଜଣେ ଖେଳାଳି ଅଲ୍‌ହାଜାର ମହାଇଦ୍ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ସେ ୧୨୦୦ରୁ କମ୍ ରେଟିଂ ବର୍ଗରେ ୮ମ ସ୍ଥାନରେ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥି ଏବଂ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, କେଟି ଗ୍ଲୋବାଲ ସ୍କୁଲ ପ୍ରିନ୍ସିପାଲ ଦୀପ୍ ଖାରେ, ଓଡ଼ିଶା କ୍ରିକେଟ ଆସୋସିଏଶନ ଜୁନିୟର ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ, ଆଇଆଇଜି ଟେକ୍ନୋଲୋଜି ନିର୍ଦ୍ଦେଶକ ନିରଞ୍ଜନ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆର୍ବିଟର ନିହାର ରଞ୍ଜନ ସାସମଲ ଓ ଡେପୁଟି ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ଉପସ୍ଥିତ ଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ